# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୩/୨୦୨୦ (୨୦ ପୃଷ୍ଠା) | Bhubaneswar, Friday, March 13/2020 | ★★★★★★

୪୬ଶ ଭାଗ ୧୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


DSPL - 309

सत्यमेव जयते

ଓଡ଼ିଶା ଶାସନ

Help us to help you



# କରୋନା ଭାଇରସ୍ (COVID-19)

## ନିମ୍ନ ପ୍ରଦତ୍ତ ଉପାୟ ଆପଣାନ୍ତୁ

## ନିଜକୁ ଓ ଅନ୍ୟମାନଙ୍କୁ କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରଖନ୍ତୁ

### କରନ୍ତୁ ✓

- ହାତ ପରିଷ୍କାର ଦେଖାଯାଉଥିଲେ ମଧ୍ୟ ସାବୁନ୍‌ରେ ବାରମ୍ବାର ଭଲଭାବରେ ଧୁଅନ୍ତୁ (20 SEC)
- କାଶ/ଛିଙ୍କ ସମୟରେ ନାକ ଏବଂ ମୁହଁକୁ ରୁମାଲ୍/ଟିସୁ ପେପର ଦ୍ୱାରା ଘୋଡାଇ ରଖନ୍ତୁ
- ବ୍ୟବହୃତ ଟିସୁ ପେପରକୁ ଯଥାଶୀଘ୍ର ଢ଼ାଙ୍କୁଣୀ ଥିବା ଡଷ୍ଟବିନ୍‌ରେ ପକାଇ ଦିଅନ୍ତୁ
- ଯଦି ଆପଣ ଜ୍ୱର, କାଶ କିମ୍ବା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରନ୍ତି ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ଏବଂ ଡାକ୍ତରଖାନାକୁ ଯିବା ସମୟରେ ମାସ୍କ ବ୍ୟବହାର କରନ୍ତୁ
- ଯଦି ଆପଣଙ୍କର ଏହିଭଳି କିଛି ଲକ୍ଷଣ ଦେଖାଯାଉଥାଏ ତେବେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ
- ଜନଗହଳି ସ୍ଥାନ ଠାରୁ ଦୂରେଇ ରୁହନ୍ତୁ

### କରନ୍ତୁ ନାହିଁ ⊗

- ✗ ଯଦି ଆପଣ ଜ୍ୱର, କାଶ କିମ୍ବା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବେ ତେବେ ଅନ୍ୟମାନଙ୍କ ସହ ମିଳାମିଶା କରନ୍ତୁ ନାହିଁ
- ✗ ଆଖି, ନାକ ଏବଂ ପାଟିକୁ ସ୍ପର୍ଶ କରନ୍ତୁ ନାହିଁ
- ✗ ସର୍ବସାଧାରଣ ସ୍ଥାନରେ ଛେପ, ଖଙ୍କାର ପକାନ୍ତୁ ନାହିଁ

## ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା

ଅଧିକ ସୂଚନା ପାଇଁ
ସ୍ୱାସ୍ଥ୍ୟ ସହାୟତା ଫୋନ୍ ନଂ ୧୦୪ କିମ୍ବା
ମୋବାଇଲ: ୯୪୩୯୯୯୪୮୫୭/ ୯୪୩୯୯୯୪୮୫୯ ରେ ଯୋଗାଯୋଗ କରନ୍ତୁ ।

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR - 10003/13/0104/1920

facebook.com/HFWOdisha | http://www.health.odisha.gov.in/ | @HFWOdisha

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୩ ମାର୍ଚ୍ଚ,୨୦୨୦



ହୁଗୁଳି ନଦୀରେ ଗୁରୁବାର ବାଂଲାଦେଶର ଏକ ମାଲବାହୀ ଜାହାଜ କୋଲକାତା ପୋର୍ଟ ଟ୍ରଷ୍ଟ ଜାହାଜ ସହ ଧକ୍କା ଖାଇ ବୁଡ଼ିଯାଇଛି। ଉକ୍ତ ଜାହାଜରେ ଥିବା ୧୩ ଜଣ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି। 'ମମତାମୟୀ ମା' ନାମକ ବାଂଲାଦେଶୀ ଜାହାଜ ସିଇଏସ୍‌ସି ଥର୍ମାଲ ପାୱାର ପ୍ଲାଣ୍ଟରୁ ଫ୍ଲାଏ ଆସ୍ ନେଇ ଯାଉଥିବାବେଳେ ଦକ୍ଷିଣ ୨୪ ପ୍ରଗଣାର ବଜ୍ ବଜ୍ ନିକଟ ଆକ୍ରାଠାରେ ଦୁର୍ଘଟଣା ଘଟିଥିଲା। ଭୁଲ୍ ଚ୍ୟାନେଲରେ ଆସିବାରୁ ଦୁର୍ଘଟଣା ଘଟିଲା ବୋଲି କୋଲକାତା ପୋର୍ଟ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।



# ୨୨ ବିଦ୍ରୋହୀ ବିଧାୟକଙ୍କୁ ବାଚସ୍ପତିଙ୍କ ନୋଟିସ

ଭୋପାଳ,୧୨।୩(ପି.ଟି.)

**ମଧ୍ୟପ୍ରଦେଶ ସଙ୍କଟ**

**୧୬ରେ ଆସ୍ଥାଭୋଟ ପାଇଁ ଭାଜପା ଦାବି ଜଣାଇବ**

ମଧ୍ୟପ୍ରଦେଶର ୨୨ ଜଣ କଂଗ୍ରେସ ବିଧାୟକ ଇସ୍ତଫା ଦେଇଥିବାବେଳେ ବାଚସ୍ପତି ଏନ୍.ପି. ପ୍ରଜାପତି ସେମାନଙ୍କୁ ନୋଟିସ ଜାରି କରିଛନ୍ତି। ସେମାନେ ସ୍ୱେଚ୍ଛାକୃତ ଭାବେ ଇସ୍ତଫା ଦେଇଛନ୍ତି ନା ଚାପର ବଶବର୍ତ୍ତୀ ହୋଇ ଏଭଳି ନିଷ୍ପତ୍ତି ନେଇଛନ୍ତି ତାହା ସ୍ପଷ୍ଟ କରିବା ଲାଗି ବାଚସ୍ପତି ଶୁକ୍ରବାର ସେମାନଙ୍କୁ ଡାକିଛନ୍ତି। ଅନ୍ୟପକ୍ଷରେ ୧୬ରେ ମଧ୍ୟପ୍ରଦେଶ ବିଧାନସଭାରେ ଆସ୍ଥାଭୋଟ ଲାଗି ଭାଜପା ଦାବି କରିବ ବୋଲି କହିଛି। ୨୨ ବିଧାୟକଙ୍କ ଇସ୍ତଫା ସମ୍ପର୍କିତ ନିଷ୍ପତ୍ତି ପରେ ଆସ୍ଥାଭୋଟର ସମ୍ମୁଖୀନ ହେବା ଲାଗି ସରକାର ପ୍ରସ୍ତୁତ ବୋଲି କଂଗ୍ରେସ କହିଛି।

ବରିଷ୍ଠ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଦଳ ଛାଡ଼ିବା ସହ ତାଙ୍କ ଅନୁଗତ ୬ ମନ୍ତ୍ରୀଙ୍କ ସମେତ ୨୨ ବିଧାୟକ ଇସ୍ତଫା ଦେଇଥିଲେ। ଫଳରେ ୧୫ ମାସର କମଲନାଥ ସରକାର ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଛି। ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବାରୁ ଭାଜପା ରାଜ୍ୟପାଳ ଓ ବିଧାନସଭା ବାଚସ୍ପତିଙ୍କୁ ଭେଟି ୧୬ରେ ଆସ୍ଥାଭୋଟ ପାଇଁ ଅନୁରୋଧ କରିବ ବୋଲି ଦଳର ମୁଖ୍ୟ ହ୍ୱିପ୍ କହିଛନ୍ତି। ୧୬ରୁ ମଧ୍ୟପ୍ରଦେଶ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ସରକାର ସଂଖ୍ୟାଗରିଷ୍ଠତା ହରାଇଥିବାରୁ ସେହିଦିନ ଗୃହରେ ଆସ୍ଥାଭୋଟ ଲାଗି ବାଚସ୍ପତିଙ୍କ ଉପରେ ଚାପ ପକାଯିବ ବୋଲି ଭାଜପା ମୁଖପାତ୍ର ରଜନୀଶ ଅଗ୍ରୱାଲ କହିଛନ୍ତି। ଏ ସମ୍ପର୍କରେ ପଚରାଯିବାରୁ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ କହିଥିଲେ, ମୁଖ୍ୟମନ୍ତ୍ରୀ ଆସ୍ଥାଭୋଟର ସମ୍ମୁଖୀନ ହେବା ଲାଗି ପ୍ରସ୍ତୁତ ଅଛନ୍ତି। ତେବେ ଏହା ପୂର୍ବରୁ ୨୨ ବିଧାୟକଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ନିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ରାଜ୍ୟରେ ସୃଷ୍ଟ ସାମ୍ବିଧାନିକ ସଙ୍କଟ ଲାଗି ସେ ଭାଜପାକୁ ଦାୟୀ କରିଛନ୍ତି। ବିଧାୟକମାନେ ଜଣ ଜଣ କରି ବାଚସ୍ପତିଙ୍କୁ ଭେଟିବେ ଓ ଚାପରେ ଇସ୍ତଫା ଦେଇନାହାନ୍ତି ବୋଲି ସ୍ପଷ୍ଟ କରିବେ। ସେମାନଙ୍କ ସ୍ୱାକ୍ଷର ଯାଞ୍ଚ କରାଯିବ। ଏହା ପରେ ଇସ୍ତଫା ଗୃହୀତ ହେବ ବୋଲି ଦିଗ୍‌ବିଜୟ କହିଛନ୍ତି।

୧୯ କଂଗ୍ରେସ ବିଧାୟକ ଏବେ ଭାଜପା ଅକ୍ତିଆରରେ ଅଛନ୍ତି। ସେମାନଙ୍କ ସହ ପରିବାର ସଦସ୍ୟମାନେ କଥା ହୋଇପାରୁନାହାନ୍ତି। ସେମାନଙ୍କଠାରୁ ଫୋନ ନେଇଯାଇଛନ୍ତି। ବିଧାୟକମାନଙ୍କ ଇସ୍ତଫାପତ୍ର ଭାଜପା ନେତା ଭୂପିନ୍ଦର ସିଂ ବାଚସ୍ପତିଙ୍କ ପାଖରେ ଦାଖଲ କରିଥିଲେ ବୋଲି କଂଗ୍ରେସ ନେତା କହିଛନ୍ତି।

୨୨୮ ସଦସ୍ୟ ଥିବା ମଧ୍ୟପ୍ରଦେଶ ବିଧାନସଭାରେ ବିଦ୍ରୋହ ପୂର୍ବରୁ କଂଗ୍ରେସ ବିଧାୟକ ସଂଖ୍ୟା ୧୧୪ ଥିଲା ଏବଂ ସରକାରଙ୍କୁ ୪ ସ୍ୱାଧୀନ ବିଧାୟକ, ବିଏସ୍‌ପିର ୨ ଓ ଏସ୍‌ପିରୁ ଜଣେ ବିଧାୟକ ସମର୍ଥନ ଦେଉଥିଲେ। ଏମାନଙ୍କ ମଧ୍ୟରୁ କେତେଜଣ ଭାଜପା ଆଡ଼କୁ ଢଳିପାରନ୍ତି। ଯଦି ୨୨ କଂଗ୍ରେସ ବିଧାୟକଙ୍କ ଇସ୍ତଫା ଗୃହୀତ ହୁଏ ତେବେ ଗୃହର ସଦସ୍ୟ ସଂଖ୍ୟା ୨୦୬କୁ ହ୍ରାସ ପାଇବ ଓ ସରକାର ଗଢ଼ିବା ପାଇଁ କୁହୁକ ସଂଖ୍ୟା ୧୦୪ ହେବ। ବର୍ତ୍ତମାନ କଂଗ୍ରେସ ହାତରେ ୯୨ ବିଧାୟକ ରହିଥିବାବେଳେ ଭାଜପାର ୧୦୭ ବିଧାୟକ ଅଛନ୍ତି।

## ଭୋପାଳରେ ଭବ୍ୟ ସମ୍ବର୍ଦ୍ଧନା

ନୂଆଦିଲ୍ଲୀ/ଭୋପାଳ,୧୨।୩(ପି.ଟି.)

**ଶାହାଙ୍କୁ ଭେଟିଲେ ସିନ୍ଧିଆ**

ଭାଜପାରେ ଯୋଗଦେବାର ଦିନକ ପରେ ଜ୍ୟୋତିରାଦିତ୍ୟ ସିନ୍ଧିଆ ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଭେଟିଥିଲେ। ତାଙ୍କର ଯୋଗଦାନ ମଧ୍ୟପ୍ରଦେଶ ଜନସାଧାରଣଙ୍କ ସେବା କରିବା ଲାଗି ଭାଜପାର ସଂକଳ୍ପକୁ ଅଧିକ ସୁଦୃଢ଼ କରିବ ବୋଲି ଶାହା କହିଛନ୍ତି। ଏହା ପୂର୍ବରୁ ସିନ୍ଧିଆ ସକାଳେ ରାଜନାଥଙ୍କ ବାସଭବନକୁ ଯାଇ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଭାଜପାରୁ ରାଜ୍ୟ ସଭା ପ୍ରାର୍ଥୀ ହୋଇଥିବା ସିନ୍ଧିଆ ଭୋପାଳରେ ପହଞ୍ଚିବା ପରେ ସେଠାରେ ଭାଜପା ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ସ୍ଥାନୀୟ ଭାଜପା ନେତା ଓ କର୍ମୀମାନେ ବହୁସଂଖ୍ୟାରେ ବିମାନବନ୍ଦରକୁ ଧାଇଁଆସିଥିଲେ। ସେ ବିମାନବନ୍ଦରରେ ପହଞ୍ଚିବା ପୂର୍ବରୁ ଭୋପାଳର ବିଭିନ୍ନ ସ୍ଥାନରେ ତାଙ୍କ ଫଟୋ ଥାଇ ଲଗାଯାଇଥିବା ପୋଷ୍ଟରରେ କେହି କଳା ବୋଳିଦେଇଥିବା ଦେଖାଯାଇଥିଲା।



## 'ନିଜ ନୀତି ଆଦର୍ଶ ଭୁଲିଛନ୍ତି ସିନ୍ଧିଆ'



ନୂଆଦିଲ୍ଲୀ,୧୨।୩(ପି.ଟି.)

ଜ୍ୟୋତିରାଦିତ୍ୟ ସିନ୍ଧିଆ ତାଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ସନ୍ଦିହାନ ଥିବାରୁ ସେ ନିଜର ନୀତି ଆଦର୍ଶକୁ ଭୁଲିଯାଇଛନ୍ତି। ସେହି କାରଣରୁ ସେ ଭାଜପାରେ ସମ୍ମାନ ପାଇବେ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର କହିଛନ୍ତି। କଂଗ୍ରେସ ସହ ଦୀର୍ଘଦିନର ସମ୍ପର୍କ ତୁଟାଇ ଭାଜପାରେ ଯୋଗଦେବା ପରେ ସିନ୍ଧିଆ ଯାହା କହୁଛନ୍ତି, ତାହା ତାଙ୍କ ହୃଦୟର କଥା ନୁହେଁ ବୋଲି ରାହୁଲ କହିଛନ୍ତି। ବୁଧବାର ସିନ୍ଧିଆ ଭାଜପାରେ ଯୋଗଦେବାର ତିନିଘଣ୍ଟା ପରେ ତାଙ୍କୁ ମଧ୍ୟପ୍ରଦେଶରୁ ରାଜ୍ୟ ସଭା ପ୍ରାର୍ଥୀ କରାଯାଇଛି।

## 'ହିଂସାକାରୀଙ୍କୁ ଛଡ଼ାଯିବନି'

**ରାଜ୍ୟ ସଭାରେ ଶାହାଙ୍କ ବିବୃତି**

- ୭୦୦ ଏଫ୍‌ଆଇଆର୍ ହୋଇଛି
- ୫୨ ମୃତ, ଆହତଙ୍କ ସଂଖ୍ୟା ୫୨୬
- ୧,୯୨୨ ଜଣଙ୍କ ସମ୍ପୃକ୍ତି
- ପୋଡ଼ା ଯାଇଥିଲା ୩୩୧ ଦୋକାନ
- ଧ୍ୱଂସ ହୋଇଛି ୧୪୨ ଘର



ନୂଆଦିଲ୍ଲୀ, ୧୨।୩

ଦିଲ୍ଲୀ ହିଂସାକାଣ୍ଡ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରାଜ୍ୟ ସଭାରେ ନିଜ ଉତ୍ତର ରଖିଛନ୍ତି। ବିରୋଧୀ ଦଳ ସଦସ୍ୟଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ଆଲୋଚନାରୁ ଦୂରେଇ ଯିବା ଲାଗି ସରକାର ଚାହାନ୍ତିନି। ଦିଲ୍ଲୀ ପୋଲିସ ଯଥାବିଧି ତା'ର କାର୍ଯ୍ୟ କରିଥିବା ଶାହା କହିଛନ୍ତି। ସମସ୍ତ ଅଭିଯୋଗକାରୀଙ୍କଠାରୁ ପୋଲିସ ଏଫଆଇଆର୍ ରଖି ନ ଥିଲା ବୋଲି ହୋଇଥିବା ଅଭିଯୋଗରେ ସେ କହିଛନ୍ତି, ଗୋଟିଏ ଘଟଣାରେ ଅଲଗା ଅଲଗା ଜିନିଷକୁ ଯୋଡ଼ାଯାଇ ମାମଲା ରୁଜୁ କରାଯିବା ଠିକ୍ ନୁହେଁ। ଦିଲ୍ଲୀ ହିଂସାକୁ ନେଇ ଅଦ୍ୟାବଧି ୭୦୦ ଏଫ୍‌ଆଇଆର୍ ରୁଜୁ କରାଯାଇଛି। ଦୋଷୀସାବ୍ୟସ୍ତ କାହାରିକୁ ଛଡ଼ାଯିବନି। ଦଙ୍ଗାକାରୀଙ୍କ ବିରୋଧରେ ସରକାର କଠୋର ପଦକ୍ଷେପ ଗ୍ରହଣ କରିବେ ବୋଲି ଶାହା ଗୃହରେ ପ୍ରକାଶ କରିଛନ୍ତି। ମୋଟ ୧,୯୨୨ ଦଙ୍ଗାକାରୀଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇଛି। ଲୋକଙ୍କ ଘର ଭାଙ୍ଗି ପୋଡ଼ାଜଳା କରିବା, ଟେକାପଥର ମାଡ଼ କରି ହିଂସାକାଣ୍ଡ କରିବା ଘଟଣାରେ ଏମାନେ ସମ୍ପୃକ୍ତ ଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ପୋଲିସର ୪୦ ଟିମ୍ ନିୟୋଜିତ ହୋଇଥିଲେ। ହିଂସାକାଣ୍ଡରେ ମୋଟ ୫୨ ଲୋକ ପ୍ରାଣ ହରାଇଥିବା ବେଳେ ୫୨୬ ଜଣ ଆହତ ହୋଇଥିଲେ। ମୋଟ ୩୭୧ ଦୋକାନକୁ ଦଙ୍ଗାକାରୀମାନେ ପୋଡ଼ି ଦେଇଥିଲେ। ୧୪୨ ଘର ଏହାଦ୍ୱାରା ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିଲା ବୋଲି ରାଜ୍ୟ ସଭାରେ ଶାହା କହିଛନ୍ତି।

## କରୋନା ମୁକାବିଲା ଲାଗି ଚାଇନାକୁ ବ୍ରିଟିଶ ଅର୍ଥନୀତିଜ୍ଞଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୧୨।୩(ପି.ଟି.):** କରୋନା ଭାଇରସ ଭାରତରେ ଆରମ୍ଭ ହୋଇ ନ ଥିବାରୁ ବ୍ରିଟିଶ ଅର୍ଥନୀତିଜ୍ଞ ଜିମ୍ ଓ ନିଲ୍ ଭଗବାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ ଭାରତର ବ୍ୟବସ୍ଥାକୁ ସମାଲୋଚନା କରି କହିଛନ୍ତି, ଭଗବାନଙ୍କୁ ଧନ୍ୟବାଦ ଦେବା କଥା, କାରଣ ଚାଇନା ଭଳି ଦେଶରେ ଏଭଳି ଏକ ମାରାତ୍ମକ ରୋଗ ଉତ୍ପତ୍ତି ହୋଇଛି। ଭାରତରେ ଏହା ଆରମ୍ଭ ହୋଇଥିଲେ ବ୍ୟବସ୍ଥା ଠିକ୍ ନ ଥିବାରୁ ଏହାକୁ ପ୍ରତିରୋଧ କରିବାକୁ ସକ୍ଷମ ହୋଇ ନ ଥାନ୍ତା। ଚାଇନା ଏହି ରୋଗକୁ ନିୟନ୍ତ୍ରଣ କରିବା ଦିଗରେ ଯେଉଁଭଳି ସାହସ ଏବଂ ସାମର୍ଥ୍ୟ ଜୁଟାଇଛି ତାହା ବାସ୍ତବିକ ପ୍ରଶଂସାଯୋଗ୍ୟ। ଚାଇନିଜ ମଡେଲର ଏହା ଏକ ସକରାତ୍ମକ ଦିଗ। ବ୍ରାଜିଲ ମଧ୍ୟ ଏ ଦିଗରେ ଭଲ କାମ କରିଛି ବୋଲି ସେ ମତ ଦେଇଛନ୍ତି। ଏହି ବ୍ରିଟିଶ ଅର୍ଥନୀତିଜ୍ଞଙ୍କ ମନ୍ତବ୍ୟ ଆସିବା ପରେ ଭାରତୀୟ ଅଧିକାରୀମାନେ ପ୍ରତିକ୍ରିୟାଶୀଳ ହୋଇ ପଡିଥିଲେ। ଓ ନିଲ୍‌ଙ୍କ ମନ୍ତବ୍ୟ ବେପରୁଆ ଏବଂ ସୂଚନା ଭିତ୍ତିକ ନୁହେଁ ବୋଲି ଇଣ୍ଡିଆନ ହାଇକମିଶନ ମିନିଷ୍ଟର ବିଶ୍ୱେସ ନେଗୀ କହିଛନ୍ତି। ସୂଚନାଯୋଗ୍ୟ, ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅତିରିକ୍ତ ସଚିବ ଦମ୍ମୁ ରବିଙ୍କୁ କୋଭିଡ କୋଅର୍ଡିନେଟର ଭାବେ ନିଯୁକ୍ତ କରାଯାଇଛି। କରୋନାର ବିଭିନ୍ନ ଚ୍ୟାଲେଞ୍ଜକୁ ସାମ୍ନା କରିବା ଦିଗରେ ସରକାର ବହୁ ପୂର୍ବରୁ ବିସ୍ତୃତ ପଦକ୍ଷେପ ନେଇଛନ୍ତି। ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ଭାରତ ଆସିବାକୁ ବାରଣ କରାଯାଉଛି। ସେହିଭଳି ଭିଜା ବାତିଲ, କିଛି ରାଜ୍ୟରେ ଅନିର୍ଦ୍ଦିଷ୍ଟ କାଳ ଲାଗି ସ୍କୁଲ କଲେଜକୁ ବନ୍ଦ କରାଯାଇଛି।

## ପ୍ରିୟଙ୍କା ଚତୁର୍ବେଦୀଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କଲା ଶିବସେନା



**ମୁମ୍ବାଇ,୧୨।୩(ପି.ଟି.):** ଶିବସେନା ଉପନେତା ପ୍ରିୟଙ୍କା ଚତୁର୍ବେଦୀଙ୍କୁ ଗୁରୁବାର ମହାରାଷ୍ଟ୍ରରୁ ରାଜ୍ୟ ସଭା ପ୍ରାର୍ଥ କରାଯାଇଛି। ୨୦୧୯ ଏପ୍ରିଲରେ କଂଗ୍ରେସ ସହ ମତଭେଦକୁ ନେଇ ଦଳ ଛାଡ଼ି ଶିବସେନାରେ ସାମିଲ ହୋଇଥିଲେ ପ୍ରିୟଙ୍କା। ତାଙ୍କୁ ଶିବସେନାର ଉପନେତା ଦାୟିତ୍ୱ ଦିଆଯାଇଥିଲା। ଏବେ ରାଜ୍ୟ ସଭା ପାଇଁ ପ୍ରିୟଙ୍କାଙ୍କୁ ପ୍ରାର୍ଥୀ କରାଯାଇଥିବା ଜଣେ ବରିଷ୍ଠ ଶିବସେନା ନେତା ସୂଚନା ଦେଇଛନ୍ତି। ଆସନ୍ତା ୨୬ରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ପାଇଁ ପ୍ରିୟଙ୍କା ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିବେ। ଏନ୍‌ସିପି ନେତା ଶରଦ ପାୱାର ବୁଧବାର ନାମାଙ୍କନପତ୍ର ଦାଖଲ କରିସାରିଛନ୍ତି। ଗୁଜରାଟର କଂଗ୍ରେସ ପ୍ରଭାରୀ ତଥା ସାଧାରଣ ସମ୍ପାଦକ ରାଜୀବ ଶ୍ରୀବାସ୍ତବଙ୍କୁ ଦଳ ମହାରାଷ୍ଟ୍ରରୁ ପ୍ରାର୍ଥ କରିପାରେ। ମହାରାଷ୍ଟ୍ରରେ ଜଣେ ପ୍ରାର୍ଥୀଙ୍କୁ ୨୭ ଭୋଟ ଆବଶ୍ୟକ ହେଉଥିବାବେଳେ ଶାସକ ଶିବସେନା, କଂଗ୍ରେସ ଏବଂ ଏନ୍‌ସିପି ସହଜରେ ଗୋଟିଏ ଲେଖାଏ ଆସନରେ ବିଜୟୀ ହେବେ ବୋଲି କୁହାଯାଉଛି।

## ରାଷ୍ଟ୍ରପତିଙ୍କୁ ଚିଠି ଲେଖିଲା ଅନ୍ତର୍ଜାତୀୟ ବାର୍ ସଂସ୍ଥା

ନୂଆଦିଲ୍ଲୀ,୧୨।୩(ପି.ଟି.)



**ଜଷ୍ଟିସ୍ ମୁରଲୀଧରଙ୍କ ବଦଳି ପ୍ରସଙ୍ଗ**

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧରଙ୍କୁ ରାତିଆଧିଆ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ବଦଳି କରାଯାଇଥିବାରୁ ଏହାକୁ ନେଇ ଓକିଲମାନଙ୍କ ଏକ ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ଚିନ୍ତା ବ୍ୟକ୍ତ କରାଯାଇଛି। ଫେବୃୟାରୀ ୨୩ରେ ଦିଲ୍ଲୀରେ ସାମ୍ପ୍ରଦାୟିକ ଦଙ୍ଗା ଘଟିଥିବାବେଳେ ୨୬ ତାରିଖରେ ଜଷ୍ଟିସ୍ ମୁରଲୀଧର ଦିଲ୍ଲୀ ପୋଲିସକୁ ଭର୍ତ୍ସନା କରିଥିଲେ। ଘୃଣା ମନ୍ତବ୍ୟ ଦେଇଥିବା ୩ ଭାଜପା ନେତାଙ୍କ ବିରୋଧରେ ଏଫ୍‌ଆଇଆର୍ କରିବାରେ ବିଫଳ ହୋଇଥିବାରୁ ସେ ଏପରି କରିଥିଲେ। ସେହି ଦିନ ରାତିରେ ତାଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟକୁ ବଦଳି କରାଯାଇଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଇଣ୍ଟରନ୍ୟାଶନାଲ ବାର୍ ଆସୋସିଏଶନ୍ସ ହ୍ୟୁମାନ ରାଇଟ୍ସ ଇନ୍‌ଷ୍ଟିଚ୍ୟୁଟ୍ (ଆଇବିଏଏଚ୍‌ଆର୍‌ଆଇ) ଏନେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଖୋଲାଚିଠି ଲେଖିଛି। ଜଷ୍ଟିସ୍ ମୁରଲୀଧରଙ୍କୁ ଅତି ତରବରିଆ ଭାବେ ବଦଳି କରାଯାଇଥିବାରୁ ଏହି ନିଷ୍ପତ୍ତି ବିରୋଧରେ ପଦକ୍ଷେପ ନେବା ପାଇଁ ଉକ୍ତ ଚିଠିରେ ଅନୁରୋଧ କରାଯାଇଛି।

## ମୋତେ ଫାଶୀ ଦିଅ, ଆଖିରେ ଏସିଡ୍ ଢାଳ



କୁଲଦୀପ ସିଂ ସେନ୍‌ଗାର

**ନୂଆଦିଲ୍ଲୀ,୧୨।୩(ପି.ଟି.):** ମୁଁ ଯଦି ଭୁଲ କରିଥାଏ ତେବେ ମୋତେ ଫାଶୀ ଦେଇଦିଅ ଓ ମୋ ଆଖିରେ ଏସିଡ୍ ଢାଳ। ଦିଲ୍ଲୀର ଏକ କୋର୍ଟରେ ଏପରି କହିଛନ୍ତି ଉନ୍ନାଓ ବଳାତ୍କାର ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଭାଜପାରୁ ବହିଷ୍କୃତ ପୂର୍ବତନ ବିଧାୟକ କୁଲଦୀପ ସିଂ ସେନ୍‌ଗାର। ଗୁରୁବାର କୋର୍ଟ ରୁମରେ ଦଣ୍ଡ ଶୁଣାଣି ଚାଲିଥିବାବେଳେ ନିଜ ପାଇଁ ନିଜେ ପକ୍ଷ ରଖିଥିଲେ କୁଲଦୀପ। ଜିଲା ଜଜ୍ ଧର୍ମେଶ ଶର୍ମାଙ୍କ ଆଗରେ ସେ ନିଜକୁ ନିର୍ଦ୍ଦୋଷ ବୋଲି ଅଭିହିତ କରିଥିଲେ। ତାଙ୍କୁ ନ୍ୟାୟ ମିଳୁ, ନଚେତ୍ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଉ ବୋଲି ସେ କହିଥିଲେ।

## ଭିଜା ବାତିଲ ଯୋଗୁ କ୍ଷତି ହେବ ୮୫୦୦ କୋଟି

ନୂଆଦିଲ୍ଲୀ,୧୨।୩(ପି.ଟି.)

କରୋନା ମହାମାରୀ ଭାରତୀୟ ପର୍ଯ୍ୟଟନ, ବିମାନ ଚଳାଚଳ ସେକ୍ଟରକୁ ବଡ଼ ଧରଣର କ୍ଷତି ପହଞ୍ଚାଇବାକୁ ଯାଉଛି। ସଂକ୍ରମଣ ଭୟରେ ସରକାର ମାସେ ପାଇଁ ଭିଜା ସ୍ଥଗିତ ରଖିଥିବାରୁ ଦେଶ ୮୫୦୦ କୋଟି ଟଙ୍କା କ୍ଷତି ସହିବ ବୋଲି ବିଭିନ୍ନ ଶିଳ୍ପ ସଂଗଠନ ପକ୍ଷରୁ କୁହାଯାଇଛି। ଭିଜା ବନ୍ଦ ଯୋଗୁ ପର୍ଯ୍ୟଟନ, ଭ୍ରମଣ ଓ ବିମାନ ଚଳାଚଳ ସେକ୍ଟରରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ। ଏହି ସେକ୍ଟରରେ ଅନେକ ନିଯୁକ୍ତି ହରାଇବେ ବୋଲି ଭାରତୀୟ ଟୁର୍ ଅପରେଟର୍ସ ଆସୋସିଏଶନ ଏବଂ ଆସୋଚାମ୍ ପକ୍ଷରୁ କୁହାଯାଇଛି। ତେଣୁ ସରକାର ଭିଜା ବାତିଲ ନିଷ୍ପତ୍ତିର ପୁନର୍ବିଚାର କରି ନିର୍ଦ୍ଦିଷ୍ଟ କେତେକ ସହରକୁ ପର୍ଯ୍ୟଟକଙ୍କୁ ପ୍ରବେଶ ଅନୁମତି ଦେବାକୁ ସେମାନେ ଅନୁରୋଧ କରିଛନ୍ତି।

## ଜେଲ ଅଧିକାରୀଙ୍କଠାରୁ ରିପୋର୍ଟ ତଲବ

**ନିର୍ଭୟା ମାମଲା**

**ନୂଆଦିଲ୍ଲୀ, ୧୨।୩:** ନିର୍ଭୟା ମାମଲାରେ ଦୋଷୀ ପୱନ ଗୁପ୍ତାଙ୍କୁ ଜେଲରେ ୨ ପୋଲିସ ଅଧିକାରୀ ମାଡ଼ମାରିବା ଅଭିଯୋଗରେ ଦିଲ୍ଲୀ କୋର୍ଟ ମାଣ୍ଡୋଲି ଜେଲ ଅଧିକାରୀଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ ପ୍ରିୟାଙ୍କ ନାୟକ ଏପ୍ରିଲ ୮ ସୁଦ୍ଧା ଏଟିଆର୍ ରିପୋର୍ଟ ପ୍ରଦାନ କରିବାକୁ ଜେଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ଫାଶୀଦଣ୍ଡ ଅଟକିବ ନାହିଁ ବୋଲି ବିଚାରପତି ସ୍ପଷ୍ଟ କରିଛନ୍ତି। ହର୍ଷବିହାର ଥାନାରେ ପୱନ କରିଥିବା ଅଭିଯୋଗ ଅନୁଯାୟୀ କନଷ୍ଟେବଳ ଅନିଲ କୁମାର ଓ ତାଙ୍କ ସହଯୋଗୀ ଗତବର୍ଷ ଜୁଲାଇ ୨୬ ଓ ୨୮ରେ ଜେଲରେ ତାଙ୍କୁ ଲାଠିରେ ପିଟି ଆହତ କରିଥିଲେ।

# ପର୍ଯ୍ୟବେକ୍ଷଣରେ ୩୫ ହଜାର ସନ୍ଦିଗ୍ଧ

ନୂଆଦିଲ୍ଲୀ,୧୨।୩(ପି.ଟି.)



ହର୍ଷବର୍ଦ୍ଧନ

**ପାର୍ଲାମେଣ୍ଟରେ କରୋନା ଆଲୋଚନା**

**ସଦସ୍ୟମାନଙ୍କ ସହଯୋଗ ଲୋଡ଼ିଲେ ସ୍ୱାସ୍ଥ୍ୟମନ୍ତ୍ରୀ**

ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୪ରେ ପହଞ୍ଚିଥିବାବେଳେ ଏହାକୁ ନେଇ ସାରା ଦେଶରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଲୋକ ସଭାରେ ଶୂନ୍ୟ କାଳରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ କରୋନା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ସଦସ୍ୟମାନଙ୍କ ସହଯୋଗ ଲୋଡ଼ିଥିଲେ। ଏମ୍‌ପିମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ସଚେତନତା ବଢ଼ାଇବାକୁ ସେ ଅନୁରୋଧ କରିଥିଲେ। କେବଳ ବିମାନବନ୍ଦରରେ ଯାତ୍ରୀଙ୍କୁ ଯାଞ୍ଚ କରାଯାଉଛି ତାହା ନୁହେଁ, ସଂକ୍ରମିତଙ୍କୁ ଚିହ୍ନଟ କରିବା ଲାଗି ଏକାଧିକ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ କହିଥିଲେ। ୩୫,୦୦୦ ଲୋକଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଥିବାବେଳେ ରାଜ୍ୟ ସରକାରମାନଙ୍କ ସହ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିରନ୍ତର ଯୋଗାଯୋଗରେ ରହିଛି। ୩୦ ବିମାନବନ୍ଦରରେ ସମସ୍ତ ଯାତ୍ରୀଙ୍କୁ ଉପଯୁକ୍ତ ଭାବେ ଯାଞ୍ଚ କରାଯାଉଛି। ତେଣୁ ଯାଞ୍ଚକୁ ନେଇ ସନ୍ଦେହ କରିବାର କିଛି କାରଣ ନାହିଁ ବୋଲି ହର୍ଷବର୍ଦ୍ଧନ କହିଥିଲେ। କରୋନା ପରୀକ୍ଷା ପାଇଁ ୫୧ଟି ଲାବ୍ ଓ ୫୬ଟି ସଂଗ୍ରହ କେନ୍ଦ୍ର ନିୟୋଜିତ ରହିଛନ୍ତି। ଏହା ବ୍ୟତୀତ ୧୦୦ଟି ସମନ୍ୱୟ କେନ୍ଦ୍ର କାର୍ଯ୍ୟ କରୁଥିବା ମନ୍ତ୍ରୀ କହିଥିଲେ। କରୋନା ଯାଞ୍ଚ ଲାଗି ପାର୍ଲାମେଣ୍ଟ ଭବନରେ ଥର୍ମାଲ ଇମେଜିଂ କ୍ୟାମେରା ଲଗାଇବାକୁ ବିଜେଡି ସଦସ୍ୟ ପିନାକୀ ମିଶ୍ର ଦାବି କରିଥିଲେ। ସେ କହିଥିଲେ ଇରାନ ପାର୍ଲାମେଣ୍ଟର କେତେଜଣ ସଦସ୍ୟ କରୋନା ସଂକ୍ରମିତ ଥିବା ଜଣାପଡିଛି। ତେଣୁ ପାର୍ଲାମେଣ୍ଟରେ ଥର୍ମାଲ ଇମେଜିଂ କ୍ୟାମେରା ଲଗାଇବାକୁ ସେ ଅନୁରୋଧ କରିଥିଲେ।

ଗୁରୁବାର ମହାରାଷ୍ଟ୍ରରେ ୯ ଜଣଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଥିବାବେଳେ ଦିଲ୍ଲୀ, ଲଦାଖ, ଉତ୍ତରପ୍ରଦେଶରେ ଜଣେ ଲେଖାଏ ସଂକ୍ରମିତ ହୋଇଛନ୍ତି। ଏଥିସହିତ ଜଣେ ବିଦେଶୀ ମଧ୍ୟ ଭୂତାଣୁ ସଂକ୍ରମିତ ଥିବା ଜଣାପଡ଼ିଛି। ଫଳରେ ଭାରତରେ କରୋନା ରୋଗୀସଂଖ୍ୟା ୭୪କୁ ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ଦିଲ୍ଲୀରେ ୬ ଜଣଙ୍କଠାରେ କରୋନା ପଜିଟିଭ୍ ଜଣାପଡ଼ିଥିବାବେଳେ ଉତ୍ତରପ୍ରଦେଶରେ ୧୦, କର୍ନାଟକରେ ୪, ମହାରାଷ୍ଟ୍ରରେ ୧୧, ଲଦାଖରେ ୩, ରାଜସ୍ଥାନ, ତେଲଙ୍ଗାନା, ତାମିଲନାଡୁ, ଜମ୍ମୁ-କଶ୍ମୀର ଓ ପଞ୍ଜାବରେ ଜଣେ ଲେଖାଏ ଭୂତାଣୁ ସଂକ୍ରମିତ ହୋଇଛନ୍ତି। କେରଳରେ ସର୍ବାଧିକ ୧୭ ରୋଗୀଙ୍କ ମଧ୍ୟରୁ ୩ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହା ବ୍ୟତୀତ ୧୭ ବିଦେଶୀ ଏହି ରୋଗରେ ଆକ୍ରାନ୍ତ ଥିବା ଜଣାପଡିଛି।

## ଭୟ ନ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

ନୂଆଦିଲ୍ଲୀ,୧୨।୩(ପି.ଟି.)

କରୋନାକୁ ନେଇ ଭୟ ନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଅତି ଜରୁରୀ ନ ଥିଲେ ଭ୍ରମଣରେ ନ ଯିବା ଓ ସମାବେଶରେ ସାମିଲ ନ ହେବାକୁ ମୋଦି ଆହ୍ୱାନ ଦେଇଛନ୍ତି।



କରୋନାକୁ ନେଇ ତାଙ୍କ ସରକାର ସମ୍ପୂର୍ଣ୍ଣ ସତର୍କ ରହିଛନ୍ତି। ଜନସାଧାରଣ ଆତଙ୍କିତ ନ ହୋଇ ସତର୍କତାମୂଳକ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ କୌଣସି କେନ୍ଦ୍ରମନ୍ତ୍ରୀ ବିଦେଶ ଗସ୍ତ କରିବେ ନାହିଁ ବୋଲି ମୋଦି ଟୁଇଟ୍ କରି ଜଣାଇଛନ୍ତି। ସମସ୍ତଙ୍କ ସୁରକ୍ଷା ଲାଗି ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଭିଜା ବାତିଲଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ବଢ଼ାଇବା ପର୍ଯ୍ୟନ୍ତ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି।

## ୩୧ ଯାଏ ଦିଲ୍ଲୀରେ ସ୍କୁଲ କଲେଜ ବନ୍ଦ

ନୂଆଦିଲ୍ଲୀ, ୧୨।୩

**'ସୂର୍ଯ୍ୟବଂଶୀ' ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ**

କରୋନା ଭାଇରସ୍ କ୍ରମଶଃ କାୟା ବିସ୍ତାର କରିବାରେ ଲାଗିଛି। ସରକାରଙ୍କ ବିଭିନ୍ନ ପ୍ରୟାସ ଓ ସଚେତନତା ସତ୍ତ୍ୱେ ସଂକ୍ରମିତଙ୍କ ସଂଖ୍ୟା ଭାରତରେ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ସମସ୍ତ ସ୍କୁଲ କଲେଜକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବନ୍ଦକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଲାଙ୍କ ପରୀକ୍ଷା ସରି ନ ଥିଲେ ବି କରୋନା ଭୟ ଯୋଗୁ କେଜ୍‌ରିୱାଲ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି। କରୋନାକୁ ମହାମାରୀ ଭାବେ ଘୋଷଣା କରାଯିବା ପରେ ବିଭିନ୍ନ ସତର୍କତା ଗ୍ରହଣ କରାଯାଉଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ରାଜଧାନୀରେ ସିନେମା ହଲ ବି ୩୧ ଯାଏ ବନ୍ଦରହିବ ବୋଲି ଘୋଷଣା କରିଛନ୍ତି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶପିଂ ମଲ, ସର୍ବସାଧାରଣ ସ୍ଥାନ ଆଦିଗୁଡ଼ିକ କୀଟାଣୁରହିତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଥାଉ କି, ଗୁରୁବାର ସୁଦ୍ଧା ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୩ରେ ପହଞ୍ଚିଥିବାବେଳେ ଦିଲ୍ଲୀରେ ୬ ଜଣ ଆକ୍ରାନ୍ତ ଅଛନ୍ତି। କୋଭିଡ୍-୧୯ ଭାବେ ଜଣାଶୁଣା ଏହି ଭୂତାଣୁ ବିଶ୍ୱର ଶତାଧିକ ଦେଶକୁ ସଂକ୍ରମିତ ହୋଇ ୪,୨୦୦ ମୁଣ୍ଡ ନେଲାଣି। ପ୍ରାୟ ୧.୧୭ ଲକ୍ଷ ଲୋକ ଏହାଦ୍ୱାରା ଏବେ ସଂକ୍ରମିତ ଥିବା ଜଣାପଡ଼ିଛି।

କରୋନା ଭୟରେ ବଲିଉଡ ସୁପରଷ୍ଟାର ଅକ୍ଷୟ କୁମାରଙ୍କ ଆଗାମୀ ଚଳଚ୍ଚିତ୍ର 'ସୂର୍ଯ୍ୟବଂଶୀ'କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଏହା ୨୪ରେ ମୁକ୍ତିଲାଭ କରିବାର ଥିଲା।

## ଲୋକଙ୍କ ପାଇଁ ବନ୍ଦ ହେଲା ରାଷ୍ଟ୍ରପତି ଭବନ

**ନୂଆଦିଲ୍ଲୀ,୧୨।୩(ପି.ଟି.):** କରୋନା ଭୟରେ ରାଷ୍ଟ୍ରପତି ଭବନରେ ବାହାର ଲୋକଙ୍କ ପ୍ରବେଶକୁ ଶୁକ୍ରବାରଠାରୁ ବନ୍ଦ କରିଦିଆଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ରାଷ୍ଟ୍ରପତି ଭବନ ପରିସରକୁ କୌଣସି ପର୍ଯ୍ୟଟକ ଯାଇପାରିବେ ନାହିଁ ବୋଲି ଏକ ବିବୃତିରେ କୁହାଯାଇଛି। ରାଷ୍ଟ୍ରପତି ଭବନ ମ୍ୟୁଜିୟମ କମ୍ପ୍ଲେକ୍ସ ଓ ଚେଞ୍ଜ୍ ଅଫ୍ ଗାର୍ଡ ଉତ୍ସବ ସର୍ବସାଧାରଣଙ୍କ ଲାଗି ବନ୍ଦ ରହିବ ବୋଲି ମୁଖପାତ୍ର କହିଛନ୍ତି।

## ଇତିହାସର ଆଇନାରେ

### ମାର୍ଚ୍ଚ ୧୩ର ପ୍ରମୁଖ ଘଟଣା

୧୯୯୨ ମାର୍ଚ୍ଚ ୧୩ରେ ପୂର୍ବ ତୁର୍କୀରେ ଭୟଙ୍କର ଭୂକମ୍ପ ହେବାରୁ ପ୍ରାୟ ୫୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୭ ଥିଲା। ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହାଦ୍ୱାରା ଆହତ ହୋଇଥିଲେ। ଅନେକ ଘରଦ୍ୱାର ହରାଇଥିବା ବେଳେ ଭୟର ବାତାବରଣ ସୃଷ୍ଟି ହୋଇଥିଲା।

୨୦୧୬ ମାର୍ଚ୍ଚ ୧୩ରେ ଆଙ୍କାରାର କିଜିଲେ ସହରରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ସିରିଜ ବୋମା ବିସ୍ଫୋରଣ କରାଯାଇଥିଲା। ଏଥିରେ ପ୍ରାୟ ୪୦ ବ୍ୟକ୍ତି ପ୍ରାଣ ହରାଇଥିଲେ। ପ୍ରାୟ ୧୨୫ ଜଣ ଏଥିରେ ଆହତ ହୋଇଥିଲେ। କୁର୍ଦ୍ଦିସ୍ତାନ ସ୍ୱାଧୀନତା ଦାବି କରୁଥିବା ଉଗ୍ରବାଦୀଙ୍କ ଏଥିରେ ହାତ ଥିଲା। ଅନେକ ବସ୍ ଓ କାର୍ ଏଥିରେ ଜଳିଯାଇଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୩/୨୦୨୦ | Bhubaneswar, Friday, March 13/2020 | ପୃଷ୍ଠା-୧




## ଅନୁଭୂତି ବଖାଣିଲେ ଅମିତାଭ

ଅମିତାଭ ବଚ୍ଚନ ଅଭିନୀତ ଫିଲ୍ମ 'ଆନନ୍ଦ'କୁ ଗୁରୁବାର ୪୮ ବର୍ଷ ପୂରିଛି। ଏହି ଫିଲ୍ମ ରିଲିଜ୍ ହେବା ପରେ ସେ ଷ୍ଟାର ପାଲଟି ଯାଇଥିଲେ। ଅଭିଜ୍ଞତା ସେ ଟୁଇଟରରେ ଶେୟାର କରିଛନ୍ତି। ୧୨

୧୭

## ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ନୀତା ଅମ୍ବାନୀ

ମୁମ୍ବାଇ ଇଣ୍ଡିଆନ୍ସ କ୍ରିକେଟ ଟିମ୍ ଫ୍ରାଞ୍ଚାଇଜ୍ ମାଲିକାଣୀ ତଥା ରିଲାଏନ୍ସ ଫାଉଣ୍ଡେଶନର ଅଧ୍ୟକ୍ଷା ନୀତା ଅମ୍ବାନୀ କ୍ରୀଡ଼ାରେ ବିଶ୍ୱର ୧୦ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି।



# 'ଚିଟ୍‌ଫଣ୍ଡ ଭଳି ମହାପ୍ରଭୁଙ୍କ ଟଙ୍କା ବୁଡ଼ିବ'

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ରାଜ୍ୟ ସରକାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆର୍ଥିକ ସ୍ଥିତି ବିପିଏଲ ତଳକୁ ଖସାଇ ଦେଲେଣି। ଠାକୁର ଖାଇ ଖଟୁଲି ଖାଇବାକୁ ବସିଛନ୍ତି। କାଳିଆ ନାଁରେ ବହୁ କେଳେଙ୍କାରୀ ଚାଲିଛି। ଯିଏ ଜଗନ୍ନାଥଙ୍କ ଟଙ୍କା ଲୁଟ କରୁଛି ତାକୁ କରୋନା ହୋଇଯାଉ। ମହାପ୍ରଭୁଙ୍କ ଟଙ୍କା ୟେସ୍ ବ୍ୟାଙ୍କରେ ରଖିବା ସମ୍ପର୍କରେ ସରକାରଙ୍କୁ ଏଭଳି ଢଙ୍ଗରେ ବିଧାନସଭାରେ ଗୁରୁବାର ଆକ୍ରମଣ କରିଛନ୍ତି ବିରୋଧୀ। ତିରୁପତି ଟ୍ରଷ୍ଟ ୟେସ୍ ବ୍ୟାଙ୍କରୁ ଟଙ୍କା ଉଠାଇ ନେଇଥିବାବେଳେ ରାଜ୍ୟ ସରକାର ନିଦାବିଷ୍ଟ ହୋଇରହିଲେ। ଏହି ବ୍ୟାଙ୍କଠାରୁ କମିଶନ ନେଇ ତତ୍କାଳୀନ ଶ୍ରୀମନ୍ଦିର ପ୍ରଶାସକ ଏବଂ ଶ୍ରୀମନ୍ଦିର ଆର୍ଥିକ ସବ୍ କମିଟି ସଦସ୍ୟ ବିଦେଶ ଗସ୍ତ କରିଛନ୍ତି। ଏବେ ପରିସ୍ଥିତି ଏଭଳି ହୋଇଛି ଯେ, ଚିଟ୍‌ଫଣ୍ଡ ଅର୍ଥ ଭଳି ମହାପ୍ରଭୁଙ୍କ ଟଙ୍କା ମଧ୍ୟ ବୁଡ଼ିବ। ଘଟଣାର ତଦନ୍ତ ପାଇଁ ଗୃହ କମିଟି ଗଠନ କରାଯାଉ ବୋଲି ବିରୋଧୀ ଦାବି କରିଛନ୍ତି।

ୟେସ୍ ବ୍ୟାଙ୍କରେ ଟଙ୍କା ରଖିବା ଘଟଣାକୁ ନେଇ କଂଗ୍ରେସ ବୁଧବାର ବିଧାନସଭାକୁ ସମ୍ପୂର୍ଣ୍ଣ ଅଚଳ କରି ଦେଇଥିଲା। ଗୁରୁବାର ଭାଜପା ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ସରକାରଙ୍କୁ ଜୋରଦାର ଆକ୍ରମଣ କରିଥିଲେ। ସେ ଅଭିଯୋଗ କରିଥିଲେ, ୟେସ ବ୍ୟାଙ୍କରେ ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କା ରଖିବାକୁ କିଏ କହିଥିଲେ। ଏଥିରେ କାହାର ହାତ ଅଛି। ଶ୍ରୀଜଗନ୍ନାଥଙ୍କ ବ୍ରହ୍ମବିଗ୍ରହଠାରୁ ଆରମ୍ଭ କରି ଧନସମ୍ପତ୍ତି ଲୁଟ୍ କରାଯାଉଛି। ଚିଟଫଣ୍ଡ ଟଙ୍କା ଭଳି ଏ ଟଙ୍କାକୁ ବି ଚଳୁ କରିଦେବେ। ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ନ ମିଳିବା ଭଳି ମହାପ୍ରଭୁଙ୍କ ଏହି ଟଙ୍କା ମଧ୍ୟ ଆଉ ମିଳିବ ନାହିଁ। ସରକାରଙ୍କୁ ମହା ପାତକ ଲାଗିବ। ୟେସ୍ ବ୍ୟାଙ୍କରେ ମୂଳ ସହିତ କେତେ ଟଙ୍କା ସୁଧ ହୋଇଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ଗୃହରେ ସରକାର ରଖନ୍ତୁ। ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ମାଝି ଦାବି କରିଛନ୍ତି।

ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ କହିଛନ୍ତି, କେବଳ ଜଗନ୍ନାଥଙ୍କ ଟଙ୍କା ନୁହେଁ ସରକାରଙ୍କର ବହୁ ବିଭାଗର କୋଟି କୋଟି ଟଙ୍କା ଜାତୀୟକରଣ ବ୍ୟାଙ୍କ ଛାଡି ଘରୋଇ ବ୍ୟାଙ୍କରେ ଅଫିସରମାନେ ରଖୁଛନ୍ତି। ଉଦ୍ୟାନ କୃଷି ବିଭାଗ ତତ୍କାଳୀନ ନିର୍ଦ୍ଦେଶକ ବିଜୟକେତନ ଉପାଧ୍ୟାୟ ମଧ୍ୟ ୟେସ୍ ବ୍ୟାଙ୍କରେ ୫୬ କୋଟି ଟଙ୍କା ରଖିଥିଲେ। ଓଡ଼ିଶାର ଆର୍ଥିକ ଓ ପ୍ରଶାସନିକ ବ୍ୟବସ୍ଥାକୁ କରୋନା ଭାଇରସ ଆକ୍ରାନ୍ତ କରିଛି। ଯିଏ ଜଗନ୍ନାଥଙ୍କ ଟଙ୍କା ଲୁଟ କରୁଛି ତାଙ୍କୁ କରୋନା ହେଉ। ୟେସ୍ ବ୍ୟାଙ୍କ ଦେବାଳିଆ ହେବା ଜାଣି ତିରୁପତି ମନ୍ଦିର ଟ୍ରଷ୍ଟ ତାଙ୍କର ୧୩୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଲେ, ରାଜ୍ୟ ସରକାର କେମିତି ଜାଣିପାରିଲେ ନାହିଁ। ଶ୍ରୀମନ୍ଦିରକୁ କେତେ ଟଙ୍କା କେଉଁଠୁ ଆସୁଛି ସେସବୁର ସାର୍ବଜନୀନ ହେଉ। ଏହି ଘଟଣାର ତଦନ୍ତ ପାଇଁ ଗୃହ କମିଟି ଗଠନ କରାଯାଉ ବୋଲି ସେ ଦାବି କରିଥିଲେ। ଭାଜପା ସଭ୍ୟ ଜୟନ୍ତ ଷଡଙ୍ଗୀ କହିଛନ୍ତି ଯେ, ସତକଥା କ'ଣ ସରକାର ତାହା ସ୍ପଷ୍ଟ କରନ୍ତୁ। ଏଥିପାଇଁ ଏକ ଗୃହ କମିଟି ଗଠନ କରାଯାଇ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଘରୋଇ ବ୍ୟାଙ୍କରେ ଟଙ୍କା ରଖିବାକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରୀମନ୍ଦିର ଟଙ୍କା କୌଣସି ଘରୋଇ ବ୍ୟାଙ୍କରେ ରଖିବା ନିୟମ ନାହିଁ। ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଫାଉଣ୍ଡେଶନ କମିଟିର ଅଧ୍ୟକ୍ଷ ହୋଇଥିବାରୁ ଏହାର ଜବାବ ଦିଅନ୍ତୁ। ଅର୍ଥମନ୍ତ୍ରୀଙ୍କ ବିବୃତି ଉପରେ ଭରସା ନାହିଁ। ମୁଖ୍ୟମନ୍ତ୍ରୀ ନିଜେ କିମ୍ବା ନିଜର ପ୍ରତିନିଧି ଜରିଆରେ ଓଡ଼ିଶାର ଜନସାଧାରଣଙ୍କୁ ଭରସା ଦିଅନ୍ତୁ। ନଚେତ୍ ରାଜ୍ୟରେ ଏକ ଅବିଶ୍ୱାସର ବାତାବରଣ ସୃଷ୍ଟି ହେବ। ବ୍ୟାଙ୍କ ଦେବାଳିଆ ହେବା କଥା ସରକାର କେମିତି ଜାଣି ପାରିଲେ ନାହିଁ। ସରକାରଙ୍କର ଗୋଇନ୍ଦା ବିଭାଗ ସ୍ଥାଣୁ ପାଲଟିଛି। ଏହି ☞ପୃଷ୍ଠା-୨

### ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ଡିପୋଜିଟ ଘଟଣା

- ସରକାରଙ୍କୁ ଘେରିଲେ ବିରୋଧୀ
- 'ଯିଏ ଜଗନ୍ନାଥଙ୍କ ଟଙ୍କା ଲୁଟ କରୁଛି, ତାଙ୍କୁ କରୋନା ହୋଇଯାଉ'
- ଶ୍ରୀମନ୍ଦିର ଅର୍ଥ କଥା ପରିଚାଳନା କମିଟି ବୁଝେ, ସରକାର ନୁହନ୍ତି: ମନ୍ତ୍ରୀ
- ପରିସ୍ଥିତି ପାଇଁ କେନ୍ଦ୍ର ଦାୟୀ: ଶାସକ
- କଂଗ୍ରେସର କକ୍ଷତ୍ୟାଗ




## ଖାଇଗଲେ ପ୍ରଦୀପ୍ତ, ବିଜୟ

**ଭୁବନେଶ୍ୱର,୧୨।୩(ବ୍ୟୁରୋ):** ୟେସ୍ ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ ରଖାଯାଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କାର କମିଶନ ଖାଇ ପୂର୍ବତନ ଶ୍ରୀମନ୍ଦିର ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ତଥା ଶ୍ରୀମନ୍ଦିର ଅର୍ଥ ସବ୍ କମିଟିର ମୁଖ୍ୟ ବିଜୟ କୁମାର ସାହୁ ୟୁରୋପ ଗସ୍ତ କରିଛନ୍ତି। ଉଭୟ ମହାପ୍ରଭୁଙ୍କ ପଇସାରେ ମଉଜ କରିଛନ୍ତି। ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି। ଗୁରୁବାର ବିଧାନସଭା ମୁଲତବୀ ଆଲୋଚନା ବେଳେ ମୋହନ କହିଛନ୍ତି ଯେ, ୟେସ ବ୍ୟାଙ୍କରେ ଟଙ୍କା ରଖିବା ନେଇ ବିଜୟ ଏବଂ ପ୍ରଦୀପ୍ତ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ୟେସ୍ ବ୍ୟାଙ୍କରେ ରଖାଯାଇଥିବା ଟଙ୍କାର କମିଶନରେ ଉଭୟ ୟୁରୋପ ଗସ୍ତ କରିଥିଲେ। ଏକଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର ଉଠାଇଥିଲେ। ଯେଉଁଥିପାଇଁ ତାଙ୍କୁ ଅର୍ଥ ସବ୍ କମିଟିରୁ କାଢ଼ି ଦିଆଯାଇଥିଲା ବୋଲି ମାଝି କହିଛନ୍ତି।

## ଆପାର୍ଟମେଣ୍ଟରେ ନିଆଁ

### ୨୫ରୁ ଉର୍ଦ୍ଧ୍ୱ ଫ୍ଲାଟ୍‌ର ଲୋକେ ଅଣନିଃଶ୍ୱାସୀ, ୨ ଅସୁସ୍ଥ



ଭୁବନେଶ୍ୱର,୧୨।୩(ବ୍ୟୁରୋ)

ଭୁବନେଶ୍ୱର ଫରେଷ୍ଟ ପାର୍କ ପଛପାଖ ରାଜେନ୍ଦ୍ର ବିହାର ଆପାର୍ଟମେଣ୍ଟରେ ଗୁରୁବାର ରାତି ପ୍ରାୟ ଗୋଟେ ୧୫ ମିନିଟ୍‌ରେ ଘଟିଛି ଅଗ୍ନିକାଣ୍ଡ। ୭ ମହଲା ବିଶିଷ୍ଟ ଏହି ଆପାର୍ଟମେଣ୍ଟରେ ୪୪ଟି ଫ୍ଲାଟ୍ ରହିଛି। ସେଥିମଧ୍ୟରୁ 'ସି' ବ୍ଲକ୍‌ର ୫ମ, ୬ଷ୍ଠ ମହଲା ଲିଫ୍ଟ କେବୁଲରେ ଶର୍ଟସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ଫଳରେ ଆପାର୍ଟମେଣ୍ଟର ୨୫ରୁ ଉର୍ଦ୍ଧ୍ୱ ଫ୍ଲାଟ୍‌ରେ ପ୍ରବଳ ଧୂଆଁ ଖେଳିଯାଇଥିଲା। ଅନେକ ଲୋକ ସେହି ସମୟରେ ଶୋଇଥିବାରୁ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସେମାନେ ବାହାରକୁ ଆସିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଧୂଆଁର ମାତ୍ରା ଏତେ ଅଧିକ ଥିଲା ଯେ, କାହାକୁ କିଛି ଦେଖାଯାଉ ନ ଥିଲା। କେତେଜଣ ବାଲକୋନିରେ ରହି ୧୦୦ ନମ୍ବରକୁ ଫୋନ କରି ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ। ଖବର ପାଇ କଳ୍ପନାରୁ ୩ଟି ଅଗ୍ନିଶମ ଗାଡ଼ି ଏବଂ ୪ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହାପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ ଲିଭାଯିବା ସହ ଫ୍ଲାଟ୍‌ରେ ରହୁଥିବା ଲୋକମାନଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଜଣ ଅସୁସ୍ଥ ହୋଇପଡ଼ିବାରୁ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆପାର୍ଟମେଣ୍ଟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି କି ନାହିଁ ସେନେଇ ଅଗ୍ନିଶମ ଅଧିକାରୀ ତଦନ୍ତ କରୁଛନ୍ତି।

## ଭାରତରେ ପ୍ରଥମ କରୋନା ମୃତ୍ୟୁ
### ସ୍ପଷ୍ଟ କଲେ ସରକାର

**ନୂଆଦିଲ୍ଲୀ,୧୨।୩:** ଭାରତରେ କରୋନା ସଂକ୍ରମଣରେ ଜଣକର ମୃତ୍ୟୁ ଘଟିଥିବା ଗୁରୁବାର ସରକାର ସ୍ପଷ୍ଟ କରିଛନ୍ତି। ମଙ୍ଗଳବାର କର୍ଣାଟକର କଲ୍‌ବୁର୍ଗୀରେ ଜଣେ ୭୬ ବର୍ଷୀୟ ବୃଦ୍ଧଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର କରୋନାରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିଲା। ତେବେ ସରକାର ଏହାକୁ ଖଣ୍ଡନ କରିଥିଲେ। ଉକ୍ତ ବ୍ୟକ୍ତିଙ୍କର ନିମୋନିଆ, ଉଚ୍ଚ ରକ୍ତଚାପ ଓ ଆଜ୍‌ମାରେ ମୃତ୍ୟୁ ହୋଇଥିବା ମନ୍ତ୍ରୀ ବି. ଶ୍ରୀରାମୁଲୁ କହିଥିଲେ। ଗୁରୁବାର ସ୍ୱାବ୍ ନମୁନା ପରୀକ୍ଷାରୁ ତାଙ୍କୁ କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ କର୍ଣାଟକ ସ୍ୱାସ୍ଥ୍ୟ ବିଭାଗ କମିଶନର ସୂଚନା ଦେଇଛନ୍ତି। ଉକ୍ତ ବୃଦ୍ଧ ଫେବୃୟାରୀ ୨୯ରେ ସୌଦି ଆରବରୁ ଫେରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ମାର୍ଚ୍ଚ ୫ରେ କର୍ଣାଟକର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ପରେ ତାଙ୍କୁ ହାଇଦ୍ରାବାଦକୁ ସ୍ଥାନାନ୍ତର କରାଯାଇଥିଲା। ମୃତ୍ୟୁ ପୂର୍ବରୁ କେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଥିଲେ ତାହା ଖୋଜାଚାଲିଛି। ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୪ରେ ପହଞ୍ଚିଛି।

## ଆଜି କ୍ୟାବିନେଟ୍

**ଭୁବନେଶ୍ୱର,୧୨।୩(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରେ ବସିବାକୁ ଥିବା ଏହି ବୈଠକରେ ଯୋଗଦେବା ଲାଗି ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ସମସ୍ତ କ୍ୟାବିନେଟ୍ ମନ୍ତ୍ରୀମାନଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। କ୍ୟାବିନେଟ୍‌ରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ମଞ୍ଜୁରୀ ମିଳିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

**ଆଜିର ସମ୍ପାଦକୀୟ**

## ୟେସ୍ ବିପର୍ଯ୍ୟୟ


Vencobb FRESH CHICKEN

12.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers


# ଅଧାବାଟରୁ ବରଙ୍କୁ ଉଠାଇ ନେଲା ପୋଲିସ

ବାଙ୍କୀ/ଆଠଗଡ଼,୧୨।୩(ସ୍ୱ.ପ୍ର.)

- ହତ୍ୟା ମାମଲାରେ ସମ୍ପୃକ୍ତ ଥିଲେ
- ମଙ୍ଗୁଳା ହୋଇସାରିଥିଲା କନ୍ୟା



ଅଭିଯୁକ୍ତ ପ୍ରକାଶ ସ୍ୱାଇଁ

ବିବାହ ପାଇଁ ଗାଡିରେ ବର ବାହାରି ସାରିଥିଲା। ଆଉ କିଛି ସମୟ ପରେ ମଣ୍ଡପରେ ପହଞ୍ଚିଯାଇଥାନ୍ତେ। ମାତ୍ର ଅଧାବାଟରୁ ବାଙ୍କୀ ପୋଲିସର ୭ରୁ ୮ ଜଣ କର୍ମଚାରୀ ସାଦା ପୋଷାକରେ ଆସି ବରଙ୍କୁ ଉଠାଇ ନେଇଛନ୍ତି। ଏହି ଘଟଣା ଘଟିଛି କଟକ ଜିଲା ଆଠଗଡ଼ସ୍ଥିତ ସାପୁଆ ପୋଲ ନିକଟରେ। ବର ଏକ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ପୋଲିସ କହିଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ କଦଳୀବାଡ଼ି ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଥିଲା। ଏହି ଘଟଣାରେ ପୂର୍ବରୁ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୪ ଜଣ ଫେରାର ଥିଲେ। ଏଥିରେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ତାଳବରକୋଟ ଗ୍ରାମର ପ୍ରକାଶ ସ୍ୱାଇଁଙ୍କ ସମ୍ପୃକ୍ତି ଥିଲା। ଏନେଇ ବାଙ୍କୀ ଥାନାରେ ମାମଲା (ନଂ.୩୪/୧୮)ରୁଜୁ ହୋଇଥିଲା। ଏହାପରଠାରୁ ଅଭିଯୁକ୍ତ ପ୍ରକାଶ ଫେରାର ଥିଲେ। ☞ପୃଷ୍ଠା-୨

# ପୁଞ୍ଜି ବଜାରକୁ କରୋନା ଝଟକା

ମୁମ୍ବାଇ,୧୨।୩




- ୨,୯୧୯ ପଏଣ୍ଟ ଖସିଲା ସେନ୍‌ସେକ୍ସ
- ନିବେଶକଙ୍କୁ କ୍ଷତି ୧୧ ଲକ୍ଷ କୋଟି
- ସେନ୍‌ସେକ୍ସରେ ସର୍ବାଧିକ ଦୈନିକ ହ୍ରାସ
- ବଜାରକୁ ନେଇ ଆଶଙ୍କାରେ ନିବେଶକ

କରୋନା ଭାଇରସ ଯୋଗୁ ବିଶ୍ୱ ବଜାରରେ କାରବାର କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ଏଭଳି ସମୟରେ ବିଶ୍ୱସ୍ତରରେ ପୁଞ୍ଜି ବଜାରଗୁଡିକର ଶେୟାର କାରବାର ଗଭୀର ଭାବେ ପ୍ରଭାବିତ ହେଉଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ସିଏସ୍‌ଇ ସେନ୍‌ସେକ୍ସ ଗୁରୁବାର ୨,୯୧୯ ପଏଣ୍ଟ ଖସି ଯାଇଛି। ଏହା ସର୍ବାଧିକ ଦୈନିକ ହ୍ରାସ ବୋଲି ଜଣାପଡିଛି। ଏହି ସମୟରେ ନିବେଶକଙ୍କୁ ୧୧ ଲକ୍ଷ କୋଟି ଟଙ୍କାର ଘାଟା ସହିବାକୁ ପଡିଛି। ଗୁରୁବାର ଦିନ ମଧ୍ୟରେ ସେନ୍‌ସେକ୍ସରେ ସୂଚକାଙ୍କ ୩,୨୦୪.୩୦ ପଏଣ୍ଟ ଖସିଯାଇଥିଲା। ଶେଷରେ ଏହା ୮.୧୮% ବା ୨,୯୧୯.୨୬ ପଏଣ୍ଟ ନିମ୍ନରେ ରହି ୩୨,୭୭୮.୧୪ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୮୬୮ ପଏଣ୍ଟ ବା ୮.୩୦% ଖସିବା ସହ ୯୫୯୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେନ୍‌ସେକ୍ସର ବିଭିନ୍ନ କମ୍ପୋନେଣ୍ଟ ଏହି ସମୟରେ ନକାରାତ୍ମକ ରହିଛି। କାରବାର କ୍ଷତି ସହିଥିବା କମ୍ପାନୀଗୁଡିକ ମଧ୍ୟରେ ଏସ୍‌ବିଆଇ ଆଗରେ ରହିଛି। ଏହାବାଦ ଓଏନ୍‌ଜିସି, ଆକ୍ସିସ ବ୍ୟାଙ୍କ, ଆଇଟିସି, ଟାଇଟାନ, ବଜାଜ ଅଟୋ, ଟିସିଏସ୍ ଏବଂ ଇଣ୍ଡସଇଣ୍ଡ ମଧ୍ୟ ଏହି ତାଲିକାରେ ରହିଛି।

କରୋନା ଯୋଗୁ ବିଶ୍ୱ ବଜାର କ୍ଷତିଗ୍ରସ୍ତ ସ୍ଥିତିରେ ଥିବା ବେଳେ ଭାରତୀୟ ବଜାରର କାରବାର ବହୁ ନିମ୍ନ ସ୍ତରରୁ ଆରମ୍ଭ ହୋଇଛି। କରୋନା ଯୋଗୁ ବଜାର ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେବ ବୋଲି ନିବେଶକମାନେ ଚିନ୍ତାଗ୍ରସ୍ତ ହୋଇଥିବା ଏଭିପି ଇକ୍ୱିଟି ରିସର୍ଚ୍ଚର ଫଣ୍ଡାମେଣ୍ଟାଲ ରିସର୍ଚ୍ଚ ମୁଖ୍ୟ ନରେନ୍ଦ୍ର ସୋଲାଙ୍କି ସୂଚନା ଦେଇଛନ୍ତି। ନିବେଶକଙ୍କ ମନୋଭାବ ଆଶଙ୍କାଗ୍ରସ୍ତ ହେବା ଯୋଗୁ ଏଭଳି ସମସ୍ୟା ଉପୁଜିଛି। ବିଶ୍ୱ ସ୍ତରର ଶେୟାର ବଜାରରେ ସମାନ ସ୍ଥିତି ଲାଗି ରହିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କମିବା, ଟଙ୍କାର ମୂଲ୍ୟ ହ୍ରାସ ଏବଂ ଅସ୍ଥିରତା ନିବେଶକଙ୍କ ମନୋଭାବକୁ ବେଶି କ୍ଷତିଗ୍ରସ୍ତ କରିଛି।

ଏହି ସମୟରେ ଡଲାର ☞ପୃଷ୍ଠା-୨




**କିଛି ତଥ୍ୟ**
ଫେବୃୟାରୀରେ ଦେଶ ମଧ୍ୟରେ ପାସେଞ୍ଜର ଯାନର ରିଟେଲ ବିକ୍ରି ୧.୧୭% ହ୍ରାସ ଘଟି ୨.୨୬ ଲକ୍ଷ ୟୁନିଟ ରହିଛି।
– ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ

**ଆଜିର ମନ୍ତବ୍ୟ**
“ଜ୍ୟୋତିରାଦିତ୍ୟ ସିନ୍ଧିଆ ନିଜ ବିଚାରଧାରାକୁ ଭୁଲିଯାଇ ରାଜନୈତିକ କ୍ୟାରିୟରକୁ ନେଇ ଚିନ୍ତିତ ହୋଇପଡ଼ିଥିଲେ।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୋପାଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖଣିଜ ଆଇନ ସଂଶୋଧନ ବିଲ୍‌କୁ ମଞ୍ଜୁରୀ

**ନୂଆଦିଲ୍ଲୀ,୧୨–୩**

କୋଇଲା ଖଣି ନିଲାମ ଏବଂ କୋଇଲା କ୍ଷେତ୍ରରେ ଉଭୟ ଘରୋଇ ଏବଂ ବିଶ୍ୱସ୍ତରର କମ୍ପାନୀଗୁଡିକ ଲାଗି ବ୍ୟବସାୟିକ ଖଣି ଖନନରେ ରହିଥିବା ବିଭିନ୍ନ ଅସୁବିଧା ଦୂରୀକରଣ କରିବା ଦିଗରେ ନୂଆ ପଦକ୍ଷେପ ନିଆଯାଇଛି। ଏ କ୍ଷେତ୍ରରେ ରହିଥିବା ଖଣିଜ ଆଇନ ସଂଶୋଧନ ବିଲ୍‌କୁ ପାର୍ଲାମେଣ୍ଟ ମଞ୍ଜୁରୀ ମିଳିଛି। ଗୁରୁବାର ରାଜ୍ୟ ସଭାରେ ଏହି ବିଲ୍ ପାସ୍ ହୋଇଛି। ରାଜ୍ୟ ସଭାରେ ଉକ୍ତ ବିଲ୍ ସପକ୍ଷରେ ୮୩ ସାଂସଦ ଭୋଟ ଦେଇଥିବା ବେଳେ ୧୨ ବିପକ୍ଷରେ ଭୋଟ ଦେଇଥିଲେ। ଗତ ଶୁକ୍ରବାର ଲୋକ ସଭା ଉକ୍ତ ବିଲ୍‌କୁ ମଞ୍ଜୁରୀ ଦେଇଥିଲା। ନୂଆ ଆଇନ କାର୍ଯ୍ୟକାରୀ ହେଲେ ଦେଶର କୋଇଲା କ୍ଷେତ୍ରକୁ ଅଧିକ ଏଫ୍‌ଡିଆଇ ଆକୃଷ୍ଟ କରିବା ଦିଗରେ ସହାୟକ ହୋଇପାରିବ। ଏହାଦ୍ୱାରା ଦେଶର ଅର୍ଥ ବ୍ୟବସ୍ଥା ତ୍ୱରାନ୍ୱିତ ହେବ ବୋଲି କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସଂସଦରେ ଉତ୍ତର ରଖିଛନ୍ତି। ସେ ପୁଣି କହିଛନ୍ତି ଯେ, ଏହି ବିଲ୍ ଭାରତ ଲାଗି ଗୁରୁତ୍ୱପୂର୍ଣ୍ଣ। ଭାରତ ଏହା ଦ୍ୱାରା ନିଜସ୍ୱ ପ୍ରାକୃତିକ ସମ୍ବଳକୁ ବ୍ୟବହାର କରିବାକୁ ସକ୍ଷମ ହେବ। ୨.୭ ଲକ୍ଷ କୋଟି ଟଙ୍କାର କୋଇଲା ଦେଶ ମଧ୍ୟକୁ ଆମଦାନୀ ହେଉଥିବାରୁ ନୂଆ ଆଇନ ଆମଦାନୀ କମାଇବା ଦିଗରେ କାର୍ଯ୍ୟ କରିବ ବୋଲି ଜୋଶୀ କହିଛନ୍ତି।

# ୟୁରୋପ ଯାଇ ନ ଥିବା କହିଲେ ପ୍ରଦୀପ୍ତ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ଶ୍ରୀମନ୍ଦିରର ୫୪୫ କୋଟି ଟଙ୍କା ଘରୋଇ ୟେସ୍ ବ୍ୟାଙ୍କ୍‌ରେ ଜମା ରଖାଯାଇଛି। ୟେସ୍ ବ୍ୟାଙ୍କ୍‌ର ଆର୍ଥିକ ପରିସ୍ଥିତି ଦୁର୍ବଳ ହୋଇସାରିଛି। ଏଥିରେ ଥିବା ଜମାରାଶି ସୁରକ୍ଷା ନେଇ ପ୍ରଶ୍ନବାଚୀ ଉଠିଛି। ଏହି ସ୍ପର୍ଶକାତର ପ୍ରସଙ୍ଗ ରାଜ୍ୟ ବିଧାନସଭାରେ ବିତର୍କର ବିଷୟ ପାଲଟିଛି। ବିରୋଧୀମାନେ ବ୍ୟାଙ୍କ୍ ଅର୍ଥରେ ତତ୍କାଳୀନ ଶ୍ରୀମନ୍ଦିର ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଉପଦେଷ୍ଟା ବିଜୟ ସାହୁ ୟୁରୋପ ଭ୍ରମଣ କରିଥିବା ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ଏହି ଅଭିଯୋଗକୁ ଆଇଏଏସ୍ ଅଧିକାରୀ ପ୍ରଦୀପ୍ତ ଖଣ୍ଡନ କରିଛନ୍ତି। ପ୍ରଦୀପ୍ତ କହିଥିଲେ, ବିଧାନସଭାରେ ଏହି ବିଷୟ ଆଲୋଚିତ ହୋଇଥିବାରୁ କୌଣସି ମତଦେବା ଉଚିତ ନୁହେଁ। ହେଲେ ବିଭିନ୍ନ ଗଣମାଧ୍ୟମରେ ତାଙ୍କର ବିଦେଶ ଭ୍ରମଣ ଖବର ପ୍ରକାଶ ପାଇଛି। ବିଗତ ୪ ବର୍ଷ ହେବ ସେ ୟୁରୋପ ଯାଇ ନ ଥିବା ମହାପାତ୍ର କହିଛନ୍ତି। ଅପରପକ୍ଷରେ ବିଜୟଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଅର୍ଥ ଫେରସ୍ତ ଲାଗି ନିର୍ମଳାଙ୍କୁ ପ୍ରତାପଙ୍କ ଅନୁରୋଧ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ଶ୍ରୀମନ୍ଦିର ପ୍ରଶାସନ ଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ରଖିବା ଯୋଗୁ ରାଜ୍ୟବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସ୍ଥିତିରେ କିପରି ଜଗନ୍ନାଥଙ୍କ ଅର୍ଥ ଫେରସ୍ତ ଆସିବ ସେନେଇ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ଭେଟି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଅନୁରୋଧ କରିଛନ୍ତି। ଗୁରୁବାର ସୀତାରାମନ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରି ପ୍ରତାପ ସେଥିରେ ଉଲ୍ଲେଖ କରିଛନ୍ତି ଯେ, ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରି ମନ୍ଦିର ପ୍ରଶାସନ କାହିଁକି ଜାତୀୟ ବ୍ୟାଙ୍କ ଛାଡ଼ି ଘରୋଇ ବ୍ୟାଙ୍କରେ ଅର୍ଥ ରଖିଲା ତାହାର ତଦନ୍ତ ହେବା ଆବଶ୍ୟକ। ଏଥିରୁ ଜଣାପଡୁଛି ଯେ, କେତେଜଣ ସରକାରୀ ଅଧିକାରୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ ଲାଗି ଏଭଳି ଷଡ଼ଯନ୍ତ୍ର କରିଛନ୍ତି। ଲକ୍ଷଲକ୍ଷ ଭକ୍ତଙ୍କ ଭାବାବେଗ ସହିତ ଖେଳିଥିବା ଏବଂ ଏଭଳି ଅନିୟମିତତାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। ଏହି ଘଟଣାର ଏକ ସ୍ୱତନ୍ତ୍ର ତଦନ୍ତ ନିର୍ଦ୍ଦେଶ ଦେବା ସହିତ ଆର୍‌ବିଆଇକୁ ଜଗନ୍ନାଥଙ୍କ ଟଙ୍କା ଶ୍ରୀମନ୍ଦିର ପ୍ରଶାସନ ନିକଟକୁ ଫେରାଇ ଦେବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରତାପ ଦର୍ଶାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପୁଞ୍ଜି ବଜାରକୁ...

ତୁଳନାରେ ଟଙ୍କା ମୂଲ୍ୟ ୪୯ ପଇସା ହ୍ରାସ ଘଟି ୭୪.୧୭ ଡଲାର ଛୁଇଁଛି। ଏସିଆର ଅନ୍ୟ ଶେୟାର ବଜାର ଯଥା– ସାଂଘାଇରେ ୧.୫୨% ଖସିଥିବା ବେଳେ ହଂକଂ ୩.୬୬%, ସିଓଲ ୩.୮୭% ଏବଂ ଟୋକିଓରେ ୪.୪୧% ଶେୟାର କାରବାର କ୍ଷତିଗ୍ରସ୍ତ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୟୁରୋପରେ ଶେୟାର କାରବାର ୬% ଖସିଯାଇଛି। ଭାରତରେ ଏବେ କରୋନା ପ୍ରଭାବିତଙ୍କ ସଂଖ୍ୟା ୭୩ ଛୁଇଁଛି। ୧୩ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି। ଏହା ମଧ୍ୟରେ ମହାରାଷ୍ଟ୍ରର ୯ ଏବଂ ଦିଲ୍ଲୀ, ଲଦାଖ ଏବଂ ଉତ୍ତର ପ୍ରଦେଶରେ ଜଣେ ଲେଖାଏ ରୋଗୀ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। କରୋନା ଯୋଗୁ ୪,୨୦୦ ଲୋକଙ୍କର ପ୍ରାଣହାନି ହୋଇଛି। ଏହା ୧୦୭ ଦେଶର ୧.୧୭ ଲକ୍ଷ ଲୋକଙ୍କୁ ଆକ୍ରାନ୍ତ କରିଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କରୋନା ଭାଇରସକୁ ବିଶ୍ୱ ମହାମାରୀ ଭାବେ ଘୋଷଣା କରିବା ପରେ ସାରା ବିଶ୍ୱ ବଜାର ଉପରେ ଏହାର ପ୍ରଭାବ ପଡିଛି। ଏହି ଭାଇରସକୁ ପ୍ରତିରୋଧ କରିବା ଦିଗରେ ସେଭଳି କୌଣସି ଠୋସ୍ ପଦକ୍ଷେପ ଆସି ନ ଥିବା ଯୋଗୁ ଏହା ବଜାରର ନିବେଶକଙ୍କ ମନୋଭାବକୁ କ୍ଷତିଗ୍ରସ୍ତ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଗାମୀ ୩୦ ଦିନ ଯାଏ ୟୁରୋପରୁ ସବୁ ପ୍ରକାରର ଯାତାୟାତକୁ ବାତିଲ କରିଛନ୍ତି। ଏଥିରୁ ଇଂଲଣ୍ଡକୁ ବାଦ୍ ଦିଆଯାଇଛି। ସାରା ବିଶ୍ୱରେ ବିଭିନ୍ନ ଦେଶ ଲୋକଙ୍କର ଯାତ୍ରା ଉପରେ କଟକଣା ଲଗାଇଛନ୍ତି। ଏହା ଦ୍ୱାରା ବିଶ୍ୱସ୍ତରରେ ଅର୍ଥନୈତିକ ମାନ୍ଦାବସ୍ଥା ଆସିପାରେ ବୋଲି ଜଣେ ବଜାର ବିଶେଷଜ୍ଞ କହିଛନ୍ତି।

### ‘ଚିଟ୍‌ଫଣ୍ଡ ଭଳି...

ଘଟଣାର ଗୃହ କମିଟି ଗଠନ କରାଯାଉ ବୋଲି ସେ ଦାବି କରିଛନ୍ତି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ମଧ୍ୟ ଗୃହ କମିଟି ଗଠନ କରି ଘଟଣାର ସତ୍ୟତା ଜଣାଇବାକୁ ଦାବି କରିଛନ୍ତି।

ବିରୋଧୀଙ୍କ ଅଭିଯୋଗକୁ ଶାସକ ଦଳ ସଦସ୍ୟମାନେ ଖଣ୍ଡନ କରିଛନ୍ତି। ବିଜେଡି ସଭ୍ୟ ଅମର ଶତପଥୀ କହିଛନ୍ତି, ସରକାର ଶ୍ରୀମନ୍ଦିର ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ସରକାର ନୀରବ ବସିନାହାନ୍ତି। ଦେଶର ଆର୍ଥିକ ସ୍ଥିତି ଏତେ ଖରାପ ହୋଇଛି ଯେ, କେବଳ ୟେସ୍ ବ୍ୟାଙ୍କ ନୁହେଁ, ଷ୍ଟେଟ୍ ବ୍ୟାଙ୍କ ମଧ୍ୟ ସୁରକ୍ଷିତ ନୁହେଁ। ଟେଣ୍ଡର ମାଧ୍ୟମରେ ଅଧିକ ସୁଧ ପାଇବା ନେଇ ଉକ୍ତ ବ୍ୟାଙ୍କରେ ଟଙ୍କା ରଖାଯାଇଥିଲା। ଅର୍ଥ ସୁରକ୍ଷିତ ନ ଥିବା ନେଇ ଧୂଆଁବାଣ କରା ନ ଯାଉ ବୋଲି ସେ କହିଥିଲେ। ବିଜେଡି ସଭ୍ୟ ଅତନୁ ସବ୍ୟସାଚୀ ନାୟକ କହିଲେ, ଟଙ୍କା କିପରି ଫେରିବ ସେ ନେଇ ସରକାର ଚେଷ୍ଟା ଚଳାଇଛନ୍ତି। ଆଗାମୀ ଦିନରେ ସରକାରୀ ଟଙ୍କା ରଖିବା ନେଇ ଅର୍ଥ ବିଭାଗ ଏକ ମୋଡାଲିଟି ପ୍ରସ୍ତୁତ କରନ୍ତୁ ବୋଲି ସେ କହିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ କହିଛନ୍ତି, ଦେଶରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି। ବ୍ୟାଙ୍କଗୁଡିକ ଦେବାଳିଆ ହେଉଛନ୍ତି। କେବଳ ଘରୋଇ ବ୍ୟାଙ୍କ ନୁହେଁ, ଜାତୀୟକରଣ ବ୍ୟାଙ୍କର ଅବସ୍ଥା ମଧ୍ୟ ଭଲ ନାହିଁ। ଏହି ପରିସ୍ଥିତି ପାଇଁ କେନ୍ଦ୍ର ସରକାର ଦାୟୀ ବୋଲି ସେ କହିଥିଲେ।

ବିରୋଧୀଙ୍କ ଆକ୍ରମଣର ଜବାବ ଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ରହିଛି। ବ୍ୟାଙ୍କିଙ୍ଗ୍ ରେଗୁଲେଟୋରୀ ଆକ୍ଟ ଅନୁଯାୟୀ ବ୍ୟାଙ୍କର କୌଣସି ବିଷୟରେ ରାଜ୍ୟ ସରକାର ହସ୍ତକ୍ଷେପ କରିପାରିବେ ନାହିଁ। ବ୍ୟାଙ୍କର ସ୍ଥିତି ଦେଖି ଅର୍ଥ ଜମା ଦେବାକୁ ଅର୍ଥ ବିଭାଗ ସମସ୍ତ ବିଭାଗକୁ ଚିଠି ଦେଇଥିଲା। କିନ୍ତୁ ଏହାକୁ ଆରବିଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିରୋଧ କରି ଚିଠି ଲେଖିଲେ ଯେ, ରାଜ୍ୟ ସରକାର କୌଣସି ଚିଠି ଲେଖି ଜଟିଳ ପରିସ୍ଥିତି ସୃଷ୍ଟି ନ କରନ୍ତୁ। ଏଭଳି ଲେଖିବା ରାଜ୍ୟର ଅଧିକାର ନାହିଁ। ୟେସ୍ ବ୍ୟାଙ୍କ ୨୦୦୪ରେ ଗଠନ ହୋଇଥିଲା। ୧୦ ବର୍ଷ ଉପା ସରକାର ଅଧୀନରେ ରହିବା ପରେ ୬ ବର୍ଷ ଏନଡିଏ ସରକାର ଅଧୀନରେ ରହିଛି। ବ୍ୟାଙ୍କରୁ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ନ ଉଠାଇବାକୁ ଆରବିଆଇ ଜଣାଇବା ପରେ ମୁଁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଟଙ୍କାର ସୁରକ୍ଷା ନେଇ ଚିଠି ଲେଖିଥିଲି। ଶ୍ରୀଜଗନ୍ନାଥଙ୍କ ଟଙ୍କା ଫେରି ପାଇବା ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ଆମକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଟଙ୍କା ଟେଣ୍ଡର କରାଯାଇ ରଖାଯାଇଛି। ୧୨ଟି ବ୍ୟାଙ୍କ ଶ୍ରୀମନ୍ଦିର ଅର୍ଥ ଜମା ରଖିବା ନେଇ ପ୍ରସ୍ତାବ ଦେଇଥିଲେ। ୟେସ୍ ବ୍ୟାଙ୍କ ସୁଧ ରାଶି ୮.୬୧% ଦେବାକୁ ରାଜି ହେବାରୁ ସେଠାରେ ରଖାଯାଇଛି। ବର୍ତ୍ତମାନ ଗୃହର ଉଦ୍‌ବେଗ ରହିଛି। ଏହାକୁ ରାଜନୀତିକରଣ ନ କରି ସେହି ଟଙ୍କାକୁ କିପରି ଫେରାଇ ଆଣିବା ସେନେଇ ସମସ୍ତେ ଉଦ୍ୟମ କରିବା ଦରକାର। ଶ୍ରୀମନ୍ଦିର ଅର୍ଥ ତାହାର ପରିଚାଳନା କମିଟି ଦ୍ୱାରା ପରିଚାଳିତ। ସରକାର ସେଥିରେ ହସ୍ତକ୍ଷେପ କରନ୍ତି ନାହିଁ ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷ ଛାଡି ବାହାରକୁ ଚାଲି ଯାଇଥିଲେ।

### ଅଧାବାଟରୁ ବରଙ୍କୁ...

ଗୁରୁବାର ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ବୀରକିଶୋରପୁର ଶିବ ମନ୍ଦିରରେ ବିବାହ ପାଇଁ ସେ ବରବେଶରେ କାର୍‌ରେ ତାଳବରକୋଟ ଗ୍ରାମରୁ ବାହାରିଥିଲେ। ଏଥିପାଇଁ କନ୍ୟା ଘର ପକ୍ଷରୁ ଶିବ ମନ୍ଦିରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ବିବାହ ପାଇଁ କନ୍ୟା ମଙ୍ଗୁଳା ହୋଇସାରିଥିଲା। ଏ ସମ୍ପର୍କରେ କୌଣସିସୂତ୍ରରୁ ଖବରପାଇ ବାଙ୍କୀ ପୋଲିସ ପ୍ରକାଶଙ୍କ ଉପରେ ନଜର ରଖିଥିଲା। ତାଙ୍କ କାର ସାପୁଆ ପୋଲ ପାରହୋଇ ଆଠଗଡ଼ ଏନ୍‌ଏସି ଭିତରକୁ ପ୍ରବେଶ କରୁଥିବା ବେଳେ ପୂର୍ବରୁ ସାଦାବେଶରେ ଲୁଚି ରହିଥିବା ପୋଲିସ କର୍ମଚାରୀମାନେ ତାଙ୍କୁ ଧରି ନେଇଥିଲେ। ଏହାପରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ପ୍ରକାଶଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି। ଅପରପକ୍ଷେ ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ଅଭିଯୋଗକୁ ପ୍ରକାଶଙ୍କ ପରିବାର ପକ୍ଷରୁ ଅସ୍ୱୀକାର କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ତୁଳା ରାଶିସ୍ଥ ଚନ୍ଦ୍ର ପାରିବାରିକ ସୌଖ୍ୟ, ସହମତିରେ ଯାନ୍ତ୍ରିକ ଦ୍ରବ୍ୟ କିମ୍ବା ସ୍ୱର୍ଣ୍ଣାଳଙ୍କର, ନୂତନ ବସ୍ତ୍ରାଦି କ୍ରୟ କରିବେ। ଭଲ ଭଲ କହୁଥିବା ନିକଟ ସମ୍ପର୍କୀୟମାନେ ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ। କର୍ମକ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ।

**ବୃଷ** କୁମ୍ଭ ରାଶିସ୍ଥ ରବି ଓ ଆପଣଙ୍କୁ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରାଇ ପ୍ରତ୍ୟେକ କାର୍ଯ୍ୟକୁ ସୁବିଧାରେ ସମ୍ପନ୍ନ କରିବାର ସୌଭାଗ୍ୟ ପ୍ରଦାନ କରିପାରନ୍ତି। ଅଫିସରେ କାର୍ଯ୍ୟବ୍ୟସ୍ତ ଯୋଗୁ ପରିବାର ପାଇଁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆର୍ଥିକ ଦୁଃସ୍ଥିତି କାମର ଅଗ୍ରଗତି ସକାଶେ ବାଧକ ସାଜିପାରେ।

**ମିଥୁନ** ଷଷ୍ଠାଧିପ ମଙ୍ଗଳ ସପ୍ତମସ୍ଥ ହେତୁ ଯାତ୍ରାରେ କଳହ,ପରିବାରରେ ବିତର୍କ ଓ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଉତ୍ପନ୍ନ ହୋଇପାରେ। ଆରଦ୍ରା ନକ୍ଷତ୍ର ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭକରି ପ୍ରଶଂସିତ ହେବେ।

**କର୍କଟ** ବୁଧ ନିଜଭାବକୁ ଦେଖୁଥିବାରୁ ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବା ସହ ବନ୍ଧୁଙ୍କ ସହ ଭାବ ବିନିମୟରୁ ଖୁସି ରହିବେ। ଅପରାହ୍ନରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ସଫଳତା ପାଇବେ। ବ୍ୟବସାୟ ଓ ପରିବହନ, କ୍ରୀଡ଼ା ଓ ସଙ୍ଗୀତରେ ସଫଳତା ଅର୍ଜନ କରିବେ।

**ସିଂହ** ବୃହସ୍ପତି ଶତ୍ରୁଭାବରେ ଅବସ୍ଥାନ କରି ଶତ୍ରୁତାର ବିଲୟ ଘଟାଇବାରେ ସମର୍ଥ ହେବେ। ଋଣ ପରିଶୋଧ କରିବେ,ମାମଲା ଫଇସଲା ହେବ ଓ ରୋଗପୀଡ଼ା ମଧ୍ୟ ଉପଶମ ହୋଇପାରେ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କର୍ମକ୍ଷେତ୍ରରେ ପରିବାରବର୍ଗଙ୍କ ସହାୟତା ପାଇବେ।

**କନ୍ୟା** ଶୁକ୍ର ଓ ଶନିଙ୍କ ସ୍ଥିତି ପ୍ରଭାବରୁ କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଦୀର୍ଘଦିନରୁ ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଓ କଳହର କାରଣ ହୋଇପାରେ।

**ତୁଳା** ସମୟର ଅନୁକୂଳତା ଜନିତ ଉଚ୍ଚଚିନ୍ତା, କାର୍ଯ୍ୟସିଦ୍ଧି, ବନ୍ଧୁମାନଙ୍କ ସଦ୍‌ଭାବ ଓ ପ୍ରଶଂସା ଲାଭକରି ଉତ୍‌ଫୁଲ୍ଲିତ ହୋଇପାରନ୍ତି। ବହୁ ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରିପାରିବେନି। ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ।

**ବିଛା** ଏକାଦଶସ୍ଥ ଚନ୍ଦ୍ର ଯୋଗୁ ଯେଉଁ କାମଟି ଦୀର୍ଘଦିନ ହେଲା ହୋଇପାରି ନ ଥିଲା ଆଜି ଆକସ୍ମିକ ଭାବରେ ତାହା ହୋଇଯିବ। ଅର୍ଥ ସମ୍ପର୍କରେ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ମିଳିବ।

**ଧନୁ** ରାହୁ ସପ୍ତମସ୍ଥ ଯୋଗୁ ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ ଏଣୁ ଗାଡ଼ିକୁ ପରଖିନେବା ଭଲ ହେବ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାର୍ଯ୍ୟ ସାଧନ କରିବେ। ମୂଳା ନକ୍ଷତ୍ର କୌଣସି ଅସୁବିଧା ନ ହେଲେ ମଧ୍ୟ ଏଣୁତେଣୁ ଗୁଡ଼ାଏ କଥା ଆଶଙ୍କା କରି ମନ ଅସ୍ଥିର ରହିବ।

**ମକର** ସ୍ୱଗୃହୀ ରାଶ୍ୟାଧିପତିଙ୍କ ଜନିତ ଶାରୀରିକ ଅସୁସ୍ଥତା ଧୀରେ ଧୀରେ ଦୂରେଇବା ସହ ମାନସିକ ଆଶ୍ୱସ୍ତି ଅନୁଭବ କରିବେ। କୌଣସି ବ୍ୟକ୍ତି ଠାରୁ ହଠାତ୍ କୌଣସି ବିସ୍ମୟ ସୃଷ୍ଟିକାରୀ ଖବର ପାଇ ବିଚଳିତ ବୋଧ କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବା ଆଶା କରାଯାଇପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। ସତର୍କତା ରକ୍ଷା ନ କଲେ ଆଜି ବନ୍ଧୁରେ କଳହ, ଧନହାନି, ପରିବହନରେ ତର୍କବିତର୍କକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଶନି କ୍ଷେତ୍ରସ୍ଥ ରବି ହେତୁ କର୍ମକ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରଭାବିତ ଉଚ୍ଚ ଅଫିସରଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟହାନି ସକାଶେ ମନ ଅସ୍ଥିର ରହିବ ଓ ମାନସିକ ବ୍ୟଥା ଅନୁଭବ କରିବେ। ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶକରି ସମାଲୋଚିତ ହେବେ। ଧାରକରଜ କରି ଆବଶ୍ୟକତା ପୂରଣ କରିବେ।

ଆଜି ଚୈତ୍ର କୃଷ୍ଣ ଚତୁର୍ଥୀଯୁକ୍ତ ୫ମୀ ଶୁକ୍ରବାର, ମାସାନ୍ତ, ମାର୍ଚ୍ଚ ୧୩ ତାରିଖ, ରାଶି ନକ୍ଷତ୍ର–ସ୍ୱାତୀ/ତୁଳା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮।୨୨ମି. ଗତେ ଘ୧୦।୪୪ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୫୭ମି. ଗତେ ଘ୧୧।୫୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୨୭ମି. ଗତେ ଘ୧୧।୫୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

Bhubaneswar Patia KIIT University ନିକଟରେ BDA yellowzone plot 30’road, electricity boundary ଥାଇ sqft.-850/-,1000/- (installment/outright ରେ) ମିଳୁଅଛି। 9937025614, 7008390130. D-68480

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

Ready to move 2/3BHK flat for sale near V2 Showroom, Patrapada, Bhubaneswar- 9861037729, 9040337729. D-63978

ଭୁବନେଶ୍ୱର ପିତାପଲ୍ଲୀ ଛକ ପାଖରେ NH side ପ୍ଲଟ ମିଳୁଅଛି। Owner- 9090963952. D-68497

ଭୁବନେଶ୍ୱର ହଂସପାଲଠାରେ ତୁରନ୍ତ ଘରକଲାଭଳି ଘରବାରି patta, boundary plot psqft. 1250/-, 750/- ବିକ୍ରିହେବ। 9439270333. D-69108

New Bhubaneswar Railway Station ପାଖରେ Dhawa ମୌଜାରେ ଘରବାରି ପ୍ଲଟ୍ ମିଳୁଛି। 9583430150. D-69305

Schedule caste gharabari boundary corner plot sale IIT Argul Station Bazar 5000sqft. 10,50,000/, 9439006524. D-69102

Single patch of land 15-20Acre available for sale State High-way near Bramhagiri on Puri-Satapada Road. Contact: 9437062777. D-17030

Holi Offer:- Book ready to move 2BHK/ 3BHK flats with all amenities @ “The Landmark” apartment from Bhubaneswar. It is the best right side Sundarpada location project. Basic price per sqft. is 2800/- for top floor & other floor is 3,000/-. Holi discount 50,000/- for 3BHK & 30,000/- for 2BHK. 9938569014, 9861433014. D-17003

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଣୀରେ gharabari boundary Patta plot-499/-, 7077730754. D-69103

2BHK ready to move flat sale at Patrapada Market, Bhubaneswar. 6370292040. D-69109

ଘରବାରି ପ୍ଲଟ ବିକ୍ରି ପାଇଁ ଜଗନ୍ନାଥ ମନ୍ଦିର ପୁରୀ ପାଖରେ ପଜେସନ୍ ସହିତ ମାତ୍ର ୬୫୦/ sqft. ମେଗା ସ୍କିମ୍‌ରେ ଆଉଟ୍‌ରେଟ୍/ଇନ୍‌ଷ୍ଟାଲମେଣ୍ଟ ସହିତ। ଯୋଗାଯୋଗ: 9090251001, 9778422710. D-17120

Plot for sale at Mahadev Nagar, Jharpada, Bhubaneswar. Contact: 7978751719. D-67548

2 Acres land for sale at Puri near Gundicha Temple at very low cost own land for sale. Contact: 9040085851, 9090251001. D-17121

Booking open for Duplex near ITER College, Jagamara, Bhubaneswar. Contact: 7978751719. D-67547

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft. road ଏବଂ ବାସଉପଯୋଗୀ plot ଦିଆଯାଉଅଛି sqft. 650/-, 7008045582, 9692003948. D-17117

**to-let**

2BHK ground floor at Saheed Nagar office/ storage purpose only- 7978275771. D-68073

3 bed 1700 SFT Independent Groundfloor parking Mahavir Nagar, Cuttack Road, Guesthouse/ Office. 8847882402, 8763862809. D-17118

1500 sqft. on Janpath mainroad for MNC, Corporate Office, Bank, Business near UCO Bank, Master Canteen, Bhubaneswar. Contact: Hindustan Jewellers- 9437033691. D-68341

**healthcare**

Monalisa International Massage Club: All types full body massage with hiprofile smart lady therapist. 9708545108. D-17115

Ayurvedic refreshment massage therapy refresh mind and body. Appointment: 7894855541. D-69301

Newly open full body massage by ladies, gents therapist. 8018656899 D-60878

Ayurvedic full body massage ladies/gents smart experts therapist:- 8480939300. D-68795

Fully body massage male to male home service available. 9090466257. D-17011

Full body herbal massage with refreshment expert therapist. 7381239385, 06742540855. D-69243

Experience full body massage with us (expert). Call: 7377048581, 06742597822. D-69244

Herbal full body massage by smart / expert therapist. Contact: 8338067247. D-69245

Experience winter therapeutic Abhyanga massage feeling refreshing energetic: Appointment- 9668374480. D-69246

Body massage @ 1099 at mystic Unisex Salon and Spa. 9556978408. D-69248

Rejuvenate and Ayurvedic full body massage by smart therapist. 9114402304. D-69247

**LOST**

The ROR of holding No. 27/73, Mouza- Taleibahal recorded in Subodh Satpathy, Ratnakara Satpathy and Sudhakara Satpathy. That the original Stamp paper issued by the Sub-registrar, Patnagarh is completely damaged/ eaten by white ant. D-17123

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I, Anita Ghadei, W/o- Ananda Ghadei, Vill/ PO- Mulabasanta, PS- Mahanga, Dist.- Cuttack. After marriage I changed my name Urmila Mandal to Anita Ghadei the Executive Magistrate, Mahanga on dtd. 09.01.2020. Urmila Mandal and Anita Ghadei is one and same person for LIC purpose. D-17116

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




# ରାସ୍ତାରେ ୧୦ ଫୁଟ୍‌ର ବଉଳା କୁମ୍ଭୀର

**ରାଜନଗର,୧୨।୩(ଡି.ଏନ.ଏ.):** କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଏକ ଜଙ୍ଗଲ ପାଖ ରାସ୍ତାରୁ ଗୁରୁବାର ଏକ ୧୦ ଫୁଟ୍ ଲମ୍ବର ମାଈ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ଖୋଲାରୁ ତାଳଚୁଆ ଜଙ୍ଗଲପାଖ ପୂର୍ତ୍ତ ବିଭାଗ ରାସ୍ତା ଦେଇ ଏକ ୪ ଚକିଆ ଗାଡି ଯାଉଥିବା ବେଳେ ଥାନପତି ନିକଟରେ ଚାଳକ ରାସ୍ତା ଉପରେ କୁମ୍ଭୀର ଦେଖି ଗାଡି ଅଟକାଇ ଥିଲେ। ଏହି ଖବର ସେ ସ୍ଥାନୀୟ ଅଧିବାସୀଙ୍କୁ ଜଣାଇଥିଲେ। ପରେ ଖବରପାଇ ବନବିଭାଗ କର୍ମଚାରୀମାନେ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରି ଭିତରକନିକା ମଧ୍ୟଦେଇ ପ୍ରବାହିତ ନଦୀରେ ଛାଡି ଦେଇଛନ୍ତି।

# ‘କେନ୍ଦୁପତ୍ର ତୋଳାଳି ପାଉ ନାହାନ୍ତି ପଇସା’

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

- ବିରୋଧୀ ଦଳ ନେତାଙ୍କ ଅଭିଯୋଗ
- ସମାଧାନର ପ୍ରତିଶ୍ରୁତି ଦେଲେ ଜଙ୍ଗଲମନ୍ତ୍ରୀ

କେନ୍ଦୁପତ୍ର ତୋଳାଳିଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ ମିଳୁନାହିଁ। ସେମାନେ ଯେତିକି ପାଉଣା ପାଇବା କଥା ତାହା ପାଉ ନାହାନ୍ତି। ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଅଛନ୍ତି। ସେହି ଗରିବ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିମାନଙ୍କ କଲ୍ୟାଣ ପାଇଁ ତୁରନ୍ତ ଅର୍ଥ ଖର୍ଚ୍ଚ କରନ୍ତୁ। ସରକାରଙ୍କ ପାଖରେ ୮୦ କୋଟି ଟଙ୍କା ଅଛି। ଏହାକୁ ସେମାନଙ୍କ ପାଇଁ ଖର୍ଚ୍ଚ କରାଯାଉ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଦାବି କରିଛନ୍ତି। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ, କେନ୍ଦୁପତ୍ର ତୋଳାଳି ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ। ଏହାଛଡ଼ା ସେମାନଙ୍କ ଅନ୍ୟ କୌଣସି ଆୟର ପନ୍ଥା ନାହିଁ। ସରକାର ସେମାନଙ୍କ ଟଙ୍କା ଦେଉ ନ ଥିବାରୁ ସେମାନେ ଝିଅ ବାହାଘର ଓ ଅନ୍ୟାନ୍ୟ କାର୍ଯ୍ୟ କରିପାରୁ ନାହାନ୍ତି। ଯେଉଁ ଅଫିସର କେନ୍ଦୁପତ୍ର ତୋଳାଳିଙ୍କ ଟଙ୍କା ଦେଉ ନାହାନ୍ତି ସେମାନଙ୍କ ବିରୋଧରେ ସରକାର କଡ଼ା ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ କିଶୋର ମହାନ୍ତି କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ କେନ୍ଦୁପତ୍ର ତୋଳାଳିମାନେ ଟଙ୍କା ପାଉ ନ ଥିବାରୁ ରାଜରାସ୍ତାକୁ ଓହ୍ଲାଇଲେଣି। ସରକାର ସେମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରନ୍ତୁ। ବିରୋଧୀ ଦଳ ନେତାଙ୍କ ଅଭିଯୋଗ ପରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଥିଲେ ଯେ, କେନ୍ଦୁପତ୍ରରୁ ଯେଉଁ ଅର୍ଥ ଆଦାୟ କରାଯାଉଛି ସେଥିରୁ ତୋଳାଳି ଓ ବନ୍ଧାଳିଙ୍କ କଲ୍ୟାଣ ପାଇଁ ଶତପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କେତେକ ସ୍ଥାନରେ କେନ୍ଦୁପତ୍ର ଉଠିନାହିଁ ଓ ତୋଳାଳିମାନେ ପଇସା ପାଇ ନାହାନ୍ତି। ସେ ବିଷୟରେ ବିଭାଗୀୟ ଅତିରିକ୍ତ ସଚିବ ଏବଂ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର)ଙ୍କୁ ଡାକି ଆଲୋଚନା କରି ଏହି ସମସ୍ୟାର ସମାଧାନ କରିବେ ବୋଲି ଆରୁଖ ପ୍ରତିଶ୍ରୁତି ଦେଇଛନ୍ତି।

# ଶ୍ମଶାନରୁ ନବଜାତ ଶିଶୁକନ୍ୟା ଉଦ୍ଧାର

**ବଅଁରପାଳ, ୧୨।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍‌କୋ ଥାନା ବଳରାମପ୍ରସାଦ ବସଲାସାହି ନିକଟରେ ଥିବା ଶ୍ମଶାନରୁ ସ୍ଥାନୀୟ ଲୋକେ ଗୁରୁବାର ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରିଛନ୍ତି। ଭୋର ସମୟରେ ଏକ ବ୍ୟାଗ ଶ୍ମଶାନରେ ପଡ଼ିଥିବା ବେଳେ ତା’ ଭିତରୁ ଶିଶୁର କ୍ରନ୍ଦନ ସ୍ୱର ଗ୍ରାମର ଜଣେ ବୃଦ୍ଧ ବ୍ୟକ୍ତି ଶୁଣିବାକୁ ପାଇଥିଲେ। ଏ ନେଇ ସେ ଗ୍ରାମରେ ଜଣାଇବା ପରେ ଜଣେ ମହିଳା ସାମାଜିକକର୍ମୀ ଶିଶୁକନ୍ୟାକୁ ଶ୍ମଶାନରୁ ଘରକୁ ଆଣିଥିଲେ। ପରେ ଖବରପାଇ ନାଲ୍‌କୋ ପୋଲିସ ଓ ଶିଶୁ ମଙ୍ଗଳ ବିଭାଗ କର୍ମଚାରୀମାନେ ପହଞ୍ଚି ଶିଶୁକନ୍ୟାକୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଥାନା ଅଧିକାରୀ ସରୋଜିନୀ ସାମ୍ଡା ସୂଚନା ଦେଇଛନ୍ତି।

# ନେମାଳ ପୀଠର ବିକାଶ ଲାଗି ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର,୧୨।୩(ବ୍ୟୁରୋ):** ପ୍ରସିଦ୍ଧ ନେମାଳ ପୀଠର ବିକାଶ ସମ୍ପର୍କରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ନେମାଳ ପଞ୍ଚାୟତର ଏହି ତୀର୍ଥସ୍ଥାନ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ପୀଠସ୍ଥଳୀ ଭାବେ ପରିଚିତ। ଅନେକେ ଏହାକୁ ପଦ୍ମବନ ଭାବେ ଅଭିହିତ କରିଛନ୍ତି। ବିଭିନ୍ନ ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରିଥିବା ଏହି ପୀଠକୁ ପର୍ଯ୍ୟଟକ, ଶ୍ରଦ୍ଧାଳୁଙ୍କ ଆଗମନ ଏବଂ ଏଠାରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣିରେ ଜନସମାଗମ ଆଦି ଦୃଷ୍ଟିରୁ ଏହି ପୀଠର ବିକାଶ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ଏହି ପୀଠ ଏବଂ ଏହାର ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ, ଜନସାଧାରଣଙ୍କ ସୁବିଧା, ଆନନ୍ଦ ବଜାରର ଉନ୍ନତୀକରଣ, ଆଲୋକୀକରଣ, ରହିବାର ବ୍ୟବସ୍ଥା ଆଦି ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ଆର୍ଥିକ ବ୍ୟବସ୍ଥା ସହିତ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବାକୁ ସ୍ଥିର ହୋଇଛି। ଏନେଇ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଚୂଡାନ୍ତ କରିବାକୁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି। ବିଧାନସଭାସ୍ଥିତ ମନ୍ତ୍ରୀ ଜେନାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଉକ୍ତ ବୈଠକରେ ଦେବୋତ୍ତର କମିଶନର, ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ, କଟକ ଉପଜିଲାପାଳ, ନିଶ୍ଚିନ୍ତକୋଇଲି ବ୍ଲକ ଚେୟାରମ୍ୟାନ ଅଶୋକ କୁମାର ଓଝା, ବିଡିଓ ଏବଂ କଟକ ଜିଲା ପର୍ଯ୍ୟଟନ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଓ ସ୍ଥାନୀୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ୨୯୪ କୋଟି ଟଙ୍କାର ଜିଏସ୍‌ଟି ଠକେଇ

## ରାଜଧାନୀରେ ବଡ଼ ର୍‌ୟାକେଟ

- ୧୧ ଜାଲ୍ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ
- ୨ଜଣଙ୍କୁ ଗିରଫ କଲା ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍

**ଭୁବନେଶ୍ୱର,୧୨।୩(ବ୍ୟୁରୋ):** ରାଜଧାନୀରେ ବଡ଼ଧରଣର ଜିଏସ୍‌ଟି ଠକେଇ। ଜାଲ୍ କମ୍ପାନୀ ମାଧ୍ୟମରେ ଚାଲିଥିବା ଏଭଳି ର୍‌ୟାକେଟକୁ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଧରିବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଦୁଇ ବ୍ୟବସାୟୀଙ୍କୁ ଗିରଫ କରାଯିବା ସହ ୨୯୪ କୋଟି ଟଙ୍କାର ଜାଲ ବିଲ୍‌ର ପର୍ଦ୍ଦାଫାଶ ହୋଇଛି। ଏହି ଜାଲ ବିଲ୍ ମାଧ୍ୟମରେ ୫୨.୭୬ କୋଟି ଟଙ୍କାର ଜାଲ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ୍ କରିଥିଲେ ଦୁଇ ଅଭିଯୁକ୍ତ। ସେମାନେ ହେଲେ ଭୁବନେଶ୍ୱର ଶୈଳଶ୍ରୀବିହାର ସାହୁ ଟ୍ରେଡ଼ର୍ସର ପ୍ରୋପ୍ରାଇଟର ପ୍ରମୋଦ କୁମାର ସାହୁ ଓ ପଟିଆର ବିକାଶ ସରାଓଗୀ। କଳାହାଣ୍ଡିର ୧୧ ଜଣ ଓ କନ୍ଧମାଳର କେତେଜଣ ନିରୀହ ଗାଁ ଲୋକଙ୍କ ନାଁରେ ଦୁଇ ଅଭିଯୁକ୍ତ ଜାଲ କମ୍ପାନୀ ସହ ଏକାଧିକ ଭୂତ ଆକାଉଣ୍ଟ ଖୋଲିଥିଲେ। ଲୁହା ଇନ୍‌ଗଟ, ଲୁହା ରଡ୍, ସ୍କ୍ରାପ ଆଦି ସାମଗ୍ରୀ ଉପରେ ଏହି ଠକେଇ କରାଯାଇଥିବା ନେଇ ଜିଏସ୍‌ଟି କମିଶନର ସୁଶିଲ କୁମାର ଲୋହାନୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଓଡିଶା ଜିଏସ୍‌ଟି ଆଇନ ୨୦୧୭ର ଧାରା ୬୯ ଅନୁଯାୟୀ ରାଜ୍ୟ ଜିଏସ୍‌ଟି ଆୟୁକ୍ତଙ୍କୁ ଦିଆଯାଇଥିବା କ୍ଷମତା ବଳରେ ଏହି ଠକେଇରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଧାରା୧୩୨(୧) ଆଧାରରେ ଗିରଫ କରାଯାଇଛି। ସନ୍ଦେହଯୁକ୍ତ ଓ୍ୱେବିଲ୍ କାରବାରକୁ ଯାଞ୍ଚ କରାଯିବା ସହ ଗୋଇନ୍ଦା ତଥ୍ୟ ସଂଗ୍ରହ ପରେ ୧୧ଟି ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଏକ ସମୟରେ ଚଢାଉ କରାଯାଇଥିଲା। ତେବେ ଏଗୁଡିକ ଭୂତ ବା ଜାଲ୍ ବ୍ୟବସାୟିକ ପ୍ରତିଷ୍ଠାନ ବୋଲି ଜଣାପଡ଼ିଛି। ବିଭିନ୍ନ ବ୍ୟାଙ୍କ୍‌ରେ ଏହି ଜାଲ୍ ପ୍ରତିଷ୍ଠାନ ନାମରେ ଆକାଉଣ୍ଟ ଖୋଲାଯାଇ ପ୍ରଚୁର ଅର୍ଥ କାରବାର କରାଯାଇଥିବା ତଦନ୍ତ ସମୟରେ ଜଣାପଡିଥିଲା। ତେବେ ଗିରଫ ଦୁଇ ଅଭିଯୁକ୍ତ ସରକାରୀ ଯୋଜନାରେ ସାମିଲ୍ କରିବାକୁ କହି କଳାହାଣ୍ଡି ଓ କନ୍ଧମାଳର ନିରୀହ ଲୋକଙ୍କଠାରୁ ପରିଚୟ ସମ୍ପର୍କିତ କାଗଜପତ୍ର ନେଇଥିଲେ। ସେଗୁଡିକୁ ଅପବ୍ୟବହାର କରି ଜିଏସ୍‌ଟି ପଞ୍ଜୀକରଣ କରିବା ସହ ବିଭିନ୍ନ ବ୍ୟାଙ୍କ୍‌ରେ କରେଣ୍ଟ ଆକାଉଣ୍ଟ ଖୋଲିଥିଲେ। ଏଥିସହ ୪୮.୫୮ କୋଟି ଟଙ୍କାର ଜାଲ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ବ୍ୟବହାର କରି ସେମାନେ ଖୋଲିଥିବା ଭୂତ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ନାମରେ ଜାଲ ବିଲ୍ ବଳରେ ଅନ୍ୟ ବ୍ୟବସାୟୀଙ୍କୁ ୫୨.୭୬ କୋଟି ଟଙ୍କାର ଜାଲ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ ହସ୍ତାନ୍ତର କରିଛନ୍ତି। ଭୂତ ଫାର୍ମଗୁଡିକର ପ୍ରୋପ୍ରାଇଟରମାନେ କୌଣସି ବ୍ୟବସାୟ କରି ନ ଥିବା କିମ୍ବା କିଣା ବିକା କରି ନ ଥିବା ସ୍ୱୀକାର କରିଥିଲେ। ରିଟର୍ନରେ ଦର୍ଶାଯାଇଥିବା କାରବାରଗୁଡିକ କେବଳ କାଗଜକଲମରେ ସୀମିତ ଥିଲା। ଚେକ ବୁକରେ ଓ ଆର୍‌ଟିଜିଏସ୍ ଫର୍ମରେ ଏହି ନିରୀହ ଲୋକଙ୍କଠାରୁ ଦସ୍ତଖତ ନେଇ ଅଭିଯୁକ୍ତମାନେ ବ୍ୟାଙ୍କ୍ କାରବାର କରିଥିଲେ।













କୌଣସି କାର୍ଯ୍ୟ ଭଲ ନୁହଁ କି ମନ୍ଦ ନୁହଁ। କିନ୍ତୁ ତୁମେ କେଉଁ ମନୋଭାବ ବା ପ୍ରେରଣା ନେଇ ସେ କାମଟି କରୁଛ– ତାରି ଉପରେ ଇ ସବୁ ଭଲମନ୍ଦ ନିର୍ଭର କରେ। -ଶ୍ରୀମା

# ୟେସ୍ ବିପର୍ଯ୍ୟୟ

ୟେସ୍ ବ୍ୟାଙ୍କ ହେଉଛି ଏକ ବୃହତ୍ ଆଧୁନିକ ଘରୋଇ ବ୍ୟାଙ୍କ। ୨୦୦୪ରେ ରାଣା କପୁରଙ୍କ ଦ୍ୱାରା ପ୍ରତିଷ୍ଠିତ ହେବା ପରଠାରୁ ଏକ ସଫଳ ଉଦ୍ୟୋଗରେ ପରିଣତ ହେବା ଲାଗି ଯାହା ଯାହା ଲକ୍ଷଣ ଦରକାର ସେସବୁ ଏଥିରେ ଦେଖିବାକୁ ମିଳୁଥିଲା। ପ୍ରାୟ ଦୁଇବର୍ଷ ପୂର୍ବ ପର୍ଯ୍ୟନ୍ତ ଏହା ଉଭୟ ନିବେଶକ ଓ ଗ୍ରାହକଙ୍କ ପ୍ରିୟ ଥିଲା। ଆଜି ବି ଏଥିରେ ଦୁଇଲକ୍ଷ କୋଟିରୁ ଅଧିକ ଟଙ୍କା ଜନସାଧାରଣ ଜମା ରଖିଛନ୍ତି। ବ୍ୟବସାୟର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଏହା ସଞ୍ଚୟ ବ୍ୟାଙ୍କ ଜମା ଉପରେ ଅଧିକ ସୁଧ ଦେବା ସହ ଗ୍ରାହକମାନଙ୍କୁ ବ୍ୟକ୍ତିଗତ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଉଥିଲା। ତେବେ ଏହାର ପତନ ଆରମ୍ଭ ହେଲା ସେତେବେଳେ, ଯେତେବେଳେ ଏହାର ଖାତାରେ ଖରାପ ଋଣର ପରିମାଣ ବଢ଼ି ବଢ଼ି ଚାଲିଲା। ବ୍ୟାଙ୍କ ଏହାର ଖରାପ ଋଣଜନିତ କ୍ଷତି ପରିଚାଳନା କରିବା ପାଇଁ ନଗଦ ପୁଞ୍ଜି ସଂଗ୍ରହ କରିବାରେ ବିଫଳ ହେଲା। ଏହାର ବର୍ତ୍ତମାନ ନିବେଶକ କିମ୍ବା ଅନ୍ୟ ସମ୍ଭାବ୍ୟ ବ୍ୟକ୍ତି ଏଥିରେ ଆଉ ଟଙ୍କା ନିବେଶ କରିବାକୁ ଆଗ୍ରହ ଦେଖାଇଲେ ନାହିଁ। ଏଣିକି ନିବେଶକମାନେ ସେମାନଙ୍କ ଆର୍ଥିକ କ୍ଷତି ସମ୍ଭାବନା ଦୂରକରିବା ପାଇଁ ବଣ୍ଡ୍ ଚୁକ୍ତିନାମା ଭଙ୍ଗେଇବାକୁ ଆରମ୍ଭ କଲେ। ତାଜା ପୁଞ୍ଜି ସୃଷ୍ଟି କରିବା ପାଇଁ ବ୍ୟାଙ୍କର ଉଦ୍ୟମ ଗତବର୍ଷ ମଧ୍ୟଭାଗରେ ବିଫଳ ହୋଇ ସତର୍କ ଘଣ୍ଟି ବଜାଇଥିଲା। ମୁଡିର ନିବେଶକ ସେବା ଡିସେମ୍ବର ୨୦୧୯ରେ ୟେସ୍ ବ୍ୟାଙ୍କର କ୍ରେଡିଟ୍ ରେଟିଂ ହ୍ରାସ କରି କହିଛି ଯେ, ନୂତନ ପୁଞ୍ଜି ସଂଗ୍ରହରେ ମନ୍ଥରତା ହେତୁ ଏହାର କାର୍ଯ୍ୟକ୍ଷମତା ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋଟାକ ମହୀନ୍ଦ୍ରା, ଲକ୍ଷ୍ମୀ ବିଳାସ ଆଦି ଅନ୍ୟ ଘରୋଇ ବ୍ୟାଙ୍କ ପ୍ରତିଯୋଗିତାମୂଳକ ସୁଧହାର ଓ ସେବା ପ୍ରଦାନ ଆରମ୍ଭ କରିଥିବାରୁ ୟେସ୍ ବ୍ୟାଙ୍କର ଅନେକ ଗ୍ରାହକ ଏହି ବ୍ୟାଙ୍କ ଛାଡ଼ି ଅନ୍ୟ ବ୍ୟାଙ୍କର ଗ୍ରାହକ ବନିଗଲେ। ୟେସ୍ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରିମାସୀରେ ୧୫୦୦ କୋଟି ଟଙ୍କାର କ୍ଷତି କରିବା ପରେ ଆର୍‌ବିଆଇକୁ ତତ୍ପରତା ପ୍ରକାଶ କରି ଏହାର ବୋର୍ଡରେ ଜଣେ ପଏଣ୍ଟ ମ୍ୟାନ୍‌ଙ୍କୁ ନିଯୁକ୍ତ କରିବାକୁ ପଡ଼ିଲା। ଜାନୁୟାରୀ ୨୦୧୯ରେ ରାଣା କପୁରଙ୍କୁ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ପଦରୁ ବିଦାହେବାକୁ ପଡ଼ିଲା କାରଣ ତାଙ୍କର କାର୍ଯ୍ୟକାଳ ବୃଦ୍ଧି ଲାଗି ବୋର୍ଡର ସୁପାରିସକୁ ଆର୍‌ବିଆଇ ପ୍ରତ୍ୟାଖ୍ୟାନ କରିଦେଲା। କପୁର ବିଦାହେବା ପରେ ବୋର୍ଡରେ ବିବାଦ ଦେଖାଦେଲା ଏବଂ ଏହାର ସଦସ୍ୟମାନେ ଦୁଇଟି ଗୋଷ୍ଠୀରେ ବିଭକ୍ତ ହୋଇଗଲେ: ଗୋଟିଏ କପୁରଙ୍କ ସପକ୍ଷ ଓ ଆଉ ଗୋଟିଏ ବିପକ୍ଷ ଗୋଷ୍ଠୀ। ଫଳରେ ରଣବୀର ସିଂ ଗିଲ୍ ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଦାୟିତ୍ୱ ନେବା ପରେ ମଧ୍ୟ ବ୍ୟାଙ୍କରେ ଏକପ୍ରକାର ଅଚଳାବସ୍ଥା ଦେଖାଦେଲା। ତେବେ ଏହି ଅଚଳାବସ୍ଥା ଗତ ସପ୍ତାହ ବେଳକୁ ତୀବ୍ରତର ହୋଇଥିଲା, ଯାହାଫଳରେ ଆର୍‌ବିଆଇ ଏହି ବ୍ୟାଙ୍କରୁ ଟଙ୍କା ଉଠାଣ ସୀମା ମାସିକ ସର୍ବାଧିକ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ସୀମିତ କରିଦେଲା। ଏକ ବିବାଦୀୟ ପଦକ୍ଷେପ ସ୍ୱରୂପ ଏସ୍‌ବିଆଇ ଏହି ବ୍ୟାଙ୍କକୁ ୧୦,୦୦୦ କୋଟି ଟଙ୍କା ଦେଇ ବିପର୍ଯ୍ୟୟରୁ ଉଦ୍ଧାର କରିବାକୁ ରାଜି ହୋଇଛି। ଉକ୍ତ ଟଙ୍କା ଉଠା କଟକଣା ମାସକ ଭିତରେ ଉଠାଇ ଦିଆଯିବ ବୋଲି ଆର୍‌ବିଆଇ ଓ ଏସ୍‌ବିଆଇ ଘୋଷଣା କରିଛନ୍ତି।

ଆଜିର ଅର୍ଥନୀତି

ଭାରତରେ ବ୍ୟାଙ୍କଗୁଡ଼ିକର ବିଫଳତା ନୂଆ ନୁହେଁ। ଅତୀତରେ ଏମିତି ଅନେକ ଘଟଣା ଘଟିଛି। ମାତ୍ର କେଇ ମାସ ତଳେ ପଞ୍ଜାବ ଓ ମହାରାଷ୍ଟ୍ର ସମବାୟ ବ୍ୟାଙ୍କକୁ ଦେବାଳିଆ ଘୋଷଣା କରାଯାଇଥିଲା। ଏହାର କେତେ ବର୍ଷ ପୂର୍ବରୁ ଗ୍ଲୋବାଲ ଟ୍ରଷ୍ଟ ବ୍ୟାଙ୍କ ମଧ୍ୟ ଗ୍ରାହକଙ୍କ ବିଶ୍ୱାସ ହରାଇଥିଲା। ତେବେ ବର୍ତ୍ତମାନ ଘଟଣାର ଏକ ଗୁରୁତ୍ୱ ରହିଛି କାରଣ ୟେସ୍ ବ୍ୟାଙ୍କ ଏକ ବୃହତ୍ ବ୍ୟାଙ୍କ ଯାହାର ସାରା ଭାରତରେ ଉପସ୍ଥିତି ରହିଛି। ଘରୋଇ ବ୍ୟାଙ୍କଗୁଡ଼ିକ ଭିତରେ ଏହା ହେଉଛି ପଞ୍ଚମ ବୃହତ୍ତମ ଋଣପ୍ରଦାନକାରୀ ବ୍ୟାଙ୍କ। ୟେସ୍ ବ୍ୟାଙ୍କର ବିଫଳତା ଘରୋଇ ବ୍ୟାଙ୍କଗୁଡ଼ିକର ନିୟନ୍ତ୍ରଣ ଉପରେ ସନ୍ଦେହ ସୃଷ୍ଟି କରିବା ସହ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ଉପରୁ ଜନସାଧାରଣଙ୍କ ବିଶ୍ୱାସ ନଷ୍ଟ କରୁଛି। ଆମ ଦେଶରେ ବ୍ୟାଙ୍କିଙ୍ଗ୍ ସଂସ୍କାର କ୍ଷେତ୍ରରେ କେବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଉଛି। ଆର୍‌ବିଆଇ ଦ୍ୱାରା ଘରୋଇ ବ୍ୟାଙ୍କଗୁଡ଼ିକର ଠିକ୍ ଭାବେ ନିୟନ୍ତ୍ରଣ କରାଯାଉ ନାହିଁ। ୟେସ୍ ବ୍ୟାଙ୍କର କର୍ପୋରେଟ୍ ଗଭର୍ନାନ୍ସରେ ସାଂଘାତିକ ବିଫଳତା ରହିଥିଲା। ନିର୍ଦ୍ଦେଶକମାନେ ଆସୁଥିଲେ ଓ ଯାଉଥିଲେ। କିନ୍ତୁ ବ୍ୟାଙ୍କର ଦୋଷଦୁର୍ବଳତା ଯେମିତିକୁ ସେମିତି ରହିଥିଲା। ସ୍ୱଚ୍ଛତାର ଘୋର ଅଭାବ ରହିଥିଲା। ନିର୍ଦ୍ଦେଶକମାନଙ୍କଠାରୁ ସତ୍ୟ ଓ ତଥ୍ୟ ଲୁଚାଯାଉଥିଲା। ନିର୍ଦ୍ଦେଶକମାନେ ବି ସେମାନଙ୍କୁ ଦିଆଯାଉଥିବା ତଥ୍ୟ ଠିକ୍ କି ଭୁଲ୍ ପରଖିବାକୁ ଚେଷ୍ଟା କରୁ ନ ଥିଲେ। ରାଣା କପୁର ବ୍ୟାଙ୍କକୁ ନିଜ ଜମିଦାରି ଭାବୁଥିଲେ। ଡିଏଚ୍ଏଫ୍ଏଲ୍, ଅନିଲ ଅମ୍ବାନୀ ଗ୍ରୁପ୍ କମ୍ପାନିଜ୍, ସୁଭାଷ ଚନ୍ଦ୍ରଙ୍କ ଏସେଲ ଗ୍ରୁପ୍ ପରି ସନ୍ଦେହପୂର୍ଣ୍ଣ ସଂସ୍ଥାଗୁଡ଼ିକୁ ଋଣ ଦେଇଥିଲେ। ଲାଞ୍ଚ କାରବାର ହେଉଥିବାର ମଧ୍ୟ ଖବର ରହିଛି। ଗ୍ରାହକମାନେ ଚାହୁଁଛନ୍ତି, ବ୍ୟାଙ୍କ ଖାତାଗୁଡ଼ିକର ଠିକ୍ ଭାବେ ତଦନ୍ତ କରାଯାଉ ଏବଂ ଏଥିରେ କାହାରି ହସ୍ତକ୍ଷେପ ନ ରହୁ। ବ୍ୟାଙ୍କଗୁଡ଼ିକରେ ସର୍ବୋଚ୍ଚ ସ୍ତରରେ ଦୁର୍ନୀତି ହେବା ନୂଆ କଥା ନୁହେଁ। ଗତବର୍ଷ ଆମେ ଆଇସିଆଇସିଆଇ ବ୍ୟାଙ୍କର ସିଇଓ ତଥା ପରିଚାଳନା ନିର୍ଦ୍ଦେଶିକା ଚନ୍ଦା କୋଚରଙ୍କ ବଦମାସି ଦେଖିଛୁ। ତେଣୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ପରି ଘରୋଇ ବ୍ୟାଙ୍କଗୁଡ଼ିକର ମଧ୍ୟ ଠିକ୍ ଭାବେ ମନିଟର କରାଯିବା ଦରକାର, ଯାହାଫଳରେ ସେମାନଙ୍କର ଅସାଧୁ କାରବାରକୁ ରୋକାଯାଇପାରିବ ଏବଂ ସେମାନଙ୍କୁ ନିୟମିତ ଭାବେ ସେମାନଙ୍କର ସମ୍ପତ୍ତି, ଦେଣା, ବିପଦର ମୂଲ୍ୟାଙ୍କନ ଓ ଭବିଷ୍ୟତ ଆକଳନ ବିଷୟରେ ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିବାକୁ କୁହାଯିବା ଦରକାର। ଘରୋଇ ବ୍ୟାଙ୍କଗୁଡ଼ିକର କର୍ପୋରେଟ୍ ଗଭର୍ନାନ୍ସ ଯେପରି ଠିକ୍ ଭାବରେ ଚାଲେ ଆର୍‌ବିଆଇ ତାହା ସୁନିଶ୍ଚିତ କରିବା ଆବଶ୍ୟକ।

# ଋଣ ଏକ ଧାରୁଆ ଅସ୍ତ୍ର



ନଟବର ଖୁଣ୍ଟିଆ

ଋଣକରି ବିକାଶକୁ ତ୍ୱରାନ୍ୱିତ କରିବା ପ୍ରକ୍ରିୟା ଆଜିର ନୁହେଁ–ମଣିଷ ସଭ୍ୟତା ଆରମ୍ଭରୁ ଏହା ରହିଆସିଛି। ପ୍ରାଚୀନ ଗ୍ରୀସ୍ ଓ ରୋମ୍ ସଭ୍ୟତା କଥା କୁହନ୍ତୁ ଅବା ଭାରତୀୟ ବୈଦିକ ସଭ୍ୟତା, ଋଣପ୍ରଥା ସେସବୁ ସଭ୍ୟତାରେ ଥିଲା। କୌଟିଲ୍ୟ ତାଙ୍କ ଅର୍ଥଶାସ୍ତ୍ରରେ ଋଣ ନେଣ–ଦେଣର ନିୟମାବଳୀ ପ୍ରଣୟନ କରିଛନ୍ତି। ବ୍ରିଟିଶମାନେ ଭାରତ ଦଖଲ କଲା ପରେ ବ୍ୟାଙ୍କିଙ୍ଗ୍ ସେବାର ସମ୍ପ୍ରସାରଣ କରି ଋଣ ନେଣ–ଦେଣକୁ ତ୍ୱରାନ୍ୱିତ କଲେ। ସ୍ୱାଧୀନତୋତ୍ତର ଭାରତରେ ଋଣ ଆଦାନପ୍ରଦାନ ପ୍ରକ୍ରିୟାକୁ ବିବିଧୀକରଣ କରାଯାଇ ଅନେକ ଆନୁଷ୍ଠାନିକ ଋଣ ପ୍ରଦାନକାରୀ ସଂସ୍ଥା ସୃଷ୍ଟିହେଲା।

ଋଣ କିଏ କରେ, କାହିଁକି କରେ, ଆଉ ଋଣ ଦିଏ କିଏ ?

ବ୍ୟକ୍ତିବିଶେଷ, ବାଣିଜ୍ୟ ବ୍ୟବସାୟ ଅନୁଷ୍ଠାନ, ଶିଳ୍ପପତି ଆଦି ଋଣ କରନ୍ତି। ଯେଉଁମାନେ ଋଣ କରନ୍ତି ସେମାନଙ୍କ ନିକଟରେ ଜ୍ଞାନକୌଶଳ ଓ ପରିଚାଳନା ଦକ୍ଷତା ଥାଏ। ଋଣ ନେଇ ତାକୁ ଠିକ୍ ଉପଯୋଗ କରି ଲାଭ କରିବା ପାଇଁ। ଲାଭରୁ କିଛି ଅଂଶ ନିଜର ପୁଞ୍ଜି ବୃଦ୍ଧିରେ ବିନିଯୋଗ କରନ୍ତି ଆଉ କେତେକ ଅଂଶ ଋଣର କିସ୍ତି ଓ ସୁଧ ପରିଶୋଧରେ ବ୍ୟୟ କରନ୍ତି। ଯେଉଁମାନେ ଋଣ ଦିଅନ୍ତି ସେମାନଙ୍କ ପାଖରେ ନିଜର ଆବଶ୍ୟକତା ଅନୁସାରେ ଅଧିକ ପୁଞ୍ଜି ଥାଏ। ସେହି ପୁଞ୍ଜିକୁ ବିନିଯୋଗ କରିବାକୁ ସେମାନଙ୍କର ଆବଶ୍ୟକ ଜ୍ଞାନକୌଶଳ ନ ଥାଏ କି ପରିଚାଳନା ଦକ୍ଷତା ନ ଥାଏ। ସେମାନେ ବଳକା ପୁଞ୍ଜିକୁ ଋଣ ଆକାରରେ ଦିଅନ୍ତି ଏବଂ ମୂଳଧନ ସହ ସୁଧ ପାଇ ନିଜର ଆୟ ବଢ଼ାନ୍ତି। ସୁତରାଂ ଋଣ ଦାନ ପ୍ରକ୍ରିୟା ଋଣ ଗ୍ରହୀତା ଓ ଋଣ ଦାନକାରୀର ଆର୍ଥିକ ଅଭିବୃଦ୍ଧି ଘଟାଏ। କିନ୍ତୁ ଋଣ ହେଉଛି ଏକ ଧାରୁଆ ଅସ୍ତ୍ର। ଏହାର ଠିକ୍ ଉପଯୋଗ ହେଲେ ଜଣଙ୍କର ଅର୍ଥନୈତିକ ବିକାଶ ପଥରେ ଥିବା ସମସ୍ୟାକୁ କାଟି ଫୋପାଡି ଦିଏ–ଲାଭବାନ କରାଏ କିନ୍ତୁ ଏହାର ଉପଯୁକ୍ତ ବ୍ୟବହାର ନ ହେଲେ ସେ ତଣ୍ଟିକାଟି ଋଣ ଗ୍ରହୀତାଙ୍କୁ ରକ୍ତଶୂନ୍ୟ କରିଦିଏ– ସେ ଦେବାଳିଆ ହୋଇଯାଏ।

ଏବେ କେବଳ ବ୍ୟକ୍ତିବିଶେଷ ଓ ବାଣିଜ୍ୟ ବ୍ୟବସାୟରେ ଅନୁଷ୍ଠାନମାନେ ଋଣ କରୁନାହାନ୍ତି। ରାଜ୍ୟ ସରକାରମାନେ ଓ କେନ୍ଦ୍ର ସରକାର ମଧ୍ୟ ଋଣ କରୁଛନ୍ତି। ସରକାରମାନେ ଟିକସ ଓ ଅଣଟିକସରୁ ଯାହା ଆୟ କରୁଛନ୍ତି, ତାକୁ କର୍ମଚାରୀମାନଙ୍କ ବେତନ, ପେନ୍‌ସନ, ଜନମଙ୍ଗଳକାରୀ ଯୋଜନା–ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟ କଲା ପରେ ବେଶୀ କିଛି ଅର୍ଥ ସରକାରଙ୍କ ପାଖରେ ରହୁନାହିଁ ଦୀର୍ଘମିଆଦୀ ଭିତ୍ତିଭୂମି ସୃଷ୍ଟିକରି ସେଥିରୁ ବାରମ୍ବାର ଆୟକରି ରାଜକୋଷକୁ ପୁଷ୍ଟ କରିବା ପାଇଁ। ସେଥିପାଇଁ ସରକାରମାନେ ମଧ୍ୟ ଋଣ କରୁଛନ୍ତି। ସରକାର ଲଗାମଛଡା ଭାବେ ଋଣ କରି ଯେପରି ଦେବାଳିଆ ହୋଇ ନ ଯାଆନ୍ତି, ସେଥିପାଇଁ ଏକ ଆଇନ ଏଫ୍‌ଆର୍‌ବିଏମ୍ ଗୃହୀତ ହୋଇଛି। ଏହି ଆଇନରେ କୌଣସି ସରକାର ତା’ର ମୋଟ ଘରୋଇ ଉତ୍ପାଦର ୨୫ ପ୍ରତିଶତରୁ ଅଧିକ ଋଣ କରିପାରିବ ନାହିଁ। ଏହା ହେଉଛି ଋଣ କରିବାର ଲକ୍ଷ୍ମଣରେଖା।

ଓଡ଼ିଶା ରାଜ୍ୟ ବଜେଟ ଗତ ଫେବୃୟାରୀ ୧୮ ତାରିଖରେ ୨୦୨୦–୨୧ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବିଧାନସଭାରେ ଆଗତ ହୋଇଛି। ମୋଟ ବ୍ୟୟବରାଦ ହୋଇଛି ୧ ଲକ୍ଷ ୫୦ ହଜାର କୋଟି ଟଙ୍କା। ଏହି ବ୍ୟୟକୁ ମେଣ୍ଟାଇବା ପାଇଁ ସରକାରଙ୍କ ଟିକସ ଓ ଅଣଟିକସ ଆୟ ପରେ ଆହୁରି ୨୫,୪୫୦ କୋଟି ଟଙ୍କା ବିଭିନ୍ନ ସୂତ୍ରରୁ ଋଣ ଆକାରରେ ଆଣିବେ। ଆକଳନ କରାଯାଇଛି ୨୦୨୦–୨୧ ବର୍ଷ ଶେଷକୁ ମୋଟ ଋଣ ପରିମାଣ ରାଜ୍ୟର ହେବ ୧ ଲକ୍ଷ ୧୩ ହଜାର ୨୩୭ ଟଙ୍କା, ଆଉ ଏହା ହେବ ଆକଳିତ ମୋଟ ରାଜ୍ୟ ଘରୋଇ ଉତ୍ପାଦର ୧୯ ପ୍ରତିଶତ। ଏହା ଏଫ୍‌ଆର୍‌ବିଏମ୍ ଆଇନ ସୀମା ମଧ୍ୟରେ ଅଛି ବୋଲି ସରକାର ଦାବିକରି ଋଣ ପାଇଁ କୌଣସି ଉଦ୍‌ବେଗ ପ୍ରକାଶ କରିବାର ଆବଶ୍ୟକତା ନାହିଁ ବୋଲି ବାରମ୍ବାର କହୁଛନ୍ତି।

ଇଆଡେ ବିରୋଧୀ ଦଳମାନେ, କେତେଜଣ ବୁଦ୍ଧିଜୀବୀ ଓ ଅର୍ଥମନ୍ତ୍ରୀମାନେ ଓଡ଼ିଶା ସରକାର ଋଣକରି ଚାଲୁଥିବାରୁ ସମାଲୋଚନା କରୁଛନ୍ତି। ସେମାନେ କହନ୍ତି, ଋଣର ସୀମା ଆଇନର ଲକ୍ଷ୍ମଣରେଖା ମଧ୍ୟରେ ଥିଲେ ମଧ୍ୟ ଋଣର ଠିକ୍ ଉପଯୋଗ ହେଉନାହିଁ। ସରକାର ନିଜ ଆୟର ପ୍ରାୟ ସମସ୍ତ ଭାଗ ଋଣ ଅଣଉତ୍ପାଦନମୂଳକ କାମରେ ଲଗାଇଛନ୍ତି। ଅନେକ ଶସ୍ତା ଲୋକପ୍ରିୟ ଯୋଜନାରେ ଖର୍ଚ୍ଚ କରୁଛନ୍ତି ଯାହା ଦୀର୍ଘମିଆଦୀ ସମ୍ପତ୍ତି ସୃଷ୍ଟି କରୁନାହିଁ।

ସ୍କୁଲରେ ଶିକ୍ଷକ ପାଠ ପଢ଼ାଇବାକୁ ନ ଥିଲା ବେଳେ ସାଇକେଲ, ଲାପ୍‌ଟପ୍ ଦେବାରେ ଯଥାର୍ଥତା କାହିଁ ? ପାଞ୍ଚଟଙ୍କିଆ ମିଲ୍‌କୁ ଯେଉଁମାନେ ଖାଉଛନ୍ତି ସେମାନେ କ’ଣ ପ୍ରକୃତ ଗରିବ ? ଅନୁଧ୍ୟାନ କଲେ ଜଣାଯିବ ଯେ ସେମାନଙ୍କ ମଧ୍ୟରୁ ଅନେକ ଥିଲାବାଲା ଲୋକେ ଖାଉଛନ୍ତି। ମୋବାଇଲ ଫୋନ୍ ଚାଷୀ ଓ ମହିଳାମାନଙ୍କୁ ମାଗଣାରେ ଦେଇ କ’ଣ ସେମାନଙ୍କର ଆୟ ବଢ଼ାଉଛନ୍ତି ? କମ୍ବଳ, ଛତା, ଜୋତା, ଚଷମାର କି ଆବଶ୍ୟକତା ଅଛି। ବିଧାୟକ ହାତପାଣ୍ଠିକୁ ୧ କୋଟି ଟଙ୍କାରୁ ୩ କୋଟି ଟଙ୍କାକୁ ବୃଦ୍ଧି କରିବା କ’ଣ ଅର୍ଥନୀତିକୁ ଚଳଚଞ୍ଚଳ କରିବ। ସମସ୍ତେ ଜାଣନ୍ତି ଏହାର ଉପଯୋଗ କିପରି ହେଉଛି– ମୁଖ୍ୟତଃ ଭୋଟ୍ ବ୍ୟାଙ୍କ ସୃଷ୍ଟି ପାଇଁ। ଆମର ଯେଉଁସବୁ ଯୋଜନାରେ ବ୍ୟୟବରାଦ ହେଉଛି ତାହା ଆବଶ୍ୟକତାଠାରୁ ଅଧିକ ବୋଲି ଏକ ଖୋଲା ସତ୍ୟ।

ଋଣ ସ୍ଥିତିକୁ ନେଇ ରାଜ୍ୟର ମୁଦ୍ରଣ, ସାମାଜିକ ଓ ବୈଦ୍ୟୁତିକ ଗଣମାଧ୍ୟମରେ ଏକ ରୋଚକ କଥା ଏବେ ଆଲୋଚନା ହେଉଛି। ଜଣେ ପ୍ରତିଷ୍ଠିତ ଲେଖକ ସ୍ତମ୍ଭକାର ଓ ବରିଷ୍ଠ ଅଧ୍ୟାପକ ରାଜ୍ୟର ଋଣ ଭାରକୁ ଦେଖି ଉଦ୍‌ବେଗ ପ୍ରକାଶକରି ରାଜ୍ୟର ମୁଣ୍ଡ ପିଛା ଋଣଭାର ୧୮,୫୦୦ ଟଙ୍କା, ସେହି ପରିମାଣର ଏକ ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପଠାଇଛନ୍ତି। ସେ ଏକ ବୈଦ୍ୟୁତିକ ଗଣମାଧ୍ୟମରେ କହୁଥିଲେ, ସେ ସରକାରଙ୍କୁ ସମାଲୋଚନା କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ଜଣେ ନୂତନ ଯୋଜନା କାର୍ଯ୍ୟକାରୀ କରିବାରେ ଅଗ୍ରଣୀ ନେତା। ଏହି ଚେକ୍ ଦେବାର ଉଦ୍ଦେଶ୍ୟ ହେଲା ମୁଖ୍ୟମନ୍ତ୍ରୀ ଏକ ଋଣ ପରିଶୋଧ ପାଣ୍ଠି ଗଠନ କରନ୍ତୁ ଆଉ ଏହି ପାଣ୍ଠିକୁ ଲୋକେ ଅର୍ଥ ଦିଅନ୍ତୁ। ସେହି ପାଣ୍ଠିରୁ ଋଣ ପରିଶୋଧ ହେବ। ଋଣ ପରିଶୋଧ କରିବା ପାଇଁ ବଜେଟରେ ବ୍ୟବସ୍ଥା ଅଛି–ଋଣ ପରିଶୋଧ ପାଣ୍ଠି ଗଠନ କରିବା ଏକ ଅବାନ୍ତର କଥା। ସର୍ବସାଧାରଣଙ୍କଠାରୁ ଟିକସ ମାଧ୍ୟମରେ ସରକାର ଅର୍ଥ ସଂଗ୍ରହ କରି ଋଣ ପରିଶୋଧ କରିଥାନ୍ତି। ଋଣ ପରିଶୋଧ ମୁଖ୍ୟମନ୍ତ୍ରୀ ଅବା ଅନ୍ୟ ମନ୍ତ୍ରୀ ନିଜ ନିଜ ଆକାଉଣ୍ଟରୁ କରନ୍ତି ନାହିଁ। ଋଣ ବୃଦ୍ଧିର ପ୍ରକୃତ କାରଣକୁ ନ ଯାଇ ଚେକ୍ କାଟିବା ଦ୍ୱାରା ସାମାଜିକ ଗଣମାଧ୍ୟମରେ ବାହାବା ନେବାର ପ୍ରୟାସ କରିଛନ୍ତି ବୋଲି ପ୍ରତୀୟମାନ ହେଉଛି। ଚାଷୀର ଆୟ ଓ ସରକାରୀ କର୍ମଚାରୀଙ୍କ ଆୟ ମଧ୍ୟରେ ଯେଉଁ ବୈଷମ୍ୟ ଅଛି ତା’ ଉପରେ ଅଧ୍ୟାପକ ଜଣକ ବୌଦ୍ଧିକ ଆଲୋଚନା କରିଥିଲେ ପ୍ରାସଙ୍ଗିକ ହୋଇଥାନ୍ତା।

ତୋଷାଳି ଆପାର୍ଟମେଣ୍ଟ, ସତ୍ୟନଗର,
ଭୁବନେଶ୍ୱର, ମୋ–୯୯୩୭୯୫୧୨୬୨

# ଏପାରି–ସେପାରି



ତୁଳସୀଦାସ ମିଶ୍ର

ରାଜନୀତି ଆଙ୍ଖା ଏପାରି–ସେପାରି କଥା। ଏପାରି ମାନେ ସରକାର ଏବଂ ସେପାରି ମାନେ ବିରୋଧୀ। ଆଉ ଆମ ରାଜନେତାମାନଙ୍କ ହିସାବ ବି ଅତି ସହଜ ଓ ସରଳ। ଏପାରିରେ ସରକାରରେ ଥିଲେ ଖୋଳ କର, ସେପାରିରେ ବିରୋଧୀରେ ବସିଲେ ଗୋଳ କର। ଆଉ ଘେରାଏ ଋଣ କରି ଯେଉଁଠି ସରକାର କହିବେ ଆମେ ଲୋକଙ୍କ ସେବା ପାଇଁ ଋଣ କରୁଛୁ, ସେଇଠି ବିରୋଧୀ କହିବେ ସରକାର ରାଜ୍ୟ ବା ଦେଶର ଲୋକଙ୍କୁ ଋଣଯନ୍ତାରେ ଫସେଇ ଦେଲେଣି। ମନ୍ତ୍ରୀଙ୍କ ନାଁରେ ଦୁର୍ନୀତି ଅଭିଯୋଗ ଆସିଲେ ସେ କହିବେ ମୋତେ ଫସେଇ ଦିଆହୋଇଛି। ଏଇଟା ବିରୋଧୀଙ୍କ ଷଡ଼ଯନ୍ତ୍ର। ସେଇଠି ବିରୋଧୀ ଦଳ କହିବେ ମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀ ମଧ୍ୟ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ। ଏ ବାକ୍ୟ ଯୁଦ୍ଧରେ କେବେ କେବେ ବିରୋଧୀ ନୟାନ୍ତ ଏବଂ ନିରସ୍ତ୍ର ହୁଅନ୍ତି ତ ଆଉ କେବେ ମନ୍ତ୍ରୀ ପଦ ହରାନ୍ତି, ସରକାର ବି ଭାଙ୍ଗେ।

ଏବେ ଆମ ଦେଶର ରାଜନୀତି ଏକ ରୋଚକ କାଳଖଣ୍ଡ ଦେଇ ଗତିକରୁଛି। ଏ ଯେମିତି କେନ୍ଦ୍ର ଏବଂ କିଛି ରାଜ୍ୟରେ ଯଦି ନାରଙ୍ଗୀ ସରକାର ତ ବାକି ରାଜ୍ୟମାନଙ୍କରେ ସପ୍ତରଙ୍ଗୀ ସରକାର ଶାସନ କରୁଛନ୍ତି, ଯେଉଁଥିପାଇଁ ଏପାରି–ସେପାରି ଖେଳ ବେଶ୍ ଆମୋଦଦାୟକ ପ୍ରତୀତ ହେଉଛି।

ଏ ଯେମିତି କେନ୍ଦ୍ର ସରକାରଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରି ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଏବଂ କର୍ନାଟକ ସରକାର ସିଏଏ, ଏନ୍‌ପିଆର୍, ଏନ୍‌ଆର୍‌ସିକୁ ରାଜ୍ୟରେ ଲାଗୁ କରିବାକୁ ତତ୍ପରତା ପ୍ରକାଶ କରିଛନ୍ତି। ସେଇଠି କିନ୍ତୁ ମଧ୍ୟପ୍ରଦେଶ, ଛତିଶଗଡ, ରାଜସ୍ଥାନ ଏବଂ କେରଳ ସରକାର ବିରୋଧ କରି ସଙ୍କଳ୍ପନାମା ପାରିତ କରିଛନ୍ତି। ଆଉ ପଶ୍ଚିମବଙ୍ଗ ସରକାର ତ ଏ ତ୍ରିଶୂଳିଆ ଆଇନକୁ କେବଳ ତ୍ରିଶଙ୍କୁ କରିବାକୁ ଚାହୁଁନାହାନ୍ତି, ତତ୍‌ସଙ୍ଗେ ଏହାର ସପକ୍ଷବାଦୀଙ୍କୁ ମାୟାମମତା ଛାଡି ତୃଣମୂଳ ସ୍ତରରେ ନିର୍ମୂଳ କରିବାକୁ ବଦ୍ଧପରିକର।

ଉପରୋକ୍ତ ପ୍ରସଙ୍ଗମାନଙ୍କୁ ନେଇ ଓଡ଼ିଶା ସରକାରଙ୍କ ଆଭିମୁଖ୍ୟ କିନ୍ତୁ ପ୍ରଶଂସନୀୟ। କେବଳ ଉଚ୍ଚାରଣ ନୁହେଁ, ଆଚରଣରେ ମଧ୍ୟ ନବୀନ ପଟ୍ଟନାୟକ କେନ୍ଦ୍ର ଏବଂ ବାକି ବିରୋଧୀଙ୍କଠାରୁ ସମଦୂରତ୍ୱ ଅବଲମ୍ବନ କରୁଛନ୍ତି। ତାଙ୍କ ସରକାର ଯଦି ସପକ୍ଷବାଦୀମାନଙ୍କୁ ହାତ କରୁନି, ବିପକ୍ଷପନ୍ଥୀଙ୍କୁ ଆଡ଼ ବି କରୁନି। ତେବେ ଏଠି କିନ୍ତୁ ବାକି ବିଷୟକୁ ନେଇ ଶଙ୍ଖ ଦଳର ବିରୋଧୀ ପଦ୍ମ ଏବଂ ହାତ ଦଳ ସାଙ୍ଗରେ ଏପାରି–ସେପାରି ବାଦୀପାଲା ଖୁବ୍ ଜମେ। ଏ ଯେମିତି ଏ ବର୍ଷର କେନ୍ଦ୍ରର ରେଳ ବଜେଟକୁ ନେଇ ପଦ୍ମଦଳ ଖୁବ୍ ପ୍ରଶଂସା କଲେ। କିନ୍ତୁ ଶଙ୍ଖ ଦଳ କହିଲେ ଯେତେ ରିଚାର୍ଜ କରୁଛୁ ସେତେ ‘ଟକ୍ ଟାଇମ୍’ ପାଉନୁ। ମାନେ ଯେତେ ରାଜସ୍ୱ ଦେଉଛୁ ସେଇ ଅନୁପାତରେ ରାଜ୍ୟକୁ ଅନୁଦାନ ଫେରୁନି। ଯୋଜନାଗୁଡ଼ିକର ଫାଇଦା ଏବଂ ବାହାଦୁରି ନେବା ପାଇଁ ମଧ୍ୟ ଏପାରି–ସେପାରି ମଧ୍ୟରେ କାଦୁଅ ଫିଙ୍ଗା ଏବଂ କଳି ଝଗଡ଼ା ହୁଏ। ଖାଲି ସେତିକି ନୁହେଁ କେନ୍ଦ୍ରର ପଦ୍ମ ପ୍ରତିନିଧି ହିସାବରେ କଥାକଥାରେ ଓଡ଼ିଆ ପୁଅ ‘ମନ୍ତ୍ରୀ ପ୍ରଧାନ’ ‘ପ୍ରଧାନମନ୍ତ୍ରୀ’ଙ୍କୁ କୃତଜ୍ଞତା ଜଣାଇ ପ୍ରଶଂସାରେ ପୋତି ଦିଅନ୍ତି। ସେଇଠି ଓଡ଼ିଶାର ସରକାରୀ ଦଳ ବି ସମୂହ ଶଙ୍ଖବାଦନ କରି ପ୍ରେରଣାର ଉତ୍ସ, ରାଜନୈତିକ ବିସ୍ମୟ, ଉଦାର ହୃଦୟ କହି ନବୀନଙ୍କ ଜୟଗାନ କରନ୍ତି।

କେବେ କିନ୍ତୁ କି ଏପାରି କି ସେପାରି, ଭିତରେ ଭିତରେ ମତାନ୍ତରର ଘାଇଟିଏ ସୃଷ୍ଟି ହୁଏ, ଯାହାକୁ ଦଳକନ୍ଦଳ କୁହାଯାଏ। ଏ ଯେମିତି କେବେକେବେ ସୁବ୍ରମଣ୍ୟମ୍ ସ୍ୱାମୀ ସରକାରରେ ଥାଇ ବି ଶାସକଙ୍କୁ କଟାକ୍ଷରେ ଘାଇଲା କରନ୍ତି। ଠିକ୍ ସେମିତି କିଛିଦିନ ତଳେ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟ ନିଜ ଦଳର ମୁଖ୍ୟମନ୍ତ୍ରୀ କମଲନାଥଙ୍କୁ ବିରୋଧ କରି ରାଜରାସ୍ତାକୁ ଓହ୍ଲେଇବାର ଚେତାବନୀ ଦେଲେ। ଆଉ ଥରେ ସେମିତି ସପରିବାର ପ୍ରଧାନମନ୍ତ୍ରୀଙ୍କୁ ଯାଇ ସାକ୍ଷାତ୍ କରିବାରୁ, କମଲନାଥ କାଳେ ନାମ ସଙ୍ଗେ କାମରେ ବି ପଦ୍ମଧର୍ମୀ ଦେଇ ଯିବେକି ଆଶଙ୍କା କରି ରାହୁଲ ରକ୍ତଚାଉଳ ଚୋବେଇଲେ। ଏପାରି ସେପାରି ମଧ୍ୟରେ କେମିତି ସେତୁ ବନ୍ଧା ହୁଏ ସେଇଟା କିନ୍ତୁ ନେତାମାନେ ରାମବିଳାସ ପାଶ୍ୱାନଙ୍କଠାରୁ ଶିଖିବା କଥା। କେବେ ଦିନେ ରାମବିଳାସ ମନମୋହନଙ୍କ ବୃନ୍ଦାବନରେ ବଂଶୀସ୍ୱନର ରସ ଆସ୍ୱାଦନ କରୁଥିଲେ। ଏବେ କିନ୍ତୁ ସେ ମୋଦିଙ୍କ ମଧୁବନରେ ପଦ୍ମଗନ୍ଧରେ ବିମୋହିତ। ଦେଖିବାକୁ ଗଲେ ‘ମନମୋହନ’ ଏବଂ ‘ଦାମୋଦର’ ଦୁଇଟି ଯାକ କୃଷ୍ଣଙ୍କ ନାମ। ତେଣୁ କାଲିପରି ଆଜି ବି ରାମବିଳାସ ଶ୍ୟାମ ଅନୁରାଗୀ ଅଛନ୍ତି। ଏଇ ଯେମିତି ନଈ ଏପାରିରେ ଘରସଂସାର, ସେପାରିରେ ବଣିଜ, ବେପାର। ଏ ଏପାରି–ସେପାରି ରାଜନୀତିରେ କିନ୍ତୁ ପୋଲିସ ଏବଂ ବାକି ସୁରକ୍ଷା ବାହିନୀର ଅବସ୍ଥା ବାରଣ୍ଡା ଦିକଡା ହୁଏ। ପଦ୍ମ ରାଜ୍ୟରେ ଯଦି ସିଏଏ ସପକ୍ଷବାଦୀଙ୍କ ଉପରେ ଟିପ ନ ଦେବାକୁ ନିର୍ଦ୍ଦେଶ ମିଳେ ବାକି ରାଜ୍ୟମାନଙ୍କରେ ବିପକ୍ଷବାଦୀଙ୍କୁ ସୁରକ୍ଷା ଦେବାକୁ କୁହାଯାଏ। ବେଣ୍ଟ ନିରାମିଷ ଚଟୁ ଆଇଁଷ ନୀତିରେ ସରକାରମାନେ ବେଣ୍ଟ ପରି ଉପରେ ରହନ୍ତି, ଆଉ ଚଟୁ ପରି ଘାଣ୍ଟିହୋଇ ଦୁର୍ନାମ ମୁଣ୍ଡାନ୍ତି ସୁରକ୍ଷାବାହିନୀ। ଏପାରି–ସେପାରି ମଧ୍ୟରେ ଗାର ଟାଣି ସରକାରୀ ଦଳ ଏବଂ ବିରୋଧୀ ପକ୍ଷ ଯେ ସବୁବେଳେ ଟଣାଓଟରାରେ ମାତିଥାନ୍ତି ଏହା ଅବଶ୍ୟ ନୁହେଁ। ବିଶେଷକରି ଗୋଟେ ବିଷୟକୁ ନେଇ, ବିନା ଭେଦଭାବରେ ସବୁ ଦଳର ସଭ୍ୟ ଏକାକାର ହୋଇଯାନ୍ତି। ଆଉ ସେଇଟା ଦେଶସେବା କିମ୍ବା ଜନକଲ୍ୟାଣ ଅବଶ୍ୟ ନୁହେଁ। ସେଇଟା ହେଲା ସେମାନଙ୍କ ଦରମା, ଭତ୍ତା, ସୁବିଧା, ସୁଯୋଗ ପ୍ରସଙ୍ଗ। କି ରାଜ୍ୟ, କି କେନ୍ଦ୍ର, ସବୁଠି ଯେବେବି ନିର୍ବାଚିତ ପ୍ରତିନିଧିଙ୍କ ଦରମା ବୃଦ୍ଧି ବିଲ୍ ସଦନରେ ଆଗତ ହୋଇଛି, ସେଇଟା ସମସ୍ତେ ଏକ ସ୍ୱରରେ ଏବଂ କେଇକ୍ଷଣ ମଧ୍ୟରେ ପାରିତ କରିଛନ୍ତି। ଏମିତି ତତ୍ପରତା ଅବିଶ୍ୱସନୀୟ ଏବଂ ଏମିତି ଏକତା ବି ଏକ ବିସ୍ମୟକର ବାସ୍ତବତା ନିଶ୍ଚୟ।

ତେବେ ରାଜନୀତିର ବହୁ ପୂର୍ବରୁ ଏ ଏପାରି–ସେପାରି ନିୟମ ଜୀବଜଗତରେ ପରିଲକ୍ଷିତ ହୋଇଛି। ଗୋଲାକାର ପୃଥିବୀର ବୃତ୍ତାକାର ଅକ୍ଷ ଏବଂ କକ୍ଷପଥରେ ଘୂର୍ଣ୍ଣନରୁ ଏ ନିୟମର ସୃଷ୍ଟି। ପୃଥିବୀର ବର୍ତ୍ତୁଳାକାର ପୃଷ୍ଠରେ ଅନବରତ କେଉଁଠି ଦିନ ହୋଇଥାଏ ତ କେଉଁଠି ରାତି। ଆଉ ଏ ଭୌଗୋଳିକ ସତ୍ୟ ଆମର ଜାଗତିକ ଜୀବନକୁ ମଧ୍ୟ ପ୍ରଭାବିତ କରିଥାଏ। ସେଥିପାଇଁ ସେଇ ଏକା ସହରରେ କେଉଁଠି ବିବାହର ଶୁଭ ସାହାନାଇ ବାଜୁଥିଲେ ଆଉ କେଉଁଠି ଶବାଧାର ଆଗରେ ବିଦାୟ ଡେଙ୍ଗୁରା ଗୁମୁରୁଥାଏ। ଜଣେ ହସୁଥିଲେ, ଆଉ ଜଣେ କାନ୍ଦୁଥାଏ। ଲୋତକର ବର୍ଷା ଯଦି ଆମକୁ ଜୀବନର କ୍ରୂରତା ସଙ୍ଗେ ପରିଚୟ କରାଏ, ବର୍ଷା ଉପରାନ୍ତ ସୂର୍ଯ୍ୟ ରଶ୍ମି ଆମକୁ ଆଶାବାଦୀ କରେ। ଏପାରି ସେପାରି, ଆଗମନ–ନିର୍ଗମନ, ଉତ୍‌ଥାନ–ପତନର ଏ ପ୍ରକ୍ରିୟା ଅନନ୍ତ ଏବଂ ଅଲଂଘ୍ୟ। କିନ୍ତୁ କେବେ କେବେ ଏପାରିରୁ ପ୍ରାର୍ଥନାଟେ ସେପାରିରୁ ଆଶୀର୍ବାଦ ହୋଇ ଫେରେ। ଦୃଶ୍ୟ ଏବଂ ଅଦୃଶ୍ୟ ମଧ୍ୟରେ ଏକ ଭାବର ସେତୁ ସୃଷ୍ଟିକରେ।

ଶୈଳଶ୍ରୀ ବିହାର, ଭୁବନେଶ୍ୱର,
ମୋ– ୯୮୬୧୫୫୨୭୯୩

## ଏଇ ଭାରତରେ

ଅଲ୍ଲାମା ଇକ୍‌ବାଲ୍‌ଙ୍କ ସଙ୍ଗୀତର ପ୍ରତ୍ୟେକ ପଂକ୍ତିରେ ଭରି ରହିଥିବା ରାଷ୍ଟ୍ରୀୟ ଭାବନା ସ୍ପର୍ଶ କରିଛି ଧର୍ମନଗରୀ ଅଯୋଧ୍ୟାର ଏକ ଜେଲ୍‌ରେ ବନ୍ଦୀ ଥିବା ଅଶ୍‌ରଫ ଅଲିଙ୍କୁ। ସେ ନିଜ ତୂଳୀରେ ରାମାୟଣର ଭିତ୍ତିଚିତ୍ର ଆଙ୍କି ଆଧ୍ୟାତ୍ମିକ ସଦ୍‌ଭାବର ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ସେ ଭଗବାନ୍ ରାମଙ୍କ ଜୀବନ ସହ ଜଡିତ ପ୍ରସଙ୍ଗଗୁଡ଼ିକୁ ଚିତ୍ର ମାଧ୍ୟମରେ ସାକାର କରୁଛନ୍ତି। ଏହି ପ୍ରସଙ୍ଗ ଉପରେ ଚିତ୍ର ଆଙ୍କିବାରେ ଅଶରଫଙ୍କୁ ତାଙ୍କ ସାଥୀ ବନ୍ଦୀମାନେ ସହଯୋଗ କରୁଛନ୍ତି। ଜେଲ୍ ପ୍ରଶାସନ ବନ୍ଦୀମାନଙ୍କ ମନରେ କଳାତ୍ମକ ଭାବନା ବଢାଇବା ତଥା ସେମାନଙ୍କୁ ଭିତ୍ତିଚିତ୍ରରେ ପାରଙ୍ଗମ କରିବା ପାଇଁ ପ୍ରଶିକ୍ଷଣ ଦେବାର ବନ୍ଦୋବସ୍ତ କରିବା ପରେ ଅଶ୍‌ରଫ ଭଳି ଜଣେ ଚିତ୍ରକର ସାମ୍ନାକୁ ଆସିଛନ୍ତି। ଲୋକକଳା କ୍ଷେତ୍ରରେ ପରିଚିତ ଦୀପା ସିଂ ଅଶ୍‌ରଫଙ୍କ ସମେତ ଅନ୍ୟ ବନ୍ଦୀମାନଙ୍କୁ ବିନା ଦେୟରେ ପ୍ରଶିକ୍ଷଣ ଦେଉଛନ୍ତି। ଜେଲ୍‌ର ଅଧୀକ୍ଷକ ବ୍ରଜେଶ କୁମାର ଜେଲର ୪୬ଟି ପାଚେରିକୁ ସେମାନଙ୍କ ପାଇଁ କାନଭାସ କରିଦେଇଛନ୍ତି। ଏଥିରେ ଅଶ୍‌ରଫ ଚିତ୍ର ଆଙ୍କୁଛନ୍ତି। ଏହି ଚିତ୍ର ଆଙ୍କିବା ଦ୍ୱାରା ସେମାନଙ୍କର ମନୋଭାବ ମଧ୍ୟ ସକାରାତ୍ମକ ହେଉଛି ବୋଲି କହନ୍ତି ଜେଲ୍ ଅଧୀକ୍ଷକ।

## ଚିରନ୍ତନୀ

ମଳୟହୀନ ଆବାସେ ବାସୁ
ଚନ୍ଦନ ହେ ଚନ୍ଦନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !
ବଉଦ ତଳେ ଆକାଶେ ପଥେ
ବୋଇତ ଚଳେ ସାଗରେ
ଗାଗରୀ କାଖେ ନାଗରୀ ଚଳେ
ପରମ ଅନୁରାଗରେ।
ପତାରେ ତାର ସ୍ୱର୍ଣ୍ଣ ତବ
ଅଞ୍ଜନ ହେ ଅଞ୍ଜନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ !
ଚିକୁରେ ତାର ଲୋହିତ କ୍ରୀଡ଼ା
ସୃଷ୍ଟି କରେ ସ୍ୱପନ
ହେ ନିରିବୋଧ ଏକାକୀ କବି
ଉଦାସ କିପାଁ ଲପନ ?
(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୩ ମାର୍ଚ୍ଚ ୧୯୯୫

- ରାଜ୍ୟ ବିଧାନସଭା ନିର୍ବାଚନରେ ଓଡିଶାରେ କଂଗ୍ରେସ ଦଳ ପୂର୍ଣ୍ଣ ସଂଖ୍ୟାଗରିଷ୍ଠ ଆସନ ଲାଭ କରିଛି।
- ତାମିଲନାଡୁର ଶେଧାମଙ୍ଗଲମ ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ରାସ୍ତା ଦୁର୍ଘଟଣା ଘଟି ଅତି କମ୍‌ରେ ୧୧୦ ଜଣ ଲୋକ ଜୀବନ୍ତ ପୋଡି ହୋଇ ପ୍ରାଣ ହରାଇଛନ୍ତି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | E | | | | | A | | | | 8 | 2 | | | D |
| | 1 | | 8 | | | | | | 5 | | D | 2 | A | |
| 8 | | 3 | | | C | E | | | 0 | | | | | B |
| | | C | | 4 | 5 | 2 | 9 | | | | | E | | |
| | 2 | | 1 | | A | 7 | | | | | | 9 | | |
| | | | | | D | 3 | C | | | | | 4 | 6 | |
| | | | | | | 9 | A | | 6 | C | | 5 | | |
| | D | | | 7 | 6 | | | | 1 | 5 | 8 | | | |
| | | | | 0 | 1 | | | | | 9 | | | | 7 |
| 1 | 4 | B | 9 | 8 | | | | | | | | | C | |
| E | | A | | D | 4 | | | | | | C | | | |
| 0 | | 6 | B | E | | D | | | 2 | | | 3 | 8 | |
| | 8 | | 2 | | 7 | | | | | | | | 5 | |
| | | 1 | | | 8 | | | C | 7 | | 4 | | | |
| B | | | | | | 0 | | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 2 | D | 1 | 5 | 3 | 4 | 9 | 8 | 6 | 0 | C | A | 7 | B |
| C | 5 | 3 | D | B | A | E | 6 | 2 | 8 | 4 | 7 | 0 | 9 | 1 |
| 6 | 1 | 8 | E | 2 | 9 | A | 7 | 0 | D | 3 | B | 4 | 5 | C |
| 9 | B | 7 | 4 | 0 | C | 1 | 5 | 3 | A | E | 2 | D | 6 | 8 |
| A | 0 | 4 | 6 | 7 | 8 | D | C | B | 9 | 5 | 1 | 2 | E | 3 |
| B | 4 | 1 | C | E | 7 | 6 | 3 | 5 | 2 | D | A | 8 | 0 | 9 |
| 3 | 7 | A | 9 | 6 | 0 | 8 | 2 | D | 4 | B | 5 | C | 1 | E |
| 5 | C | E | 2 | 8 | D | B | 0 | 1 | 3 | 7 | 9 | 6 | 4 | A |
| 0 | 8 | 2 | B | 4 | 1 | 9 | A | 7 | E | C | 6 | 3 | D | 5 |
| D | 6 | 9 | 3 | A | 5 | C | E | 4 | 0 | 1 | 8 | B | 2 | 7 |
| 8 | E | 5 | 7 | D | 4 | 2 | 1 | A | C | 6 | 3 | 9 | B | 0 |
| 4 | A | 0 | 5 | C | 2 | 7 | B | 9 | 1 | 8 | D | E | 3 | 6 |
| 1 | 9 | 6 | 0 | 3 | E | 5 | 8 | C | B | 2 | 4 | 7 | A | D |
| 7 | D | B | 8 | 9 | 6 | 3 | 4 | E | 5 | A | 0 | 1 | C | 2 |
| 2 | 3 | C | A | 1 | B | 0 | D | 6 | 7 | 9 | E | 5 | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅବାଧ ବିଦ୍ୟୁତ୍ ଚୋରି ଓ ବିଦ୍ୟୁତ୍ ସଂଯୋଗ ଛିନ୍ନ

ମହାଶୟ,

ବର୍ତ୍ତମାନ ଅନାଦେୟ ବିଦ୍ୟୁତ୍ ବିଲ୍‌ର ଅର୍ଥ ସଂଗ୍ରହ ଓ ବିଦ୍ୟୁତ୍ ଖିଲାପିଙ୍କ ବିଦ୍ୟୁତ୍ ସଂଯୋଗ ଛିନ୍ନ କରାଯିବା ସ୍ୱାଗତଯୋଗ୍ୟ। ତେବେ ପ୍ରଶ୍ନ ହେଉଛି କାହିଁକି ହଜାର କୋଟିରୁ ଅଧିକ ଟଙ୍କାର ବିଲ୍ ଏ ପର୍ଯ୍ୟନ୍ତ ବକେୟା ପଡିଥିଲା ? ବହୁ ଆଗରୁ କାହିଁକି ବିଦ୍ୟୁତ୍ ସଂଯୋଗ ଛିନ୍ନ କରାଗଲା ନାହିଁ ? ସହରର ଅନେକ ପଡ଼ାରେ ତଥା ଗ୍ରାମାଞ୍ଚଳରେ ବର୍ଷ ବର୍ଷ ଧରି ବିଦ୍ୟୁତ୍ ବିଲ୍ ପେମେଣ୍ଟ କରାଯାଉନାହିଁ। ତଥାକଥିତ ଗରିବ ଶ୍ରେଣୀର ଲୋକଙ୍କ ପାଖରେ ଅନେକ ପ୍ରକାର ବିଦ୍ୟୁତ୍ ଉପକରଣ ଅଛି ଏବଂ ସେମାନେ ମନଇଚ୍ଛା ବିଦ୍ୟୁତ୍ ଖର୍ଚ୍ଚ କରୁଛନ୍ତି। କାରଣ ସେମାନଙ୍କୁ ଏକପ୍ରକାର ଫ୍ରିରେ ବିଜୁଳି ଉପଲବ୍ଧ କରାଯାଉଛି। ‘ହୁକ୍’ ଦ୍ୱାରା ମଧ୍ୟ ବିଜୁଳି ଚୋରି ହେଉଛି। ଏହିସବୁ ବେଆଇନ କାର୍ଯ୍ୟ ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆଯାଉନାହିଁ। ଅପରପକ୍ଷରେ ଯେଉଁମାନେ ନିୟମିତ ବିଲ୍ ପଇଠ କରୁଛନ୍ତି ସେମାନଙ୍କ ଉପରେ ଚଢ଼ାଦରର ବିଜୁଳି ବୋଝ ପଡୁଛି। ଏହା ଏକ ସ୍କାମ୍ ନୁହେଁ କି ? କାହାରିକୁ ଫ୍ରିରେ ବିଜୁଳି ଦିଆ ନ ଯାଉ।

ସଦାନନ୍ଦ ଭୋଇ, ବୁଢ଼ାରଜା, ସମ୍ବଲପୁର

### ନିଜ କାମ ନିଜେ କରିବା

ନିଜ କାମ ନିଜେ କରିବାରେ ଲଜ୍ଜା, ଦ୍ୱିଧା, ଘୃଣା ରହିବା ଉଚିତ ନୁହେଁ। ପିଲାଟି ଦିନରୁ ଶିକ୍ଷା ଗ୍ରହଣ କରି ଅଭ୍ୟାସ ରଖିଲେ ଜୀବନ ସରସ, ସୁନ୍ଦର, ସୁଖମୟ ହୁଏ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମରେ ନିଜ କାମ ନିଜେ କରିବାକୁ ଗୁରୁତ୍ୱ ପ୍ରଦାନ କରାଯାଉଥିଲା। ପିଲାମାନେ ନିଜର ଲୁଗା ନିଜେ ସଫା କରିବା, ନିଜ ଜୋତା ନିଜେ ପଲିସ କରିବାକୁ ଶିଖିବା ଦରକାର। ନିଜ କାମ ନିଜେ ନ କଲେ ଜୀବନ ଅଳସୁଆ ହୋଇ ଦୁଃଖମୟ ହେବ। ବିଦ୍ୟାଳୟରେ ପିଲାମାନେ ଶୌଚାଳୟ ବ୍ୟବହାର କରି ତାକୁ ନିଜେ ସଫା ନ କଲେ ଶୌଚାଳୟର ସ୍ୱଚ୍ଛତା ରକ୍ଷା କରିବାକୁ ଆସିବ କିଏ ? ଫଳରେ ରୋଗ ସଂକ୍ରମିତ ହେବ। ଘରେ ଓ ବିଦ୍ୟାଳୟରେ ଏସବୁ ବିଷୟ ଶିକ୍ଷା ଦିଆଯିବା ଆବଶ୍ୟକ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ସଂଖ୍ୟାଗରିଷ୍ଠ ଥାଇ ଏସ୍‌ଟି, ଏସ୍‌ସି, ଓବିସି ଉପେକ୍ଷିତ’


ପ୍ରଦୀପ୍ତ ନାୟକ

■ବିଭାଗୀୟ ଖର୍ଚ୍ଚ ଦାବି ଆଲୋଚନାରେ ବିରୋଧୀଙ୍କ ମତ
■ସରକାରଙ୍କୁ ଟାର୍ଗେଟ କଲେ ପ୍ରଦୀପ୍ତ, ତାରା


ତାରାପ୍ରସାଦ ବାହିନୀପତି

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ରାଜ୍ୟରେ ୨୨% ଅନୁସୂଚିତ ଜନଜାତି(ଏସ୍‌ଟି), ୧୭% ଅନୁସୂଚିତ ଜାତି(ଏସ୍‌ସି) ଅଧିବାସୀ ରହିଛନ୍ତି। ଏମାନଙ୍କ ସଂଖ୍ୟା ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୪୦%। ଏଥିସହିତ ଯଦି ୫୨% ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି), ସାମାଜିକ, ଆର୍ଥିକ ପଛୁଆ ବର୍ଗ(ଏସ୍‌ଇବିସି)କୁ ଅନ୍ତର୍ଭୁକ୍ତ କରାଯାଏ, ତେବେ ୯୨% ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବିଭାଗର ସାମଗ୍ରିକ ବିକାଶ ହୋଇପାରିନାହିଁ। ଉପରୋକ୍ତ ବର୍ଗର ସାମଗ୍ରିକ ବିକାଶ ହୋଇପାରୁ ନ ଥିବାରୁ ଓଡ଼ିଶାର ବିକାଶ ହୋଇ ନ ଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି। ଏସ୍‌ଟି,ଏସ୍‌ସି, ଓବିସି ଓ ସଂଖ୍ୟାଲଘୁ ବିକାଶ ବିଭାଗର ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ ଗୁରୁବାର ପ୍ରଦୀପ୍ତ ଏହା କହିଛନ୍ତି।

ପ୍ରଦୀପ୍ତ କହିଥିଲେ ଯେ, ଯାଜପୁର ଜିଲାରେ ଏକମାତ୍ର ନଗଡ଼ା ଦେଖାଦେଇଥିଲା। ହେଲେ କେବିକେ ଅଞ୍ଚଳରେ ଶହ ଶହ ନଗଡ଼ା ରହିଛି। ସୁନ୍ଦରଗଡ଼ ଜିଲା ବଣାଇ ନିର୍ବାଚନମଣ୍ଡଳୀର ମହୁଲକୁଦା ଅଞ୍ଚଳ ନଗଡ଼ାର ଅନ୍ୟରୂପ। ଏହାର ଆଖପାଖ ଅଞ୍ଚଳକୁ ରାସ୍ତା ଖଣ୍ଡେ ନାହିଁ। ଶହୀଦ ରେଣ୍ଡୋ ମାଝିଙ୍କ ଗାଁ ଯିବାକୁ ହେଲେ ଫୁଲବାଣୀ ଦେଇ ଯିବାକୁ ପଡୁଛି। ଆମ୍ବୁଲାନ୍ସ ଅଭାବରୁ ସ୍ତ୍ରୀର ମୃତଦେହ କାନ୍ଧେଇ ଚର୍ଚ୍ଚାକୁ ଆସିଥିବା ଦାନ ମାଝିଙ୍କ ଗାଁକୁ ବି ରାସ୍ତା ହୋଇନାହିଁ। ନିକଟରେ ରାଜ୍ୟ ସରକାରଙ୍କ ଜଣେ ରାଷ୍ଟ୍ରମନ୍ତ୍ରୀ କୌଣସି ଏକ ଗାଁକୁ ଯାଇ ସାମାଜିକ ଗଣମାଧ୍ୟମରେ ଫଟୋଟିଏ ଛାଡ଼ିଥିଲେ। ଏହା ହିଁ ରାଜ୍ୟ ପଛୁଆ ଅଞ୍ଚଳର ବିକାଶ କଥା କହୁଥିବା ପ୍ରଦୀପ୍ତ କହିଛନ୍ତି। ଅଫିସର, ତହସିଲଦାର ଏବଂ ରାଜନେତା ଯଦି ତୃଣମୂଳସ୍ତରକୁ ଯିବେ ନାହିଁ, ତେବେ କିପରି ଉନ୍ନତି ହେବ। ସେହିଭଳି ଏସ୍‌ଟି, ଏସ୍‌ସି ପିଲାମାନଙ୍କୁ ଉପଯୁକ୍ତ ମାନର ଉଚ୍ଚଶିକ୍ଷା ପ୍ରଦାନ କରାଯାଉନାହିଁ। ବାଣିଜ୍ୟ ଏବଂ ବିଜ୍ଞାନ ଏହି ପିଲାମାନଙ୍କର ଫଳାଫଳ ନିମ୍ନଗାମୀ ହେଉଛି। ପୂର୍ବରୁ ଚଳି ଆସିଥିବା ଧାରାରେ ହିଁ କିଛି ଅର୍ଥ ପ୍ରଦାନ କରି ସରକାର ଦାୟିତ୍ୱ ସାରି ଦେଉଛନ୍ତି। ଓବିସି/ଏସ୍‌ଇବିସିଙ୍କ ସଂଖ୍ୟା ୫୨ରୁ ୫୪% ରହିଛି। ମଣ୍ଡଳ କମିଶନ ଅନୁଯାୟୀ ସେମାନେ ୨୭% ସଂରକ୍ଷଣ ପାଇବା କଥା, ମାତ୍ର ସେମାନଙ୍କୁ ତାହା ପ୍ରଦାନ କରାଯାଇନାହିଁ। ଏସ୍‌ଟି ୨୨%, ଏସ୍‌ସିଙ୍କୁ ୧୬% ସଂରକ୍ଷଣ ପରେ ଯଦି ଓବିସିଙ୍କୁ ୨୭% ପ୍ରଦାନ କରାଯାଏ, ତେବେ ଏହା ୬୫% ହେବ। ଅନ୍ୟ ରାଜ୍ୟରେ ଏପରି ସଂରକ୍ଷଣ ନିୟମ ରହିଛି। ତେଣୁ ରାଜ୍ୟର ସାଧାରଣ ବର୍ଗ(୬%)ଙ୍କ ପାଇଁ ୩୫% ବଳକା ରହିବ। ତେଣୁ ସରକାର ମଣ୍ଡଳ କମିଶନ ସୁପାରିସ କାର୍ଯ୍ୟକାରୀ କରନ୍ତୁ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଦାବି କରିଛନ୍ତି। ନବେ ଦଶକରେ ମଣ୍ଡଳ କମିଶନ ସୁପାରିସ କାର୍ଯ୍ୟକାରୀ ନ ହେବା ପଛରେ କଂଗ୍ରେସ ଦଳକୁ ସେ ଦାୟୀ କରିଥିଲେ। ପ୍ରଦୀପ କହିଥିଲେ ଯେ, କଂଗ୍ରେସର ନେତାମାନେ ହିଁ ମଣ୍ଡଳ ସୁପାରିସ ବିରୋଧରେ ଆନ୍ଦୋଳନ କଲେ। ସେ ସମୟରେ ମୁଖ୍ୟମନ୍ତ୍ରୀ ଥିବା ବିଜୁ ପଟ୍ଟନାୟକ ନୀରବ ରହିଥିଲେ। ଏହା ବିରୋଧରେ ସରକାରଙ୍କ ପକ୍ଷରୁ ସେ ସମୟରେ ହାଇକୋର୍ଟରେ ଆଫିଡାଭିଟ୍ ଦାଖଲ କରାଯାଇଥିଲା ବୋଲି ପ୍ରଦୀପ୍ତ ଦୋହରାଇଥିଲେ। ବୈଷୟିକ ଶିକ୍ଷା କ୍ଷେତ୍ରରେ ଏସ୍‌ସିଙ୍କୁ ୮%, ଏସ୍‌ଟିଙ୍କୁ ୧୨% ସଂରକ୍ଷଣ ଦିଆଯାଉଛି। ଓବିସିଙ୍କୁ ସଂରକ୍ଷଣ ନାହିଁ କହିଲେ ଚଳେ, ଯଦି ଶିକ୍ଷା ଓ ନିଯୁକ୍ତିରେ ପରିସଂଖ୍ୟାନ ଅନୁଯାୟୀ ସଂରକ୍ଷଣ ଦିଆ ନ ଯିବ, ଏହି ବର୍ଗର କିପରି ବିକାଶ ହେବ ବୋଲି ସେ ପ୍ରଶ୍ନ କରିଥିଲେ।

ଅନୁରୂପ ଭାବେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଖର୍ଚ୍ଚଦାବି ଆଲୋଚନାରେ ତାରା କହିଥିଲେ ଯେ, ଜାଲ୍ ସାର୍ଟିଫିକେଟ୍ ଦେଇ ପଛୁଆ ଅଞ୍ଚଳରେ ଉପକୂଳ ଓଡ଼ିଶାର ବ୍ୟକ୍ତିମାନେ ଶିକ୍ଷକତା କରୁଛନ୍ତି। ସେମାନେ ସେଠାରେ ନ ରହି କେବଳ ମାସ ଶେଷକୁ ଦରମା ନେଉଛନ୍ତି। ଏସ୍‌ସି,ଏସ୍‌ଟି ଛାତ୍ରୀ ସେମାନଙ୍କ ପାଖରେ ସୁରକ୍ଷିତ ନୁହନ୍ତି, ସେମାନଙ୍କ ସରଳତାର ସୁଯୋଗ ନେଇ ଯୌନ ନିର୍ଯାତନା ଦିଆଯିବା ସହ ଗର୍ଭବତୀ କରାଯାଉଥିବା ତାରା ଅଭିଯୋଗ ଆଣିଥିଲେ। ଆଦିମ ଅଧିବାସୀଙ୍କୁ ତାଙ୍କ ବାସସ୍ଥାନରୁ ହଟାଇ ଦିଆଯାଉଛି। କୋରାପୁଟ ଜିଲାରେ ଶହେ ନଗଡ଼ା, ଆଦିବାସୀଙ୍କୁ ଜମି ପଟ୍ଟା ମିଳୁନାହିଁ। ଉପକୂଳିଆ ବ୍ୟବସାୟୀ କାଠ କାଟି ଜଙ୍ଗଲ ଧ୍ୱଂସ କରୁଛନ୍ତି। କେତେକ ଆଦିବାସୀ ପ୍ରଜାତି ବିଲୁପ୍ତ ହେବାକୁ ବସିଲେଣି। ସେମାନଙ୍କୁ ଦେଖାଇ କେବଳ ଅର୍ଥ ହରିଲୁଟ୍ ଚାଲିଥିବା ତାରା କହିଥିଲେ। ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଦ୍ୱାରା ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଆଗତ କରାଯାଇଥିବା ଖର୍ଚ୍ଚଦାବି(୩୮୦୮,୩୫,୮୫,୦୦୦ ଟଙ୍କା)କୁ ଗୃହର ଅନୁମୋଦନ ମିଳିଛି।

# ‘ବନ୍ଦେ ଉତ୍କଳ ଜନନୀ’କୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦାବି

## ମନ୍ତ୍ରୀ, ସଚିବଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ବାଚସ୍ପତିଙ୍କ ପ୍ରତିଶ୍ରୁତି

ଭୁବନେଶ୍ୱର, ୧୨।୩(ବ୍ୟୁରୋ)

‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତ ଗାନକୁ ନେଇ ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଦଳର ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଏହି ସଙ୍ଗୀତକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦିଆଯାଇ ନ ଥିବାରୁ ବିଭିନ୍ନ ସଭାସମିତିରେ ମନଇଚ୍ଛା ଗାନ କରାଯାଉଛି। ଏଥିପାଇଁ କୌଣସି କଟକଣା ନାହିଁ। ଏହାର ପଂକ୍ତିକୁ ଛୋଟ କରି ଗାଇବା ଉପରେ ସଭ୍ୟମାନେ ଗୁରୁତ୍ୱ ଦେଇଛନ୍ତି। ଏହି ସଙ୍ଗୀତକୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବା ଲାଗି ବହୁ ଆଗରୁ ସୁପାରିସ କରାଯାଇଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାକୁ ୫୦ ସେକେଣ୍ଡ ମଧ୍ୟରେ ସୀମିତ ରଖିବା ସହ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବା ଲାଗି ଉଭୟ ଶାସକ ଓ ବିରୋଧୀ ଦଳର ସଭ୍ୟମାନେ ବିଧାନସଭାରେ ଦାବି କରିଛନ୍ତି।

ବିଜେଡି ସଭ୍ୟ ଅମର ଶତପଥୀ ଏହି ପ୍ରସଙ୍ଗ ଉଠାଇ କହିଲେ ଯେ, ବିଧାନସଭା ଓ ବିଭିନ୍ନ ସଭା ସମିତିରେ ‘ବନ୍ଦେ ଉତ୍କଳ ଜନନୀ’କୁ ରାଜ୍ୟ ସଙ୍ଗୀତ ଭାବେ ଗାନ କରାଯାଉଛି। ଏହାକୁ ଆମେ ସମସ୍ତେ ଛିଡାହୋଇ ସମ୍ମାନ ଦେଉଛୁ। ତଥାପି ଏହାକୁ ଜାତୀୟ ସଙ୍ଗୀତ ଭଳି ରାଜ୍ୟ ସଙ୍ଗୀତର ମାନ୍ୟତା ମିଳିଲା ନାହିଁ। ଏ ସମ୍ପର୍କିତ ସୁପାରିସ ନାଲିଫିତା ତଳେ ରହିଯାଇଛି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ ଏବଂ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତକୁ ୫୦ ସେକେଣ୍ଡ ମଧ୍ୟରେ ସୀମିତ କରିବା ସହିତ ରାଜ୍ୟ ସଙ୍ଗୀତର ମାନ୍ୟତା ଦେବାକୁ ଦାବି କରିଛନ୍ତି। ସେମାନେ ଏ ନେଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ବାଚସ୍ପତି କହିଥିଲେ ଯେ, ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଉପରେ ବିଭାଗୀୟ ମନ୍ତ୍ରୀ ଏବଂ ସଚିବଙ୍କୁ ଡାକି ଏକ ବିଧାନସଭା କମିଟି ଗଠନ କରି ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ।



## ଜିଲା ଚିଠି
### ନୂଆପଡ଼ା

# ସେବାଶ୍ରମ ଶିକ୍ଷା

ନୂଆପଡ଼ା ଜିଲାରେ ସରକାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାଙ୍କ ଲାଗି ମାଗଣାରେ ଆବାସିକ ଶିକ୍ଷାଗ୍ରହଣର ବ୍ୟବସ୍ଥା କରିଛନ୍ତି। ସେଥିପାଇଁ ଜିଲାରେ ୧୭ ଆଶ୍ରମ, ୨୫ ସେବାଶ୍ରମ, ୫ ସେବାଶ୍ରମ ହାଇସ୍କୁଲ, ଗୋଟିଏ ଲେଖାଏ ଅନ୍ୱେଷା ଏବଂ ଏକଲବ୍ୟ ବିଦ୍ୟାଳୟ ମିଶାଇ ମୋଟ ୪୯ଟି ଶିକ୍ଷାନୁଷ୍ଠାନ ରହିଛି। ଉପରୋକ୍ତ ସ୍କୁଲରେ ୧୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରହି ପାଠ ପଢୁଛନ୍ତି। ସେହି ପିଲାଙ୍କ ପାଇଁ ଖାଇବା ଏବଂ ରକ୍ଷଣାବେକ୍ଷଣ ଲାଗି ବାର୍ଷିକ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ତୃଣମୂଳସ୍ତରରୁ ହାଇସ୍କୁଲ ପର୍ଯ୍ୟନ୍ତ ପିଲାଙ୍କ ରହିବା ସକାଶେ ଅତି ନିମ୍ନମାନର ନୂଆ ପୁରୁଣା ଘର ରହିଛି। ଅର୍ଦ୍ଧାଧିକ ଆଶ୍ରମର ପାଚେରି ନାହିଁ। ସେଠାରେ ନା ରହିଛି ପାଣି ବ୍ୟବସ୍ଥା କିମ୍ବା ଆବଶ୍ୟକ ପରିମାଣର ଶୌଚାଳୟ। ଅଧିକାଂଶ ଆଶ୍ରମ ପିଲା ବାହାରେ ଶୌଚ କରିବା ସହ ନିକଟସ୍ଥ ପୋଖରୀ, ନଦୀକୁ ଯାଇ ଗାଧୋଇବାକୁ ବାଧ୍ୟ ହେଉଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ଅବଗତ ଥିଲେ ମଧ୍ୟ କେବେ ବି ଏଥିରେ ସୁଧାର ଆସୁନାହିଁ। ଉପରୋକ୍ତ ଆବାସିକ ବିଦ୍ୟାଳୟକୁ ନିମ୍ନମାନର ଡାଲି, ଚାଉଳ, ପରିବା ଯୋଗାଇ ଦିଆଯାଉଛି। କେତେଜଣ ଅଧିକାରୀ ଓ କର୍ମଚାରୀ ସେହି ସାମଗ୍ରୀକୁ ବାଟମାରଣା କରୁଥିବା ବି ଅଭିଯୋଗ ହୋଇଛି। ଅନ୍ତେବାସୀଙ୍କ ମଧ୍ୟରେ ଆତ୍ମଚିନ୍ତନ ସକାଶେ କୌଣସି ସଂସ୍କାର କାର୍ଯ୍ୟକ୍ରମ ନାହିଁ। ର୍‍ୟାଗିଂ ଭଳି ଅଭିଯୋଗ ଉଠିଛି। ଏଥିଯୋଗୁ ଦର୍ଲିପଡ଼ା ସେବାଶ୍ରମ ହାଇସ୍କୁଲରେ ଜଣେ ଛାତ୍ର ଆତ୍ମହତ୍ୟା କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ଆଶ୍ରମରେ ରହୁଥିବା ଛାତ୍ରୀଛାତ୍ରଙ୍କ ଉପଯୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ ନାହିଁ। ଗୋଟିଏ ସେବାଶ୍ରମରେ ରହୁଥିବା ଜଣେ ୧୦ମ ଶ୍ରେଣୀ ଛାତ୍ରୀ ୭ ମାସ ଗର୍ଭବତୀ ଥିବା ଏହାର ଏକ ନମୁନା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିଭଳି ଜଣେ ହାଇସ୍କୁଲ ଛାତ୍ରୀ ଝରକା ଡେଇଁ ନିଜର ପ୍ରେମିକଙ୍କ ସହ ଆତ୍ମହତ୍ୟା କରିବା ଘଟଣା ସେବାଶ୍ରମ ପରିଚାଳନା ବ୍ୟବସ୍ଥାକୁ ଅଡୁଆରେ ପକାଇଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଏଭଳି ଅବହେଳାକୁ ନେଇ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ନେତୃବର୍ଗ ବିଭିନ୍ନ ଜାଗାରେ ମେଳି ବାନ୍ଧୁଥିବା ଦେଖାଯାଉଛି। ଆଦିବାସୀ ସଂଘ ପକ୍ଷରୁ ଆଜକୁ ମାସେ ହେବ ସିନାପାଲି ବ୍ଲକ କୁସୁମଯୋର ହାଇସ୍କୁଲ ଗେଟ୍ ସମ୍ମୁଖରେ ଧାରଣା ଦିଆଯାଇଛି। ଏହାକୁ ନେଇ ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ଚରମ ସୀମାକୁ ଛୁଇଁଛି। ନିକଟରେ ଆନ୍ଦୋଳନକାରୀମାନେ ପ୍ରଥମ ଦଫାରେ ସିନାପାଲି ଥାନା ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଧସେଇ ପଶି ଭଙ୍ଗାରୁଜା କରିଥିଲେ। ଆଗାମୀ ଦିନରେ ଏହି ସମ୍ପ୍ରଦାୟର ଲୋକେ ଜିଲାବ୍ୟାପୀ ଆନ୍ଦୋଳନ କରିବାକୁ ଯୋଜନା ରଖିଥିବା ଜଣାପଡ଼ିଛି।

– ଘନଶ୍ୟାମ ଭୋଇ

# ଧାନକିଣାକୁ ନେଇ ବିଧାନସଭାରେ ଉଦ୍‌ବେଗ

## ସବୁ ଚାଷୀଙ୍କ ଧାନ କିଣିବାକୁ ବିରୋଧୀଙ୍କ ଦାବି

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜିଲାରେ ଏବେ ବି ଚାଷୀଙ୍କ ଧାନ ବିକ୍ରି ହୋଇନାହିଁ। ବଲାଙ୍ଗୀର, କଳାହାଣ୍ଡି, ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ଼ ଆଦି ୨୧ଟି ଜିଲାରେ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ସେମାନେ ଧାନ ବିକ୍ରି କରିପାରୁ ନାହାନ୍ତି। ଚଳିତ ମାର୍ଚ୍ଚ ୩୧ରେ ଧାନ କିଣା ଶେଷ ହେବ। ଚାଷୀଙ୍କ ଧାନ କିଣାକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଛି। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଲେ ଯେ, ଚାଷୀଙ୍କଠାରୁ ସବୁ ଧାନ ଉଠାଇବା ସରକାରଙ୍କ କାମ। ଆଜି ବି ଧାନ ମଣ୍ଡିରେ ପଡ଼ିରହିଛି। ଟୋକନ ଜେନେରେଟ ହେଉ ନାହିଁ। ଚାଷୀମାନେ ସେମାନଙ୍କ ଧାନ ବିକ୍ରି କରିପାରୁ ନାହାନ୍ତି। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଭାଜପା ସଭ୍ୟ ଜୟ ନାରାୟଣ ମିଶ୍ର ଏବଂ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ଏହି ପ୍ରସଙ୍ଗ ଉଠାଇ କହିଛନ୍ତି, ସରକାର ଧାନ ସଂଗ୍ରହ କରୁଥିଲେ ମଧ ଆହୁରି ଅନେକ ଚାଷୀଙ୍କ ପାଖରେ ଧାନ ଏବେ ବି ରହିଛି। ସେଗୁଡିକୁ ସରକାର ତୁରନ୍ତ କିଣିବା ବ୍ୟବସ୍ଥା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଗୃହରେ ଧାନ କିଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଭାଗୀୟ ମନ୍ତ୍ରୀଙ୍କୁ ଡାକି ତାଙ୍କ ଚାମ୍ବରରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବେ ବୋଲି କହିଥିଲେ।

# ସୁନାମି ମୁକାବିଲା: ପ୍ରଶିକ୍ଷିତ ହେବ ୩୨୮ ଗାଁ

**ଭୁବନେଶ୍ୱର,୧୨।୩(ବ୍ୟୁରୋ):** ଚଳିତ ବର୍ଷ ଅକ୍ଟୋବର ପୂର୍ବରୁ ଓଡ଼ିଶା ଉପକୂଳର ୩୨୮ ଗାଁକୁ ସୁନାମି ମୁକାବିଲା ପାଇଁ ପ୍ରସ୍ତୁତ କରାଯିବ। ତନ୍ମଧ୍ୟରୁ ୨ ଗାଁ ସମ୍ପୂର୍ଣ୍ଣ ସୁନାମି ପ୍ରତିରୋଧ କରିବାକୁ ସକ୍ଷମ ହୋଇଗଲାଣି। ଯେକୌଣସି ସମୟରେ ୟୁନେସ୍କୋ ପକ୍ଷରୁ ଏହି ୨ ଗାଁକୁ ସୁନାମି ପ୍ରତିରୋଧ ରୂପେ ଘୋଷଣା କରାଯିବ। ଏହି ସଂସ୍ଥାର ୧୦ ସୂତ୍ରୀ ମାନଦଣ୍ଡ ପୂରଣ କରିବା ଦ୍ୱାରା ଉକ୍ତ ମାନ୍ୟତା ମିଳିଥାଏ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଗୁରୁବାର ଏହି ସୂଚନା ଦେଇଛନ୍ତି। ବିପର୍ଯ୍ୟୟ ତଥା ସୁନାମି ମୁକାବିଲା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।





ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ

# ଠାକୁରଙ୍କ ସ୍ଥିତିବାନ୍ ସମ୍ପତ୍ତି ଜବରଦଖଲ



ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଯାତ୍ରା

**ପୁରୁଣା ଭୁବନେଶ୍ୱର, ୧୨।୩ (ଡି.ଏନ.ଏ.)–** ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଯାତ୍ରା ସୂଚାରୁ ରୂପେ ସମ୍ପାଦନ କରିବାକୁ ପ୍ରତି ବର୍ଷଭଳି ଚଳିତବର୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ମାତ୍ର ଯାତ୍ରା ପୂର୍ବରୁ ବଡେଇବାଙ୍କ ଛକଠାରୁ ମାଉସୀ ମା' ମନ୍ଦିର ତଥା ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱ ନୟନଯୋଡି ଜବରଦଖଲରେ ରହିଛି। ଏଗୁଡ଼ିକ ଠାକୁରଙ୍କ ସ୍ଥିତିବାନ୍ ସମ୍ପତ୍ତି। ମିଳିତ ଉଚ୍ଛେଦ ଟିମ୍ କିମ୍ବା ପ୍ରଶାସନ ପକ୍ଷରୁ ସେସବୁ ଜବରଦଖଲ ମୁକ୍ତ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ମୁଖ୍ୟତଃ ଗୌତମନଗର ମୌଜା, ୟୁନିଟ୍-୨୮ ଅନ୍ତର୍ଗତ ଏହି ରାସ୍ତାର ଉଭୟପାର୍ଶ୍ୱ ଜମିଗୁଡ଼ିକୁ ବହୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି କବାଡ଼ିଆ, ଗ୍ୟାରେଜ, ହୋଟେଲ ଆଦି କରିଛନ୍ତି। କେତେକ ସ୍ଥାନରେ ଜାଗାକୁ ଭଡ଼ା ଲଗାଇବା ସହ ଜମିକୁ ବେଆଇନ ଭାବେ ବିକ୍ରିବଟା ସହ ନିଜ ନାମରେ କରାଇ ନେଇଥିବା ଅଭିଯୋଗ ହେଉଛି। ଏହି କାରଣରୁ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ କେହି କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇ ପାରୁନାହାନ୍ତି।

## ନିଜ ଜମିରେ ଯାତ୍ରା ପାଇଁ ଠାକୁରଙ୍କୁ ଅନୁମତି ଲୋଡ଼ା

ଏକାମ୍ର କ୍ଷେତ୍ରର ଅଧିପତି ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଅଶୋକାଷ୍ଟମୀ ଯାତ୍ରା ନେଇ ମହାପ୍ରଭୁଙ୍କୁ ଅନ୍ୟ କାହାର ଜମି ଉପରେ ବିଜେ କରିବାର ଆବଶ୍ୟକତା ନାହିଁ। ଓଡ଼ିଶା ସରକାରଙ୍କୁ ଏହି ଜମିର ଖଜଣା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦିଆଯାଉଛି। ହେଲେ ରଥଦାଣ୍ଡ ସମେତ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଜମି ଜବରଦଖଲକାରୀଙ୍କ କବ୍‌ଜାରେ।

ଗୌତମନଗର ମୌଜାର ଖାତା ନଂ. ୪୧୧ରେ ମୋଟ ୧୭୦ ଗୋଟି ପ୍ଲଟର ୨୦ ଏକର ୬୬୩ ଡିସିମିଲ ଜମିରୁ ୮ଗୋଟି ଦେବସ୍ଥଳ, ୧୦ଗୋଟି ସଡକ ଛାଡ଼ି ଦେଲେ ୧୨୧ଗୋଟି ଘରବାରି କିସମ ଜମି ଓ ଅନ୍ୟାନ୍ୟ ପତିତ, ୨ଟି ଜଳାଶୟ କିସମ ଜମି ସବୁ ଜବରଦଖଲରେ। ଏହିଭଳି ଗୌତମନଗର ମୌଜାର ଅନେକ ଖାତାରେ ବହୁ ଜମି ରହିଛି। ଯାତ୍ରା ପାଳନ ହେଉଥିବା ମୁଖ୍ୟ ରାସ୍ତା ପ୍ଲଟ ନଂ. ୬୦୦, ନୟନଯୋଡି ପ୍ଲଟ ନଂ. ୬୦୧ ଓ ୫୯୯ ଏ ସବୁର ମାଲିକାନା ଠାକୁରଙ୍କ ନାମରେ। ଖଜଣା ମଧ୍ୟ ଠାକୁର ଦେଉଛନ୍ତି। ମାତ୍ର ଏଠାରେ ପ୍ଲଟ ନଂ. ୫୭୦, ୫୭୧ ଏପରି ଶତାଧିକ ଏକର ଜମି ଉପରେ ବେଆଇନ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ଗଢି ଉଠିଛି। ଏକାମ୍ର କ୍ଷେତ୍ରର ବିକାଶ ଓ ସୌନ୍ଦର୍ଯ୍ୟକରଣ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ୬୨ ଏକର ଜମିରେ ମେଗା ପ୍ରୋଜେକ୍ଟ କରିବାକୁ କହିଥିଲେ। ଏ ନେଇ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରି ହୋଇଥିଲା। ଦୁଇମାସ ମଧ୍ୟରେ ରଥଦାଣ୍ଡର ଗୋସାଗୋରେଶ୍ୱର ଛକ ନିକଟରେ କେତେଗୋଟି ଗ୍ୟାରେଜ, କବାଡ଼ିଆ ଏବଂ ଦୋକାନ ତରବରିଆ ଭାବେ ନିର୍ମାଣ କରି ଆସ୍ଥାନ ଜମାଇ ସାରିଲେଣି। ସାଧାରଣ ଲୋକେ ଘର ନିର୍ମାଣ ବିନା ଅନୁମତିରେ କଲେ ବିଏମସି କଟକଣା କରିବା ସହ ନୋଟିସ ଦେଇଥାଏ। ମାତ୍ର ଶ୍ରୀଲିଙ୍ଗରାଜଙ୍କ ଜମିରେ କାହିଁ କେତେ ବେଆଇନ ନିର୍ମାଣ ହୋଇଛି। ଏ ନେଇ ବିଏମସି ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ଓଲଟା ଯାତ୍ରା ପାଇଁ ମହାପ୍ରଭୁଙ୍କୁ ଅନୁମତି ଲୋଡ଼ା ପଡୁଛି। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ପକ୍ଷରୁ ମଧ୍ୟ ଏସବୁ ନେଇ ଅଭିଯୋଗ ଆସିଲେ ତାଙ୍କର ଚିଠି ଲେଖିବା ଅବା ନୋଟିସ ଦେବାଛଡା ଅନ୍ୟ ଉପାୟ ନାହିଁ। ଏଣୁ ଚଳିତବର୍ଷ ଅଶୋକାଷ୍ଟମୀ ଯାତ୍ରା ପୂର୍ବରୁ ବରିଷ୍ଠ ଅଧିକାରୀ ଓ ସଚିବ ସ୍ତରୀୟ ଅଧିକାରୀ ଶ୍ରୀଲିଙ୍ଗରାଜଙ୍କ ଯାତ୍ରା ସ୍ଥଳ ସମେତ ଜମିଗୁଡ଼ିକୁ ଜବରଦଖଲମୁକ୍ତ ନେଇ ସ୍ଥାୟୀ ପ୍ରତିକାର କରିବାକୁ ଶ୍ରଦ୍ଧାଳୁ ଓ ସେବାୟତଙ୍କ ମହଲରେ ଦାବି ହୋଇଛି। ନଚେତ ଏକାମ୍ର ବିକାଶ ଏକରକମ ଅଧୁରା ରହିଯିବ। ଜବରଦଖଲ କାରଣରୁ ରଥଦାଣ୍ଡ ସଙ୍କୁଚିତ ହୋଇଯାଇଛି। ଫଳରେ ରୁକୁଣା ରଥ ଦାଣ୍ଡରେ ଗଡ଼ିବାରେ ପ୍ରତିବନ୍ଧକ ସାଜିବ ଏହା ନିଃସନ୍ଦେହ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ସମ୍ପର୍କରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କୁ ପଚାରିବାରେ କାର୍ଯ୍ୟାଳୟରେ ଅମିନ ଏବଂ ଆରଆଇ ପଦବୀ ଖାଲି ପଡିଛି। ତେଣୁ ଜବରଦଖଲ ସ୍ଥାନ ଚିହ୍ନଟ ପାଇଁ ସମସ୍ୟା ଉପୁଜୁଛି। ଖୁବ୍‌ଶୀଘ୍ର ଏହି ପଦବୀ ପୂରଣ ହେଲେ ରଥଦାଣ୍ଡରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜୋରଦାର କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାନିଲେ ଠାକୁର,**
**ନ ମାନିଲେ ପଥର ।**

ଭାବନା ଓ ଶ୍ରଦ୍ଧାର ଅନ୍ୟନାମ ଶକ୍ତି ବା ଦେବତା । ଭାବାନୁସାରେ ଈଶ୍ୱରଙ୍କର ଅଭ୍ୟୁତ୍‌ଥାନ ଘଟିଥାଏ। ବ୍ୟକ୍ତିର ଭାବନା ଯେପରି ହୋଇଥାଏ ଠିକ୍ ସେହିପରି ଆକୃତି ବିଶିଷ୍ଟ ଦେବଦେବୀ ତାଙ୍କୁ ଦୃଶ୍ୟ ହୋଇଥାନ୍ତି। ମନରେ ଭକ୍ତି ଓ ବିଶ୍ୱାସ ରଖି ଯଦି ପଥର ଦେହରେ ସିନ୍ଦୂର ବୋଳି ତାଙ୍କୁ ଦେବତା ଜ୍ଞାନ କହି ପୂଜା କରାଯାଏ ତେବେ ସେହି ଅନୁସାରେ ଫଳ ବା କୃପା ମିଳିଥାଏ। ଏହାର ମୂଳରେ ନିହିତ ଥାଏ ବ୍ୟକ୍ତିର ନିଷ୍ଠା ଓ ବିଶ୍ୱାସ। ବିଶ୍ୱାସରେ ହିଁ ଭଗବାନଙ୍କୁ ପାଇ ହୁଏ ବୋଲି ଏଠାରେ ଉଲ୍ଲେଖ ପ୍ରକାଶ କରାଯାଇଛି।

**ମାରି ମାରି ଗଲା କାଳକ,**
**ଆଉ ବାକି ଅଛି ବେଳକ ।**

ଜୀବନ ଯେମିତି ବିତୁଛି ବିତିଚାଲୁ। ଏମିତିରେ ତ ବେଳକାଳ ବିତିଗଲାଣି, ଯୁଗ ସରିଆସିଲାଣି। ଆଉ କେତେକାଳ ଅଛି ଯେ ତା' ପାଇଁ ଏତେ ଚିନ୍ତା! ଜୀବନଶୈଳୀରେ କୌଣସି ପରିବର୍ତ୍ତନ ଆଣିବା ପାଇଁ ଅନିଚ୍ଛା ତଥା ଏମିତି ବାକି ସମୟ ତ ବିତିଯିବ ବୋଲି ବସି ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୪ରେ ଜମାଣ ଉତ୍ସବ

**ବାଳକାଟୀ, ୧୨।୩ (ଡି.ଏନ୍.ଏ.)** ରାଜଧାନୀ ଉପକଣ୍ଠ ବାଳକାଟୀର ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବଙ୍କ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣର ଜମାଣ ଉତ୍ସବ ଆସନ୍ତା ୧୪ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ଅନ୍ତିମ ପ୍ରସ୍ତୁତି ବୈଠକ ପ୍ରତାପଶାସନ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ସ୍ଥାନୀୟ ସରପଞ୍ଚ ଭାଗ୍ୟଧର ନନ୍ଦୀ ଅଧ୍ୟକ୍ଷତା କରିଥିବାବେଳେ ବିଭିନ୍ନ ସାହି ଓ ଗ୍ରାମରୁ ଆସୁଥିବା ଠାକୁରମାନଙ୍କ ରୁଟ ସମ୍ବନ୍ଧୀୟ ତଥା ଚଳିତବର୍ଷ ମେଳଣ କିଭଳି ଅଧିକ ଆକର୍ଷଣୀୟ ହେବ ସେନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୋନ-୪ ଏସିପି ରବି ଶତପଥୀ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ସାହୁ, କପିଳ ମହାରଣା, ବେଣୁଧର ଭୋଇ, ଶତ୍ରୁଘ୍ନ ପୃଷ୍ଟି, ଗିରିଧାରୀ ସାହୁ, ମହେଶ୍ୱର ବେହେରା, ମଳୟ ମହାନ୍ତିଙ୍କ ସମେତ ବିଭିନ୍ନ ସାହିର ମୁରବୀ, ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଫଗୁ ପାଇଁ ଏହି ପଞ୍ଚୁଦୋଳ ମେଳଣର ଏକ ସ୍ୱତନ୍ତ୍ରତା ରହିଛି। ମେଳଣରେ ପ୍ରତାପଶାସନ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବ ଥାନପତି ହୋଇଥିବାବେଳେ ଆଖପାଖ ଅଞ୍ଚଳର ପ୍ରାୟ ୫୨ଟି ବିମାନ ମେଳଣପଡ଼ିଆରେ ଏକତ୍ରିତ ହୋଇଥାନ୍ତି।

# ମୁକ୍ତାକାଶ କାରାଶ୍ରମରେ ନୂତନ ଅଧୀକ୍ଷକଙ୍କ ଯୋଗଦାନ

**ବାରଙ୍ଗ, ୧୨।୩ (ଡି.ଏନ୍.ଏ.)** ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରେ ନୂତନ ଅଧୀକ୍ଷକ ଭାବେ ଝାରପଡ଼ାସ୍ଥିତ ସ୍ୱତନ୍ତ୍ର କାରାଗାରରୁ ପଦୋନ୍ନତି ପାଇଥିବା ସତ୍ୟ ପ୍ରକାଶ ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଅଧୀକ୍ଷକ ଥିବା ପ୍ରଦୀପ କୁମାର ବେହେରାଙ୍କୁ ବାରିପଦା ସର୍କଲଜେଲର ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ଏଠାରେ କାର୍ଯ୍ୟରତ ଜେଲର ସମୀର କୁମାର ସାହୁଙ୍କୁ ବ୍ରହ୍ମପୁରସ୍ଥିତ ଜେଲ ଟ୍ରେନିଂକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବଲାଙ୍ଗୀର ଜିଲା କାରାଗାରରୁ ସଞ୍ଜୟ କୁମାର ବର୍ମାଙ୍କୁ ମୁକ୍ତାକାଶର ଜେଲର ଦାୟିତ୍ୱ ଦିଆଯାଇଛି।

# ଜୟଦେବ ପୀଠ ପରିଦର୍ଶନ କଲେ ମନ୍ତ୍ରୀ

**ବାଲିଅନ୍ତା, ୧୨।୩ (ଡି.ଏନ୍.ଏ.)** ବାଲିଅନ୍ତା ବ୍ଲକ ଅଧୀନ କେନ୍ଦୁଲିସ୍ଥିତ ପର୍ଯ୍ୟଟନକେନ୍ଦ୍ର ଜୟଦେବ ପୀଠର ଖୁବଶୀଘ୍ର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବ। ଗୁରୁବାର ଅପରାହ୍ନରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜୟଦେବ ପୀଠକୁ ପରିଦର୍ଶନରେ ଆସି ଉନ୍ନତିମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପୀଠ ପରିସରରେ ଥିବା ଜୟଦେବ ସଂଗ୍ରହାଳୟ, ଜୟଦେବ ମଣ୍ଡପ, ଉଦ୍ୟାନ ଓ ଗେଷ୍ଟହାଉସ ଭିତରେ ଥିବା ୧୧ଟି ବିଷ୍ଣୁ ମୂର୍ତ୍ତିକୁ ବୁଲି ଦେଖିଥିଲେ। ପୀଠ ପରିସରରେ ସମୀକ୍ଷା ବୈଠକରେ ପର୍ଯ୍ୟଟନ, ସଂସ୍କୃତି ଓ ଜଙ୍ଗଲ ବିଭାଗର ଅଧିକାରୀଙ୍କ ସହିତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଥିବା ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ପୀଠ ପରିସରରେ ୧୦ଏକର ଜମି ରହିଛି। କିଛି ଜମି ବ୍ୟକ୍ତିଗତ ମାଲିକାନାରେ ରହିଛି।



ଜୟଦେବ ପୀଠ ପରିଦର୍ଶନ କରୁଛନ୍ତି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

ଏହାର ରେକର୍ଡ ସଂଶୋଧନ କରି ଜମିର ଡିମାରକେଶନ ପାଇଁ ମନ୍ତ୍ରୀ ଉପସ୍ଥିତ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାର୍ଚ୍ଚ ୩୧ସୁଦ୍ଧା ପୀଠର ସମସ୍ତ ଜମିର ରେକର୍ଡ ସଂଶୋଧନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜୟଦେବ ପୀଠରେ ଉନ୍ନତିକରଣ ପାଇଁ ୭କୋଟି ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ୧୦କୋଟି ୮୯ଲକ୍ଷ ମଞ୍ଜୁର ହୋଇ ଟେଣ୍ଡର ସରିଥିବା ପର୍ଯ୍ୟଟନ ବିଭାଗର ଅଧିକାରୀ ସୂଚନା ଦେଇଥିଲେ। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ମନ୍ତ୍ରୀ ପାଣିଗ୍ରାହୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜୟଦେବ ସଂଗ୍ରହାଳୟ ଗୃହର ମରାମତି ହେବ ନା ଏକ ନୂତନ ଗୃହ କରାଯିବ ସେନେଇ ମନ୍ତ୍ରୀ ଓଟିଡିସିର ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ଏହାସହ ପୀଠର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତୁତ ଡିଜାଇନ ନେଇ କିଛି ଆପତ୍ତି ଅଛି ସେନେଇ ମନ୍ତ୍ରୀ ଉପସ୍ଥିତ ଅଧିକାରୀ, ଜନସାଧାରଣ ଓ ଲୋକପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ ପୀଠରେ ପ୍ରାୟ ୧ଘଣ୍ଟା ରହିଥିଲେ। ତାଙ୍କ ଗସ୍ତ ସମୟରେ ସଂସ୍କୃତ ବିଭାଗର ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ ନାୟକ, ଜୟଦେବ ବିଧାୟକ ଡ.ଅରବିନ୍ଦ ଢ଼ାଲୀ, ତହସିଲଦାର ରଶ୍ମିରେଖା ପ୍ରଧାନ, ବିଡିଓ ବିକେ ସାହୁ, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର ଓ ସରପଞ୍ଚ ପ୍ରଜ୍ଞାପାରମିତା ଜେନାମଣୀ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହିଳାଙ୍କୁ ଗୋଡ଼େଇ ପିଟିବା ଘଟଣାରେ ୨ ଗିରଫ

**ପୁରୁଣା ଭୁବନେଶ୍ୱର, ୧୨।୩ (ଡି.ଏନ.ଏ.)–** ଜମି ସୀମା ବିବାଦକୁ ନେଇ ସୋମବାର ଲିଙ୍ଗରାଜ ଥାନା ଅଧୀନ ବିନ୍ଦୁସାଗର ରାସ୍ତାରେ ସବିତା ସେଠୀଙ୍କୁ କେତେଜଣ ବ୍ୟକ୍ତି ବିଚ୍ ରାସ୍ତାରେ ଗୋଡ଼େଇ ଗୋଡ଼େଇ ମାଡ଼ ମାରିଥିଲେ। ଏହି ଘଟଣାରେ ପୋଲିସ ଗୁରୁବାର ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ହରଚଣ୍ଡୀ ସାହିର ପ୍ରକାଶ ମହାସୁଆର(୫୪) ଏବଂ ପଳାଶପଲ୍ଲୀ ଅଞ୍ଚଳର ପ୍ରଶାନ୍ତ ମହାପାତ୍ର(୩୪)। ପୋଲିସ ସୂଚନା ମୁତାବକ, ଏମାନଙ୍କ ସହ ୭ରୁ ଉର୍ଦ୍ଧ୍ୱ ଯୁବକ ମହିଳାଙ୍କୁ ଘଟଣା ଦିନ ଗୋଡ଼େଇ ଗୋଡ଼େଇ ମାଡ଼ ମାରିଥିଲେ। ମହିଳାଙ୍କ ଅଭିଯୋଗ ପରେ ପୋଲିସ ନଂ. ୪୫/୨୦ରେ ମାମଲା ରୁଜୁ କରିଥିଲା। ମାଡ ମାରିଥିବା ଅନ୍ୟମାନେ ଫେରାର ଅଛନ୍ତି। ଦୁଇଟି ସ୍ପେଶାଲ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶରତ ପାତ୍ର କହିଛନ୍ତି।



ଭଞ୍ଜକଳା ମଣ୍ଡପରେ ଗୁରୁବାର ନାଟ୍ୟଧାରା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟକ 'କ୍ରୀତଦାସ'ର ଏକ ଦୃଶ୍ୟ।

# ହେଲମେଟ ପିନ୍ଧି ନ ଥିବାରୁ ଆଇନଜୀବୀଙ୍କୁ ମାଡ଼

**ଚେକିଂ ନାଁରେ ଟ୍ରାଫିକ ପୋଲିସର ଦାଦାଗିରି**

**ଭୁବନେଶ୍ୱର, ୧୨।୩ (ବ୍ୟୁରୋ)** ରାଜଧାନୀରେ ଦିନକୁ ଦିନ ଟ୍ରାଫିକ ପୋଲିସର ଦାଦାଗିରି ବଢ଼ିବାରେ ଲାଗିଛି। କିଛିଦିନ ତଳେ ସିଆରପି ଛକ ନିକଟରେ ଜଣେ ମହିଳାଙ୍କ ସ୍କୁଟିରୁ ଜବରଦସ୍ତି ଗାଡ଼ି ଚାବି କାଢି ନେଇ ହଇରାଣ କରିବା ଘଟଣା ନ ସରୁଣୁ ଗୁରୁବାର ପୁଣି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଏକ ଘଟଣା ପଦାକୁ ଆସିଛି। କୌସ୍ତୁବ କଲେଜ ନିକଟରେ ଚେକିଂ ଚାଲିଥିବାବେଳେ ହେଲମେଟ ପିନ୍ଧି ନ ଥିବା ଜଣେ ଆଇନଜୀବୀଙ୍କୁ ଜଣେ ଟ୍ରାଫିକ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ମାଡ଼ରେ ଆଇନଜୀବୀ ଜଣଙ୍କ ବେହୋସ ହୋଇଥିବା ସେ କହିଛନ୍ତି। ଅନ୍ୟପଟେ ମାଡ଼ ମାରିଥିବା ଟ୍ରାଫିକ ପୋଲିସ ମଧ୍ୟ ଆଇନଜୀବୀଙ୍କ ନାମରେ ପାଲଟା ଅଭିଯୋଗ କରିଥିବା ଜଣାପଡିଛି। ପୋଲିସ ଉଭୟ ଅଭିଯୋଗ ଆଧାରରେ ତଦନ୍ତ କରୁଥିବା ଜଣାପଡିଛି।

ଆଇନଜୀବୀ କେଶବ ମିଶ୍ରଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ୧୦ଟାରେ ଟ୍ରାଫିକ ପୋଲିସ ପକ୍ଷରୁ ଯାଞ୍ଚ ହେଉଥିଲା। ଏହି ସମୟରେ ଆଇନଜୀବୀ କେଶବ ପଟିଆରୁ ଇନ୍‌ଫୋସିସ୍ ଅଭିମୁଖେ ଯାଉଥିବାବେଳେ ଉକ୍ତ ଛକ ନିକଟରେ ପୋଲିସ ତାଙ୍କୁ ଅଟକାଇଥିଲା। ହେଲେ କେଶବ ଆଗକୁ ଯାଇ ବାଇକ ରଖିବା ସମୟରେ କାର୍ଯ୍ୟରତ ଟ୍ରାଫିକ ପୋଲିସ ତାଙ୍କୁ ଗୋଟିଏ ଚାପୁଡ଼ା ମାରିଥିଲେ। ଫଳରେ ସେ ତଳେ ପଡ଼ି ବେହୋସ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପାଣି ଛିଞ୍ଚିବା ପରେ ଚେତା ଫେରିଥିଲା ବୋଲି କେଶବ କହିଛନ୍ତି। ଅନ୍ୟପକ୍ଷେ ମାଡ଼ ମାରିଥିବା ଟ୍ରାଫିକ ପୋଲିସ ଜଣଙ୍କ କହିଛନ୍ତି, କେଶବ ବିନା ହେଲମେଟରେ ଯାଉଥିଲେ। ତାଙ୍କୁ ଅଟକାଇଥିଲେ ମଧ୍ୟ ସେ ରହି ନ ଥିଲେ। ଫଳରେ ପୋଲିସ ତାଙ୍କୁ ଧରିବା ପରେ ସେ ଏଭଳି ମିଥ୍ୟ ଅଭିଯୋଗ ଆଣିଥିଲେ। ତାଙ୍କୁ ସେଭଳି ମାଡ ହୋଇନାହିଁ। ଏ ନେଇ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ଏ ସମ୍ପର୍କରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବାରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

କିନ୍ତୁ ଏହି ଘଟଣାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ନାରୀନେତ୍ରୀ ଡଲି ରଥ। ସେ କହିଛନ୍ତି ଯେ, ଜଣେ ଟ୍ରାଫିକ ନିୟମ ଉଲ୍ଲଂଘନ କଲେ କ'ଣ ପୋଲିସ ସେମାନଙ୍କୁ ମାଡ଼ ମାରିବ। ଯଦି ଜଣେ ଟ୍ରାଫିକ ନିୟମ ଭାଙ୍ଗିଛି ତେବେ ତାଙ୍କୁ ଆଇନ ଅନୁଯାୟୀ ଜରିମାନା କରନ୍ତୁ। ଏଭଳି ଲୋକଙ୍କୁ ଯାଞ୍ଚ ନାଁରେ ମାଡ଼ ମାରିବା ଠିକ୍ ନୁହେଁ। ଏଭଳି ହେଲେ ଶେଷରେ ରାଜମହଲ ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଏ ନେଇ ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି, ପ୍ରକୃତ ଘଟଣା କ'ଣ ହୋଇଛି ସମସ୍ତେ ଜାଣିଛନ୍ତି। ଯଦି ଟ୍ରାଫିକ ପୋଲିସ ପିଟିବା ନେଇ ଅଭିଯୋଗ ହେଉଛି ତେବେ ଘଟଣାର ଯାଞ୍ଚ କରାଯିବ। ଟ୍ରାଫିକ ପୋଲିସ ଦୋଷୀ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS BUSINESS

FINANCE FINANCE

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ
ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କେଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କେଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ Online ସୁବିଧା
CONTACT
90783-45815
gmail-fusionmicrofinance2020@gmail.com

JOIN RAPIDO BIKE TAXI
JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କେଟ୍, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DHARITRI Career appointment Every Wednesday and Saturday

ଜଣେ ବିପଦରେ ପଡ଼ିଥିବାବେଳେ ତାହାର ସୁଯୋଗ ନେଇ ତାକୁ କଷ୍ଟଦେବା ବିବେକହୀନର କାର୍ଯ୍ୟ।
-ବିନୋଦ କାନୁନ୍‌ଗୋ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେଶନ(ଏଆଇଡିଏସଓ) ପକ୍ଷରୁ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ଟ୍ରେଜେରି ଅମଲା ସଂଘ ପକ୍ଷରୁ ଧାରଣା, ଟ୍ରେଜେରି ଅଫିସ ସମ୍ମୁଖ, ଅପରାହ୍ନ ୧ଟା ୩୦।
- ଭିଏସ୍‌ଏସ୍ ନଗର ମହିଳା ମହାସଂଘ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ଏଏଲ-ଏଇ କଲୋନୀସ୍ଥିତ ପାର୍କ, ଭିଏସ୍‌ଏସ୍ ନଗର, ଅପରାହ୍ନ ୫ଟା।
- କାଞ୍ଚନା ଫାଉଣ୍ଡେଶନ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ୩୮ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ଓ ପୁରସ୍କାର ପ୍ରଦାନ ଉତ୍ସବ, ବୁଦ୍ଧ ଆର୍ଟ ଗ୍ୟାଲେରି, ବୁଦ୍ଧ ଜୟନ୍ତୀ ପାର୍କ, ନୀଳାଦ୍ରି ବିହାର, ସନ୍ଧ୍ୟା ୬ଟା ୩୦।
- ନାଟ୍ୟାଧାରା ପକ୍ଷରୁ ନାଟକ ପରିବେଷଣ, ଭଞ୍ଜକଳା ମଣ୍ଡପ, ରାତି ୭ଟା ୧୫।

**ବାଲିଅନ୍ତା**

- ସତ୍ୟନାରାୟଣ ପାଲା କମିଟି ପକ୍ଷରୁ ବାଦୀପାଲା, ପ୍ରତାପରୁଦ୍ରପୁର ପାଲାମଣ୍ଡପ, ସନ୍ଧ୍ୟା ୭ଟା।
- ପଞ୍ଚବଟୀ ଦୋଳମେଳଣର ରୋଶଣି ଯାତ୍ରା, ତ୍ରିନାଥ ବଜାର ଛକ, ରାତି ୧୨ଟା।

## ସାପ କାମୁଡ଼ାରେ ଜଣେ ମୃତ

ବ୍ରହ୍ମଗିରି,୧୨।୩(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ଡିମିରିସେଣା ଗ୍ରାମରେ ସାପ କାମୁଡ଼ାରେ ଗୁରୁବାର ରତ୍ନାକର ପଲାଇଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଡିମିରିସେଣା ଗ୍ରାମର ରତ୍ନାକରଙ୍କୁ ସୋମବାର ଏକ ସାପ କାମୁଡ଼ିଥିଲା। ତାଙ୍କୁ ଚିକିତ୍ସା ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଛି।

# 'ପାଲା' ପାଇଁ ପାଗଭିଡ଼ା



- ପାରମ୍ପରିକ ଲୋକକଳାକୁ ସରକାରୀ ପ୍ରୋତ୍ସାହନ
- ରାଜ୍ୟରେ ଅଛନ୍ତି ୪୩୩୧ ପାଲା କଳାକାର
- କଟକ ଜିଲାରେ ପଞ୍ଜୀକୃତ ହୋଇଛନ୍ତି ସର୍ବାଧିକ

### ସମନ୍ୱୟ ରଖୁଥିବା ଲୁପ୍ତପ୍ରାୟ ଲୋକକଳା

ଓଡ଼ିଶାର ଏହି ଲୁପ୍ତପ୍ରାୟ ଲୋକକଳା 'ପାଲା' ହିନ୍ଦୁ ଓ ଇସଲାମ ଧର୍ମ ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା ବିଶ୍ୱାସ ରହିଛି। ଏଥିରେ ଉଭୟ ସତ୍ୟନାରାୟଣ ଏବଂ ପୀର ବାବାଙ୍କୁ ପୂଜା କରାଯାଉଥିବାରୁ ପାଲାକୁ ସତ୍ୟପୀର ପୂଜା ବୋଲି ମଧ୍ୟ କୁହାଯାଏ। ବାଦୀପାଲା ସର୍ବାଧିକ ଲୋକପ୍ରିୟ ପାଲା ହୋଇଥିବାବେଳେ ପ୍ରାଚୀନ ସମୟରେ ଏହା ଲୋକଙ୍କ ମନୋରଞ୍ଜନର ପ୍ରମୁଖ ମାଧ୍ୟମ ଥିଲା। କେବଳ ଏତିକି ନୁହେଁ, ସାହିତ୍ୟ, ସଂସ୍କୃତି ଓ କଳା ପ୍ରତି ଏହା ଲୋକଙ୍କୁ ଆକୃଷ୍ଟ କରୁଥିଲା। ସବୁଠାରୁ ବଡ଼କଥା ହେଉଛି, ପାଲା ମାଧ୍ୟମରେ ଓଡ଼ିଶାରେ ଭାଷା ଆନ୍ଦୋଳନ ଘରେ ଘରେ ପହଞ୍ଚି ପାରିଥିଲା। ସେହିଭଳି ସ୍ୱାଧୀନତା ଆନ୍ଦୋଳନ ସମୟରେ ମଧ୍ୟ ପାଲାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କୁହାଯାଏ। ତେବେ ଧୀରେ ଧୀରେ ଟେଲିଭିଜନ, ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ଭଳି ଆଧୁନିକ ମନୋରଞ୍ଜନ ମାଧ୍ୟମ ଆସିବା ପରେ ପାଲା ଧୀରେ ଧୀରେ ନିଜ ସ୍ଥିତି ହରାଇଲା। ବର୍ତ୍ତମାନ ଓଡ଼ିଶାର ଗାଁ ଗହଳିରେ କାଁ ଭାଁ ସ୍ଥାନରେ ପାଲା ପରିବେଷଣ ହେଉଥିବା ଦେଖିବାକୁ ମିଳେ।

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ଦିନେ ଓଡ଼ିଶାର ଘରେ ଘରେ ପରିଚିତ ଥିବା ପାରମ୍ପରିକ ଲୋକକଳା 'ପାଲା' ପ୍ରତି ଲୋକଙ୍କ ଆଗ୍ରହ କମିବାରେ ଲାଗିଛି। ଧୀରେ ଧୀରେ ଜନମାନସରୁ ଦୂରେଇ ଯାଉଥିବାବେଳେ ପାଲାକୁ ପ୍ରୋତ୍ସାହନ ଦେବାକୁ ପାଗ ଭିଡ଼ିଛନ୍ତି ରାଜ୍ୟ ସରକାର। 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା' ମାଧ୍ୟମରେ ପାଲା କଳାକାରମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହାସହ ପାଲାର ପ୍ରଚାର ପ୍ରସାର ପାଇଁ ସରକାରଙ୍କ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମରେ ଏହି କଳାକାରଙ୍କୁ ସାମିଲ୍ କରାଯାଉଛି। ରାଜ୍ୟର ମୋଟ ୪୩୩୧ଜଣ ପଞ୍ଜୀକୃତ ପାଲା କଳାକାର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ତେବେ କଟକ ଜିଲାରେ ସର୍ବାଧିକ ପାଲା କଳାକାର ରହିଥିବାବେଳେ ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ଗଜପତି ଜିଲାରେ ଜଣେ ବି ହେଲେ ପଞ୍ଜୀକୃତ ପାଲା କଳାକାର ନ ଥିବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ୨୦୧୮ ପୂର୍ବରୁ ପ୍ରଚଳିତ ଦୁଃସ୍ଥ କଳାକାର ଭତ୍ତା ଯୋଜନା ଅଧୀନରେ ୩୬୧୬ଜଣ କଳାକାର ଭତ୍ତା ପାଉଥିଲେ। ମାତ୍ର ସେମାନଙ୍କ ତାଲିକା କଳାର ପ୍ରକାରଭେଦ ଅନୁସାରେ ପ୍ରସ୍ତୁତ କରାଯାଇ ନ ଥିଲା। ତେବେ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା' ଅନୁସାରେ କଳାକାରଙ୍କ ପ୍ରକାରଭେଦ କରାଯାଇଥିବାବେଳେ ରାଜ୍ୟରେ ଥିବା ପାଲା କଳାକାରଙ୍କୁ ଚିହ୍ନଟ କରାଯାଇଛି। ରାଜ୍ୟର ବିଭିନ୍ନ କଳାକାରଙ୍କ ସହ ପାଲା ଗାୟକ, ବାୟକ ଓ ପାଳିଆ (ପାଲା କଳାକାର)ଙ୍କୁ ମଧ୍ୟ ମାସିକ ୧୨୦୦ ଟଙ୍କାର ଆର୍ଥିକ ସହାୟତା ଜିଲା ପ୍ରଶାସନ ମାଧ୍ୟମରେ ପ୍ରଦାନ କରାଯାଉଥିବା ନେଇ ମନ୍ତ୍ରୀ ପାଣିଗ୍ରାହୀ ବିଧାନସଭାରେ ବିଧାୟକ ସୌଭିକ ବିଶ୍ୱାଳଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କହିଛନ୍ତି। ସୂଚନା ମୁତାବକ, କଟକ ଜିଲାରେ ସର୍ବାଧିକ ପାଲା କଳାକାର ରହିଥିବାବେଳେ ମୋଟ ୪୯୯ଜଣ ଗାୟକ, ବାୟକ ଏବଂ ପାଳିଆ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଉପକୃତ ହେଉଛନ୍ତି। ଯାଜପୁରରେ ଦ୍ୱିତୀୟ ସର୍ବାଧିକ ୪୯୦ଜଣ ପଞ୍ଜୀକୃତ ପାଲା କଳାକାର ଥିବାବେଳେ ଅନୁଗୋଳରେ ୪୫୫ଜଣ, ବରଗଡ଼ରେ ୩୫୩ ଜଣ, କେନ୍ଦୁଝରରେ ୩୪୭ଜଣ, ଭଦ୍ରକରେ ୨୯୬ଜଣ, ଖୋର୍ଦ୍ଧାରେ ୨୭୭ଜଣ, ବାଲେଶ୍ୱରରେ ୨୧୫ଜଣ, ଢେଙ୍କାନାଳରେ ୧୮୫ଜଣ, ପୁରୀ ଓ ସୁନ୍ଦରଗଡ଼ରେ ୧୭୫ଜଣ ଲେଖାଏ ପାଲା କଳାକାର ରହିଛନ୍ତି।

# ଜବରଦଖଲ, ବେଆଇନ ପାର୍କିଂ: ବଡ଼ଦାଣ୍ଡ ସଙ୍କୁଚିତ





**ପୁରୀ ଅଫିସ,୧୨।୩**

ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଏଥିପାଇଁ ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସିଂହଦ୍ୱାରକୁ ଆକର୍ଷଣୀୟ ଭାବେ ସଜାଯାଇଛି। ପୂର୍ବାପେକ୍ଷା ଶ୍ରୀକ୍ଷେତ୍ରକୁ ଭକ୍ତ ଏବଂ ପର୍ଯ୍ୟଟକଙ୍କ ଆଗମନ ବି ବୃଦ୍ଧିପାଉଛି। ହେଲେ ଏସବୁ ଭିତରେ ପ୍ରମୁଖ ସମସ୍ୟା ପାଲଟିଛି ବଡ଼ଦାଣ୍ଡରେ ବେଆଇନ ପାର୍କିଂ ଏବଂ ଜବରଦଖଲ। ଫଳରେ ପର୍ଯ୍ୟଟକମାନେ ଯାଆସ କରିବାରେ ଅସୁବିଧା ଭୋଗୁଛନ୍ତି। ବଡ଼ଦାଣ୍ଡର ଦୁଇପାର୍ଶ୍ୱରେ ଉଠାଦୋକାନୀ, ବେଆଇନ ପାର୍କିଂ ରାସ୍ତାକୁ ଅଧା କବ୍‌ଜା କରିନେଉଛି। ବାଇକ୍ ଏବଂ ଅନ୍ୟାନ୍ୟ ଗାଡିମୋଟର ଯିବାଆସିବା କରିବା ପରେ ଭକ୍ତ ଏବଂ ପର୍ଯ୍ୟଟକ ଚାଲି ଚାଲି ଯିବାରେ ବି ସମସ୍ୟାରେ ପଡୁଛନ୍ତି।

ସହରର ଅନ୍ୟାନ୍ୟ ରାସ୍ତା ଅପେକ୍ଷା ସବୁବେଳେ କୋଳାହଳ ଥାଏ ବଡ଼ଦାଣ୍ଡ। ପାହାନ୍ତା ପରଠାରୁ ରାତି ୧୧ଟା ପର୍ଯ୍ୟନ୍ତ ଭକ୍ତ, ପର୍ଯ୍ୟଟକ ଏବଂ ସହରବାସୀଙ୍କ ଯିବାଆସିବା ଲାଗିରହେ। ୨.୮ କିମି ଲମ୍ବ ଓ ୧୮୦ ଫୁଟ ପ୍ରସ୍ଥ ବିଶିଷ୍ଟ ବଡ଼ଦାଣ୍ଡ ଆଜି ତା'ର ସ୍ୱତନ୍ତ୍ରତା ହରାଇଛି।

ବଡ଼ଦାଣ୍ଡରେ ନୂଆ ନୂଆ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲାଯାଉଛି। ଅନେକ ଶପିଂମଲ, ହୋଟେଲ, ଲଜିଂ ମଧ୍ୟ ଖୋଲିଛି। କିନ୍ତୁ କେତେକ ବ୍ୟବସାୟିକ ପ୍ରତିଷ୍ଠାନ ନିଜର ପାର୍କିଂ ସୁବିଧା ରଖି ନ ଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। କେବଳ ସେତିକି ନୁହେଁ, ବଡ଼ଶଙ୍ଖ ପରିବା ମାର୍କେଟ ବି ବଡ଼ଦାଣ୍ଡ ଉପରେ ବସୁଥିବାବେଳେ କେତେକ ଦୋକାନ ରାସ୍ତା ଉପରେ ରଖାଯାଇଛି। ଫଳରେ ଗୁଣ୍ଡିଚା ମନ୍ଦିରଠାରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ରାସ୍ତା ସଂକୁଚିତ ହେବାରେ ଲାଗିଛି। ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନ ମନ୍ଦିର ଚତୁଃପାର୍ଶ୍ୱରେ ବସୁଥିବା ଉଠାଦୋକାନୀଙ୍କୁ ହଟାଇ ଦେଇଛି। ବିଶେଷକରି ସିଂହଦ୍ୱାର ସମ୍ମୁଖରେ ଯେଉଁ ବ୍ୟବସାୟୀ ପସରା ମେଲାଉଥିଲେ ସେମାନଙ୍କୁ ବି ତଡ଼ିଦିଆଯାଇଛି। ଫଳରେ ଏହି ଉଠାଦୋକାନୀମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ବସୁଛନ୍ତି। ସେମାନଙ୍କୁ ପ୍ରଶାସନ ପକ୍ଷରୁ ବସାଯାଇଛି। ପୂର୍ବରୁ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଠେଲା ଦୋକାନୀ ବସୁଥିବା ବେଳେ ଏବେ ଏମାନଙ୍କୁ ଆଉ ଏକ ଧାଡ଼ିରେ ଥଇଥାନ କରାଯାଇଛି। ଫଳରେ ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ ଅଧାରୁ ଅଧିକ ଜାଗାକୁ ମାଡ଼ି ବସିଛନ୍ତି ଉଠା ବ୍ୟବସାୟୀ। ତେବେ ସବୁଠୁ ସଙ୍ଗିନ ସ୍ଥିତି ସୃଷ୍ଟି କରିଛି ବେଆଇନ ପାର୍କିଂ।

ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ ଦାଶ କହିଛନ୍ତି, ବଡ଼ଦାଣ୍ଡର ଶପିଂ ମଲଗୁଡ଼ିକ ମଧ୍ୟରୁ କେତେକଙ୍କ ନିଜସ୍ୱ ପାର୍କିଂ ନାହିଁ। ଫଳରେ ଗ୍ରାହକମାନେ ବାଧ୍ୟ ହୋଇ ରାସ୍ତାରେ ଗାଡ଼ି ପାର୍କିଂ କରୁଛନ୍ତି, ଯାହା ଦୁର୍ଘଟଣାର କାରଣ ମଧ୍ୟ ସାଜୁଛି। ଯେଉଁ ଶପିଂ ମଲ୍‌ର ନିଜସ୍ୱ ପାର୍କିଂ ନାହିଁ ସେମାନଙ୍କ ବିରୋଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର।

ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ) ସଚିବ ଲଳାଟେନ୍ଦୁ ସାହୁ କହିଛନ୍ତି ଯେ, ନିଶ୍ଚିତ ପକ୍ଷେ ପୁରୀକୁ ଭକ୍ତ, ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ଏହାକୁ ଦୃଷ୍ଟିରେ ରଖି ଆମକୁ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପଡ଼ିବ। ବଡ଼ଦାଣ୍ଡରେ ଉଠାଦୋକାନୀ ଏବଂ ବେଆଇନ ପାର୍କିଂ ଯୋଗୁ ରାସ୍ତା ସଂକୁଚିତ ହେଉଛି। ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ଯେଉଁ ଶପିଂ ମଲ୍‌ଗୁଡ଼ିକ ନିଜସ୍ୱ ପାର୍କିଂ ସୁବିଧା କରିନାହାନ୍ତି ସେମାନଙ୍କୁ ନୋଟିସ କରାଯାଉଛି।ଏହା ଉପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରଠାରେ ଗୁରୁବାର ଅନୁଷ୍ଠିତ ଶାମ୍ଭବୀ ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ହୀରାଧର ସାହୁ ଓ ଅନିଲ ପ୍ରଧାନ ।

# ହୀରାଧର ସାହୁଙ୍କୁ ଶାମ୍ଭବୀ ପୁରସ୍କାର

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ୭ମ ଶାମ୍ଭବୀ ପୁରସ୍କାର ଉତ୍ସବ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହୀରାଧର ସାହୁଙ୍କୁ ୨୦୨୦ ଲାଗି ସମ୍ମାନଜନକ ଶାମ୍ଭବୀ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ୨ଲକ୍ଷ ୫୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଛି। ଜିଲା ଜଙ୍ଗଲ ମଞ୍ଚ ମାଧ୍ୟମରେ ଦେବଗଡ଼ ଜିଲାରେ ବନ୍ୟ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ହୀରାଧରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ଗ୍ରାମୀଣ ଅଞ୍ଚଳରେ ଅବହେଳିତ ଶିଶୁମାନଙ୍କୁ ଶିକ୍ଷାଦାନ ଲାଗି ନିଜକୁ ଉତ୍ସର୍ଗ କରିଥିବା କଟକ ଜିଲାର ଇଞ୍ଜିନିୟର ଅନିଲ ପ୍ରଧାନଙ୍କୁ ବିଚାରପତି ପ୍ରଶଂସା ପତ୍ର-୨୦୨୦ ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ୫୦ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅକ୍ସଫାମ୍ ଇଣ୍ଡିଆ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଅମିତାଭ ବେହେରା ଯୋଗଦେଇ କହିଲେ, ବାସ୍ତବ ପରିବର୍ତ୍ତନ ସର୍ବଦା ନିମ୍ନ ତଥା ତୃଣମୂଳସ୍ତରରୁ ହୋଇଥାଏ। ନିଜର ପ୍ରତିବଦ୍ଧତା ଏବଂ ଆଦର୍ଶ ମାଧ୍ୟମରେ ସମାଜକୁ ପରିବର୍ତ୍ତନ କରୁଥିବା ବାସ୍ତବ ବୀରମାନଙ୍କୁ ଶାମ୍ଭବୀ ପୁରସ୍କାର ଉତ୍ସାହିତ କରିପାରୁଛି। ସମ୍ମାନିତ ଅତିଥିଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର ଭାସ୍କର ନାରାୟଣ ଥୋରଟ୍ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଆଇପିଏଫ୍ ସିଇଓ ଶୈଫାଳିକା ପଣ୍ଡା ସ୍ୱାଗତଭାଷଣ ଦେଇଥିବାବେଳେ ଜୁରୀ ସଦସ୍ୟ ତଥା ଆଇଆଇଆଇଟିର ନିର୍ଦ୍ଦେଶକ ଡ. ଗୋପାଳ କୃଷ୍ଣ ନାୟକ, ଶାନ୍ତମୟ ଚାଟାର୍ଜୀ, ରାଜାରାମ ଶତପଥୀ ଏବଂ ଏ.ପି. ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଶ୍ରୀନିବାସ



ସୁଧାଂଶୁ



ବର୍ଷା ପ୍ରିୟଦର୍ଶିନୀ



ଅମର



ଦୀପକ



ମନମୋହନ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ଟ୍ରକ ଧକ୍କାରେ ଆଇନଜୀବୀ ମୃତ

**ପୁରୀ ଅଫିସ,୧୨।୩**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଅଠରନଳା ସାଇମଣ୍ଡପ ଛକରେ ଗୁରୁବାର ସନ୍ଧ୍ୟାରେ ଏକ ଟ୍ରକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଆଇନଜୀବୀ ପ୍ରଫୁଲ୍ଲ ଚନ୍ଦ୍ର କର। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ଟ୍ରକ ଭଙ୍ଗାରୁଜା କରିବା ସହ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଖବରପାଇ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୋଲିସ ଟ୍ରକକୁ ଜବତ କରିଥିବାବେଳେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସାଇମଣ୍ଡପ ଛକ ନିକଟରେ ଥିବା ଏକ ଡିଭାଇଡର ପାଖରେ ଡ୍ରାଇଭର ଟ୍ରକ ବୁଲାଉଥିଲେ। ଏହି ସମୟରେ ପ୍ରଫୁଲ୍ଲ ଘରକୁ ଫେରୁଥିବାବେଳେ ହଠାତ ଟ୍ରକ ସାମ୍ନାରେ ଆସିଯିବାରୁ ଡ୍ରାଇଭର ଭାରସାମ୍ୟ ହରାଇ ବାଇକକୁ ଧକ୍କା ଦେଇଥିଲା। ବାଇକ ସହ ପ୍ରଫୁଲ୍ଲ ତଳେ ପଡିଯିବା ପରେ ଆଗ ଚକ ତାଙ୍କୁ ଚାପି କିଛି ଦୁର ଘୋଷାରି ନେଇଥିଲା। ଘଟଣାସ୍ଥଳରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ ପୁରୀ ବାରର ଏକାଧିକ ଓକିଲ ଶୋକ ପ୍ରକାଶ କରିଛନ୍ତି।



ସୁଷମା ସଙ୍ଗୀତ ସଦନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଅନୁଷ୍ଠିତ ୧୪ତମ ଗୁରୁ ପ୍ରଣାମ ଉତ୍ସବରେ ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଳିତ ଓ ବିଦ୍ୟୁତ୍‌ପ୍ରଭା ପାଳିତ ସଙ୍ଗୀତ ପରିବେଷଣ କରୁଛନ୍ତି।



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
-ଭଲ୍‌ଟାୟାର



## ସଂକ୍ଷେପରେ

### ଲାଞ୍ଚ: କନିଷ୍ଠ କିରାଣି ଗିରଫ

**କଟକ ଅଫିସ,୧୨।୩:** ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ କଟକ କାଜିବଜାରସ୍ଥିତ ଭକ୍ତମଧୁ ବିଦ୍ୟାପୀଠର କନିଷ୍ଠ କିରାଣି ନାରାୟଣ ସାହୁଙ୍କୁ ଗୁରୁବାର ଭିଜିଲାନ୍ସ ବିଭାଗ ଗିରଫ କରି କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ସହକାରୀ ଶିକ୍ଷକ ସୁମନ୍ତ କୁମାର ଧାନିକ ବକେୟା ୪୩ହଜାର ଟଙ୍କା ପାଇବେ। ବିଲ୍ ପ୍ରସ୍ତୁତ କରିବା ପାଇଁ କନିଷ୍ଠ କିରାଣି ସାହୁ ତାଙ୍କୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଧାନିକ କଟକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ସ୍କୁଲ ପରିସରରେ ଧାନିକଙ୍କଠାରୁ ସାହୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିବା ସହ ଲାଞ୍ଚ ଟଙ୍କା ଜବତ କରିଥିଲେ। ପରେ ବିଦ୍ୟାଧରପୁରସ୍ଥିତ ତାଙ୍କ ବାସଭବନରେ ତଲାସି କରାଯାଇଥିଲା। ଏ ନେଇ କଟକ ଭିଜିଲାନ୍ସରେ ଏକ ମାମଲା(ନଂ.୩/୨୦) ରୁଜୁ ହୋଇଛି।

### ବାଇକ୍ ଧକ୍କାରେ ଯୁବକ ମୃତ

**ଗୋପ,୧୨।୩(ଡି.ଏନ୍.ଏ.):** ଗୋପ ଥାନା ଅନ୍ତର୍ଗତ ଶାରଡା ଗ୍ରାମ ଛକରେ ଗୁରୁବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଟୁକୁନା ପରିଡ଼ା (୨୭)। ସୂଚନାଯୋଗ୍ୟ, ସନ୍ଧ୍ୟା ୮ସମୟରେ ଟୁକୁନା କୌଣସି କାର୍ଯ୍ୟରେ କୁଣ୍ଡିଷକୁ ଯାଇ ଘରକୁ ଫେରୁଥିଲେ। କିନ୍ତୁ ଗ୍ରାମ ଛକ ନିକଟରେ ଏକ ଅଜଣା ମୋଟର ସାଇକେଲ ଧକ୍କାଦେବାରୁ ଟୁକୁନା ରାସ୍ତାରେ ଛିଟିକି ପଡ଼ିଥିଲେ। ପରେ ଗ୍ରାମବାସୀ ତାଙ୍କୁ ଗୋପ ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏ ସମ୍ପର୍କରେ ଗୋପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଧକ୍କା ଦେଇଥିବା ବାଇକ୍ ଚାଳକ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ ସୁଗାର ଜବତ



ଗିରଫ ୩ ଅଭିଯୁକ୍ତ।



ଜବତ ଗାଡ଼ି ଓ ଅନ୍ୟ ସାମଗ୍ରୀ।

**ଭୁବନେଶ୍ୱର,୧୨।୩ (ବ୍ୟୁରୋ)**

ରାଜ୍ୟରେ ଦିନକୁ ଦିନ ନିଶା କାରବାର ବଢ଼ି ଚାଲିଥିବାବେଳେ ସେଥିରେ ଛାତ୍ରଙ୍କ ସମ୍ପୃକ୍ତି ନଜରକୁ ଆସୁଛି। ବୁଧବାର ରାତିରେ ପିପିଲି ଅଞ୍ଚଳରୁ ୨ଜଣ ଛାତ୍ର ସମେତ ୩ ଜଣଙ୍କୁ ଗିରଫ କରିଛି ଏସ୍‌ଟିଏଫ୍। ସେମାନଙ୍କଠାରୁ ୧କିଲୋ ୭୪୯ ଗ୍ରାମ (କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର) ବ୍ରାଉନ ସୁଗାର ଜବତ କରିଛି। ଏ ସମ୍ପର୍କରେ ପୋଲିସ ଡିଜି ଅଭୟ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଢାଉ ବେଳେ ଗୋଟିଏ ସ୍କର୍ପିଓ(ଓଡି-୦୨ବିକେ-୪୬୪୬), ୩ ବାଇକ୍, ପ୍ୟାକିଂ ମେଶିନ, ଗୋଟିଏ ସିସିଟିଭି କ୍ୟାମେରା ଓ ୮ଟି ମୋବାଇଲ୍ ଫୋନ ଅଭିଯୁକ୍ତମାନଙ୍କଠାରୁ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ଗଞ୍ଜାମର ମାନସ ରଞ୍ଜନ ପରିଜା, ସନ୍ତୋଷ କୁମାର ଦାଶ ଓ ପୁରୀର ମହେଶ୍ୱର ସାହୁ। ସେମାନଙ୍କ ବିରୋଧରେ ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟ(୧୯୮୫) ସେକ୍ସନ ୨୧(ସି) ଓ ୨୯ ଅନୁଯାୟୀ କେସ୍ ନଂ.୧୫/୨୦ ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି।

ପୂର୍ବରୁ ଗିରଫ ହୋଇଥିବା ବ୍ରାଉନ ସୁଗାର ବେପାରୀଙ୍କୁ ପଚରାଉଚରା ପରେ ଏହି ତିନି ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ଟିଏଫ୍ ଜାଣିପାରି ସେମାନଙ୍କ ଉପରେ ନଜର ରଖୁଥିଲା। ବୁଧବାର ସେମାନେ ବ୍ରାଉନ ସୁଗାର ଆଣିଥିବା ଏସ୍‌ଟିଏଫ ଖବର ପାଇଥିଲା। ଫଳରେ ରାତିରେ ଏସ୍‌ଟିଏଫ୍‌ର ଏକ ଟିମ୍ ସାଦା ପୋଷାକରେ ମହେଶ୍ୱରଙ୍କ ଘରକୁ ଯାଇଥିଲେ। ଗ୍ରାହକ ଭାବେ ବ୍ରାଉନ ସୁଗାର ମାଗିବା ପରେ ଚଢାଉ କରି ମହେଶ୍ୱର ଏବଂ ସନ୍ତୋଷଙ୍କୁ ଗିରଫ କରିଥିଲେ। ମିଳିଥିବା ତଥ୍ୟ ଅନୁସାରେ, ଏସ୍‌ଟିଏଫ୍ ଦୁଇ ମାସରେ ୪କେଜି ୨୭ ଗ୍ରାମର ବ୍ରାଉନ ସୁଗାର ଜବତ କରିଛି। ଏହାସହ ୧୭ ମାମଲା ରୁଜୁ କରି ୩୨ ଜଣଙ୍କୁ ଗିରଫ କରିଛି।

## ୨ ଛାତ୍ର ସମେତ ୩ ଗିରଫ

### ପାଠ ପଢ଼ିବା ସହ ବିକୁଥିଲେ ବ୍ରାଉନ ସୁଗାର

ଏସ୍‌ଟିଏଫ୍ ହାତରେ ଧରାପଡ଼ିଥିବା ବ୍ରାଉନସୁଗାର ବେପାରୀଙ୍କ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ରହିଛି। ଏହି ରାକେଟର ମାଷ୍ଟରମାଇଣ୍ଡ କୁହାଯାଉଥିବା ମହେଶ୍ୱର ସାହୁ ଜଣେ ବି.ଟେକ୍ ଛାତ୍ର ହୋଇଥିବା ବେଳେ ସନ୍ତୋଷ ମଧ ଜଣେ ବିବିଏ ଛାତ୍ର। ଉଭୟ ରାଜଧାନୀ ଉପକଣ୍ଠ ଏକ ଘରୋଇ କଲେଜରେ ପାଠ ପଢୁଛନ୍ତି। ମହେଶ୍ୱରଙ୍କ ଘରେ ସନ୍ତୋଷ ରହୁଥିଲେ। ସେମାନେ ବ୍ରାଉନ ସୁଗାର ବିକି ପାଉଥିବା ଟଙ୍କାରେ ମଉଜ କରୁଥିଲେ। ଉଭୟଙ୍କର ଗ୍ରାହକ ଉକ୍ତ ଘରୋଇ କଲେଜର ଛାତ୍ରଛାତ୍ରୀ ରହିଥିବା ଜଣାପଡ଼ିଛି।

### ଘରେ ଲାଗିଥିଲା ୱାଇଫାଇ କ୍ୟାମେରା

ମହେଶ୍ୱର ପୋଲିସ ନଜରରୁ ବର୍ତ୍ତିବା ପାଇଁ ଘରେ ଲଗାଇଥିଲେ ସିସିଟିଭି କ୍ୟାମେରା, ଯାହା ତାଙ୍କ ମୋବାଇଲ ଫୋନ ସହ ସଂଯୋଗ ଥିଲା। ସେ ବାହାରକୁ ଯାଉଥିଲେ ମଧ ଘରକୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ସେ ମୋବାଇଲ୍ ଫୋନରେ ନଜର ରଖୁଥିଲେ।

### ମୁର୍ଶିଦାବାଦରୁ ଓଡ଼ିଶା ଆସୁଥିଲା

ପଶ୍ଚିମବଙ୍ଗର ମୁର୍ଶିଦାବାଦରୁ ବ୍ରାଉନ ସୁଗାର ମେଦିନାପୁରକୁ ଆସୁଛି। ସେଠାରୁ ତାହା ବାଲେଶ୍ୱର ପରେ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ନୟାଗଡ଼କୁ ଯାଉଛି। ଗିରଫ ୩ ଅଭିଯୁକ୍ତ ବାଲେଶ୍ୱରରୁ ବ୍ରାଉନ ସୁଗାର ଆଣୁଥିଲେ। ମହେଶ୍ୱର ଘରେ ତାହାକୁ ଜରିରେ ପ୍ୟାକିଂ କରାଇ ଜଟଣୀ,ଏୟାରଫିଲ୍ଡ ଓ ପିପିଲି ଅଞ୍ଚଳକୁ ପଠାଉଥିଲେ।

### ବ୍ୟାଙ୍କ୍ ଡକାୟତିରେ ସାମିଲ

ବ୍ରାଉନ ସୁଗାର ବେପାର ସହ ବ୍ୟାଙ୍କ୍ ଡକାୟତି ଭଳି ଅଭିଯୋଗ ଏହି ଗ୍ୟାଙ୍ଗ୍ ନାଁରେ ରହିଛି। ନିକଟରେ ଜଙ୍କିଆ ଥାନା ଅଞ୍ଚଳର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ସେମାନେ ଡକାୟତି କରିଥିଲେ। ଏନେଇ ଜଙ୍କିଆ ଥାନାରେ ଏକ ମାମଲା କରାଯାଇଛି। ତେଣୁ ସେମାନଙ୍କ ଆଉ କେଉଁ ଡକାୟତି ଓ ଅନ୍ୟ ଅପରାଧରେ ସମ୍ପୃକ୍ତି ରହିଛି ତାହା ଜାଣିବା ପାଇଁ ଏସ୍‌ଟିଏଫ୍ ସେମାନଙ୍କୁ ରିମାଣ୍ଡରେ ନେବ। ଏଥିଲାଗି କୋର୍ଟରେ ୫ ଦିନ ରିମାଣ୍ଡ ପାଇଁ ଆବେଦନ କରିଛି।

### ଅଞ୍ଜଳି ଦିଦି ଲିଙ୍କ୍

ବାଂଲାଦେଶରୁ ଯୁବତୀ ଚାଲାଣ ମାମଲାରେ ଗିରଫ ହୋଇଥିବା ଅଞ୍ଜଳି ଦିଦି ଏବଂ ଇବ୍ରାହିମ୍ ଲିଙ୍କ୍‌ରେ ରହିଥିଲେ ଏହି ୩ ଅଭିଯୁକ୍ତ। ସେମାନେ ବାଂଲାଦେଶରୁ ବ୍ରାଉନ ସୁଗାର ଆଣିବା ସମୟରେ ଅଞ୍ଜଳି ଦିଦିଙ୍କ ସହ ଭେଟ ହୋଇଥିଲା। ତେଣୁ ଏହି ଗ୍ୟାଙ୍ଗ ଯୁବତୀ ଚାଲାଣରେ ସମ୍ପୃକ୍ତ ରହିଥିବା ପୋଲିସ ସନ୍ଦେହ କରୁଛି।

# ବ୍ରହ୍ମଗିରିରେ କାଉ ମଡ଼କ



**ବ୍ରହ୍ମଗିରି,୧୨।୩(ଡି.ଏନ୍.ଏ.)**

ବ୍ରହ୍ମଗିରି ବ୍ଲକ ଅଞ୍ଚଳରେ ଏକାଧିକ କାଉଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ବ୍ଲକ ଅନ୍ତର୍ଗତ କାଣ୍ଡୋଗୋଦା ପଞ୍ଚାୟତ ଅଧୀନ ନିଖିରାଗୋବିନ୍ଦପୁର ଗ୍ରାମରେ ୪ ଦିନ ମଧ୍ୟରେ ଅନେକ କାଉ ମରିପଡିଥିବା ଦେଖିବାକୁ ମିଳିଛି। କାଉଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ବାର୍ଡଫ୍ଲୁ ଆଶଙ୍କା ଦେଖାଯାଇଛି। କାଉଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। କେତେକ ସ୍ଥାନରେ କାଉମାନେ କିଛି ସମୟ ନିସ୍ତେଜ ହୋଇ ପଡିବା ପରେ ସେମାନଙ୍କର ମୃତ୍ୟୁ ଘଟୁଥିବା ଜଣାପଡିଛି। ଏ ସମ୍ପର୍କରେ ବ୍ରହ୍ମଗିରି ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରୀତିତୋଷ ମହାପାତ୍ର କୁହନ୍ତି, ଘଟଣାସ୍ଥଳରେ ପହଞ୍ଚି ସାମ୍ପୁଲ ସଂଗ୍ରହ କରିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଚାଷୀମାନେ ଧାନ ଖେତରେ ବିଭିନ୍ନ ରାସାୟନିକ ସାର ଓ କୀଟନାଶକ ପକାଉଛନ୍ତି। ଏହାର ପ୍ରଭାବରେ ଏମାନଙ୍କ ମୃତ୍ୟୁ ହୋଇପାରେ ବୋଲି ଅନୁମାନ କରାଯାଉଛି।

# ଅଗ୍ନିକାଣ୍ଡ: ୩୦ରୁ ଊର୍ଦ୍ଧ୍ୱ ଚାଳି ଜଳିଗଲା

**ନିଆଳି,୧୨।୩(ଡି.ଏନ୍.ଏ.)**

ନିଆଳି ସାପ୍ତାହିକ ହାଟରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩୦ରୁ ଊର୍ଦ୍ଧ୍ୱ ଚାଳି ପୋଡ଼ିପାଉଁଶ ହୋଇଯାଇଛି। ଖବରପାଇ ନିଆଳି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ସାଢେ ୩ ଲକ୍ଷ ଟଙ୍କାର ସମ୍ପତ୍ତି ଜଳିଯାଇଥିବା ଜଣାପଡିଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ କେହି ଦୁର୍ବୃତ୍ତ ହାଟରେ ନିଆଁ ଲଗାଇ ଦେଇଥିବା ବ୍ୟବସାୟୀମାନେ କହିଛନ୍ତି। ପୋଲିସ ତଦନ୍ତ କରିବା ସହ ସିସି କ୍ୟାମେରା ଯାଞ୍ଚ କଲେ ସତ୍ୟତା ଜଣାପଡିବ ବୋଲି ବ୍ୟବସାୟୀ ଚନ୍ଦ୍ରମଣି ସାହୁ, ସହଦେବ ସାହୁ, କେନ୍ଦୁ ସ୍ୱାଇଁ, ପଞ୍ଚୁ ସାହୁ କହିଛନ୍ତି। ଖବରପାଇ ଅତିରିକ୍ତ ତହସିଲଦାର ରଶ୍ମିରେଖା ଅମାତ୍, ସରପଞ୍ଚ ପ୍ରଶାନ୍ତ କୁମାର ସିଂହ, ଆର୍ତ୍ତତ୍ରାଣ ସେନାପତି, ଆଦିତ୍ୟ ପାଣି ପ୍ରମୁଖ ପହଞ୍ଚି ବ୍ୟବସାୟୀଙ୍କୁ ସାନ୍ତ୍ୱନା ଦେଉଥିବା ଦେଖିବାକୁ ମିଳିଥିଲା।



# ନନ୍ଦନକାନନକୁ ଆସିବେ ୪ ଅଣ୍ଡିରା ସିଂହ, ୨ କୋକିଶିଆଳି

**ବାରଙ୍ଗ,୧୨।୩(ଡି.ଏନ୍.ଏ.)**

ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଏଥର ଆସିବେ ୪ ଅଣ୍ଡିରା ସିଂହ। ଏଥିପାଇଁ ୫ଜଣିଆ ଟିମ ଆସନ୍ତା ୧୬ ତାରିଖରେ ଏହି ନୂଆ ଅତିଥିଙ୍କୁ ଆଣିବାକୁ ଛତିଶଗଡ଼ର କାନନପେଣ୍ଡାରୀ ଜୁଲୋଜିକାଲ ଗାର୍ଡେନ ବିଳାସପୁର ଚିଡିଆଖାନାକୁ ଯିବେ। ସିଂହ ସହ ଦୁଇଟି କୋକିଶିଆଳି ମଧ ସେଠାରୁ ଆସିବ। ଏହା ବଦଳରେ ନନ୍ଦନକାନନକୁ ଦୁଇଟି ଜଳହସ୍ତୀ ଦେବାକୁ ପଡିବ। ଏବେ ନନ୍ଦନକାନନରେ ୧୦ ସିଂହ ଅଛନ୍ତି। ସେଥିମଧ୍ୟରେ ସିଂହସଫାରିରେ ୭ଟି ଥିବାବେଳେ ଏନକ୍ଲୋଜରରେ ୩ଟି ସିଂହ ରହିଛନ୍ତି। କମବୟସର କଳ୍ପନା ଓ ଜିତ୍ ହେଉଛନ୍ତି ନନ୍ଦନକାନନର ଶେଷ ଜନ୍ମିତ ସିଂହ ଛୁଆ। ତେବେ ଆସିବାକୁ ଥିବା ସିଂହ ୪ଟି ସଫାରୀରେ ଛଡାଯିବାକୁ ନନ୍ଦନକାନନ ପକ୍ଷରୁ ଏକ ପ୍ରକାର ନିଷ୍ପତ୍ତି ହୋଇସାରିଛି।

ଅନ୍ୟପଟେ ଗୁରୁବାର ନନ୍ଦନକାନନରେ ୩ ବନ୍ୟଜନ୍ତୁ ଜନ୍ମ ନେଇଥିବାବେଳେ ୪ଟି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ୫୪ନଂ ଏନକ୍ଲୋଜରରେ ଥିବା ମାର୍ମୋସେଟ ଗୋଟିଏ ଛୁଆ ଜନ୍ମ ଦେବାରୁ ସେମାନଙ୍କ ସଂଖ୍ୟା ବୃଦ୍ଧିପାଇ ୪ରେ ପହଞ୍ଚିଛି। ସେଥିମଧ୍ୟରେ ଗୋଟିଏ ଅଣ୍ଡିରା, ଦୁଇ ମାଈକୁ ମିଶାଇ ଜନ୍ମିତ ଛୁଆର ଲିଙ୍ଗନିରୂପଣ ହୋଇନାହିଁ। ରାତ୍ରଚରଜୀବ ଘରେ ଥିବା କୋକିଶିଆଳି ୨ଟି ଛୁଆ ଜନ୍ମ ଦେବାରୁ ସେମାନଙ୍କ ସଂଖ୍ୟା ବୃଦ୍ଧିପାଇ ୪ରେ ପହଞ୍ଚିଛି। ସେଥିମଧ୍ୟରେ ଗୋଟିଏ ଅଣ୍ଡିରା ଗୋଟିଏ ମାଈକୁ ମିଶାଇ ଅନ୍ୟ ଦୁଇଟିର ଲିଙ୍ଗ ନିରୂପଣ ହୋଇପାରିନାହିଁ। ସେହିଭଳି ଗତ କିଛିଦିନ ତଳେ ନୀଳ ଇଗୁଆନା ଏଣ୍ଡୁଅର ୪ଟିର ମୃତ୍ୟୁ ହୋଇଥିବାବେଳେ ଗୁରୁବାର ୬୮ନଂ ଏନକ୍ଲୋଜରରେ ଥିବା ଗୋଟିଏ ଚିତ୍ରାହରିଣ ଓ ପରିସର ଜଙ୍ଗଲରେ ଗୋଟିଏ ଚିତ୍ରାହରଣ ମୃତ୍ୟୁ ହୋଇଛି। ୬୫ନଂ ଏନକ୍ଲୋଜରରେ ଥିବା କୃଷ୍ଣସାରମୃଗ ଗୋଟିଏ ମୃତ୍ୟୁବରଣ କରିବା ପରେ ଏମାନଙ୍କ ସଂଖ୍ୟା ହ୍ରାସପାଇ ୨୫ରେ ପହଞ୍ଚିଛି। ୪୫ସି ଏନକ୍ଲୋଜରରେ ଥିବା ଗୋଟିଏ କୁଜିହରିଣର ମୃତ୍ୟୁପରେ ଏମାନଙ୍କ ସଂଖ୍ୟା ହ୍ରାସପାଇ ୫୨ରେ ପହଞ୍ଚିଛି।

## ଗୋଟିଏ ଦିନରେ ୩ ଜନ୍ମ, ୪ ମୃତ

# ୬ ବର୍ଷ ପରେ ଗୋଡ଼ରୁ ଫିଟିଲା ଶିକୁଳି

- ସମାଜର ମୁଖ୍ୟ ସ୍ରୋତକୁ ଫେରିଲା ଆକାଶ
- ପାଠ ପଢ଼ିବ, ସ୍କୁଲ ଯିବ

**ଗୋପ,୧୨।୩(ଡି.ଏନ୍.ଏ.)**

ଦୀର୍ଘ ୬ବର୍ଷ ପରେ ପୁରୀ ଜିଲା ଗୋପ ବ୍ଲକର ଆକାଶ କାଣ୍ଡି(୭)ଙ୍କ ଗୋଡ଼ରେ ପଡ଼ିଥିବା ଲୁହା ଶିକୁଳି ଫିଟିଛି। ଏବେ ଆକାଶ ସ୍କୁଲକୁ ପାଠ ପଢ଼ିବାକୁ ଯିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବ ବୋଲି ଜଣାପଡ଼ିଛି। ତେବେ ଏହା କେବଳ ଗଣମାଧମର ଉଦ୍ୟମ ଯୋଗୁ ମୋ ପୁଅ ସମାଜରେ ଏକ ଭଲ ମଣିଷ ହୋଇପାରିବ ବୋଲି ଏହି ବ୍ଲକ ଅଧୀନ ଦେସ୍ଥଳୀ ପଞ୍ଚାୟତର କୋଲର ଗ୍ରାମର ଧନୁ କାଣ୍ଡି କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ଆକାଶକୁ ଗୋପ ତହସିଲଦାର ପୃଥ୍ୱିରାଜ ମଣ୍ଡଳ ଗୁରୁବାର ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଆକାଶ ଜନ୍ମ ହେବାର ଏକ ବର୍ଷ ପରେ ମାନସିକ ସ୍ଥିତି ଠିକ୍ ନ ରହିବାରୁ ଘରର ଆସବାବପତ୍ର ଭାଙ୍ଗିବା ସହ ମାଆବାପାଙ୍କୁ କୌଣସି କାମ କରାଇ ଦେଇ ନ ଥିଲେ। ଧୀରେ ଧୀରେ ପୁଅର ଏଭଳି ଅବସ୍ଥା ବଢ଼ିବାର ଦେଖି ପରିବାର ଲୋକ ଡାକ୍ତରଖାନାରେ ଦେଖାଇଥିଲେ। ପୁଅର ଅବସ୍ଥା ଠିକ ହେବାକୁ ଅଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତରଙ୍କଠାରୁ ଶୁଣିବାପରେ ବାପା ଧନୁ ନିରାଶ ହୋଇଥିଲେ। ଧନୁ ଅତ୍ୟନ୍ତ ଗରିବ ପରିବାରର ହୋଇଥିବାରୁ ଅଧିକ ଚିକିତ୍ସା କରିପାରି ନ ଥିଲେ। ପରେ ମାଆ ବାପା ମୂଲ ଲାଗି ଯିବାବେଳେ ବାଧ ହୋଇ ଗୃହ ନିକଟ ବାଉଁଶ ଭାଡ଼ି ଉପରେ ଆକାଶ ଗୋଡ଼ରେ ଶିକୁଳି ପକାଇ ଯାଉଥିଲେ। ମଜୁରି ଲାଗି ଫେରିବା ପରେ ଆକାଶକୁ ଖାଇବାକୁ ଦେବା ସହ ଘରକୁ ଆଣିଥାନ୍ତି। ଏଭଳି ୬ ବର୍ଷ ଧରି ଶିକୁଳିରେ ବନ୍ଧା ଆକାଶର ଖବର ଜଣାପଡ଼ିବା ପରେ ଗତ ଦୁଇମାସ ତଳେ ଗଣମାଧମରେ ପ୍ରକାଶିତ ହୋଇଥିଲା। ଏହା ଦେଖି ଜିଲାପାଳ ବଲୱନ୍ତ ସିଂଙ୍କ ନିର୍ଦ୍ଦେଶରେ ଗୋପ ତହସିଲଦାର କୋଲର ଗ୍ରାମରେ ପହଞ୍ଚିଥିଲେ। ପରେ ତହସିଲଦାର ମଣ୍ଡଳ କଟକ ଏସ୍‌ସିବି ମାନସିକ ବିକୃତ ବିଭାଗକୁ ଏକ ଚିଠି ଲେଖିବା ପରେ କଟକରୁ ଏକ ଟିମ୍ ଆସି ଆକାଶକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ଦେଢ଼ ମାସର ଚିକିତ୍ସା ପରେ ଆକାଶ ପ୍ରାୟତଃ ୭୦ ଭାଗ ମାନସିକ ସ୍ତରରେ ଠିକ୍ ହୋଇଥିବା ଜଣାପଡ଼ିଛି। ନିୟମିତ ଔଷଧ ସେବନ କଲେ ନିଶ୍ଚିତ ରୂପରେ ଭଲ ହୋଇଯିବ ବୋଲି ଡାକ୍ତର କହିଥିବା ବାପା ଧନୁ କହିଛନ୍ତି।



ଉଦ୍ଧାର ପରେ ଆକାଶ କାଣ୍ଡିଙ୍କ ମାଆବାପାଙ୍କୁ ତହସିଲଦାର ସହାୟତା ରାଶି ପ୍ରଦାନ କରୁଛନ୍ତି।


## ODISHA JOINT ENTRANCE EXAMINATION - 2020 ( OJEE - 2020 )

No: OJEE / 091 Date: 12.03.2020

**ATTENTION**

Candidates who wish to take admission in B.Pharm/ MBA / MCA / M.Tech/ M.Tech (Part Time)/ M.Arch/ M Plan/ M.Pharm/ Int. MBA and Lateral Entry to B.Tech/ B.Pharm/ MCA Courses in Government and Private Universities and Colleges of Odisha have to appear

**OJEE - 2020,**

for which online application filling is going on as per the schedule given below.

Entrance Examination for all the above Course will be Computer Based Test (CBT).

| | |
|---|---|
| Tentative Dates for OJEE (CBT) | : 1st Week of May, 2020 (Exact dates shall be notified later) |
| Fill-up of Online Application through OJEE website started since | : 06th February, 2020 |
| Last date to fill-up Online Application form | : 20th March, 2020 |
| Last date of online application fee payment/ Print of Confirmation page | : 25th March, 2020 |
| Downloading of admit card | : 20th April, 2020 onwards |

For other details, please visit our website: **www.ojee.nic.in/ www.odishajee.com.**

Sd/-
CHAIRMAN,
OJEE, Odisha






କରୋନା ଭାଇରସ୍ (କୋଭିଡ୍୧୯) ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ସଚେତନ ଓ ସତର୍କ ରହିବାର ବାର୍ତ୍ତାନେଇ ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକାକଳା।


## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ଡିମାଣ୍ଡ ନୋଟିସ୍

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ, ମଧୁପାଟଣା, ଜିଲ୍ଲା: କଟକ

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ଏତଦ୍‌ଦ୍ୱାରା ଋଣଗ୍ରହୀତା: **ମେସର୍ସ ଗଣେଶ ସାନିଟାରୀ ଆଣ୍ଡ ହାର୍ଡୱେର ଷ୍ଟୋରଙ୍କୁ** ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଅବଗତ କରାଗଲା।

| ଜଳେଶ୍ୱର ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ/କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତା: **ମେସର୍ସ ଗଣେଶ ସାନିଟାରୀ ଆଣ୍ଡ ହାର୍ଡୱେର ଷ୍ଟୋର, ଅଂଶୀଦାରମାନେ: ଶ୍ରୀ ସୁଖପଦ ସାମଲ ଏବଂ ଶ୍ରୀ ଲକ୍ଷ୍ମୀପଦ ସାମଲ,** ପ୍ଲଟ୍ ନଂ.: ଜିଏ-୧୮୮, ଶୈଳଶ୍ରୀବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧ / **ଜାମିନ୍‌ଦାରମାନେ: ଶ୍ରୀ ସୁଖପଦ ସାମଲ ଏବଂ ଶ୍ରୀ ଲକ୍ଷ୍ମୀପଦ ସାମଲ,** ଉଭୟଙ୍କ ପିତା: ହେମେନ୍ଦ୍ର ସାମଲ, ଚମାରଗାଁ, ଭାୟା: ଜଳେଶ୍ୱର, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୩୨ / **ଆକାଉଣ୍ଟ ନଂ.: ୩୭୭୧୬୧୫୯୯୪୨** | **ଶ୍ରୀ ସୁଖପଦ ସାମଲ ଏବଂ ଶ୍ରୀ ଲକ୍ଷ୍ମୀପଦ ସାମଲଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଘୋଳେଇ, ଥାନା: ରାଇବଣିଆ, ଖାତା ନଂ.: ୨୦୪/୬୧, ପ୍ଲଟ୍ ନଂ.: ୩୮୦/୭୮୫, କ୍ଷେତ୍ର: ଏକର୦.୦୯ଡିସିମିଲି, କିସମ: ଘରବାରି | ୧୯.୧୨.୨୦୧୯ | ୨୮.୦୬.୨୦୧୯ | ୧୯.୧୨.୨୦୧୯ ସୁଦ୍ଧା ଟ.୪୫,୩୮,୬୩୩/- |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

**ତାରିଖ : ୧୨.୦୩.୨୦୨୦, ସ୍ଥାନ : କଟକ** — **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

## ସାମାନ୍ୟ ପାଟିତୁଣ୍ଡରୁ ଯୁବକଙ୍କୁ ହତ୍ୟା

ସାମାନ୍ୟ ପାଟିତୁଣ୍ଡରୁ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇ ପୋତି ଦିଆଯାଇଥିଲା। ଏହାର ଦେଢ଼ମାସ ପରେ ପୋଲିସ ସଂପୃକ୍ତ ଯୁବକଙ୍କ ମୃତଦେହ ମାଟିତଳୁ ଉଦ୍ଧାର କରିଛି। ମୃତ ଯୁବକ ହେଲେ ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କୋହ୍ଲ ବଜାରର ପ୍ରସନ୍ନ ସାହୁ। ତିହିଡ଼ି ଥାନା ପୀରହାଟ ଚାରିବାଟିଆ ରାସ୍ତାର ସାହାପୁର ଛକଠାରୁ କିଛି ଦୂରରେ ଥିବା ଏକ ନୟନଜୋରି ପାର୍ଶ୍ୱରୁ ପ୍ରସନ୍ନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ ହତ୍ୟା ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ତିହିଡ଼ି ଥାନା ବାମନବିନ୍ଧା ପଞ୍ଚାୟତ ଅଧୀନ ବିଲବାମନବିନ୍ଧା ଗ୍ରାମର ଶୁକଦେବ ପାଢ଼ୀଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ଏମ୍ସକୁ ଅତ୍ୟାଧୁନିକ ମେଡିକାଲ ଉପକରଣ ଦେବ ଏଏଆଇ

ଭୁବନେଶ୍ୱର,୧୨।୩(ବ୍ୟୁରୋ): କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍ସକୁ ବିଭିନ୍ନ ମେଡିକାଲ ଉପକରଣ ଯୋଗାଇଦେବ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ)। ୧ କୋଟି ଟଙ୍କା ବ୍ୟୟରେ ୬ ଆଇସିୟୁ ଭେଣ୍ଟିଲେଟର, ୨ ପୋର୍ଟେବୁଲ୍ ଭେଣ୍ଟିଲେଟର ଓ ୨ ଡେଫିବ୍ରିଲେଟର୍ ମିଳିବ। ଏଥିଲାଗି ଗୁରୁବାର ଏଏଆଇ, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର(ବିପିଆଇଏ) ଓ ଏମ୍ସ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି। ଆଗାମୀ ୧ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ଏହି ଉପକରଣଗୁଡ଼ିକୁ ଏମ୍ସ ଅଣାଯିବ। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ସିଏସ୍ଆର୍ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲ୍‌କୁ ବିପିଆଇଏ କର୍ତ୍ତୃପକ୍ଷ ଅତ୍ୟାଧୁନିକ ମେଡିକାଲ ଉପରକରଣ ପ୍ରଦାନ କରିଥିଲେ। ଗତ କିଛିମାସ ତଳେ ଏଏଆଇ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲ, ନିଆଳିର ମଡର୍ନ କେୟାର ହସ୍ପିଟାଲ, ସେଣ୍ଟ ଜନ୍‌ସ ଆମ୍ବୁଲାନ୍ସ ସେଣ୍ଟର ଏବଂ ଅକ୍ଷୟ ପାତ୍ର ଫାଉଣ୍ଡେଶନର ମେଡିକାଲ ଭିତ୍ତିଭୂମିର ବିକାଶ ପାଇଁ ୧୨କୋଟି ଟଙ୍କା ପ୍ରଦାନ କରିଥିଲା।

### ପେନସନଧାରୀଙ୍କୁ ମିଳିବ ବକେୟା ମହଙ୍ଗା ଭତ୍ତା

ଭୁବନେଶ୍ୱର,୧୨।୩(ବ୍ୟୁରୋ): ରାଜ୍ୟ ସରକାର ଗୁରୁବାର ପେନସନଧାରୀଙ୍କ ଲାଗି ୨୦୧୯ ଜୁଲାଇ ୧ରୁ ଗତ ଡିସେମ୍ବର ପର୍ଯ୍ୟନ୍ତ ବକେୟା ଥିବା (ଟେମ୍ପରାରି ଇନକ୍ରିମେଣ୍ଟ)ଘୋଷଣା କରିଛନ୍ତି। ଏହାଦ୍ୱାରା ପ୍ରାୟ ୩ଲକ୍ଷ ପେନସନଧାରୀ ଉପକୃତ ହେବେ। ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀମାନେ ୨୦୧୯ ଜୁଲାଇ ୧ରୁ ଅଧିକ ୫ ପ୍ରତିଶତ ମହଙ୍ଗା ଭତ୍ତା ପାଇବେ। ସେମାନଙ୍କ ମହଙ୍ଗା ଭତ୍ତା ୧୨ରୁ ୧୭ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ଭତ୍ତା ସେମାନଙ୍କୁ ଆସନ୍ତା ମାସର ପେନସନ ଟଙ୍କା ମିଳିବା ସମୟରେ ଦିଆଯିବ। ପେନସନଧାରୀଙ୍କ ଏହି ଘୋଷଣାପରେ ନିୟମିତ କର୍ମଚାରୀଙ୍କ ୨୦୧୯ ଜୁଲାଇରୁ ଥିବା ବକେୟା ମହଙ୍ଗା ଭତ୍ତା ମିଳିବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି।

### ଜଳସେଚନ ପାଇଁ ୫ ବର୍ଷିଆ ଯୋଜନା

ଭୁବନେଶ୍ୱର,୧୨।୩(ବ୍ୟୁରୋ): ୨୦୧୯-୨୦ ଆର୍ଥିକ ବର୍ଷରୁ ୨୦୨୩-୨୪ ମଧ୍ୟରେ ଜଳସମ୍ପଦ ବିଭାଗ ଦ୍ୱାରା ୧୯ ମଧ୍ୟମ, ୧୯୩ କ୍ଷୁଦ୍ର ଜଳସେଚନ ଓ ୧୨୮ ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ହେଉଛି- ଲୋୟର ଇନ୍ଦ୍ର, ଅପର ଇନ୍ଦ୍ରାବତୀ ଲିଫ୍ଟ କେନାଲ, ମହାନଦୀ ଚିତ୍ରୋତ୍ପଳା ଉପଦ୍ୱୀପ ଜଳସେଚନ ପ୍ରକଳ୍ପ, ରେଙ୍ଗାଲି ଦକ୍ଷିଣପାର୍ଶ୍ୱ କେନାଲ, ରେଙ୍ଗାଲି ବାମପାର୍ଶ୍ୱ କେନାଲ, ସୁବର୍ଣ୍ଣରେଖାର କିଛି ଅଂଶ, ଇଣ୍ଟିଗ୍ରେଟେଡ୍ ଆନନ୍ଦପୁର ବ୍ୟାରେଜ, କାନୁପୁର ପ୍ରକଳ୍ପ, ଗଙ୍ଗାଧର ମେହେର ଲିଫ୍ଟ କେନାଲ। ସେହିଭଳି ଲୋୟର ସୁକ୍‌ତେଲ୍, ଦେଓ, ମାଞ୍ଜୋରୋ, ଛେଲିଗଡ ଡ୍ୟାମ୍, ହାଡୁଆ, ମହେନ୍ଦ୍ରତନୟା, ଘଟକେଶ୍ୱର, ଓଏନ୍‌ଜି ଏକ୍ସଟେନସନ୍, କୁସୁମି ଏବଂ ରାଜୁଆ। ଜଳସମ୍ପଦ ରାଷ୍ଟ୍ରମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ବିଧାନସଭାରେ ଏହି ଲିଖିତ ଉତ୍ତର ରଖିଛନ୍ତି।

### କରୋନା: ଛାତ୍ରୀଛାତ୍ରଙ୍କୁ ସଚେତନ କଲେ ମନ୍ତ୍ରୀ

ଭୁବନେଶ୍ୱର,୧୨।୩(ବ୍ୟୁରୋ): କରୋନାକୁ ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ବିଭିନ୍ନ ବିଦ୍ୟାଳୟ ବୁଲି ଛାତ୍ରୀଛାତ୍ରଙ୍କୁ ସଚେତନ କରିଛନ୍ତି। ଏଥିସହିତ ପେପର ସୋପ୍ ବାଣ୍ଟିଛନ୍ତି। ମନ୍ତ୍ରୀ ପୂର୍ବାହ୍ନରେ କ୍ୟାପିଟାଲ ହାଇସ୍କୁଲଠାରେ ପେପର ସୋପ୍ ଏବଂ ମାସ୍କ ବାଣ୍ଟିବା ସହିତ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ଦୁଇ ପ୍ୟାକେଟ୍ ଲେଖାଏ ପେପର ସୋପ୍ ଦିଆଯାଇଛି। ଏହାକୁ ସେମାନେ ନିଜ ପାଖରେ ରଖିବେ ଏବଂ ନିରନ୍ତର ବ୍ୟବଧାନରେ ହାତ ସଫା କରିବେ। ଏହାଦ୍ୱାରା କରୋନା ଜନିତ ସଂକ୍ରମଣକୁ ରୋକାଯାଇ ପାରିବ। ଆଫୋର୍ଡ ନାମକ ଏକ ସଂସ୍ଥା ପେପର ସୋପ୍ ଏବଂ ମାସ୍କ ବଣ୍ଟନ କରୁଛି। ଆଗକୁ ରାଜ୍ୟର ଅନ୍ୟ ସ୍କୁଲରେ ତାହା ବଣ୍ଟନ କରାଯିବ। ସ୍ୱଚ୍ଛତା ଅବଲମ୍ବନ କଲେ କରୋନାକୁ ମୁକାବିଲା କରାଯାଇପାରିବ। ସେଥିଲାଗି କୁନିକୁନି ଛାତ୍ରୀଛାତ୍ରଙ୍କୁ ଏଥିପ୍ରତି ଅଧିକ ସଚେତନ କରିବାକୁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍କୁଲଗୁଡ଼ିକୁ ଏକ ଆଡଭାଇଜରି ଜାରି କରାଯାଇଛି। ଯଦି ସ୍କୁଲରେ କୌଣସି ପିଲାର ମୁଣ୍ଡବିନ୍ଧା, ଥଣ୍ଡା ଓ କାଶ ଆଦି ହୁଏ ଏନେଇ ସ୍ୱାସ୍ଥ୍ୟ ବିଭାଗ ସହ ସମ୍ପର୍କ କରିବାକୁ କୁହାଯାଇଛି। ମନ୍ତ୍ରୀଙ୍କ ସହ ଖୋର୍ଦ୍ଧା ଜିଲାପାଳ ସିତାଂଶୁ କୁମାର ରାଉତ, ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମହାପ୍ରୟାଣ ଗାଡ଼ିରେ ପରିବା ବୁହା

ଅନୁଗୋଳ ଅଫିସ୍, ୧୨।୩



ମହାପ୍ରୟାଣ ଗାଡ଼ିରେ ପରିବା ଲଦାଯାଇଥିବା ବେଳେ ଭିତରେ ବ୍ୟବସାୟୀ ବସିଛନ୍ତି।

- ସୋସିଆଲ୍ ମିଡିଆରେ ଭିଡିଓ ଭାଇରାଲ
- କଟକରୁ ମୃତଦେହ ନେଇ ଆସିଥିଲା ଅନୁଗୋଳ
- ଫେରିବା ବେଳେ ନେଉଥିଲା କଦଳୀ, କଖାରୁ
- ସିଡିଏମ୍‌ଓ କହିଲେ ଆମର ନୁହେଁ

ମେଡିକାଲରୁ ସମ୍ମାନର ସହ ମୃତଦେହ ପରିବହନ ପାଇଁ ସରକାର ମହାପ୍ରୟାଣ ଗାଡ଼ିର ବ୍ୟବସ୍ଥା କରିଛନ୍ତି। ହେଲେ ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ଜରୁରୀ ସେବାରେ ଲାଗିଥିବା ଏହି ଗାଡ଼ି ମଧ୍ୟରୁ କେତେକରେ କଦଳୀ, କଖାରୁ ଆଦି ପନିପରିବା ହାଟ, ବଜାରକୁ ନିଆଯାଉଥିବା ଦେଖାଯାଉଛି। ଏପରି ଏକ ଘଟଣା ରବିବାର ଅନୁଗୋଳ ଜିଲାରେ ଘଟିଥିବା ନେଇ ଭିଡିଓ ଭାଇରାଲ ହେବା ପରେ ଏହା ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି। ଉକ୍ତ ଗାଡ଼ିଟି କଟକ ଜିଲା ରେଡକ୍ରସ୍ ଦ୍ୱାରା ପରିଚାଳିତ ବୋଲି ଉଲ୍ଲେଖ ଥିବାବେଳେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡା. ପ୍ରତାପ କୁମାର ବେହେରା କହିଛନ୍ତି, ଆମ ଜିଲାର ମହାପ୍ରୟାଣ ଗାଡ଼ିରେ ଏଭଳି ହୋଇନାହିଁ। ତଥାପି ଘଟଣା ସମ୍ପର୍କରେ ଉକ୍ତ ଜିଲାର ଅଧିକାରୀଙ୍କୁ ଅବଗତ କରାଯିବ।

ସହରବାସୀଙ୍କ କହିବା ଅନୁଯାୟୀ, କଟକ ବଡ଼ ମେଡିକାଲରୁ ମୃତଦେହ ନେଇ ଉକ୍ତ ମହାପ୍ରୟାଣ ଗାଡ଼ି (ନଂ. ଓଡି ୦୫ୱାଇ-୭୩୧୫) ଅନୁଗୋଳ ଅଭିମୁଖେ ଆସିଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ସହାୟତାରେ କଟକ ଜିଲା ରେଡକ୍ରସ୍ ଦ୍ୱାରା ପରିଚାଳିତ ବୋଲି ଗାଡ଼ିରେ ଲେଖାଯାଇଥିଲା। ତେବେ ଫେରିବା ବେଳେ କଖାରୁ, କଦଳୀ ସହ ଅନ୍ୟ ପରିବା ବସ୍ତା ଗାଡ଼ି ଭିତରେ ରଖାଯାଇଥିବା ଓ ଦୁଇ ଜଣ ବ୍ୟବସାୟୀ ବସିଥିବା ପ୍ରଥମେ ବୁଢ଼ୀ ଠାକୁରାଣୀ ଛକରେ ଦେଖିବାକୁ ମିଳିଥିଲା। କେତେଜଣ ଲୋକ ଗାଡ଼ିର ଫଟୋ ଉଠାଇବା ଓ ଭିଡିଓ କରୁଥିବା ଦେଖି ଦୁଇ ବ୍ୟବସାୟୀ ଗାଡ଼ିରୁ ଓହ୍ଲାଇ ଜଗନ୍ନାଥ ମନ୍ଦିର ସମ୍ମୁଖ ନାରଣ ସାଗର ଆଡ଼କୁ ଚାଲିଯାଇଥିଲେ। ଏହାପରେ ମହାପ୍ରୟାଣ ଗାଡ଼ି ଚାଳକ ଓ ହେଲପର ଗାଡ଼ିକୁ କିଛିବାଟ ଆଗକୁ ନେଇଯାଇଥିଲେ। ପରେ ଦୁଇ ବ୍ୟବସାୟୀଙ୍କୁ ବସାଇ ଗାଡ଼ିଟି କଟକ ଅଭିମୁଖେ ଚାଲିଯାଇଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ସହରର ଜଣେ ପରିବା ବ୍ୟବସାୟୀ କହିଛନ୍ତି, ଅନୁଗୋଳରେ ଅମଳ ହେଉଥିବା ପରିବା ଦର କଟକରେ ଅଧିକ ରହୁଛି। ଗାଡ଼ି କରି କଟକ ପରିବା ସେଠାକୁ ନେଲେ ଅଧିକ ଖର୍ଚ୍ଚ ପଡୁଛି। ଟ୍ରେନ୍‌ରେ ନେଲେ ଧରପଗଡ଼ କରାଯାଉଛି। ତେଣୁ ଅନେକ ସମୟରେ ଅନୁଗୋଳ ଆସୁଥିବା ବିଭିନ୍ନ ସରକାରୀ ଗାଡ଼ିରେ ପରିବା ନେବା ପାଇଁ ଏପରି ବ୍ୟବସାୟୀମାନେ ଚାହିଁବସିଥାନ୍ତି। ଏ ନେଇ ଭାରପ୍ରାପ୍ତ ସିଡିଏମ୍‌ଓ ବେହେରା କହିଛନ୍ତି, ଏଭଳି ଘଟଣା ଉପରେ ନଜର ରଖାଯିବ। ମେଡିକାଲ ଗାଡ଼ିରେ ଏପରି ହେଉଥିଲେ ସମ୍ପୃକ୍ତ ଗାଡି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କିଡ୍‌ନୀ ଚୋରି ଅଭିଯୋଗ

- ନ୍ୟାୟ ମାଗିଲେ ମହିଳା
- ଜିଲାପାଳଙ୍କ ଦ୍ୱାରସ୍ଥ, ଥାନାରେ ଦେଲେ ଏତଲା
- ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି



ଢେଙ୍କାନାଳ ଅଫିସ, ୧୨।୩

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କର ଗ୍ରାମର କବିତା ପାଣି (୪୩)ଙ୍କ କିଡ୍‌ନୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତା ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଶ୍ୱିନୀ ପାଣିଙ୍କ ସ୍ତ୍ରୀ କବିତା ନିଜ ଅଭିଯୋଗରେ ଦର୍ଶାଇଛନ୍ତି, ୨୦୧୫ ନଭେମ୍ବର ୨୨ରେ ଢେଙ୍କାନାଳର ଏକ ଘରୋଇ ଚିକିତ୍ସାଳୟରେ ତାଙ୍କର ୟୁଟ୍ରେସ୍ ଅପରେଶନ ହୋଇଥିଲା। ସେତେବେଳେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ତାଙ୍କର ଉଭୟ କିଡ୍‌ନୀ ଠିକ୍ ଥିଲା। ଏହାପରେ ବାରମ୍ବାର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେ କଟକ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥି ସହିତ ଅଲଟ୍ରାସାଉଣ୍ଡ ମଧ୍ୟ କରାଇଥିଲେ। ଏଥିରେ ତାଙ୍କର ବାପପାର୍ଶ୍ୱ କିଡ୍‌ନୀ ନ ଥିବା ରିପୋର୍ଟରେ ବାହାରିଥିଲା। ଏହି ଘଟଣା ତାଙ୍କୁ ଚକିତ କରିଥିଲା। ଚିକିତ୍ସା ସମୟରେ ତାଙ୍କର କିଡ୍‌ନୀ କୌଶଳକ୍ରମେ କାଢ଼ି ନିଆଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଅନ୍ୟପଟେ ଜିଲାପାଳ ଘଟଣାର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା କବିତା କହିଛନ୍ତି।

ଏ ନେଇ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ କୁହନ୍ତି, ମହିଳା ଜଣକ ଅଭିଯୋଗ କରିଛନ୍ତି। ଏହା ହେଉଛି ସ୍ୱାସ୍ଥ୍ୟଗତ ପରୀକ୍ଷା ବିଷୟ। ଶୁକ୍ରବାର ଘଟଣାର ଠିକ୍ ଭାବେ ଯାଞ୍ଚ କରାଯିବ। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ତ୍ରିସ୍ତରୀୟ ସମବାୟ ଋଣ ପରିଶୋଧ ଅବଧି ବଢ଼ି ୧୨ ମାସ ହେଲା

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ରାଜ୍ୟରେ ସ୍ୱଳ୍ପମିଆଦୀ ତ୍ରିସ୍ତରୀୟ ସମବାୟ ଋଣ ଉଠାଣ ଓ ପରିଶୋଧର ସମୟସୀମା ବୃଦ୍ଧି କରାଯାଇଛି। ନୂତନ ବ୍ୟବସ୍ଥା ଅନୁଯାୟୀ ଏହି ଋଣ ଉଠାଣ ଓ ପରିଶୋଧର ସମୟସୀମା ୧୨ ମାସ ଧାର୍ଯ୍ୟ କରାଯାଇଛି। ଚଳିତ ଆର୍ଥିକ ବର୍ଷ ମାର୍ଚ୍ଚ ୨୦୨୦ରୁ ଏହା କାର୍ଯ୍ୟକାରୀ ହେବ। ରାଜ୍ୟରେ ସ୍ୱଳ୍ପମିଆଦୀ ତ୍ରିସ୍ତରୀୟ ସମବାୟ ଋଣ ବ୍ୟବସ୍ଥା ଅନୁଯାୟୀ ସ୍ୱଳ୍ପକାଳୀନ ଫସଲ ଋଣ କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ପ୍ରଦାନ କରାଯାଉଛି। ପୂର୍ବରୁ ଏହି ଫସଲ ଋଣ ପରିଶୋଧ କରିବା ନିମନ୍ତେ ଖରିଫ ଚାଷ ପାଇଁ ୬ରୁ ୧୧ମାସ ଓ ରବି ଚାଷ ପାଇଁ ୩ରୁ ୯ମାସ ପର୍ଯ୍ୟନ୍ତ ସମୟ ଥିଲା। ପୂର୍ବ ବ୍ୟବସ୍ଥାରେ ଏହି ଫସଲ ଋଣ ପରିଶୋଧ କରିବାର ଶେଷ ତାରିଖ ଖରିଫ ଋତୁ ପାଇଁ ମାର୍ଚ୍ଚ ୨୫ ତାରିଖ ଏବଂ ରବି ଋତୁ ପାଇଁ ଶେଷ ତାରିଖ ଜୁନ୍ ୨୫ ତାରିଖକୁ ଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ଖରିଫ ଓ ରବି ଋତୁରେ ସ୍ୱଳ୍ପକାଳୀନ ଫସଲ ଯଥା-ଧାନ, ଚିନାବାଦାମ, ସୋରିଷ, ଅଦା, ହଳଦୀ, ମକା ଇତ୍ୟାଦି ଫସଲ ଋଣ ଉଠାଣ ଓ ପରିଶୋଧ ସମୟସୀମା ୧୨ମାସ ଧାର୍ଯ୍ୟ କରାଯାଇଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ ୪ତାରିଖରୁ ଖରିଫ ଓ ରବି ଋତୁରେ ଫସଲ ଋଣ ପାଇଁ ଏହା କାର୍ଯ୍ୟକାରୀ ହେବ। ତେବେ ପୂର୍ବପରି ଦୀର୍ଘମିଆଦୀ ଫସଲ ଋଣ ତଥା କଦଳୀ ଓ ଆଖୁଚାଷ ପାଇଁ ଋଣ ପରିଶୋଧ ସମୟସୀମା ୧୮ମାସ ରଖାଯାଇଛି। ଏହାଦ୍ୱାରା ସମବାୟ ବ୍ୟାଙ୍କ ଜରିଆରେ କୃଷି ଋଣ ପାଇଁ ମିଳୁଥିବା ପୁନଃବିତ୍ତ(ରିଫାଇନାନ୍ସ)ର ଅବଧି ଓ ଚାଷୀମାନଙ୍କ ପାଇଁ ଥିବା ଋଣ ପରିଶୋଧର ସମୟସୀମା ସମାନ ରହିବ ଏବଂ ପୂର୍ବାପେକ୍ଷା ଫସଲ ଋଣ ପରିଶୋଧ ପାଇଁ ଅଧିକ ସମୟସୀମା ରହିବ।

# ନୟାଗଡ଼ ଭାପୁରରେ କରୋନା ସନ୍ଦିଗ୍ଧ

ନୟାଗଡ ଅଫିସ/ଭାପୁର, ୧୨।୩ (ଡି.ଏନ୍.ଏ.)

**ଆକ୍ରାନ୍ତ ରୋଗୀଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର**

ନୟାଗଡ଼ ଜିଲା ଭାପୁର ବ୍ଲକରେ ଜଣେ ଅସୁସ୍ଥ ବ୍ୟକ୍ତିଙ୍କୁ କରୋନା ହୋଇଥିବା ସନ୍ଦେହ କରାଯାଉଛି। ଗୁରୁବାର ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବାଘୁଆପଲ୍ଲୀ ଅଞ୍ଚଳର ଜଣେ ଥଣ୍ଡାକାଶରେ ଆକ୍ରାନ୍ତ ରୋଗୀଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲ ସ୍ଥାନାନ୍ତର କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ବଳଦିଆ ନୂଆଗାଁର ଜଣେ ବ୍ୟକ୍ତି ଦୀର୍ଘଦିନ ହେଲା ତାମିଲନାଡୁରେ ରହୁଥିଲେ। ସେ କିଛି ଦିନ ହେଲା ଥଣ୍ଡା, କାଶ ଓ ଜ୍ୱରରେ ପୀଡ଼ିତ ଥାଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ସେ ଘରକୁ ଚାଲି ଆସିଥିଲେ। ଏଭଳିସ୍ଥଳେ ପୁଣି ଅସୁସ୍ଥତା ଅନୁଭବ କରିବା ପରେ ଗୁରୁବାର ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଏନେଇ ସିଡିଏମ୍‌ଓ ଡା.ଶ୍ୱେତ ମହାପାତ୍ର କୁହନ୍ତି, ବଳଦିଆ ନୂଆଗାଁର ସମ୍ପୃକ୍ତ ବ୍ୟକ୍ତି କରୋନାରେ ଆକ୍ରାନ୍ତ ନୁହନ୍ତି। ତେବେ ଥଣ୍ଡା କାଶ ନ କମିବାରୁ ତାଙ୍କୁ ଭୁବନେଶ୍ୱର ପଠାଯାଇଛି। ଏଥିରେ ଭୟଭୀତ ହେବାର କିଛି ନାହିଁ ବୋଲି ସେ କହିଛନ୍ତି।

# ରାଜ୍ୟରେ ଆଉ ୪ ବିମାନବନ୍ଦର ହେବ

ଭୁବନେଶ୍ୱର,୧୨।୩(ବ୍ୟୁରୋ)



ରାଜ୍ୟରେ ଝାରସୁଗୁଡା ସମେତ ଜୟପୁର, ଉତ୍କେଳା ଏବଂ ରାଉରକେଲାରେ ବିମାନବନ୍ଦର ନିର୍ମାଣ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ୧୯ଟି ଏୟାର ଷ୍ଟ୍ରିପର ଉନ୍ନତୀକରଣ କରାଯିବ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ଏହି ସୂଚନା ଦେଇଛନ୍ତି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ମୂଳ ପ୍ରଶ୍ନରେ ଜୟପୁର ବିମାନବନ୍ଦର ଆଧୁନିକୀକରଣ ପାଇଁ ପ୍ରସ୍ତାବ ଅଛି କି? କେଉଁ ଘରୋଇ ସଂସ୍ଥା ଏହି ବିମାନ ବନ୍ଦରରୁ ଉଡାଣ ଓ ଅବତରଣ ପାଇଁ ଆବେଦନ କରିଛନ୍ତି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ ଯେ, ଜୟପୁର ବିମାନ ବନ୍ଦର ଆଧୁନିକୀକରଣ କରାଯିବ। ଏହି ବିମାନବନ୍ଦରରୁ ପ୍ରତ୍ୟେକ ଦିନ ଉଡାଣ ପାଇଁ ଆରସିଏସ-ଉଡାନ ଯୋଜନାରେ ପ୍ରସ୍ତାବ ଅଛି। ଏହିବିମାନବନ୍ଦର ଉଡାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛି। ଏଠାରୁ ଉଡାଣ ପାଇଁ କେନ୍ଦ୍ରୀୟ ସ୍ତରରେ ନିଲାମ ଡକାଯାଇଛି। ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନାହିଁ। ଏହା ସମ୍ପୂର୍ଣ୍ଣ ହେଲେ ଚୟନ ସଂସ୍ଥାକୁ ଉଡାଣ ପାଇଁ ଅନୁମତି ଦିଆଯିବ। ବିଜେଡି ସଭ୍ୟ ଲତିକା ପ୍ରଧାନ, ଦେବି ପ୍ରସାଦ ମିଶ୍ର ରଙ୍ଗେଇ ଲୁଣ୍ଡା ଏୟାର ଷ୍ଟ୍ରିପର ଉନ୍ନତୀକରଣ ପାଇଁ ଉଡାନ ଯୋଜନାରେ କି ପଦକ୍ଷେପ ନିଆଯାଇଛି। ରାଜ୍ୟର କେଉଁ ଏୟାରଷ୍ଟ୍ରିପର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ବସି ନିଷ୍ପତ୍ତି ହୋଇଛି? ମନ୍ତ୍ରୀ କହିଲେ କେନ୍ଦ୍ର ସରକାର ୪ଟି ଏୟାର ପୋର୍ଟରେ ଉନ୍ନତୀକରଣ ପାଇଁ ଦାୟିତ୍ୱ ନେଇଛନ୍ତି।

# ଅର୍ଥମନ୍ତ୍ରୀଙ୍କୁ ପୁଣି ଭେଟିଲେ ବିଜେଡି ଏମ୍‌ପି

ଭୁବନେଶ୍ୱର,୧୨।୩(ବ୍ୟୁରୋ)

- ମହାପ୍ରଭୁଙ୍କ ଟଙ୍କା ସୁରକ୍ଷିତ
- ଆଶ୍ୱାସନା ଦେଲେ କେନ୍ଦ୍ର ଅର୍ଥମନ୍ତ୍ରୀ



ରାଜ୍ୟର ୧୧୪ଟି ପୌର ସଂସ୍ଥା ପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ କେନ୍ଦ୍ର ନିକଟରେ ଗତ ୪ ବର୍ଷ ହେବ ବାକି ପଡ଼ିଥିବା ୭୦୦ କୋଟି ଟଙ୍କା ପ୍ରଦାନ କରିବାକୁ ବିଜେଡି ଏମପି ଗୁରୁବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ସାକ୍ଷାତ କରିଛନ୍ତି। ଏହି ଅର୍ଥ ଦେବାକୁ ପଦକ୍ଷେପ ନିଆଯିବ ବୋଲି ଅର୍ଥମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ୟେସ ବ୍ୟାଙ୍କରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା କିପରି ସୁରକ୍ଷିତ ଭାବେ ଫେରିବ ସେ ନେଇ ପୁଣି ବିଜେଡି ଏମପିମାନେ ଅର୍ଥ ମନ୍ତ୍ରୀଙ୍କୁ ଭେଟିଥିଲେ। ଅର୍ଥମନ୍ତ୍ରୀ କହିଥିଲେ ଯେ ସେ ଏ ବିଷୟରେ ଆରବିଆଇ ଗଭର୍ନରଙ୍କ ସହ ଆଲୋଚନା କରିଛନ୍ତି। ଏହି ଅର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ନିର୍ମଳା ଏମପିମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବିଜେଡି ରାଜ୍ୟ ସଭା ଏମପି ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏମପି ଅମର ପଟ୍ଟନାୟକ, ସରୋଜିନୀ ହେମ୍ବ୍ରମ ଏବଂ ସସ୍ମିତ ପାତ୍ର ଅର୍ଥମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।

# ୩ ହଜାର ଚେକ୍ ଡ୍ୟାମ୍ ନିର୍ମାଣ ହେବ

ଭୁବନେଶ୍ୱର,୧୨।୩(ବ୍ୟୁରୋ)

୨୦୧୯-୨୦ ଆର୍ଥିକ ବର୍ଷରେ ଜଳସମ୍ପଦ ବିଭାଗ ଦ୍ୱାରା ୨ ହଜାର ଚେକ୍ ଡ୍ୟାମ୍ ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଚଳିତ ଆର୍ଥିକ ବର୍ଷରେ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ୩୩୩ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଫେବୃୟାରୀ ଶେଷ ସୁଦ୍ଧା ୩୦୨ କୋଟି ୨୩ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଅବଶିଷ୍ଟ ୩୧ କୋଟି ୬୧ ଲକ୍ଷ ଟଙ୍କା ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ବ୍ୟୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ଚେକ୍ ଡ୍ୟାମ୍ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରେ ନିର୍ମାଣ ହେଉଥିବାରୁ ଏଥିପାଇଁ ବିନିଯୋଗ ପ୍ରମାଣପତ୍ର(ୟୁସି) ଦେବାର ଆବଶ୍ୟକତା ନାହିଁ। ଗୁରୁବାର ପ୍ରଶ୍ନକାଳରେ କଂଗ୍ରେସ ସଭ୍ୟ ମହମ୍ମଦ ମୋକିମଙ୍କ ଏକ ପ୍ରଶ୍ନର ଉତ୍ତରରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ବିଧାନସଭାରେ ଶୋକ

ଭୁବନେଶ୍ୱର,୧୨।୩(ବ୍ୟୁରୋ): ପୂର୍ବତନ ସଦସ୍ୟ ସ୍ୱର୍ଗତ ପୁରୁଷୋତ୍ତମ ସେଠୀଙ୍କ ବିୟୋଗରେ ଗୁରୁବାର ବିଧାନସଭାରେ ଶୋକ କରାଯାଇଛି। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରଲୋକଗତ ସଦସ୍ୟଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦସ୍ୟଙ୍କ ରାଜନୈତିକ ଜୀବନୀ ଉପରେ ସଂକ୍ଷିପ୍ତ ସୂଚନା ଦେବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୋକସନ୍ତପ୍ତ ପରିବାରଙ୍କୁ ମୁଖ୍ୟମନ୍ତ୍ରୀ ବାଚସ୍ପତିଙ୍କ ଜରିଆରେ ସମବେଦନା ଜଣାଇଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ଗ୍ରହଣ କରିବା ସହ ମୃତ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ପୁରୁଣା ଖବରକାଗଜରେ କନ୍ଧୁଣୀ ଦେବୀଙ୍କ ମୂର୍ତ୍ତି କରି ରେକର୍ଡ


ଖବରକାଗଜରେ ତିଆରି ମା' କନ୍ଧୁଣୀ ଦେବୀଙ୍କ ପ୍ରତିମୂର୍ତ୍ତି ସହ ଶିଳ୍ପୀ ସତ୍ୟ ମହାରଣା।

ବ୍ରହ୍ମପୁର ଅଫିସ,୧୨।୩

**ପୁଣି ଚର୍ଚ୍ଚାରେ ଶିଳ୍ପୀ ସତ୍ୟ**

**ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନିତ ହେଲା ୭ମ କଳାକୃତି**

କାଠ, ଚକ୍ ଓ ସାବୁନରେ ବିଭିନ୍ନ କ୍ଷୁଦ୍ର କଳାକୃତି କରି ବିଶ୍ୱ ରେକର୍ଡ ସୃଷ୍ଟି କରିବା ପରେ ଏବେ ପୁରୁଣା ଖବରକାଗଜରେ ସର୍ବବୃହତ୍ କଳାକୃତି କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି ବ୍ରହ୍ମପୁରର ଶିଳ୍ପୀ ସତ୍ୟ ମହାରଣା। ପୁରୁଣା ଖବରକାଗଜରେ ୭ ଫୁଟ ୬ ଇଞ୍ଚ ଉଚ୍ଚତାବିଶିଷ୍ଟ ସର୍ବବୃହତ୍ ମା' କନ୍ଧୁଣୀ ଦେବୀଙ୍କ ପ୍ରତିମୂର୍ତ୍ତି ତିଆରି କରି ସେ ପୁଣି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ନାମ ସ୍ଥାନିତ କରିଛନ୍ତି। ସେପ୍ଟେମ୍ବର ୨୦୧୯ରେ ସୋରଡାର ପ୍ରସିଦ୍ଧ କଣ୍ଟାପିଡ଼ା ଯାତ୍ରା ଉପଲକ୍ଷେ ୩ ଦିନ ପରିଶ୍ରମରେ ପ୍ରାୟ ୫ କିଲୋ ଓଜନର ପୁରୁଣା ଖବରକାଗଜରେ ୭ ଫୁଟ ୬ ଇଞ୍ଚ ବିଶିଷ୍ଟ ମା' କନ୍ଧୁଣୀ ଦେବୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ। ଗୁରୁବାର ଉକ୍ତ କଳାକୃତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନିତ ହୋଇଛି। ୭ମ କଳାକୃତି ଭାବେ ଏହା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନିତ ହୋଇଥିବା ଶିଳ୍ପୀ ମହାରଣା ସୂଚାଇଛନ୍ତି।

# 'ସରକୋଏଡ ଆନିୟୁରିଜମ୍ ଅଫ୍ ଫେସ୍'ର ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୨।୩(ବ୍ୟୁରୋ)



ବିରଳ ଅସ୍ତ୍ରୋପଚାର ମାଧ୍ୟମରେ ସରକୋଏଡ ଆନିୟୁରିଜମ୍‌ର ଶିକାର ହୋଇଥିବା ଜଣେ ରୋଗୀଙ୍କ ଜୀବନ ରକ୍ଷା କରାଯାଇଛି। ଆପୋଲୋ ହସ୍ପିଟାଲର ନ୍ୟୁରୋ ସର୍ଜରୀ ବିଭାଗ ବିଶେଷଜ୍ଞଙ୍କ ସହ ପ୍ଲାଷ୍ଟିକ୍, ରିକନ୍‌ଷ୍ଟ୍ରକ୍ଟିଭ୍ ଏବଂ କାର୍ଡିଓ ଥୋରାସିସ୍ ଭାସ୍କୁଲାର ସର୍ଜରୀ ବିଭାଗର ବରିଷ୍ଠ ଡାକ୍ତରଙ୍କ ଦ୍ୱାରା ଏହି କଠିନ ଅସ୍ତ୍ରୋପଚାର ସଫଳତାର ସହ କରାଯାଇଛି। ଗତ କିଛିଦିନ ତଳେ ୬୦ ବର୍ଷୀୟ ଜଣେ ବୃଦ୍ଧ ଚକ୍ଷୁ ତଳ ବାମ ପାର୍ଶ୍ୱରୁ ଅନିୟନ୍ତ୍ରିତ ରକ୍ତସ୍ରାବ ହେଉଥିବା ଅବସ୍ଥାରେ ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପ୍ରଥମେ ସରକାରୀ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ ମଧ୍ୟ ଏହି ରକ୍ତସ୍ରାବ ବନ୍ଦ ହୋଇ ନ ଥିଲା। ତେଣୁ ସେ ଆପୋଲାରେ ଭର୍ତ୍ତି ହେବାପରେ ପ୍ରଥମେ ତାଙ୍କର ଡିଜିଟାଲ ସବ୍‌ଟ୍ରାକ୍ସନ ଆଞ୍ଜିଓଗ୍ରାଫି(ଡିଏସ୍ଏ) ପରୀକ୍ଷା କରାଯାଇଥିଲା। ପ୍ରାଥମିକ ଅବସ୍ଥାରେ ତାଙ୍କ ମୁଖମଣ୍ଡଳର ପ୍ରତି ଶିରା ଏବଂ ଧମନୀଗୁଡ଼ିକରେ ଏକାଧିକ ଯନ୍ତ୍ରଣାଦାୟକ ଡାଇଲେଟେଡ୍ ଭେସେଲ୍‌ମାନ ଦେଖିବାକୁ ମିଳିଥିଲା, ଯାହାକୁ ମେଡିକାଲ ଭାଷାରେ 'ସରକୋଏଡ ଆନିୟୁରିଜମ୍ ଅଫ୍ ଫେସ୍' ବୋଲି କୁହାଯାଇଥାଏ।

ଅସ୍ତ୍ରୋପଚାର ସମୟରେ ପ୍ରଥମେ ଉଭୟ ପାର୍ଶ୍ୱର ଅସ୍ଥାୟୀ ମାଂସପେଶୀକୁ ହଟାଇବା ପାଇଁ ବାଇକୋରୋନାଲ ଇନ୍‌ସିଜନ କରାଯାଇଥିଲା। ସେହିଭଳି ମୁହଁର ଧମନୀଗୁଡ଼ିକରୁ ବଢ଼ିଥିବା ମାଂସକୁ କଢାଯାଇଥିଲା। ଶେଷରେ ସଂକ୍ରମିତ ସ୍ଥାନକୁ ସର୍ଜିସେଲ୍ ଦ୍ୱାରା ନିୟନ୍ତ୍ରିତ କରାଯାଇଥିଲା। ବର୍ତ୍ତମାନ ରୋଗୀଙ୍କ ଅବସ୍ଥା ଭଲ ଥିବାବେଳେ ଖୁବ୍‌ଶୀଘ୍ର ସେ ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଏନେଇ ହସ୍ପିଟାଲର ପ୍ଲାଷ୍ଟିକ୍ ଏବଂ ରିକନ୍‌ଷ୍ଟ୍ରକ୍ଟିଭ୍ ସର୍ଜରୀ ବିଭାଗ ବରିଷ୍ଠ ପରାମର୍ଶଦାତା ଡ. ଏଲ୍.କେ. ମିଶ୍ର କହିଛନ୍ତି, ମୁହଁରେ ଏଭଳି ଭାସ୍କୁଲାର୍ ମାଲ୍‌ଫର୍ମେଶନ ହେବା ବହୁ ବିରଳ। ଯଦି ଠିକ୍ ସମୟରେ ଏଭଳି ରୋଗର ଚିକିତ୍ସା କରା ନ ଯାଏ ତାହେଲେ ରୋଗୀର ଜୀବନ ପ୍ରତି ବିପଦ ରହିଥାଏ। ନ୍ୟୁରୋସର୍ଜରୀ ବିଭାଗ ବରିଷ୍ଠ ପରାମର୍ଶଦାତା ଡା. ପି.କେ. ସାହୁ, ପ୍ଲାଷ୍ଟିକ୍ ସର୍ଜରୀର ଡା. ଏଲ୍.କେ. ମିଶ୍ର, ଡା. ସନ୍ତୋଷ ପାଣିଗ୍ରାହୀ, କାର୍ଡିଓ ଥୋରାସିସ୍ ଭାସ୍କୁଲାର ସର୍ଜରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡା. ଦେବାଶିଷ ନାୟକ ଏବଂ ଚକ୍ଷୁ ବିଶେଷଜ୍ଞ ଡା. ସି.କେ. ଦୀପାଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିଲା।



ଅହଂକାର ରଖି କୌଣସି ମହତ୍ କାର୍ଯ୍ୟ ହୋଇପାରେ ନାହିଁ।
-ରସ୍କିନ୍



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଜେଲ୍ ଗଲେ ପ୍ରତାରକ

ଭୁବନେଶ୍ୱର,୧୨।୩(ବ୍ୟୁରୋ): ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ନାବଳିକାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରଖି ବ୍ଲାକ୍‌ମେଲ୍ କରି ବାରମ୍ବାର ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ଡୁମଡୁମା ଫେଜ-୧ରେ ରହୁଥିବା ସୟଦ ଫିରୋଜ ଅଲି(୪୪)। ସୂଚନା ମୁତାବକ, ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ଜଣେ ନାବଳିକାଙ୍କୁ ଅଭିଯୁକ୍ତ ସୟଦ ପ୍ରେମ ଜାଲରେ ଫସାଇ ତାଙ୍କ ଘରକୁ ଯିବାଆସିବା କରୁଥିଲେ। ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ଉକ୍ତ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ନେଇଥିଲେ। ପରିବାର ଲେକଙ୍କୁ ଜଣାଇଲେ ଉକ୍ତ ଫଟୋକୁ ଭାଇରାଲ କରିବାର ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ଅନିଚ୍ଛା ସତ୍ତ୍ୱେ ଅନେକଥର ତାଙ୍କୁ ବଳାତ୍କାର କରିଥିଲେ। ଶେଷରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ଗତ ୧୦ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୧୭୮/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ଉଭୟଙ୍କର ଡାକ୍ତରୀ ମାଇନା ପରେ ସୟଦଙ୍କୁ ପଚରାଉଚରା କରି କୋର୍ଟ ଚାଲାଣ କରାଯାଇଥିଲା।

### କାର କାଚ ଭାଙ୍ଗି ଲାପ୍‌ଟପ୍ ଚୋରି

ଭୁବନେଶ୍ୱର,୧୨।୩(ବ୍ୟୁରୋ): ରାଜଧାନୀର ଜନଗହଳିପୂର୍ଣ୍ଣ ବାପୁଜିନଗରେ ପାର୍କିଂରେ ଥିବା ଏକ କାର କାଚ ଭାଙ୍ଗି ଦୁର୍ବୃତ୍ତମାନେ ଲାପ୍‌ଟପ୍ ସହ ଜରୁରୀ କାଗଜପତ୍ର ଚୋରିକରି ନେଇଛନ୍ତି। ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଯାଜପୁର ବରି ଅଞ୍ଚଳର ରାଜେଶ ଖାନ ଭୁବନେଶ୍ୱର ବିମାନବନ୍ଦରରେ କାର୍ଯ୍ୟ କରନ୍ତି। ଗୁରୁବାର ରାତି ସାଢ଼େ ୮ଟାରେ ରାଜେଶ ବାପୁଜିନଗରରେ କାର (ଓଡି ୦୨ ଏଆର ୫୭୬୬) ପାର୍କିଂ କରି କୌଣସି କାମରେ ଯାଇଥିଲେ। ଅଧ ଘଣ୍ଟା ପରେ ଫେରି କାର କାଚ ଭଙ୍ଗାଯାଇ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚାଲିଛି। ଦୁର୍ବୃତ୍ତମାନେ ରାଜେଶଙ୍କ ଉପରେ ପୂରା ନଜର ରଖି ଏପରି କାଣ୍ଡ ଘଟାଇଛନ୍ତି। ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

### ରାସ୍ତାରେ ବୋମାମାଡ଼

ତିଗିରିଆ,୧୨।୩(ଡି.ଏନ୍.ଏ.): ତିଗିରିଆ ଥାନା ଅନ୍ତର୍ଗତ କଣ୍ଟିପୁର-କଳିବୀର ସଂଯୁକ୍ତ ରାସ୍ତାର ସୁନେଇରୁପେଇ ପୋଲ ଛକରେ ବୁଧବାର ରାତିରେ କୌଣସି ଦୁର୍ବୃତ୍ତ ବୋମାମାଡ଼ କରି ଫେରାର ହୋଇଯାଇଛନ୍ତି। ଏନେଇ ଗୁରୁବାର କଣ୍ଟିପୁର ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ମାମଲା (ନଂ.୩୨/୨୦) ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୂଜବଳ କହିଛନ୍ତି। ବୋମା ମାଡ଼ର କାରଣ ଜଣାପଡି ନ ଥିବା ବେଳେ ଏହି ସମୟରେ ସେଠାରେ କୌଣସି ବ୍ୟକ୍ତି ନ ଥିବା ସୂଚନା ମିଳିଛି। ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏହି ଛକ ନିକଟରେ ଥିବା କଣ୍ଟିପୁର ପୋଖରୀ ହୁଡ଼ାରେ ଲୋକେ ରାତିରେ ମାଛ ଜଗିବା ସହ ସ୍ଥାନୀୟ ଅଧିବାସୀଙ୍କ ଚଳପ୍ରଚଳ ରହୁଛି। ବୋମାମାଡ଼ ପରେ ସେମାନେ ଭୟଭୀତ ହୋଇପଡିଛନ୍ତି। ସୁରକ୍ଷାକୁ ଦୃଷ୍ଟି ରଖି ସେଠାରେ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ଆନ୍ତଃରାଜ୍ୟ ହାଇଓ୍ୱା, ଜେସିବି ଚୋର ଗ୍ୟାଙ୍ଗ ଠାବ

ଭୁବନେଶ୍ୱର,୧୨।୩ (ବ୍ୟୁରୋ)



ଗିରଫ ଅଭିଯୁକ୍ତମାନେ।

ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଜିଲାରୁ ଜେସିବି ଓ ହାଇଓ୍ୱା ଟ୍ରକ ଚୋରି କରୁଥିବା ଆନ୍ତଃରାଜ୍ୟ ଚୋରି ଗ୍ୟାଙ୍ଗକୁ ଠାବ କରିଛି କମିଶନରେଟ ପୋଲିସ। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ୍ ସମେତ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରଛି ସ୍ପେଶାଲ ସ୍କ୍ୱାଡ୍। ଏଥିସହ ବିଭିନ୍ନ ସ୍ଥାନରେ ଚଡ଼ାଉ କରି ୩ ଜେସିବି, ୨ ହାଇଓ୍ୱା ସହ ଚୋରିରେ ବ୍ୟବହୃତ କାରକୁ ଜବତ କରିଛି। ଗିରଫ ମାଷ୍ଟରମାଇଣ୍ଡ୍ ହେଲେ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ବାଆଁରା ଗ୍ରାମର ସୁଶାନ୍ତ କୁମାର ପାତ୍ର ଓରଫ ବଣ୍ଟି ଓ ସହଯୋଗୀ ଅଭିଯୁକ୍ତ ରାଜୁ ପାତ୍ର, ରାହୁଲ ରାଉତ ଓରଫ ଟପୁ, କଟକ ସଦର ଥାନା ଅନ୍ତର୍ଗତ ଦଧିବାମନପୁର ଗ୍ରାମର ରାଜୁ ଦାସ ଓରଫ ରାଜ କିଶୋର। ଏଥିସହ ଚୋରି ଯାନବାହାନ କିଣିଥିବା ଆଠଗଡ ଥାନା କନ୍ତୋଲ ଅଞ୍ଚଳର ସୁବାସ ବେହେରା ଓରଫ କାଳିଆ ଓ ପଶ୍ଚିମବଙ୍ଗ ଜଲପାଇଗୁଡି ଅଞ୍ଚଳର କ୍ରୀଷ୍ଣା ସିଂ ଓ ତାଙ୍କ ଭାଇ ଚନ୍ଦନ ସିଂ।

ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଅଞ୍ଚଳରେ ରହୁଥିବା ଶଖାନନ୍ଦ ବେହେରାଙ୍କ ଜେସିବି ଗତ ଫେବୃଆରୀ ୨୪ ରାତିରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ମଇଳା ଟାଙ୍କୀ ନିକଟରୁ ଚୋରି ହୋଇଥିଲା। ଏ ନେଇ ଗତ ୩ ତାରିଖରେ ଅଭିଯୋଗ ହେବାପରେ ପୋଲିସ ୧୨୧/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

■ ୩ ଜେସିବି, ୨ ହାଇଓ୍ୱା ସହ ଚୋରିରେ ବ୍ୟବହୃତ କାର ଜବତ

■ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୭ ଗିରଫ



ଜବତ ଜେସିବି।

ସେହିପରି ୨୦୧୯ ସେପ୍ଟେମ୍ବରରେ ନୟାପଲ୍ଲୀ ମଇଳା ଟାଙ୍କୀ ଛକ ନିକଟରେ ପାର୍କିଂ ହୋଇଥିବା ଏକ ହାଇଓ୍ୱା ଚୋରି ଓ ଅକ୍ଟୋବରରେ କ୍ରାଉନ ହୋଟେଲ ସମ୍ମୁଖ ଜାତୀୟ ରାଜପଥ କଡରୁ ଆଉଏକ ହାଇଓ୍ୱା ଚୋରି ନେଇ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସେହିଭଳି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜେସିବି ଚୋରି ନେଇ ୩୭୧/୧୯ ଓ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏକ ଜେସିବି ଚୋରି ନେଇ ୫୩୭/୧୯ରେ ମାମଲା ରୁଜୁ ହୋଇଥିଲା। ବାରମ୍ବାର ଜେସିବି ଓ ହାଇଓ୍ୱା ଚୋରି ହେବା ନେଇ ଅଭିଯୋଗ ଆସୁଥିବାରୁ ପୋଲିସର ଚିନ୍ତା ବଢ଼ିଥିଲା। ଗତ ମଙ୍ଗଳବାର ରାତିରେ କିଛି ସନ୍ଦିଗ୍ଧ ଯୁବକ ମଇଳା ଟାଙ୍କୀ ନିକଟରେ ଏକ ହାଇଓ୍ୱା ବିକ୍ରି କରିବାକୁ ଯୋଜନା କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରି ଅଭିଯୁକ୍ତଙ୍କୁ ଧରିବା ପରେ ର୍‍ୟାକେଟର ପର୍ଦ୍ଦାଫାଶ ହୋଇଥିଲା। ତେବେ ପଚରା ଉଚରା କରିବା ପରେ ସେମାନେ ଗଞ୍ଜାମରୁ ଚୋରି କରିଥିବା ଏକ ହାଇଓ୍ୱା ବିକ୍ରୀ ପାଇଁ ଉଦ୍ୟମ କରୁଥିବା ନେଇ ପୋଲିସକୁ କହିଥିଲେ। ସେମାନେ ପୁରୀ, ଯାଜପୁର ଓ ଭୁବନେଶ୍ୱର ଅଞ୍ଚଳରୁ ଜେସିବି ଓ ହାଇଓ୍ୱା ଚୋରି କରିଥିବା ସ୍ୱୀକାର କରିଥିଲେ। ସେମାନଙ୍କ ବୟାନ ଆଧାରରେ ପୋଲିସ ଟିମ୍ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଭାପୁର ଓ ଆଠଗଡ ଥାନା ଅନ୍ତର୍ଗତ କନ୍ତୋଲ ଗ୍ରାମରେ ଥିବା ଚୋରି ୩ ଜେସିବି ଓ ୨ ହାଇଓ୍ୱା ଜବତ କରିଥିଲେ। ଏହାକୁ କିଣିଥିବା ସୁବାସ ବେହେରାଙ୍କୁ ଗିରଫ କରାଯାଇଥିଲା। ଗୋଟିଏ ହାଇଓ୍ୱାକୁ ଅଭିଯୁକ୍ତମାନେ କାଟି ବିକ୍ରି କରିଦେଇଥିବା କହିଥିବାବେଳେ ପଶ୍ଚିମବଙ୍ଗ ଜଲପାଇଗୁଡି ଅଞ୍ଚଳର ୨ ଭାଇ କ୍ରୀଷ୍ଣା ଓ ଚନ୍ଦନ ସେମାନଙ୍କଠାରୁ ହାଇଓ୍ୱା କିଣିଥିବା ପୋଲିସକୁ ସୂଚନା ମିଳିଥିଲା। ଏହାପରେ କମିଶନଟେ ପୋଲିସ ଟିମ୍ ସ୍ଥାନୀୟ ମଦାରିହାଟ ଥାନା ପୋଲିସ ସହାୟତାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସମସ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ‘ଘରୋଇ ବ୍ୟାଙ୍କରେ ଜମା ସୁରକ୍ଷିତ’

ନୂଆଦିଲ୍ଲୀ,୧୨।୩





■ ଟଙ୍କା ନ ଉଠାଇବାକୁ ରାଜ୍ୟଗୁଡିକୁ କହିଲା ଆର୍‌ବିଆଇ

■ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଯୋଗେ ଅବଗତ କରାଇଲା

ଘରୋଇ ବ୍ୟାଙ୍କଗୁଡିକରେ ଜମା ଟଙ୍କା ସୁରକ୍ଷିତ ରହିଛି। ଏହି ବ୍ୟାଙ୍କଗୁଡିକରେ ରହିଥିବା ରାଜ୍ୟଗୁଡିକର ଜମା ଅର୍ଥ ନ ଉଠାଇବା ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ରାଜ୍ୟଗୁଡିକୁ ଗୁରୁବାର ପରାମର୍ଶ ଦିଆଯାଇଛି। ଘରୋଇ ବ୍ୟାଙ୍କରେ ଜମା ଅର୍ଥ ସୁରକ୍ଷିତ ନ ଥିବା ନେଇ ଗଣମାଧ୍ୟମରେ ଅପପ୍ରଚାର ହେଉଛି। ଏଭଳି ପ୍ରସଙ୍ଗକୁ ନେଇ କୌଣସି ଆଶଙ୍କା ନ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କ ରାଜ୍ୟଗୁଡିକୁ ପରାମର୍ଶ ଦେଇଛି। ଏ ନେଇ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଏନ୍ .ଏସ୍. ବିଶ୍ୱନାଥନ ଓଡିଶା ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ସମେତ ଅନ୍ୟ ରାଜ୍ୟଗୁଡିକର ମୁଖ୍ୟ ଶାସନ ସଚିବମାନଙ୍କୁ ଚିଠି ଲେଖିଛନ୍ତି। ଏଭଳି ତରବରିଆ ଭାବେ ଘରୋଇ ବ୍ୟାଙ୍କଗୁଡିକରୁ ଟଙ୍କା ଉଠାଇ ନେବା ଦ୍ୱାରା ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ କ୍ଷେତ୍ର ଉପରେ ପ୍ରଭାବ ପକାଇପାରେ।

କେତେକ ରାଜ୍ୟ ସରକାର ଘରୋଇ ବ୍ୟାଙ୍କଗୁଡିକରେ ରହିଥିବା ଅର୍ଥକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ସ୍ଥାନାନ୍ତର କରିବା ନେଇ ସେମାନଙ୍କ ଅଧୀନ ପ୍ରତିଷ୍ଠାନଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗକୁ ବିଚାର କରି ରିଜର୍ଭ ବ୍ୟାଙ୍କ ଏଭଳି ପରାମର୍ଶ ଦେଇଛି। ନିକଟରେ ୟେସ୍ ବ୍ୟାଙ୍କରେ ସୃଷ୍ଟି ହୋଇଥିବା ସଙ୍କଟ ଯୋଗୁ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ବ୍ୟାଙ୍କ ବୋର୍ଡକୁ ବରଖାସ୍ତ କରାଯାଇଛି। ବ୍ୟାଙ୍କରୁ ଟଙ୍କା ଉଠାଣ ଉପରେ କଟକଣା ଜାରି କରାଯାଇଛି।

ରାଜ୍ୟଗୁଡିକ ନେଇଥିବା ନିଷ୍ପତ୍ତି ଉପରେ ପୁଣି ଥରେ ବିଚାର କରିବାକୁ ଆର୍‌ବିଆଇ ପକ୍ଷରୁ ନିବେଦନ କରାଯାଇଛି। କୌଣସି ବିଭ୍ରାନ୍ତିକର ଧାରଣା ଉପରେ ବିଶ୍ୱାସ ନ କରିବାକୁ ମଧ୍ୟ କୁହାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଦେଶର ଘରୋଇ କ୍ଷେତ୍ର ବ୍ୟାଙ୍କଗୁଡିକୁ ନିୟନ୍ତ୍ରଣ ଏବଂ ତତ୍ତ୍ୱାବଧାନରେ ରଖିବା ନେଇ କ୍ଷମତା ହାସଲ କରିଛି। ଏହି କ୍ଷମତା ବଳରେ ଘରୋଇ ବ୍ୟାଙ୍କଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଜମାକାରୀଙ୍କ ଅର୍ଥ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରାଯାଉଛି ବୋଲି କେନ୍ଦ୍ରୀୟ ବ୍ୟାଙ୍କ ସ୍ପଷ୍ଟ କରିଛି। ଜମାକାରୀ ଯେଭଳି କୌଣସି ସମସ୍ୟା ସାମ୍ନା କରିବେ ନାହିଁ ତାକୁ ଧ୍ୟାନରେ ରଖି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଘରୋଇ ବ୍ୟାଙ୍କଗୁଡିକ ପ୍ରତି ଜମାକାରୀଙ୍କ ବିଶ୍ୱାସ କିଭଳି ବଜାୟ ରହିବ ସେ ନେଇ କେନ୍ଦ୍ରୀୟ ବ୍ୟାଙ୍କ ଯତ୍ନବାନ ରହିଛି।



ଭୁବନେଶ୍ୱର ଫରେଷ୍ଟ ପାର୍କ ପଛପଟ ରାଜେନ୍ଦ୍ର ବିହାର ଆପାର୍ଟମେଣ୍ଟରେ ବୁଧବାର ରାତିରେ ଅଗ୍ନିକାଣ୍ଡ ପରେ ବାହାରକୁ ଚାଲିଆସିଥିବା ଲୋକମାନେ।

## ବ୍ୟାଟେରି ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ: ୩ ଗିରଫ

ଭୁବନେଶ୍ୱର,୧୨।୩ (ବ୍ୟୁରୋ)

କିଛିଦିନ ହେବ କାର୍ ଓ ଟ୍ରକ ମାଲିକଙ୍କ ନିଦ ହଜେଇ ଦେଇଥିଲେ ବ୍ୟାଟେରୀ ଚୋରି ଗ୍ୟାଙ୍ଗ। ଅଟୋରେ ବୁଲି ରାଜଧାନୀରେ ପାର୍କିଂ କରିଥିବା ବିଭିନ୍ନ କାର ଓ ଟ୍ରକରୁ ସେମାନେ ବ୍ୟାଟେରି ଚୋରି କରୁଥିଲେ। ସେହି ଗ୍ୟାଙ୍ଗର ୩ ସଦସ୍ୟଙ୍କୁ ଗିରଫ କରିଛି ଖାରବେଳନଗର ଥାନା ପୋଲିସ। ସେମାନେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ଆଖଣ୍ଡଳମଣି ବସ୍ତିର ରାଜେନ୍ଦ୍ର ନାୟକ, ନୟାପଲ୍ଲୀ ଥାନା ଅନ୍ତର୍ଗତ ବାଜପେୟୀ ନଗରର ସୁରେଶ ସାହୁ ଓ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଧିରୁକୁଟି ବସ୍ତିର ସନ୍ତୋଷ ସାହୁ। ସେମାନଙ୍କଠାରୁ ଚୋରା ବ୍ୟାଟେରି ଜବତ କରାଯାଇଛି।

ସୂଚନା ମୁତାବକ ଖାରବେଳ ନଗର ଥାନା ଅଞ୍ଚଳରେ ରହୁଥିବା ସୀମାଞ୍ଚଳ ମାଲୁ ଗତ ୧୦ ତାରିଖ ରାତିରେ କ୍ରେଡିଟ୍ କୋଅପରେଟିଭ ବ୍ୟାଙ୍କ ନିକଟରେ ତାଙ୍କ ୪୦୭ ଟ୍ରକକୁ ପାର୍କିଂ କରିଥିଲେ। ସକାଳୁ ଦେଖିଲା ବେଳକୁ ତାଙ୍କ ଗାଡ଼ିରୁ ବ୍ୟାଟେରି ଚୋରି ହୋଇଯାଇଥିଲା। ଏ ନେଇ ସୀମାଞ୍ଚଳ ଅଭିଯୋଗ କରିବା ପରେ ପୋଲିସ ୭୨/୨୦ନମ୍ବରରେ ମାମଲା ରୁଜୁ କରିଥିଲା। ଉପରୋକ୍ତ ଅଭିଯୁକ୍ତମାନେ ଏକ ଅଟୋରେ ଆସି ବ୍ୟାଟେରି ଚୋରି କରିନେଇଥିବା ପୋଲିସ ଘଟଣାସ୍ଥଳ ନିକଟ ସିସିଟିଭି ଫୁଟେଜ୍‌ରୁ ଜାଣିପାରିଥିଲା। ଅଟୋ ନମ୍ବରକୁ ଯାଞ୍ଚ କରି ପୋଲିସ ଅଭିଯୁକ୍ତମାନଙ୍କ ପାଖରେ ପହଞ୍ଚିପାରିଥିଲା। ସେମାନଙ୍କ ଗ୍ୟାଙ୍ଗ ଅନ୍ୟମାନଙ୍କ ସମ୍ପର୍କରେ ପୋଲିସ ତଥ୍ୟ ପାଇପାରିଛି। ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

# ୟେସ୍ ବ୍ୟାଙ୍କରେ ଶ୍ରୀ ଜଗନ୍ନାଥଙ୍କ ଟଙ୍କା ପ୍ରସଙ୍ଗ

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ୟେସ୍ ବ୍ୟାଙ୍କର କାରବାରକୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ରୋକ୍ ଲଗାଇଛନ୍ତି। ୟେସ୍ ବ୍ୟାଙ୍କରେ ଥିବା ଶ୍ରୀମନ୍ଦିର ସ୍ଥାୟୀ ଜମା ଏବଂ ଭକ୍ତଙ୍କ ଦାନରୁ ସୃଷ୍ଟି ୫୪୫ କୋଟି ଟଙ୍କା ଏବେ ସଙ୍କଟରେ। ଶ୍ରୀମନ୍ଦିର ପରିଚାଳନା, ଆର୍ଥିକ ବ୍ୟାପାର ଏବଂ ଦୈନନ୍ଦିନ ନୀତିକାନ୍ତି ସିଧାସିଳଖ ଆଇନ ବିଭାଗ ଅଧୀନରେ ରହିଥାଏ। ତେଣୁ ଏଭଳି ସ୍ଥିତି ଲାଗି ଆଇନ ବିଭାଗ ଦାୟୀ ବୋଲି କଂଗ୍ରେସ ଅଭିଯୋଗ କରିଛି। କେବଳ ସେତିକି ନୁହେଁ ରାଜ୍ୟର ସାଧାରଣ ଜନତାଙ୍କ ୩୨ ଶହ କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ବୁଡିଯିବା ଅବସ୍ଥାରେ ରହିଛି। ସେହିପରି ରାଜ୍ୟର କେନ୍ଦ୍ର ସମବାୟ ବ୍ୟାଙ୍କଗୁଡିକର କେତେ ଟଙ୍କା ୟେସ୍ ବ୍ୟାଙ୍କରେ ଜମା ଅଛି ତାହା ଜାଣିବା କଷ୍ଟକର ହୋଇପଡିଛି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି)ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଜାଣିଶୁଣି ୟେସ୍ ବ୍ୟାଙ୍କରେ ଟଙ୍କା ଲଗାଯାଇଛି ବୋଲି ସେ ଅଭିଯୋଗ କରିବା ସହିତ ଏହି ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି।

**ସିବିଆଇ ତଦନ୍ତ ଦାବି କଲା କଂଗ୍ରେସ**

ନିରଞ୍ଜନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫାଉଣ୍ଡେଶନ ଫଣ୍ଡର ଅଧ୍ୟକ୍ଷ ଅଛନ୍ତି। ଟେମ୍ପୁଲ୍ ଆକ୍ଟ ୧୯୫୫ର ଧାରା ୨୮-ସି ର ସବ୍ ସେକ୍ସନ-୩ ଅନୁଯାୟୀ କେଉଁ ବ୍ୟାଙ୍କରେ ଶ୍ରୀମନ୍ଦିର ଟଙ୍କା ରଖାଯିବ ତାହା ଆଇନ ବିଭାଗ ଅନୁମୋଦନ କରିବା କଥା। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ଜାତୀୟକରଣ ବ୍ୟାଙ୍କ ପରିବର୍ତ୍ତେ ୨୦୦୪ରେ ଗଠନ ହୋଇଥିବା ଏକ ଘରୋଇ ବ୍ୟାଙ୍କରେ ୫୪୫କୋଟି ଟଙ୍କା ରଖିବା ପଛରେ ଓଡିଶା ସରକାରଙ୍କର ଘରୋଇ ବ୍ୟାଙ୍କ ପ୍ରୀତିକୁ ପଦାରେ ପକାଇଛି। ୨୦୧୭ରୁ ୟେସ୍ ବ୍ୟାଙ୍କର ଆର୍ଥିକ ପରିସ୍ଥିତି ସଙ୍କଟାପନ୍ନ ଥିବା ନେଇ ସୂଚନା ମିଳିଥିଲା ଏବଂ ନଭେମ୍ବର ୨୦୧୮ରେ ବ୍ୟାଙ୍କର ପରିଚାଳନା କମିଟିକୁ ଭଙ୍ଗ କରାଯାଇଥିଲା। ରିଜର୍ଭବ୍ୟାଙ୍କ ତାଙ୍କର ଜଣେ ବରିଷ୍ଠ ଅଧିକାରୀ ଆର. ଗାନ୍ଧୀଙ୍କୁ ବ୍ୟାଙ୍କର ବୋର୍ଡ ଅଫ୍ ଡାଇରେକ୍ଟରରେ ନିଯୁକ୍ତି ଦେଇଥିଲେ। ଏହାସତ୍ତ୍ୱେ ମାର୍ଚ୍ଚ ୨୦୧୯ରେ ଶ୍ରୀମନ୍ଦିର ପ୍ରଶାସନ କିଭଳି ଏତେ ଟଙ୍କା ୟେସ୍ ବ୍ୟାଙ୍କରେ ଜମା କରିବା ପାଇଁ ନିଷ୍ପତ୍ତି ନେଇଥିଲେ ତାହା ତଦନ୍ତ ହେବା ଆବଶ୍ୟକ। ଯେଉଁ ଅଧିକାରୀଙ୍କ ଅନୁମୋଦନକ୍ରମେ ଜଗନ୍ନାଥଙ୍କ ଟଙ୍କା ୟେସ୍ ବ୍ୟାଙ୍କରେ ଜମା ରଖାଯାଇଥିଲା, ସେମାନଙ୍କୁ ବିଭିନ୍ନ ଉପହାର ସହ ବିଦେଶ ଭ୍ରମଣର ସୁଯୋଗ ମିଳିଛି ବୋଲି ନିରଞ୍ଜନ ଅଭିଯୋଗ କରିଛନ୍ତି।

# ସମ୍ମାନିତ ହେଲେ ପୋଲିସ ଅଧିକାରୀ, ଓକିଲ

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ଗୁରୁତ୍ୱପୂର୍ଣ୍ଣ ମାମଲାରେ ସଫଳ ତଦନ୍ତ କରଥିବା ପୋଲିସ ଅଧିକାରୀଙ୍କୁ ସମ୍ମାନିତ କରିଛନ୍ତି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ। ଇନ୍ସପେକ୍ଟର କିଶୋର ସାମଲ, ଇନ୍ସପେକ୍ଟର ଗାୟତ୍ରୀ ମିଶ୍ର, ଏସ୍ଆଇ ରବୀନ୍ଦ୍ର ପଣ୍ଡା ଏବଂ ସରକାରୀ ଓକିଲ ପ୍ରଦୀପ୍ତ କୁମାର ମିଶ୍ର ଓ ସୁବ୍ରତ ପ୍ରିୟଦର୍ଶୀଙ୍କୁ କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ଗୁରୁବାର ସମ୍ମାନିତ କରାଯାଇଛି।

# ଡାଲି ଜାତୀୟ, ତୈଳବୀଜ ଜମିରୁ ଜଳ ନିଷ୍କାସନ କର

ଭୁବନେଶ୍ୱର, ୧୨।୩(ବ୍ୟୁରୋ)

**ଅଦିନିଆ ବର୍ଷାରେ ଫସଲ ପରିଚାଳନା ପାଇଁ କୃଷି ପରାମର୍ଶ**

ଦକ୍ଷିଣ-ପଶ୍ଚିମ ରାଜସ୍ଥାନ, ଉତ୍ତର ଛତିଶଗଡ଼ ଓ ଉତ୍ତର ମଧ୍ୟପ୍ରଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବା ଯୋଗୁ ଓଡ଼ିଶାର ଅଧିକାଂଶ ଜିଲାରେ ୧୨ରୁ ୧୫ ତାରିଖ ମଧ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସହ ପବନ ହେବାର ସମ୍ଭାବନା ରହିଛି। ଫଳରେ ବିଭିନ୍ନ ଫସଲର ସୁପରିଚାଳନା ପାଇଁ ପଦକ୍ଷେପମାନ ଗ୍ରହଣ କରିବାକୁ ଗୁରୁବାର ଓଡ଼ିଶା କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା ଏବଂ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ (ଓୟୁଏଟି) ପକ୍ଷରୁ ପରାମର୍ଶ ଦିଆଯାଇଛି। କୃଷକଙ୍କୁ ବିଭାଗ ଦ୍ୱାରା ଦିଆଯାଇଥିବା ପରାମର୍ଶ ଅନୁଯାୟୀ, ଅଧିକ ବର୍ଷା ହେଲେ ବିଲରେ ଥିବା ଡାଲି ଜାତୀୟ ଫସଲ, ତୈଳବୀଜ ଫସଲ, ପନିପରିବା ଓ ବିଭିନ୍ନ ଫୁଲ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ କୁହାଯାଇଛି। ସେହିପରି କୀଟନାଶକ ଔଷଧ ସିଞ୍ଚନ ଓ ଜଳସେଚନ ସାମୟିକ ବନ୍ଦ ରଖିବା, ପନିପରିବା ଫସଲର ତଳିଘେରାକୁ ଧଳା ପଲିଥିନରେ ଘୋଡ଼ାଇ ରଖିବାକୁ କୁହାଯାଇଛି। ଅନ୍ୟପକ୍ଷେ ଫଳ ଜାତୀୟ ଚାଷ ଯଥା ଗେଣ୍ଡୁ, ଗୋଲାପ, ସେବତୀ ଆଦି ଫୁଲର ମାନ ବର୍ଷା ଯୋଗୁ ଖରାପ ହେବାର ସମ୍ଭାବନା ରହିଛି। ତେଣୁ ସେଗୁଡ଼ିକୁ ତୋଳି ଦେବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଫୁଲକୋବି, ବନ୍ଧାକୋବି ଓ ଅନ୍ୟାନ୍ୟ ପନିପରିବାକୁ ତୋଳିବା, ପିଆଜ ଓ ରସୁଣକୁ ଆଦାୟ କରି ଖେଳେଇବା ପାଇଁ ପରାମର୍ଶ ଦିଆଯାଇଛି। ସୂର୍ଯ୍ୟମୁଖୀ, ଚିନାବାଦାମ ଆଦି ତୈଳବୀଜ ଫସଲ, ମୁଗ, ବିରି ଆଦି ଡାଲିଜାତୀୟ ଫସଲ ଓ ପନିପରିବାରେ ଜଉପୋକ ଲାଗିବାର ସମ୍ଭାବନା ଥିବାରୁ ଏକର ପ୍ରତି ୪୦ ଗ୍ରାମ୍ ଥାୟୋମେଥୋକ୍‌ଜାମ୍ କିମ୍ବା ୫୦ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ କିମ୍ବା ୫୦ ଗ୍ରାମ୍ ଏସିଟାମିପ୍ରିଡ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ କୁହାଯାଇଛି। ଏଥିସହ ଫସଲରେ ପତ୍ରପୋଡ଼ା ରୋଗ ଏଡ଼ାଇବା ପାଇଁ ଲିଟର ପ୍ରତି ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍ ମିଶ୍ରିତ ଔଷଧ ଅଥବା ୨ ଗ୍ରାମ୍ କ୍ଲୋରୋଥାଲୋନିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ କୁହାଯାଇଛି। ଏ ନେଇ ଅଧିକ ଜାଣିବା ପାଇଁ କୃଷକମାନେ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, କୃଷି ସମ୍ପ୍ରସାରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ହୋଟେଲ ମାଲିକାଣୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୨।୩ (ବ୍ୟୁରୋ)

ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ହୋଟେଲ ମାଲିକାଣୀଙ୍କୁ ଅସଦାଚରଣ ଓ ମାଡ଼ ମାରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ସାଇନ୍ସ ପାର୍କ ବସ୍ତିର ବିକାଶ ମଲିକ। ସୂଚନା ମୁତାବକ ଆକ୍ରମଣର ଶିକାର ମହିଳାଙ୍କ ଶହୀଦନଗର ଥାନା ଅଞ୍ଚଳରେ ଏକ ହୋଟେଲ ରହିଛି। ହୋଲି ଦିନ ମଧ୍ୟାହ୍ନରେ ବିକାଶ ହୋଟେଲରେ ପହଞ୍ଚି ଖାଦ୍ୟ ବରାଦ କରିଥିଲେ। ହେଲେ ଖାଦ୍ୟ ସରିଯାଇଥିବା ମହିଳା ଜଣକ କହିବାରୁ ବିକାଶ ତାଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିଲେ। ଏ ନେଇ ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୧୪୩/୨୦ନମ୍ବରରେ ଏକ ମାମଲା ରୁଜୁ କରିଥିଲା।

# ଗଞ୍ଜେଇ ଧରିବାକୁ ଯାଇ ପୋଲିସ ହଟହଟା

ଭୁବନେଶ୍ୱର,୧୨।୩(ବ୍ୟୁରୋ)-

■ ଉଦ୍ଧାର କଲେ ଇନ୍‌ଫୋସିଟି ଥାନାଧିକାର

■ ୨ ଜଣ ଅଟକ, ବ୍ରାଉନ ସୁଗାର, ଗଞ୍ଜେଇ ଜବତ

ଚନ୍ଦ୍ରଶେଖରପୁର ଥାନା ପୋଲିସ ଗୁରୁବାର ନୀଳାଦ୍ରିବିହାର ଏଟିଏମ୍ ଛକରେ ଗଞ୍ଜେଇ ଓ ବ୍ରାଉନସୁଗାର ବେପାରୀଙ୍କୁ ଧରିବାକୁ ଯାଇ ହଟହଟା ହୋଇଥିବା ଜଣାପଡ଼ିଛି। ଏପରି କି ପୋଲିସ ଚଢ଼ାଉ କରିବା ଜାଣି ନିଶା ମାଫିଆ ଦୋକାନରେ ସ୍ତ୍ରୀକୁ ରଖି ଦେଇଥିଲେ। ଫଳରେ ପୋଲିସ ଦୋକାନ ତଲାସ କରିବାକୁ ଯିବାବେଳେ ମହିଳା ଜଣଙ୍କ ଅଟକାଇବା ସହ ଚନ୍ଦ୍ରଶେଖରପୁର ଥାନା ଅଧିକାରୀଙ୍କୁ ମାଡ଼ମାରିବାକୁ ଉଠି ଆସିଥିଲେ। ଏହାଦେଖି ସ୍ଥାନୀୟ କେତେଜଣ ମହିଳା ତାଙ୍କୁ ସମର୍ଥନ ଦେଇ ଥାନା ଅଧିକାରୀଙ୍କୁ ଏକ ପ୍ରକାର ଘେରାଉ କରି ଦେଇଥିଲେ। ଶେଷରେ ଥାନା ଅଧିକାରୀ କୌଣସିପ୍ରକାର କିଛି ବାଟ ପାଇ ଇନ୍‌ଫୋସିଟି ଥାନା ଅଧିକାରୀଙ୍କୁ ଫୋନ୍ କରିଥିଲେ। ଖବରପାଇ ଇନ୍‌ଫୋସିଟି ଥାନାଧିକାରୀ ଏବଂ ୩ଟି ପିସିଆର ଭ୍ୟାନ୍ ଯାଇ ଥାନା ଅଧିକାରୀଙ୍କୁ ଉଦ୍ଧାର କରିଥିଲେ। ଏହାସହ ନିଶା ବିକ୍ରି କରୁଥିବା ୨ ମାଫିଆଙ୍କୁ ପୋଲିସ ଥାନାକୁ ନେଇ ଅଟକ ରଖିଛି। ଏହାସହ ସେମାନଙ୍କ ଦୋକାନରୁ ଗଞ୍ଜେଇ, ସିଗାରେଟ ଏବଂ ବ୍ରାଉନ ସୁଗାର ଜବତ କରିଛି।

ସୂଚନା ଅନୁଯାୟୀ, ଏଟିଏମ୍ ଛକରେ ଜଣେ ନିଶା ମାଫିଆ ଗ୍ରୋସେରି ଦୋକାନ କରିଥିବା ବେଳେ ଅନ୍ୟଜଣେ ପାନ ଦୋକାନ କରି ବ୍ରାଉନସୁଗାର ଏବଂ ଗଞ୍ଜେଇ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଏପରିକି ପୋଲିସ ଚଢ଼ାଉ କରିବାକୁ ଗଲେ ନିଶା ମାଫିଆ ସ୍ତ୍ରୀକୁ ଲଗେଇ ପୋଲିସକୁ ବିଦା କରିଦିଏ। ହେଲେ ଗୁରୁବାର ଦୁଇ ବ୍ୟବସାୟୀ ବ୍ରାଉନ ସୁଗାର ଆଣିଥିବା ଥାନାଧିକାରୀ ଖବରପାଇ ପୋଲିସ କର୍ମଚାରୀ ସହ ସେଠାକୁ ଚଢ଼ାଉ କରିବାକୁ ଯାଇଥିଲେ। ହେଲେ ପୂର୍ବରୁ ପୋଲିସ ଆସିବା ଜାଣି ନିଶା ମାଫିଆ ନିଜର ସ୍ତ୍ରୀକୁ ଦୋକାନରେ ବସାଇ ଦେଇଥିଲେ। ସବୁଥର ପରି ପୋଲିସ ଯାଞ୍ଚ କରିବା ପାଇଁ ଦୋକାନ ଭିତରକୁ ଯିବା ସମୟରେ ମହିଳା ଜଣଙ୍କ ଉଗ୍ର ହୋଇ ପୋଲିସମାନଙ୍କୁ ଗାଲିଗୁଲଜ କରିଥିଲେ। ଫଳରେ ଥାନା ଅଧିକାରୀ ଇନ୍‌ଫୋସିସି ଥାନା ଅଧିକାରୀଙ୍କ ସହଯୋଗ ନେଇ ଉଦ୍ଧାର ହୋଇଥିଲେ।

# ଗାଈ ଗୁହାଳ, ଟିଣଛପର ଭାଙ୍ଗିଲେ ଉଚ୍ଛେଦ ଟିମ୍

ଭୁବନେଶ୍ୱର, ୧୨।୩(ବ୍ୟୁରୋ)



**ଦେଖାଗଲାନି ସାମ୍ନାରେ ଥିବା ଜବରଦଖଲ**

ଦାୟିତ୍ୱରେ ରହୁଥିବା ଅଧିକାରୀଙ୍କ ପ୍ରିୟାପ୍ରୀତି ତୋଷଣ ଓ ମଉନତାରେ ଭୁବନେଶ୍ୱରରେ ବଢ଼ିଚାଲିଛି ଜବରଦଖଲ। ରାଜନେତା ଓ ପ୍ରଭାବଶାଳୀଙ୍କୁ ଛାଡ଼ି ନିରୀହ ଗରିବଙ୍କ ଘର ଭାଙ୍ଗି ବାହାବା ନେଉଛି ମିଳିତ ଉଚ୍ଛେଦକାରୀ ଟିମ୍। ଗୁରୁବାର ଏହାର ପୁନରାବୃତ୍ତି ଦେଖିବାକୁ ମିଳିଛି। ଦୀର୍ଘ ଦିନ ଧରି ପଟିଆ ମୌଜାରେ ଜବରଦଖଲରେ ଥିବା ଜଙ୍ଗଲ ଜମିକୁ ଛାଡ଼ି ମିଳିତ ଉଚ୍ଛେଦକାରୀ ଟିମ୍ ନିକଟରେ ଥିବା ଏକ ଗାଈ ଗୁହାଳ ଓ ଟିଣ ଛପର ଘର ଭାଙ୍ଗି ଚାଲିଆସିବା ଘଟଣାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ମୁତାବକ, ବିଡିଏ, ବିଏମ୍‌ସି, ଆର୍ ଆଣ୍ଡ୍ ବି, ଜିଏ ତରଫରୁ କମିଶନରେଟ ପୋଲିସ ସହାୟତାରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ କାନନବିହାର ଫେଜ-୨ରେ ଥିବା ୪ ଜଙ୍ଗଲଜମି ପ୍ଲଟ ନଂ.୪୮୬/୨୧୭୬, ୪୮୬/୨୧୭୫, ୪୬୭/୩୭୫୩ ଓ ୫୬୭/୩୪୨୯ରେ ଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି। ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ୨ ପ୍ରମୋଦ ପାତ୍ରଙ୍କ ତତ୍ତ୍ୱାବଧାନତାରେ ଅନ୍ୟ ବିଭାଗୀୟ ଅଧିକାରୀମାନେ ଗୋଟିଏ ଗାଈ ଗୁହାଳ ସହ ଏକ ବଡ ଟିଣ ଛପର ଗୃହକୁ ଉଚ୍ଛେଦ କରିଥିଲେ। କିନ୍ତୁ ନିକଟ ଜଙ୍ଗଲ ଜମି ଖାତା ନଂ. ୪୯୩ ଓ ପ୍ଲଟ ନଂ ୪୪୨କୁ ଉଚ୍ଛେଦ କରିବାକୁ ଆସି ଦୁଇଥର ଫେରିଥିଲେ ବି ଗୁରୁବାର ପର୍ଯ୍ୟାପ୍ତ ସମୟ ଥାଇ ମଧ୍ୟ ସେଠାରୁ ଉଚ୍ଛେଦ କରି ନ ଥିଲେ। ସେଠାରେ ବ୍ୟବସାୟ କରୁଥିବା କେତେଜଣ ଦୋକାନୀ ରାଜନେତାଙ୍କ ଦ୍ୱାରା ଚାପ ପକାଇ ସୁରକ୍ଷିତ ରହିଥିବା ଜଣାପଡ଼ିଛି। ସକାଳେ ଉଚ୍ଛେଦ କଥା ଶୁଣି ଯେଉଁ ଦୋକାନୀ ନିଜ ସାମଗ୍ରୀକୁ ସ୍ଥାନାନ୍ତର କରୁଥିଲେ, ଅପରାହ୍ନରେ ପୁଣି ବେପାର କରୁଥିବା ଦେଖିବାକୁ ମିଳିଥିଲା। ଉକ୍ତ ୪୪୨ ନଂ. ପ୍ଲଟରୁ ଉଚ୍ଛେଦ ନ ହେବା ବିଷୟରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ ପାତ୍ର କୁହନ୍ତି, ଗୁରୁବାର ଉକ୍ତ ପ୍ଲଟ୍‌ରୁ ଉଚ୍ଛେଦ କାର୍ଯ୍ୟକ୍ରମ ନ ଥିଲା। ଆଗାମୀ ଦିନରେ ସେଠାରୁ ଉଚ୍ଛେଦ କରାଯିବ।



ହଲିଉଡ୍ ଅଭିନେତା ଟମ୍ ହଙ୍କ୍ ଏବଂ ତାଙ୍କ ସ୍ତ୍ରୀ ରିଟା ୱିଲସନ୍‌ଙ୍କୁ କରୋନା ସଂକ୍ରମିତ ହୋଇଛି। ସେମାନଙ୍କ ନମୁନା ପରୀକ୍ଷାରୁ ଏହା ଜଣାପଡ଼ିଛି। ଅଷ୍ଟ୍ରେଲିଆରେ ହୋଇଥିବା ଏକ ପରୀକ୍ଷାରେ ଉଭୟ ଟମ୍ ଓ ରିଟାଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି। ସେମାନଙ୍କୁ ଜ୍ୱର ହୋଇଥିବା ଟମ୍ ଇନ୍‌ଷ୍ଟାଗ୍ରାମ୍‌ରେ ଜଣାଇଛନ୍ତି। ଏବେ ସେମାନଙ୍କୁ ଅଲଗା କରି ରଖାଯାଇଥିବା ଟମ୍ ସୂଚନା ଦେଇଛନ୍ତି। ଅଷ୍ଟ୍ରେଲିଆରେ ବାୟୋପିକ୍ ଫିଲ୍ମ 'ଦି ଲାଇଫ୍ ଅଫ୍ ଇଲଭିସ୍ ପ୍ରିସ୍‌ଲେ'ର ଶୁଟିଂ କରୁଥିବା ସମୟରେ ଉଭୟଙ୍କୁ ଜ୍ୱର ହେବାରୁ ସେମାନଙ୍କ ନମୁନା ପରୀକ୍ଷା କରାଯାଇଥିଲା ବୋଲି ଟମ୍ ଜଣାଇଛନ୍ତି।

# ଏଭରେଷ୍ଟରେ ଟ୍ରାଫିକ୍ ଜାମ୍

**କାଠମାଣ୍ଡୁ:** ମାଉଣ୍ଟ ଏଭରେଷ୍ଟ। ପୃଥିବୀର ଏହି ସର୍ବୋଚ୍ଚ ଗିରିଶୃଙ୍ଗ ଶିଖରରେ ପାଦ ଥାପିବା ଅନେକ ଦୁଃସାହସିକ ପର୍ବତ ଆରୋହୀଙ୍କ ସ୍ୱପ୍ନ। ଏଥିପାଇଁ ସାରା ପୃଥିବୀର କୋଣ ଅନୁକୋଣରୁ ଅନେକେ ଧାଇଁ ଆସନ୍ତି ଏଭରେଷ୍ଟ ସହ ମୁହାଁମୁହିଁ ହେବାକୁ। ଏବେ ଏଭରେଷ୍ଟକୁ ଜିତିବା ଏକ ରକମର ପ୍ରତିଯୋଗିତା ପାଲଟିଛି କହିଲେ ଭୁଲ ହେବନାହିଁ। ଏହିକ୍ରମରେ ଏଭରେଷ୍ଟ ଆରୋହୀଙ୍କ ସଂଖ୍ୟା ମଧ୍ୟ ପ୍ରତିବର୍ଷ ବଢ଼ିବାରେ ଲାଗିଛି। ହେଲେ ଏହା ଏବେ ପର୍ବତାରୋହୀଙ୍କ ପାଇଁ ନୂତନ ସମସ୍ୟା ସୃଷ୍ଟି କରିଛି।

ବରଫାବୃତ ସଂକୀର୍ଣ୍ଣ ରାସ୍ତାରେ ଶତାଧିକ ପର୍ବତାରୋହୀ ଟ୍ରାଫିକ୍ ଜାମ୍‌ରେ ଫସି ରହିଛନ୍ତି। ଅନ୍ୟ ଉପାୟ ନ ଥିବାରୁ ସେମାନେ ଟର୍ଚ୍ଚ ଆଲୁଅରେ କଷ୍ଟକର ଯାତ୍ରା ଜାରି ରଖିଛନ୍ତି। ସେହିପରି ଅନେକ ଆରୋହୀ ଅସହାୟ ଅବସ୍ଥାରେ ଏଠି ସେଠି ବସି ରହିଛନ୍ତି। ଏପରି ଅସମ୍ଭାଳ ଟ୍ରାଫିକ୍ ଜାମ୍‌ର ଏକ ରାତ୍ରିକାଳୀନ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି ଭାରତୀୟ ବନ ସେବା (ଆଇଏଫ୍ଏସ୍) ଅଧିକାରୀ ପ୍ରବୀଣ କାଶୱାନ, ଯାହା ଏବେ ଦୁଃସାହସିକ ଯାତ୍ରା ପ୍ରତି ଅନେକଙ୍କ ଦୁର୍ବଳତାକୁ ସ୍ପଷ୍ଟ କରିଛି।





# ବାଇବେଲ୍‌ଠାରୁ ଲୋକପ୍ରିୟ ହ୍ୟାରି ପୋଟର

ବହି ପଢ଼ିବା ପାଇଁ ଏବେ ଲୋକଙ୍କ ପାଖରେ ଆଗ୍ରହ କମିଛି ସତ, କିନ୍ତୁ ଏହା ସତ୍ତ୍ୱେ କିଛି ବହିକୁ ଲୋକେ ପଢ଼ିବା ପାଇଁ ଢେର୍ ଆଗ୍ରହ ଦେଖାଇଛନ୍ତି । ତେବେ ସର୍ବାଧିକ ଲୋକପ୍ରିୟ ପୁସ୍ତକଭାବେ ଗତ ତିନିବର୍ଷ ମଧ୍ୟରେ ରେକର୍ଡ କରିପାରିଛି ରହସ୍ୟ ଓ ରୋମାଞ୍ଚଭରା ଗପ ବହି ହ୍ୟାରି ପୋଟର । ଅନବାଏ ଡଟ୍ କମ୍ ପକ୍ଷରୁ ଗତ ତିନିବର୍ଷର ବହି ବିକ୍ରି ରେକର୍ଡକୁ ତୁଳନା କରି ଏହି ରିପୋର୍ଟ ଦେଇଛି । ଏଇ ରିପୋର୍ଟ ଅନୁସାରେ ହ୍ୟାରି ପୋଟର ଏବେ ବାଇବେଲ୍ ଠାରୁ ବି ଅଧିକ ଲୋକପ୍ରିୟ ହୋଇପାରିଛି । ୨୦୧୬ ମସିହାରୁ ୩୦୦୦ ଗ୍ରାହକଙ୍କ ବହି ପଢ଼ିବା ଅଭ୍ୟାସକୁ ନେଇ ରିସର୍ଚ୍ଚ କରିବା ପରେ ଏଇ ସିଦ୍ଧାନ୍ତ ମିଳିଛି । ରିପୋର୍ଟରୁ ଜଣାପଡ଼ିଛି ଯେ, ଏଇ ବହିକୁ ଆହୁରି ପଢ଼ିବାକୁ ଚାହାନ୍ତି ବୋଲି ୬୭ ପ୍ରତିଶତ ଲୋକ ସ୍ୱୀକାର କରିଛନ୍ତି । ତେବେ ୪୪ ପ୍ରତିଶତ ଲୋକ କ୍ରାଇମ୍ ଏବଂ ଥ୍ରିଲର ବହି ପଢ଼ିବାକୁ ପସନ୍ଦ କରିଥାନ୍ତି ଏବଂ ୨୮ ପ୍ରତିଶତ ପ୍ରେମ ପୁସ୍ତକ ପଢ଼ିବା ପାଇଁ ଆଗ୍ରହ ଦେଖାଇଥାନ୍ତି । କବିତା, ଡ୍ରାମା ଓ ସମାଲୋଚନାମୂଳକ ପୁସ୍ତକ ପଢ଼ିବାକୁ ଖୁବ୍ କମ୍ ଲୋକେ ଆଗ୍ରହ ଦେଖାଇଥାନ୍ତି । ତେବେ ବ୍ରିଟେନ୍‌ର ସବୁଠୁ ଲୋକପ୍ରିୟ ପୁସ୍ତକଭାବେ ଆଜି ବି ପ୍ରଥମ ସ୍ଥାନ ଅଧିକାର କରିପାରିଛି କାମିନୀ ଥୋମାସଙ୍କ ଆଧୁନିକ କାମସୂତ୍ର ପୁସ୍ତକ। ଜେ.କେ. ରୋଲିଂଙ୍କ ହ୍ୟାରି ପୋଟର ଏବେ ଦ୍ୱିତୀୟ ଲୋକପ୍ରିୟ ପୁସ୍ତକ ହୋଇପାରିଛି ।






# ମାଂସ ବଦଳରେ ଏବେ ପଣସ ପସନ୍ଦ

**ନୂଆଦିଲ୍ଲୀ:** କରୋନା ଭାଇରସ୍ ସମଗ୍ର ବିଶ୍ୱରେ କାୟା ବିସ୍ତାର କରିଚାଲିଛି। ଏଥିରୁ ମଧ୍ୟ ବାଦ୍ ପଡ଼ିନି ଭାରତ। ଏଠାରେ ପ୍ରାୟ ୭୬ ଜଣ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଏହି ଭୟରେ ଲୋକେ ଚିକେନ୍, ମଟନ ଖାଇବା ଏକପ୍ରକାର ଛାଡ଼ିଦେଲେଣି। ଲୋକେ ଆମିଷ ସ୍ଥାନରେ ପଣସକୁ ଆପଣାଇ ନେଇଛନ୍ତି। ଏପରିକି ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବଜାରରେ ଚିକେନ୍‌ଠାରୁ ପଣସ ଅଧିକ ଦାମ୍‌ରେ ବିକ୍ରି ହେଉଛି। ସଂକ୍ରମଣରୁ ବର୍ତ୍ତିବା ପାଇଁ ଚିକେନ୍, ମଟନଠାରୁ ନିଜକୁ ଦୂରେଇ ରଖୁଛନ୍ତି। ଚିକେନ୍ କିଲୋ ୮୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ପଣସ କିଲୋ ୧୨୦ ଟଙ୍କାରେ ପହଞ୍ଚିଛି। କିଛିଦିନ ତଳେ ପଣସର ସାଧାରଣ ମୂଲ୍ୟ ୫୦ ଟଙ୍କା ଥିଲା। ବିରିୟାନିରେ ଚିକେନ୍, ମଟନ ପରିବର୍ତ୍ତେ ପଣସର ବ୍ୟବହାର କରାଯାଉଛି। ପଣସର ସ୍ୱାଦ ଆମିଷ ପରି ହୋଇଥିବାରୁ ଆମିଷାଷୀମାନେ ଏହାକୁ ବିକଳ୍ପ ଭାବେ ବାଛିଛନ୍ତି।

ଖାଦ୍ୟ ସୁସ୍ୱାଦୁ ହେବା ସହ ଅନେକ ରୋଗରୁ ମଧ୍ୟ ପଣସ ରକ୍ଷା କରିଥାଏ। ଏଥିରେ ଭିଟାମିନ୍ ସି, ଭିଟାମିନ୍ ଇ ଏବଂ ଭିଟାମିନ୍ କେ ପ୍ରଚୁରମାତ୍ରାରେ ରହିଛି। ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଶରୀରରେ ରକ୍ତ କମ୍ ଥିଲେ ପଣସ ଖାଇଲେ ସବୁଠୁ ଭଲ। ଏଥିରେ କ୍ୟାଲସିୟମ, ମାଗ୍ନେସିୟମ ଅଧିକ ପରିମାଣର ରହିଛି। ଏହାଦ୍ୱାରା ହାଡ଼ ମଜଭୁତ ହୋଇଥାଏ। କରୋନା ଭାଇରସ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପଣସ ଲାଭଦାୟକ। କାରଣ ଏହା ଫ୍ଲୁ ଦୂର କରିଥାଏ।

## ଡରାଉଛି କରୋନା



# ଅନୁଭୂତି ବଖାଣିଲେ ଅମିତାଭ

**ମୁମ୍ବାଇ:** ବଲିଉଡ୍‌ରେ ପ୍ରଥମେ ବିଗ୍ ବି ଅମିତାଭ ବଚ୍ଚନଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ଏହାପରେ ତାଙ୍କୁ ମିଳିଥିଲା ଷ୍ଟାର ମାନ୍ୟତା। ତାଙ୍କ ଅଭିନୀତ ଫିଲ୍ମ ଆନନ୍ଦକୁ ଗୁରୁବାର ୪୮ ବର୍ଷ ପୂରିଛି। ଏହି ଫିଲ୍ମଟି ୧୯୭୧ ମାର୍ଚ୍ଚ ୧୨ରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବା ଦିନ ସକାଳ ପର୍ଯ୍ୟନ୍ତ ଅମିତାଭଙ୍କୁ ନେଇ ବଲିଉଡ୍‌ରେ କୌଣସି ଚର୍ଚ୍ଚା ନ ଥିଲା। ତେବେ ସନ୍ଧ୍ୟାବେଳକୁ ସେ ପାଲଟି ଯାଇଥିଲେ ଷ୍ଟାର। ମାତ୍ର ୧୨ ଘଣ୍ଟା ମଧ୍ୟରେ ସେ ଷ୍ଟାର ପାଲଟି ଯାଇଥିଲେ। ତାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ବାନ୍ଧି ରଖିବାକୁ ସକ୍ଷମ ହୋଇଥିଲା। ହୃଷିକେଶ ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିବା ଏହି ଫିଲ୍ମକୁ ନେଇ ବିଗ୍ ବି ନିଜର ଅଭିଜ୍ଞତା ସମ୍ପର୍କରେ ଟୁଇଟରରେ ଶେୟାର କରିଛନ୍ତି। ଆନନ୍ଦ କିଭଳି ତାଙ୍କ କ୍ୟାରିଆରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲା ସେ ନେଇ ବିଗ୍ ବି ସୂଚନା ଦେଇଛନ୍ତି।

# ନୂଆ ଗ୍ରହରେ ଲୌହ ବର୍ଷା



**କେପ୍ କାନାଭେରାଲ:** ଏମିତି ଏକ ଭିନ୍ନ ଗ୍ରହ ଅଛି ଯେଉଁଠି ଆକାଶରୁ ଲୁହାର ବର୍ଷା ହେଉଛି । ସେଠାରେ ଲୁହା ବାଷ୍ପ ହୋଇ ମେଘ ଖଣ୍ଡରେ ପରିଣତ ହୋଇଥାଏ । ଏମିତି ଏକ ସ୍ୱତନ୍ତ୍ର ଗ୍ରହ ଥିବା ସମ୍ପର୍କରେ ସୂଚନା ଦେଇଛନ୍ତି ସ୍ୱିଜରଲାଣ୍ଡ ଏବଂ ୟୁରୋପର ମହାକାଶବିଜ୍ଞାନୀମାନେ । ଏମାନେ ଅନୁସନ୍ଧାନ କରି ଜଣାଇଛନ୍ତି ଯେ,ଏଇ ସ୍ୱତନ୍ତ୍ର ଗ୍ରହଟି ଅତ୍ୟନ୍ତ ଉତ୍ତପ୍ତ । ଏମିତିକି ଏଠାରେ ପ୍ରଚୁର ପରିମାଣରେ ଲୌହ ମଧ୍ୟ ବାଷ୍ପ ହୋଇ ବାୟୁମଣ୍ଡଳରେ ଘୂରି ବୁଲୁଥାଏ । ତେଣୁ ରାତିରେ ଥଣ୍ଡା ହେବା ପରେ ଏହା ଲୁହା ଖଣ୍ଡଭାବେ ବର୍ଷାରେ ପରିଣତ ହୋଇଥାଏ ବୋଲି କହିଛନ୍ତି ଜେନେଭା ବିଶ୍ୱବିଦ୍ୟାଳୟର ଗବେଷକ ଡାଭିଡ ଏରେନରିଚ୍। ବିଶେଷଜ୍ଞଙ୍କ ଟିମ୍‌ର ଆକଳନ ଅନୁସାରେ ଏଇ ଗ୍ରହର ତାପମାତ୍ରା ୪,୩୫୦ ଡିଗ୍ରୀ ଫାରେନ୍‌ହିଟ୍ । ପୃଥିବୀରେ ବର୍ଷାର ବୁନ୍ଦା ଭଳି ଏଠାରେ ଲୁହା ବର୍ଷା ହୋଇଥାଏ । ଏଭଳି ଏକ ଅନୁସନ୍ଧାନ ରିପୋର୍ଟ ସମ୍ପର୍କରେ ଜର୍ନାଲ ନେଚରରେ ପ୍ରକାଶ ପାଇଛି । ରିପୋର୍ଟ ଅନୁସାରେ ଏଇ ଗ୍ରହଟି ବୃହସ୍ପତି ଗ୍ରହଠାରୁ ପ୍ରାୟ ତିନି ଗୁଣ ବଡ଼ । ଏହା ପୃଥିବୀଠାରୁ ୩୯୦ ଆଲୋକ ବର୍ଷ ଦୂରରେ ରହିଛି ।

# ପ୍ରତିରୋଧକ ଶକ୍ତି ବଢ଼ାଏ ମାଟିପାତ୍ର ପାଣି

**ନୂଆଦିଲ୍ଲୀ:** ଖରାଦିନେ ଗୋଟିଏ ଗ୍ଲାସ୍ ଥଣ୍ଡାପାଣିରେ ଯେଉଁ ଶାନ୍ତି ଦେଇଥାଏ, ତାହା ଅନ୍ୟ କୌଣସି ମୃଦୁପାନୀୟରୁ ମିଳି ନ ଥାଏ। ତେବେ ଆପଣ ଯଦି ଭାବୁଛନ୍ତି ଏଠାରେ ଫ୍ରିଜ୍ ପାଣି କଥା କୁହାଯାଉଛି, ତା ହେଲେ ଭୂଲ। ଫ୍ରିଜ୍ ପାଣି ଅଳ୍ପ ସମୟ ପାଇଁ ଶାନ୍ତି ଦେଇଥାଏ। ହେଲେ ଏହା ଶରୀର ପ୍ରତି ବହୁ କ୍ଷତିକାରକ ହୋଇଥାଏ। ତେବେ ଆପଣ ମାଟିପାତ୍ରଟିରେ ପାଣି ଭରି ରଖିଲେ ଥଣ୍ଡା ପାଣି ସହ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଗୁଣକାରୀ ହୋଇଥାଏ। ମାଟି ପାତ୍ରରୁ ପାଣି ପିଇବା ଦ୍ୱାରା ପାଚନ ଶକ୍ତି ସହ ଶରୀରରେ ଟେଷ୍ଟୋଷ୍ଟେରନ୍ ମାତ୍ରା ମଧ୍ୟ ବୃଦ୍ଧି ପାଇଥାଏ। ସେହିପରି ମାଟିପାତ୍ର ପାଣିରେ ଥିବା ସମସ୍ତ ଆବର୍ଜନାକୁ ସଫା କରିବା ସହ ମାଟିରେଥିବା ବିଭିନ୍ନ ଜରୁରୀ ଖଣିଜଦ୍ରବ୍ୟ ମିଳିଥାଏ। ଏହି ପାଣି ଶରୀରରୁ ସମସ୍ତ ବିଷାକ୍ତ ପଦାର୍ଥ ବାହାର କରି ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାରେ ସହାୟକ ହୋଇଥାଏ। ଏଥିସହ ମାଟିପାତ୍ରରେ ରଖାଯାଇଥିବା ପାଣି ପିଇବା ଦ୍ୱାରା ଶରୀରରେ ପିଏଚ୍ ବାଲାନ୍ସ ଠିକ୍ ରହିଥାଏ। ବଡ଼କଥା ହେଲା ଫ୍ରିଜ୍ ପାଣି ଦ୍ୱାରା ଗଳାରେ ସଂକ୍ରମଣ ସହ ଶରୀରରେ ବିଭିନ୍ନ ଖରାପ ପ୍ରତିକ୍ରିୟା ଦେଖିବାକୁ ମିଳୁଥିବାବେଳେ ମାଟିପାତ୍ରର ପାଣିରେ ସେପରି କୌଣସି ଆଶଙ୍କା ନ ଥାଏ। ତେବେ ଆଗକୁ ପ୍ରବଳ ଖରା ହେବାକୁ ଥିବାବେଳେ ଥଣ୍ଡାପାଣି ପାଇବା ସହ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଘରକୁ ଏକ ମାଟିପାତ୍ର ଆଣି ତାହାର ପାଣି ବ୍ୟବହାର କରନ୍ତୁ।



# ସିଂହ ଭଳି କୁକୁର

ସହର ଭିତରେ ସିଂହ । ହଠାତ୍ ସିଂହଟିଏ ବୁଲଥିବାର ଦେଖି ଲୋକେ ଭୟରେ ସହାୟତା ନିମନ୍ତେ ପୋଲିସକୁ ଫୋନ୍ କରିଥିଲେ । ପୋଲିସ୍ ବି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲା । କିନ୍ତୁ ପରେ ଜଣାପଡିଥିଲା ଯେ,ଲୋକେ ଯାହାକୁ ସିଂହ ଭାବୁଥିଲେ ତାହା ଥିଲା ଏକ କୁକୁର । ଏଭଳି ଏକ ଘଟଣା ଘଟିଛି ସ୍ପେନର ମୋଲିନା ଡେ ସେଗୁରା ସହରରେ । ପୋଲିସ୍ ପ୍ରଥମେ କୁକୁରଟିକୁ କାବୁ କରିବା ପରେ ହିଁ ଏହା ଜଣାପଡ଼ିଥିଲା । କାରଣ କୁକୁର ଦେହରେ ଏକ ମାଇକ୍ରୋ ଚିପ୍ ଲାଗିଥିଲା, ଯାହାକୁ ସ୍କାନ କରିବା ପରେ ହିଁ ତାହା କୁକୁର ବୋଲି ଜଣାପଡ଼ିଥିଲା । କୁକୁରଟିର ଲୋମଗୁଡ଼ିକୁ କେହି ଜଣେ ଏଭଳି ଡିଜାଇନରେ କାଟିଥିଲା ଯେ ତାହା ଏକ ସିଂହ ଭଳି ଦେଖା ଯାଉଥିଲା । ତେବେ ଘଟଣା ବିଷୟରେ ଜଣାପଡ଼ିବା ପରେ କୁକୁରକୁ ତା'ମାଲିକକୁ ହସ୍ତାନ୍ତର କରାଯାଇଥିଲା ।



## ହରିଣ ଶିକାର, ୩ ଗିରଫ

ବନ୍ତଲା, ୧୨।୩(ଡ଼ି.ଏନ୍.ଏ): ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ଥାନା ଓ ରେଞ୍ଜ ଅଧୀନ ପୁରୁଣାକୋଟ ରିଜର୍ଭ ଜଙ୍ଗଲ କମ୍ପାର୍ଟମେଣ୍ଟ ନମ୍ବର-୬ରେ ବୁଧବାର ରାତିରେ ଏକ ହରିଣ ଶିକାର କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ବନ ବିଭାଗ କର୍ମଚାରୀ ୩ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଛୁଟୁକେଇ ଗ୍ରାମର ଶିବ ଦେହୁରୀ(୫୦), ଦେବାର୍ଚ୍ଚନ ଦେହୁରୀ(୫୦), କାଳନ୍ଦୀ ନାଏକ(୬୦)। ଅଭିଯୁକ୍ତମାନେ ହରିଣକୁ କାଟି ମାଂସ ଭାଗ କରୁଥିବା ସମୟରେ ଡିଏଫ୍ଓ ରାମାସ୍ୱାମୀ ପି.ଙ୍କ ନିର୍ଦ୍ଦେଶରେ ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରାଙ୍କ ସହିତ ପୁରୁଣାକୋଟ ଓ ଛୁଟୁକେଇ ବନ ବିଭାଗ କର୍ମଚାରୀ ଚଢ଼ାଉ କରିଥିଲେ। ସେମାନଙ୍କଠାରୁ କଟାମାଂସ ଜବତ କରାଯାଇଛି। ଅଭୟାରଣ୍ୟ ଆଇନ ଉଲ୍ଲଂଘନ ନେଇ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଦୁଇବର୍ଷ ହେଲା ବେତନ ନାହିଁ, ଆତ୍ମାହୁତି ଶେଷ ପନ୍ଥା

## ■ ଧାରଣାରେ ଗ୍ରାମ୍ୟ ନିର୍ମାଣ ବିଭାଗ ଅସ୍ଥାୟୀ କର୍ମଚାରୀ

ଭୁବନେଶ୍ୱର, ୧୨।୩(ବ୍ୟୁରୋ)

ଦୁଇବର୍ଷ ହେଲା ବେତନ ମିଳୁନି। ବିନା ବେତନରେ ପରିବାର ଚଳାଇବା କଷ୍ଟକର ହୋଇ ପଡ଼ିଲାଣି। ନିଜର ଓ ପିଲାଛୁଆଙ୍କ ଗୁଜରାଣ ମେଣ୍ଟାଇବା ଆଉ ସମ୍ଭବପର ହେଉନି। ବିଗତ ବର୍ଷରେ ଗ୍ରାମ୍ୟ ନିର୍ମାଣ ବିଭାଗ ଅସ୍ଥାୟୀ କର୍ମଚାରୀ ସଂଘ ବେତନ ସମସ୍ୟା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଯାବତ୍ କିଛି ସୁଫଳ ମିଳିନି। ତେଣୁ ଦୁଇ ଦଫା ଦାବି ନେଇ ରାଜ୍ୟ ଗ୍ରାମ୍ୟ ନିର୍ମାଣ ବିଭାଗ ଅସ୍ଥାୟୀ କର୍ମଚାରୀମାନେ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସମସ୍ୟାର ସମାଧାନ ନ ହେଲେ ଶେଷରେ ସପରିବାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଗୁରୁବାର ସେମାନେ ଚେତାବନୀ ଶୁଣାଇଛନ୍ତି।


ଧାରଣାରେ ବସିଥିବା ରାଜ୍ୟ ଗ୍ରାମ୍ୟ ନିର୍ମାଣ ବିଭାଗ ଅସ୍ଥାୟୀ କର୍ମଚାରୀ।

ସଂଘ ସଭାପତି ସୁରେନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି, ୧୯୯୩ ଏପ୍ରିଲ ୧୨ଠାରୁ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ତୁରନ୍ତ ହାତ ରସିଦରେ ମଜୁରି ପ୍ରଦାନ ସହ ନାମ ତାଲିକା ପ୍ରସ୍ତୁତ କରିବା ଏବଂ ଦୁଇବର୍ଷ ହେଲା ବାକିଥିବା ବେତନ ପ୍ରଦାନ ଦାବିରେ ସଂଘ ସଦସ୍ୟ ଧାରଣା ଦେଇଛନ୍ତି। ଗତ ଫେବୃଆରୀରେ ଏକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ପ୍ରେରଣ କରାଯାଇଥିଲା। କିନ୍ତୁ କେତେଜଣ ଅସାଧୁ କର୍ମଚାରୀ ଏଯାବତ୍ ଉକ୍ତ ପତ୍ରଟିକୁ ମୁଖ୍ୟମନ୍ତ୍ରୀଙ୍କୁ ହସ୍ତାନ୍ତର କରି ନ ଥିବା ଜଣାପଡ଼ିଛି। ଏହି ଅସାଧୁ କର୍ମଚାରୀଙ୍କ ପାଇଁ ଅସ୍ଥାୟୀ କର୍ମଚାରୀ ତାଙ୍କ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଦାବି ପ୍ରତି ସରକାର ଅଥବା ବିଭାଗ ଗୁରୁତ୍ୱ ନ ଦେବାଯାଏ ଧାରଣା ଜାରି ରହିବ। ଫଳରେ ଗାଁ ଗଣ୍ଡାରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯିବ। ସରକାର ଏନେଇ ତୁରନ୍ତ ବିଚାର କରନ୍ତୁ ବୋଲି ସଂଘ ସାଧାରଣ ସମ୍ପାଦକ କେଦାରନାଥ ମଲ୍ଲିକ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗ୍ରାମ୍ୟ ନିର୍ମାଣ ବିଭାଗ ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ଗତ ୧୧ ତାରିଖରୁ ଧାରଣା ଦିଆଯାଇଛି।

# ଘରୋଇ ଯାତ୍ରୀବାହୀ ବସ୍‌କୁ ୭ଲକ୍ଷ ଟଙ୍କା ଜରିମାନା

ବୌଦ୍ଧ,୧୨।୩(ସ୍ୱ.ପ୍ର.)

ରାଜ୍ୟରେ ଗାଡ଼ି ଯାଞ୍ଚ ଏବଂ ଫାଇନ ଆଦାୟକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ପୁଣି ବୌଦ୍ଧ ଆଞ୍ଚଳିକ ପରିବହନ ପକ୍ଷରୁ ଗୁରୁବାର ଏକ ଯାତ୍ରୀବାହୀ ଘରୋଇ ବସକୁ ୭ ଲକ୍ଷ ଟଙ୍କା ଜରିମାନା କଟାଯାଇଛି।

ଗତ ୩ ତାରିଖରେ ବୌଦ୍ଧ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଭୁବନେଶ୍ୱରରୁ ବୌଦ୍ଧକୁ ଆସୁଥିବା ଏକ ଯାତ୍ରୀବାହୀ ବସ୍‌କୁ ୬ଲକ୍ଷ ୭୨ହଜାର ୪୪୫ ଟଙ୍କା ଜରିମାନା କଟାଯାଇଥିଲା। ଗୁରୁବାର ପୁଣି ଅନ୍ୟ ଏକ ଯାତ୍ରୀବାହୀ ବସ୍ ଜୟ ମା' ବୁଢ଼ୀ ମା'(ନଂ.ଓଆର-୦୩-ବି-୬୧୮୫) ବରଗଡ଼ରୁ ବିନିକା, ସୋନପୁର ଦେଇ ବୌଦ୍ଧ ଜିଲାର ଖୁଣ୍ଟିଗୋରା ଚାଲିଥାଏ। ବୌଦ୍ଧ ଆଞ୍ଚଳିକ ପରିବହନ ଟ୍ରାଫିକ ଇନ୍ସପେକ୍ଟର ସୁଧୀର କୁମାର ଖାଲକେଙ୍କ ସହ କର୍ମଚାରୀମାନେ ଅପରାହ୍ନ ପ୍ରାୟ ୨ଟାରେ ଖୁଣ୍ଟିଗୋରା ପେଟ୍ରୋଲପମ୍ପ ନିକଟରେ ବସ୍‌କୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଅଧିକାରୀମାନେ ବସ୍‌ର କାଗଜପତ୍ର ନ ଥିବା ଜଣାପଡିଥିଲା। ବସ୍‌ର ରୋଡ ଟ୍ୟାକ୍ସ ବାବଦକୁ ୧।୧।୨୦୧୮ରୁ ୩୧। ୩ ।୨୦୨୦ ପର୍ଯ୍ୟନ୍ତ ୬ଲକ୍ଷ ୭୪ ହଜାର ୭୩୦ ଟଙ୍କା, ଇନ୍ସୁରାନ୍ସ ବାବଦକୁ ୨୦୦୦ ଟଙ୍କା, ପରିମିଟ ବାବଦକୁ ୧୦ ହଜାର ଟଙ୍କା, ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ ବାବଦକୁ ୧୦ ହଜାର ଟଙ୍କା, ଡ୍ରାଇଭିଂ ଲାଇସେନ୍ସ ବାବଦକୁ ୫ ହଜାର ଟଙ୍କା, ଫିଟନେସ ବାବଦକୁ ୫ ହଜାର ଟଙ୍କା ଓ ଅନ୍ୟାନ୍ୟ ବାବଦକୁ ୫୦୦ଟଙ୍କା ଜରିମାନା କଟାଯାଇଛି। ଏହିପରି ସମୁଦାୟ ୭ଲକ୍ଷ ୭ ହଜାର ୨୩୦ ଟଙ୍କା ଜରିମାନା କଟାଯିବା ସହ ବସ୍‌କୁ ଘଣ୍ଟାପଡ଼ା ଫାଣ୍ଡିରେ ରଖା ଯାଇଥିବା ବୌଦ୍ଧ ଆଞ୍ଚଳିକ ପରିବହନ ଅଧିକାରୀ ଅମରେଶ ପାତ୍ର ସୂଚନା ଦେଇଛନ୍ତି। ଗାଡ଼ିର ମାଲିକ ସୋନପୁର ଜିଲା ବିନିକାର ସଞ୍ଜୀବ ସାହୁ ବୋଲି ସେ ପ୍ରକାଶ କରିଛନ୍ତି। ଯାଞ୍ଚ ସମୟରେ ଟ୍ରାଫିକ ଇନ୍ସପେକ୍ଟର ସୁଧୀର କୁମାର ଖାଲ୍‌କେଙ୍କ ସହ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# ରଞ୍ଜନ ଦାସ ହତ୍ୟାକୁ ଦୁର୍ଘଟଣା ରୂପ ଦେଇଛି ପୋଲିସ

ଭୁବନେଶ୍ୱର,୧୨।୩(ବ୍ୟୁରୋ)


ଖବରଦାତା ସମ୍ମିଳନୀରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଅଭିଯୋଗ କରୁଛନ୍ତି।

■ ବିଜେଡି ନେତାଙ୍କ ସମ୍ପୃକ୍ତି ଅଭିଯୋଗ ଆଣିଲା ସୂଚନା ଅଧିକାର ଅଭିଯାନ
■ 'ରଞ୍ଜନକୁ ମାରିଛି ଆଉ ୩ଜଣଙ୍କୁ ମାରିବୁ' ଭାଇରାଲ ଭିଡିଓ
■ ସିବିଆଇ ତଦନ୍ତ ଦାବିରେ ୧୯ରେ ନବୀନ ନିବାସ ଘେରାଉ

କେନ୍ଦ୍ରାପଡା ଜିଲାର ସୂଚନାଧିକାର କର୍ମୀ ରଞ୍ଜନ ଦାସ ହତ୍ୟା ଘଟଣାକୁ ୪୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି। ଏହି ଘଟଣାରେ ଠିକାଦାର, ଶାସକ ଦଳର ନେତା ସଂପୃକ୍ତ ରହିଥିବାରୁ ମାମଲାକୁ ଚାପି ଦେବାକୁ ପୋଲିସ ଉପରେ ଚାପ ପଡୁଛି। ଏପରିକି ସମସ୍ତେ ମିଳିମିଶି ହତ୍ୟା ଘଟଣାକୁ ଦୁର୍ଘଟଣାର ରୂପ ଦେଇ ଚପାଇ ଦେବାକୁ ଉଦ୍ୟମ କରୁଥିବା ନେଇ ଅଭିଯୋଗ ଆଣିଛି ଓଡିଶା ସୂଚନା ଅଧିକାର ଅଭିଯାନ। ଗୁରୁବାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ କହିଛନ୍ତି, ମାମଲାକୁ ଚାପିବା ପାଇଁ ପୋଲିସ ହତ୍ୟା ମାମଲାକୁ ଏବେ ଦୁର୍ଘଟଣାରୂପ ଦେବାକୁ ଷଡଯନ୍ତ୍ର କରୁଛି। ଏଥିପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ବଦଳାଇ ଦିଆଯାଇଥିବା ସେ ଗୁରୁତର ଅଭିଯୋଗ ଆଣିଛନ୍ତି।

ଅନ୍ୟପକ୍ଷରେ ହୋଲିଦିନ କେନ୍ଦ୍ରାପଡାରେ ଏକ ଭିଡିଓ ଭାଇରାଲ ହୋଇଛି। ଏହି ଭିଡିଓରେ ଜଣେ ବ୍ୟକ୍ତି କହୁଛନ୍ତି ଯେ, ଆମେ ରଞ୍ଜନକୁ ମାରିଛୁ। ଆହୁରି ୩ଜଣଙ୍କୁ ମାରିବୁ, ଆମର କିଏ କ'ଣ କରିବ କରୁ। ସେହି ସମୟରେ ଉକ୍ତ ବ୍ୟକ୍ତିଙ୍କୁ ଏକାଧିକ ବ୍ୟକ୍ତି ସମର୍ଥନ କରୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓଟି କେନ୍ଦ୍ରାପଡା ପାଟକୁରା ଥାନା କୋରୁଆ ଅଞ୍ଚଳର ହୋଇଥିବାବେଳେ ଧମକ ଦେଉଥିବା ବ୍ୟକ୍ତି ଶାସକ ଦଳର ବିଧାୟକଙ୍କ ସହଯୋଗୀ ବୋଲି ଜଣାପଡ଼ିଛି। ତେଣୁ ଏହି ଘଟଣାରେ ସମ୍ପୃକ୍ତ ନେତାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଆଣିଛି ଅଭିଯାନ। କେନ୍ଦ୍ରାପଡ଼ା ପୋଲିସ ଚାପ ଓ ଭୟରେ ଉକ୍ତ ଭିଡିଓକୁ ନେଇ ମଧ୍ୟ ଖୋଳତାଡ଼ କରିବାକୁ ସାହସ କରୁନି। ଏ ପରିସ୍ଥିତିରେ କେନ୍ଦ୍ରାପଡାରେ ଖବରଦାତା, ସାମାଜିକ କର୍ମୀ, ସୂଚନା ଅଧିକାର କର୍ମୀମାନେ ଅସୁରକ୍ଷିତ ହୋଇପଡିଛନ୍ତି।

ଏହି ଅଭିଯୋଗକୁ କେନ୍ଦ୍ରାପଡା ଏସ୍‌ପି ନିତି ଶେଖର ଖଣ୍ଡନ କରି କହିଛନ୍ତି, ଆମେ ଘଟଣାର ତଦନ୍ତ କରୁଛୁ। ବ୍ୟବଚ୍ଛେଦ ରିପୋର୍ଟରେ ଏହା ଦୁର୍ଘଟଣା ବୋଲି ଦର୍ଶାଯାଇଛି। ହୋଲି ଦିନ ଭାଇରାଲ ହୋଇଥିବା ଭିଡିଓ କହୁଥିବା ବ୍ୟକ୍ତିଙ୍କୁ ଆମେ ପଚରାଉଚରା କରିଥିଲେ ମଧ୍ୟ ସେ ହତ୍ୟାରେ ସଂପୃକ୍ତଥିବା କିଛି ପ୍ରମାଣ ମିଳିଲା ନାହିଁ। ଏପରି କି ବ୍ୟକ୍ତି ଜଣକ ମଦ ନିଶାରେ ଏଭଳି କହିଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏସ୍‌ପିଙ୍କ ଏପରି ସଫେଇରେ ମାନବାଧିକାର କର୍ମୀମାନେ ବିଶ୍ୱାସ କରୁନାହାନ୍ତି। ତେଣୁ ଏହି ମାମଲାର ସିବିଆଇ ତଦନ୍ତ କରାଯିବା ସହ ପାଟକୁରା, ମାର୍ଶାଘାଇ ଥାନା ଅଧିକାରୀଙ୍କୁ ନିଲମ୍ବିତ କରିବାକୁ ଦାବି କରିଛି ଅଭିଯାନ। ଆସନ୍ତା ୧୯ରେ ନବୀନ ନିବାସ ଘେରାଉ କରାଯିବା ସହ ଜେଲ ଭରୋ ଆନ୍ଦୋଳନ କରାଯିବ ବୋଲି ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ କହିଛନ୍ତି। ରଞ୍ଜନ ସୂଚନା ଅଧିକାର ଆଇନ ବଳରେ କେନ୍ଦ୍ରାପଡା ଜିଲାରେ ହୋଇଥିବା ଏକାଧିକ ଦୁର୍ନୀତିକୁ ପଦାକୁ ଆଣିଥିଲେ। ତେଣୁ ତାଙ୍କୁ ଠିକାଦାର ଓ ସ୍ଥାନୀୟ ନେତା ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ରଞ୍ଜନ ପାଟକୁରା ଓ ମାର୍ଶାଘାଇ ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ ମାମଲାକୁ ପଞ୍ଜୀକୃତ କରି ନ ଥିଲା। ଫଳରେ ଜାନୁୟାରୀ ୩୧ରେ ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯିବା ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଥିବା ସେ କହିଛନ୍ତି।

# ତେଲନଦୀମଝିରେ ଡଙ୍ଗା ଭାଙ୍ଗିଲା

**ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଲେ ୪୦ ଯାତ୍ରୀ**

ଦେଓଗାଁ,୧୨।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବାହାଲ ପଞ୍ଚାୟତ ଅନ୍ତର୍ଗତ ତେଲନଦୀର କେନ୍ଦୁଘାଟ ନିକଟରେ ଗୁରୁବାର ନଦୀପାର ହେବା ସମୟରେ ଏକ ଡଙ୍ଗା ଭାଙ୍ଗିଯାଇଥିଲା। ତେବେ ଡଙ୍ଗାରେ ଥିବା ୪୦ ଯାତ୍ରୀ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ଅପରାହ୍ନରେ କେନ୍ଦୁଘାଟରୁ ପ୍ରାୟ ୪୦ଜଣ ମହିଳା ଓ ପୁରୁଷ ଗୋଟିଏ ଡଙ୍ଗାରେ ବସି ଆରପଟ ବୌଦ୍ଧ ଜିଲା ଫାସେଡ ଘାଟ ଅଭିମୁଖେ ବାହାରିଥିଲେ। ଉକ୍ତ ଡଙ୍ଗାରେ ଯାତ୍ରୀଙ୍କ ସହ ୮ଟି ବାଇକ ମଧ୍ୟ ଥିଲା। ନଦୀ ମଝିରେ ହଠାତ ଏକ ପଥରରେ ପିଟି ହୋଇଯିବାରୁ ଡଙ୍ଗାଟି ଭାଙ୍ଗିଯାଇଥିଲା। ତେବେ ନଦୀରେ ୫ରୁ ୬ଫୁଟ ପାଣି ଥିବାରୁ ସମସ୍ତ ଯାତ୍ରୀ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଥିଲେ। ଓଭରଲୋଡିଂ ହୋଇଥିବାରୁ ଡଙ୍ଗାଟି ଭାରସାମ୍ୟ ହରାଇଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି।

ଉକ୍ତ ଘାଟ ଦେଇ ବୌଦ୍ଧ ଜିଲାର ଫାସେଡ ତଥା ଆଖପାଖ ଅଞ୍ଚଳର ଲୋକେ ପ୍ରତ୍ୟହ ଦେଓଗାଁ ବ୍ଲକର ବଡବାହାଲ, ଗୌରଗୋଠ, ଅର୍ଜୁନପୁର, କୁଲତାପଡା ଓ ତୁଷୁରା ବଜାରକୁ ଯିବା ଆସିବା କରିଥାନ୍ତି। ବହୁ ଦାବି ପରେ ଉକ୍ତ ଘାଟରେ ଏକପୋଲ ନିର୍ମାଣ ଚାଲିଛି। ପ୍ରତ୍ୟେକ ବର୍ଷ ସ୍ଥାନୀୟ ପଞ୍ଚାୟତ ତରଫରୁ ଉକ୍ତ ଘାଟରେ ଡଙ୍ଗା ପକାଇବାପାଇଁ ନିଲାମ ଡକା ଯାଇଥାଏ। ହେଲେ ୨୦୧୯-୨୦ ବର୍ଷରେ କୌଣସି କାରଣବଶତଃ ନିଲାମ ଡକା ଯାଇ ନ ଥିବା ପଞ୍ଚାୟତ ସୂତ୍ରରୁ ଜଣାପଡିଛି। ଏ ନେଇ ବଡବାହାଲ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜନ୍ମେଜୟ ମାଝୀଙ୍କୁ ପଚାରିବାରୁ ନୌକା ଦୁର୍ଘଟଣା ବିଷୟରେ ଜାଣି ନ ଥିବା କହିଛନ୍ତି। ତେବେ ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।


**OFFICE OF THE MUNICIPAL COUNCIL, PHULBANI**
Tel. No.06842-253619, Fax No.06842-253619
E-mail : municipality.plb@rediffmail.com
Letter No.596 //Plb. (M) **NOTICE** Date: 12.03.2020

The tender calling notification No.7162, Dated 18.12.2019 for leasing out of the Shop Rooms infront of Biju Kalyan Mandap, Phulbani Municipality has been cancelled due to some unavoidable circumstances.

Sd./- Executive Officer,
Phulbani Municipality

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
Dist.: Kalahandi - 766026, Ph. No.: 7328840415, E-mail: sgmel_uihep@ohpcltd.com
OHPC
ISO 9001:2008 Certified Company
**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-mail: ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963
No.: CAD-1099

**1st CORRIGENDUM TO Tender Call Notice No. 28/2019-20 Date: 20.02.2020**

Name of Work: Supply, Erection, Testing & Commissioning of 245KV Voltage Transformers under PSDF Grant.
The period of sale/submission and opening of this office Tender Call Notice No. 28/2019-20 Dtd.20.02.2020 for - **"Supply, Erection, Testing & Commissioning of 245KV Voltage Transformers under PSDF Grant"** is extended as follows:
1. Sale of Tender Paper - Upto 13.00 Hrs. of 25.03.2020
2. Last date and time of receipt of tender paper - Upto 16.00 Hrs. of 25.03.2020
3. Date & Time of Opening of Tender - On 27.03.2020 (at 12.00 Hrs.)

All other terms and conditions of the original Tender Call Notice remain unaltered. Please visit us at **www.ohpcltd.com**.

Sd./- Unit Head
UIHEP, Mukhiguda
OIPR-32136/11/0041/1920

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
CAD-1096
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
Tender Call Notice No.BBSR/Elect/E-3773/2016-17/858 Dt. 06.03.2020

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

Name of the work : Supply and installation of 800A 11KV Feeder panel to linking the existing 2 x 5MVA, 33/11KV Substation breaker panel of CESU for power supply to Industrial feeder at I.E. Chhatabar, Khordha.

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No.BBSR/ ELECT/e-34/19-20 | 18.03.2020 at 12.00 hrs. | 26.03.2020 at 17.00 hrs. |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect.)
IDCO, Bhubaneswar
OIPR-14003/11/0085/1920

**OFFICE OF THE EXECUTIVE ENGINEER**
**UPPER INDRAVATI LIFT CANAL DIVISION**
AT-KUSUMKHUNTI, P.O.- DONGRIGUDA, VIA-CHARBAHAL, DIST-KALAHANDI - 766017
e-mail ID:-eelcdkusumkhuntiuiip@gmail.com

**SHORT QUOTATION CALL NOTICE NO – 01/ 20-21 Dt. 04.03.2020**

No.: A-750: The sealed quotations in plain paper are invited by the undersigned from the Owners / Registered Firm / Travel Agency for providing 03 (Three) No. of Diesel Vehicle such as Jeep / Bolero / Marshal / TATA SUMO / Mahindra MAX /Scorpio etc. having commercial registration shall not be more than 3 years old, on hire basis for official use in the Departmental Works of Lift Canal Division, Kusumkhunti in the District of Kalahandi (Odisha). The application form of quotation containing general bid information and Terms and Conditions for hiring vehicles etc. will be available at Office of Executive Engineer, Lift Canal Division, Kusumkhunti on payment of Rs 120/- for each Bid From 20.03.2020 to 26.03.2020.The quotation will be opened on 27.03.2020 at 3.30 P.M. in the Office of the undersigned.
Further details can be obtained from the quotation booklet.

Sd./- Executive Engineer
Lift Canal Division
Kusumkhunti (Kalahandi)
OIPR-32126/11/0008/1920

**GOVERNMENT OF ODISHA, "e"-PROCUREMENT NOTICE**
**WORKS DEPARTMENT** No. B-809
Bid Identification No. CE-DPI & R-25/2019-20 E-mail: ceroads.bbsr@gmail.com

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE form eligible contractors for Road work as mentioned below:
2. Nature of work : Road work
3. No. of work : 1 No.
4. Tender Paper cost : Rs.10,000.00
5. Class of Contractor : Super Class as noted against work
6. Available of bid document in the website : From 10.00 A.M. of 17.03.2020 to 5.00 PM of 07.04.2020
7. Date of opening of Bid : Dt.08.04.2020 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

Sd./- Chief Engineer (DPI & Roads), Odisha
OIPR-34117/11/0072/1920

**OFFICE OF THE DISTRICT MAGISTRATE & COLLECTOR, PURI**
(SSEPD Section)
Letter No.: 666 Date: 11.03.2020

**[SHORT TENDER CALL NOTICE FOR SUPPLY OF FOOD (TEA, TIFFIN, WATER, LUNCH & DINNER) TO THE PARTICIPANTS ATTENDED FOR LIVELIHOOD TRAINING UNDER "PRAFUL" AT- NCSCDA, BHUBANESWAR]**

Sealed tender papers are invited from the intending Registered Firms and individuals for supply of food (Tea, Tiffin, Water, Lunch & Dinner) to the participants attended for Livelihood training under "PRAFUL" At- NCSCDA, Bhubaneswar for 150 participants daily for TWO months. The lowest rate quoted by the firms will be considered by the committee.
The tender papers complete in all respect in the prescribed format along with all the required documents in sealed cover shall reach the Collector, Puri (District Social Security Office) on or before 31.03.2020 upto 2.00 P.M. by Registered/Speed Post or by hand in office hours. The tender papers will be opened on 03.04.2020 at 3.30 P.M. by the undersigned in presence of the tenderers. The tender papers received beyond the scheduled date & time shall not be taken into consideration. The Collector, Puri reserves the right to reject any or all the tender papers without assigning any reason thereof and shall bear no liability whatsoever consequent upon such decision.
**Terms & Conditions of Quotation Call Notice:**
1. The intending Registered Firms should be a bonafide registered body having valid Registration Number.
2. The Organization should have a valid PAN/TIN holder having upto date GST Clearance Certificate.
3. Rates quoted shall be inclusive of GST charges.

Sd./- Collector & District Magistrate, Puri

**OFFICE OF THE DISTRICT MAGISTRATE & COLLECTOR, PURI**
(SSEPD Section)
Letter No.: 670 Date: 11.03.2020

**[SHORT TENDER CALL NOTICE FOR SUPPLY OF KIT (PEN, PAD, PAPER FOLDER, BACKPACK (BAG)) FOR LIVELIHOOD TRAINING PARTICIPANTS UNDER "PRAFUL" AT- NCSCDA, BHUBANESWAR]**

Sealed tender papers are invited from the intending Registered Firms and individuals for supply of Kit (Pen, Pad, Paper Folder & Backpack (Bag)) to the participants attended for Livelihood training under "PRAFUL" At- NCSCDA, Bhubaneswar for 1,100 participants. The lowest rate quoted by the firms will be considered by the committee.
The tender papers complete in all respect in the prescribed format along with all the required documents in sealed cover shall reach the Collector, Puri (District Social Security Office) on or before 31.03.2020 upto 2.00 P.M. by Registered/Speed Post or by hand in office hours. The tender papers will be opened on 03.04.2020 at 3.30 P.M. by the undersigned in presence of the tenderers. The tender papers received beyond the scheduled date & time shall not be taken into consideration. The Collector, Puri reserves the right to reject any or all the tender papers without assigning any reason thereof and shall bear no liability whatsoever consequent upon such decision.
**Terms & Conditions of Quotation Call Notice:**
1. The intending Registered Firms should be a bonafide registered body having valid Registration Number.
2. The Organization should have a valid PAN/TIN holder having upto date GST Clearance Certificate.
3. Rates quoted shall be inclusive of GST charges.
4. Logo of PRAFUL should be inscribed on pad, folder and backpack

Sd./- Collector & District Magistrate, Puri

**WORKS DEPARTMENT**
**OFFICE OF THE SUPERINTENDING ENGINEER, EASTERN CIRCLE (R&B), BALASORE**
e-mail: - seec_bls@rediffmail.com No.B-806
Government of Odisha "e" Procurement Notice
Bid Identification No.SEEC-12/ 2019-20.
No:1610 /WE Dt.29.02.2020

1. Nature of work : Road Work & Building Works
2. Number of works : 2 (Two) Nos of Road work & 1 (One) No Buildings work.
3. Amount put to Tender : Rs.133.19 Lakh to Rs.836.37 Lakh
4. Class of Contractor : "B" & "A" Class / "A" & "Special" / "Special" & "Super" Class
5. Date & Time of availability of bid document in the portal : Dt.12.03.2020 at 10:00 AM
6. Last Date / Time of receipt of bid in the portal : Dt.27.03.2020 up to 05:00 PM
7. Date of opening of bid : Dt.28.03.2020 at 11:00 AM
8. Name & address of the Officer inviting bid : Superintending Engineer, Eastern Circle (R&B), Balasore.
9. The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd./- S.K.Mohnaty
Superintending Engineer, Eastern Circle (R&B), Balasore
OIPR-34026/11/0012/1920

See Career Appointment on every Wednesday & Saturday

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) CIRCLE, JEYPORE**
**INVITATIONS FOR BIDS (IFB)**
E-mail ID - supenger_rbjyp@yahoo.co.in
Phone No.06854-231528, Fax No.06854-231528
No.B-811 Bid Identification No. S.E.J.C (R&B)-11/2019-20
No.972 Date:07.03.2020

1. Name of the work : Road Works
2. Total No. of Works : 03 (Three) Nos.
3. Estimated Cost : Rs.738.00 Lakhs to 849.37 Lakhs
4. Period of completion : 10 (Ten) Months Each
5. Bid Cost : Rs.10,000/- each
6. Class of Contractor : 'Special' & 'Super' Class
7. Date & time of availability of bid document in the portal : From 10.00 hours of 19.03.2020 to 17.00 hours of 03.04.2020
8. Last date / time for receipt of bids in the portal : 17.00 hours of 03.04.2020
9. Opening date of Bid : 11.00 hours of 04.04.2020
10. Name and address of the Officer Inviting Bid : Superintending Engineer, Jeypore (R&B) Circle, Jeypore

Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.

Sd./- Superintending Engineer,
Jeypore (R&B) Circle, Jeypore
OIPR-34108/11/0013/1920

# ରେକର୍ଡ ମାଷ୍ଟର

**୩୪ବର୍ଷରେ ପଙ୍କଜ ଆଡଭାନୀ ୩୪ତମ ଜାତୀୟ ସ୍ନୁକର ଟାଇଟଲ ହାସଲକରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୩ ଥର ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଥିବା ଆଡଭାନୀ ଦୀର୍ଘବର୍ଷର କ୍ୟାରିୟରରେ ପ୍ରାୟ ସବୁ ପ୍ରକାର ସଫଳତା ଅର୍ଜନ କରିଛନ୍ତି। ଆହୁରି କିଛି ବର୍ଷ କ୍ରୀଡ଼ାରେ ସକ୍ରିୟ ରହି ସେ ତାଙ୍କ ପୂର୍ବ ସଫଳତାଗୁଡ଼ିକୁ ଦୋହରାଇବେ ବୋଲି ଆଶା କରାଯାଉଛି।**

ଭାରତୀୟ ବିଲିୟାର୍ଡ୍ସ ଓ ସ୍ନୁକର ତାରକା ପଙ୍କଜ ଆଡଭାନୀଙ୍କ ପରିଚୟ ଦେବାର ଆବଶ୍ୟକତା ନାହିଁ। ସେ ୩୪ତମ ଜାତୀୟ ସ୍ନୁକର ଟାଇଟଲ ହାସଲକରି ପୁଣି ଥରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅହମଦାବାଦରେ ଖେଳାଯାଇଥିବା ଜାତୀୟ ୬- ରେଡ୍ ଚାମ୍ପିୟନଶିପ୍‌ରେ ସେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଫାଇନାଲରେ ସେ ମହାରାଷ୍ଟ୍ରର ଇଶ୍‌ପ୍ରୀତି ସିଂଙ୍କୁ ୭-୩ରେ ପରାସ୍ତକରି ବାଜି ମାରିଥିଲେ। ଟାଇଟଲ ମୁକାବିଲାରେ ୧-୩ରେ ପଛରେ ପଡ଼ିଥିଲେ ମଧ୍ୟ ପରେ ସେ ନିଜ ଦକ୍ଷତା ଅନୁରୂପ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଅଭିଜ୍ଞତାରୁ ଫାଇଦା ଉଠାଇଥିଲେ ଆଡଭାନୀ। ୩୪ ବର୍ଷରେ ୩୪ତମ ଜାତୀୟ ଟାଇଟଲ ଜିତିବା ମୋ ପାଇଁ ନିହାତି ଆନନ୍ଦର ବିଷୟ ବୋଲି ଆଡଭାନୀ କହିଛନ୍ତି। ସ୍ନୁକରର ଏହି ଛୋଟିଆ ଫର୍ମାଟରେ ବିଜୟୀ ହେବା ସେତେଟା ସହଜ ନ ଥିଲେ ମଧ୍ୟ ଚାମ୍ପିୟନ ହୋଇଥିବାରୁ ଓ ନୂଆ କ୍ୟୁରେ ପ୍ରଥମ ଟୁର୍ନାମେଣ୍ଟରେ ବିଜୟୀ ହୋଇଥିବାରୁ ବେଶ୍ ଖୁସି ଅନୁଭବ କରୁଛି। ପୂର୍ବରୁ ଏକାଧିକ ଜାତୀୟ ତଥା ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ବିଜୟୀ ହୋଇଥିଲେ ମଧ୍ୟ ଏହା ମୋ ପାଇଁ ସ୍ୱତନ୍ତ୍ରତା ବହନ କରୁଛି ବୋଲି ଆଡଭାନୀ କହିଛନ୍ତି।

୧୯୮୫ ଜୁଲାଇ ୨୪ ତାରିଖରେ ପୁଣେରେ ଜନ୍ମ ଗ୍ରହଣ କରିଥିବା ଆଡଭାନୀ କ୍ୟାରିୟରରେ ସବୁପ୍ରକାର ସଫଳତା ହାସଲ କରିଛନ୍ତି। ସେ ମୋଟ ୨୩ଥର ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଛନ୍ତି। ଇଂଲିଶ ବିଲିୟାର୍ଡ୍ସରେ ସେ ହ୍ୟାଟ୍ରିକ ଅଫ୍ ହ୍ୟାଟ୍ରିକ୍ସ ଅର୍ଜନ କରି ବିରଳ ସଫଳତା ଅର୍ଜନ କରିଥିଲେ। ସେ ଏକାଧିକ ବାର ବିଶ୍ୱ, ଏସିଆନ ଓ ଭାରତୀୟ ନ୍ୟାଶନାଲ ଚାମ୍ପିୟନଶିପ ଟାଇଟଲ ହାସଲ କରିଛନ୍ତି। ୨୦୦୫, ୨୦୦୮, ୨୦୧୨, ୨୦୧୭ ଓ ୨୦୧୯ରେ ସେ ଏହିସବୁ ବିଭିନ୍ନ ଇଭେଣ୍ଟରେ ବାଜି ମାରି ବିଲିୟାର୍ଡ୍ସ ଓ ସ୍ନୁକରରେ ନିଜକୁ ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ ଭାବେ ପ୍ରତିଷ୍ଠିତ କରିଛନ୍ତି। ୨୦୧୨ରେ ସେ ସ୍ନୁକର ପ୍ରଫେସନାଲ ହୋଇଥିଲେ। ଉଭୟ ବିଲିୟାର୍ଡ୍ସ ଓ ସ୍ନୁକରରେ ସେ ସମାନ୍ତରାଳ ଭାବେ ଉଚ୍ଚକୋଟୀର ପ୍ରଦର୍ଶନ କରି ଆସିଛନ୍ତି।

ପୁଣେରେ ଜନ୍ମ ହୋଇଥିଲେ ମଧ୍ୟ ସେ କୁଏଟ୍‌ରେ ତାଙ୍କର ଶୈଶବ କଟାଇଥିଲେ। ଏହାପରେ ସେ ବେଙ୍ଗାଲୁରୁ ଚାଲିଆସିଥିଲେ। ୧୦ ବର୍ଷରେ ସେ ସ୍ନୁକର ପ୍ରତି ଆକୃଷ୍ଟ ହୋଇଥିଲେ। ବଡ଼ଭାଇ ଡା. ଶ୍ରୀ ଆଡଭାନୀ ସ୍ପୋର୍ଟ୍ସ ପରଫର୍ମାନ୍ସ ସାଇକୋଲୋଜିଷ୍ଟ ଭାବେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ମାଧ୍ୟମରେ ସେ ସ୍ନୁକର ଖେଳିବା ପାଇଁ ସୁଯୋଗ ପାଇଥିଲେ। ୧୨ ବର୍ଷରେ ଆଡଭାନୀ ତାଙ୍କ ପ୍ରଥମ ଟାଇଟଲ ଜିତିଥିଲେ। ଏହାପରେ ସେ ଏକାଧିକ ରାଜ୍ୟ ଓ ଜାତୀୟସ୍ତରୀ ଟୁର୍ନାମେଣ୍ଟରେ ବାଜି ମାରିଥିଲେ। ୨୦୦୦ରେ ସେ ତାଙ୍କର ପ୍ରଥମ ଭାରତୀୟ ଜୁନିୟର ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଥିଲେ। ଏହାପରେ ପୁଣି ୨୦୦୧ ଓ ୨୦୦୩ରେ ସେ ଏହି ଟାଇଟଲ ଜିତିଥିଲେ। ୨୦୦୩ରେ ସେ ଇଣ୍ଡିଆ ଜୁନିୟର ସ୍ନୁକର ଚାମ୍ପିୟନଶିପ୍ ଜିତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଭାରତର ସର୍ବକନିଷ୍ଠ ଜାତୀୟ ସ୍ନୁକର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ଆଡଭାନୀଙ୍କ ସଫଳତା ତଥା ଟାଇଟଲ ହାସଲ ତାଲିକା ବେଶ୍ ଲମ୍ବା। ୧୯୯୭ରୁ ୨୦୧୮ ପର୍ଯ୍ୟନ୍ତ ପ୍ରାୟ ସବୁ ବର୍ଷ ସେ ସବୁ ପ୍ରକାର ସଫଳତା ହାସଲ କରିଛନ୍ତି। ୨୦୦୬ ଦୋହା ଓ ୨୦୧୦ ଗୁଆଙ୍ଗଝୌ ଏସିଆନ ଗେମ୍ସରେ ମେନ୍ସ ଇଂଲିଶ୍ ବିଲିୟାର୍ଡ୍ସରେ ସେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରିଥିଲେ। ସେହିପରି ତାଙ୍କର ପୁରସ୍କାର ଓ ସମ୍ମାନ ତାଲିକା ମଧ୍ୟ ଲମ୍ବା ରହିଛି।

## ସଂକ୍ଷେପରେ...

ନାମ: ପଙ୍କଜ ଅର୍ଜୁନ ଆଡଭାନୀ
ଜନ୍ମ: ୨୪ ଜୁଲାଇ ୧୯୮୫, ପୁଣେ
ବୟସ: ୩୪ ବର୍ଷ
କ୍ରୀଡ଼ା: ସ୍ନୁକର ଓ ବିଲିୟାର୍ଡ୍ସ
ବିଶ୍ୱ ଚାମ୍ପିୟନ: ୨୩ ଥର
ଇଂଲିଶ ବିଲିୟାର୍ଡ୍ସ: ହ୍ୟାଟ୍ରିକ ଅଫ୍ ହ୍ୟାଟ୍ରିକ୍ସ
ପ୍ରଫେସନାଲ: ୨୦୧୨- ୧୪
ଏସିଆନ ଗେମ୍ସ: ୨୦୦୬ ଦୋହା ସ୍ୱର୍ଣ୍ଣ
୨୦୧୦ ଗୁଆଙ୍ଗଝୌ ସ୍ୱର୍ଣ୍ଣ
ପଦ୍ମ ଭୂଷଣ: ୨୦୧୮
ରାଜୀବ ଗାନ୍ଧୀ ଖେଳରତ୍ନ: ୨୦୦୫-୦୬
ଏକଲବ୍ୟ ପୁରସ୍କାର: ୨୦୦୭
ଅର୍ଜୁନ ପୁରସ୍କାର: ୨୦୦୪

୨୦୧୮ରେ ଆଡଭାନୀ ଦେଶର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ଭୂଷଣ ସମ୍ମାନ ହାସଲ କରିଥିଲେ। ସେହିପରି ୨୦୦୫-୦୬ରେ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ହାସଲ କରିଥିଲେ। କର୍ନାଟକ ସରକାର ମଧ୍ୟ ତାଙ୍କୁ ରାଜ୍ୟର ସର୍ବୋଚ୍ଚ ନାଗରିକ ସମ୍ମାନ ରାଜ୍ୟୋତ୍ସବ ପୁରସ୍କାର ପ୍ରଦାନ କରିଥିଲେ। ୨୦୦୭ରେ ତାଙ୍କୁ କର୍ନାଟକର 'କେମ୍ପେଗୌଡ଼ା' ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୦୭ରେ ସେ ଏକଲବ୍ୟ ପୁରସ୍କାର ହାସଲ କରିଥିଲେ। ୨୦୦୫ରେ ସିନିୟର ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର, ବାଙ୍ଗାଲୋର ୟୁନିଭର୍ସିଟି ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ପୁରସ୍କାର ହାସଲ କରିଥିଲେ। ୨୦୦୪ରେ ତାଙ୍କୁ ହିରୋ ଇଣ୍ଡିଆ ସ୍ପୋର୍ଟ୍ସ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ୨୦୦୪ରେ ସେ ରାଜୀବ ଗାନ୍ଧୀ ଆୱାର୍ଡ, ଅର୍ଜୁନ ପୁରସ୍କାର ସମ୍ମାନରେ ସମ୍ମାନିତ ହୋଇଥିଲେ। ୨୦୦୩ରେ ସେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପୁରସ୍କାର ଜିତିଥିଲେ। ସେ ଏହି ବର୍ଷ ଇଣ୍ଡୋ-ଆମେରିକାନ ୟଙ୍ଗ୍ ଆଚିଭର୍ସ ଆୱାର୍ଡ ଓ ସ୍ପୋର୍ଟ୍ସ ଷ୍ଟାର ପର୍ସନ ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ଏହାକୁ ବାଦ୍ ଦେଲେ ସେ ଆହୁରି ଏକାଧିକ ପୁରସ୍କାର ଓ ସମ୍ମାନ ମଧ୍ୟ ହାସଲ କରିଥିଲେ। ବିଲିୟାର୍ଡ୍ସ ଓ ସ୍ନୁକରରେ ସେ ଜଣେ ସ୍ୱୟଂ ସମ୍ପୂର୍ଣ୍ଣ ଖେଳାଳି ଭାବେ ସାରା ବିଶ୍ୱରେ ମାନ୍ୟତା ହାସଲ କରିଛନ୍ତି। ୩୪ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ସେ ଆଗକୁ କ୍ରୀଡ଼ା ସହ ଜଡ଼ିତ ରହି ଆହୁରି ଅନେକ ବିଶ୍ୱସ୍ତରୀୟ ସଫଳତା ହାସଲ କରିବେ ବୋଲି ଆଶା କରାଯାଉଛି।



ପଙ୍କଜ ଆଡଭାନୀ


ନିର୍ମଳ କୁମାର ମିଶ୍ର

# ପୁଣି ଅଷ୍ଟ୍ରେଲିଆ

**ମହିଳା ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଫାଇନାଲରେ ଭାରତକୁ ହରାଇ ପୁଣି ଥରେ ଟାଇଟଲ ହାସଲ କରିଛି। କ୍ରମାଗତ ଷଷ୍ଠଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ଅଷ୍ଟ୍ରେଲିଆର ରେକର୍ଡ ପଞ୍ଚମ ଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ରନର୍ସଅପ୍ ହୋଇଥିଲେ ମଧ୍ୟ ଭାରତୀୟ ମହିଳାଙ୍କ ପ୍ରଦର୍ଶନ ପ୍ରଶଂସନୀୟ ଥିଲା।**

ମାର୍ଚ୍ଚ ୮ ବିଶ୍ୱ ମହିଳା ଦିବସରେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ( ଆଇସିସି) ଦ୍ୱାରା ଆୟୋଜିତ ବିଶ୍ୱ ଟି୨୦ ମହିଳା ଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିଥିଲେ ଅଷ୍ଟ୍ରେଲିଆ ଏବଂ ଭାରତ। ପୂର୍ବରୁ ଅଷ୍ଟ୍ରେଲିଆ ୪ଥର ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ମାତ୍ର ପ୍ରଥମ ଥର ପାଇଁ ମହିଳା ଟି୨୦ ବିଶ୍ୱକପ୍‌ରେ ଖେଳିଥିଲା ଭାରତ। ଗ୍ରୁପ୍ ପର୍ଯ୍ୟାୟରେ ସମସ୍ତ ୪ଟି ମ୍ୟାଚ ଜିତି ଟେବୁଲ ଶୀର୍ଷରେ ରହିଥିଲା। ବାଂଲାଦେଶ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ପରି ଦଳଗୁଡ଼ିକୁ ହରାଇ ନିଜର ଦକ୍ଷତା ପ୍ରତିପାଦନ କରିଥିଲା ଭାରତ। ସେହିପରି ଅଷ୍ଟ୍ରେଲିଆ ଖେଳିଥିବା ୪ଟି ମ୍ୟାଚରୁ ୩ଟି ମ୍ୟାଚରେ ବିଜୟୀ ହୋଇଥିବା ବେଳେ ୧ଟି ମ୍ୟାଚରେ ପରାଜୟବରଣ କରିଥିଲା। ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ସେହିପରି ଏହା ପୂର୍ବରୁ ପ୍ରଥମ ସେମିଫାଇନାଲ ମ୍ୟାଚ ଟିମ୍ ଇଣ୍ଡିଆ ଏବଂ ଶକ୍ତିଶାଳୀ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ରହିଥିଲା। ମାତ୍ର ବର୍ଷା ଯୋଗୁ ମ୍ୟାଚ ସମ୍ପୂର୍ଣ୍ଣ ରୂପେ ବାତିଲ ହୋଇଥିଲା। ତେବେ ଭାରତ ଉନ୍ନତ ରନ୍ ଏବଂ ଗ୍ରୁପ ପର୍ଯ୍ୟାୟରେ ତା'ର ସମସ୍ତ ମ୍ୟାଚ ଟିମ୍ ଇଣ୍ଡିଆ ଜିତିଥିବା ଯୋଗୁ ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଥିଲା। ଟୁର୍ନାମେଣ୍ଟରେ ରିଜର୍ଭ ଡେ'ର ବ୍ୟବସ୍ଥା ନ ଥିବାରୁ ଇଂଲଣ୍ଡ ଏହାର ତୀବ୍ର ପ୍ରତିବାଦ କରି ଆଇସିସିର ଟୁର୍ନାମେଣ୍ଟ କମିଟି ନିକଟରେ ଅଭିଯୋଗ ଆଣିଥିଲା। ତେବେ କୌଣସି ଲାଭ ହୋଇ ନ ଥିଲା। ମାତ୍ର ଇଂଲଣ୍ଡର ଏହି ଅନୁରୋଧକୁ ଆଇସିସି ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହିତ ଇଂଲଣ୍ଡ ଦଳ ନିରାଶ ହୋଇଥିଲା। ଏପରି ଭୁଲ୍ ଫର୍ମାଟକୁ ପରିବର୍ତ୍ତନ କରିବା ପାଇଁ ଇଂଲଣ୍ଡ ଆଣ୍ଡ ୱେଲ୍‌ସ କ୍ରିକେଟ ବୋର୍ଡ ଆଇସିସିକୁ ନିକଟରେ ଅଭିଯୋଗ କରିଥିଲେ।

ଚାରିଥର ବିଶ୍ୱକପ ଚାମ୍ପିୟନ ଅଷ୍ଟ୍ରେଲିଆ ତା'ର ଘରୋଇ ମାଟିରେ ୫ମ ଥର ପାଇଁ ଚାମ୍ପିୟନ ହେବା ପାଇଁ ପୂର୍ଣ୍ଣ ପ୍ରସ୍ତୁତି ନେଇ ମେଲବୋର୍ନ ଷ୍ଟାଡିୟମକୁ ଓହ୍ଲାଇଥିଲା। ଟିମ୍ ଇଣ୍ଡିଆ ଗ୍ରୁପ ପର୍ଯ୍ୟାୟରେ ଅଷ୍ଟ୍ରେଲିଆକୁ ହରାଇଥିବାରୁ ମଧ୍ୟ ବେଶ୍ ଉତ୍ସାହିତ ଥିଲା। ପୁରୁଷ ବିଶ୍ୱକପ୍ ପରି ଉତ୍ସାହ ଦେଖାଯାଇଥିଲା। ଦର୍ଶକମାନଙ୍କ ଦ୍ୱାରା ଭରପୂର ଷ୍ଟାଡିୟମ, ଉଭୟ ଦଳର ସମର୍ଥକ ବେଶ୍ ଉତ୍ସାହିତ। ୮୬,୦୦୦ ଦର୍ଶକରେ ଷ୍ଟାଡିୟମରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚ ବର୍ଷା ପାଇଁ ବାତିଲହେବା ଯୋଗୁ ପ୍ରାୟ ୮ଦିନର ସମୟ ଟିମ୍ ଇଣ୍ଡିଆ ପାଖରେ ରହିଥିଲା। ୧୬ବର୍ଷର ଶେଫାଳି ବର୍ମା ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ପ୍ରଥମ ସ୍ଥାନକୁ ଉନ୍ନୀତ ହେବା ପରେ ଏବଂ ସମସ୍ତ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ଟିମ୍ ଇଣ୍ଡିଆକୁ ଫାଇନାଲରେ ପହଞ୍ଚାଇବାକୁ ସମର୍ଥ କରାଇଥିଲେ। ଅଧିନାୟିକା ହରମନପ୍ରୀତ କୌର ସାରା ଟୁର୍ନାମେଣ୍ଟରେ ଖରାପ ପ୍ରଦର୍ଶନ କରିଥିଲେ ମଧ୍ୟ ଫାଇନାଲରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଥିଲା।



ମେଗ୍ ଲାନିଂ

ଟସ୍ ହାରିବା ପରେ ଖରାପ ଗେମ୍ ପ୍ଲାନ୍ ଯୋଗୁ ପ୍ରଥମ ଓଭର ବୋଲିଂରେ ଟିମ୍ ଇଣ୍ଡିଆର ମନୋବଳ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲେ। ଅନେକ କ୍ୟାଚ୍ ହାତଛଡ଼ା ଏବଂ ଡେଥ୍ ଓଭରଗୁଡ଼ିକରେ ଅଧିକ ରନ ବ୍ୟୟ ଭାରତ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଅଷ୍ଟ୍ରେଲିଆ ଦୁଇ ଆକ୍ରମଣାତ୍ମକ ଓପନରଙ୍କ ଦମ୍‌ଦାର ପ୍ରଦର୍ଶନ ଏବଂ ପ୍ରଥମ ଉଇକେଟ ଭାଗୀଦାରି ୧୧୫ ରନ୍ ଟିମ୍ ଇଣ୍ଡିଆକୁ ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବାକୁ ସୁଯୋଗ ଦେଇ ନ ଥିଲା। ଏଲିସା ହିଲିଙ୍କ ଧୂଆଁଧାର ୭୫ ରନ୍ ଏବଂ ବେଥ ମୁନୀଙ୍କ ଅପରାଜିତ ୭୮ ରନ୍ ଏବଂ ପରବର୍ତ୍ତୀ ଅବସ୍ଥାରେ ଉଚ୍ଚକୋଟୀର ବୋଲିଂ ସହାୟତାରେ ଅଷ୍ଟ୍ରେଲିଆ ୫ଥର ପାଇଁ ଟ୍ରଫି ହାସଲ କରିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଷ୍ଟ୍ରେଲିଆ ଦଳ ମେଲବୋର୍ନ ଉଇକେଟରେ ପେସ୍ ବୋଲିଂର ସହାୟତା ନେଇଥିବା ବେଳେ ଟିମ୍ ଇଣ୍ଡିଆ ପ୍ରଥମରୁ ସ୍ପିନ୍ ବୋଲିଂ ଆରମ୍ଭ କରିଥିଲା। ରାଧା ଯାଦବ, ଦୀପ୍ତି ଶର୍ମା, ପୁନମ ଯାଦବ, ଶିଖା ପାଣ୍ଡେ ବୋଲିଂରେ ମନଇଚ୍ଛା ସର୍ଟମାନ ଖେଳିଥିଲେ ଅଷ୍ଟ୍ରେଲିଆ ବ୍ୟାଟ୍ସଓମ୍ୟାନ ବିଶାଳ ୧୮୫ରନ୍‌ର ଲକ୍ଷ୍ୟ ଦେଇଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ହରମନପ୍ରୀତ କୌର, ତାନିଆ ଭାଟିଆ, ବେଦା କ୍ରିଷ୍ଣାମୂର୍ତ୍ତି, ଜେମିମା ରୋଡ୍ରିଗୁଏଜଙ୍କ ବ୍ୟାଟିଂ ବିଫଳତା ମ୍ୟାଚକୁ ଏକତରଫା ଭାବେ ଅଷ୍ଟ୍ରେଲିଆ ସପକ୍ଷରେ ନେଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଭାରତୀୟ ଦଳ ୧୫୦ରନ୍ ସଂଗ୍ରହ କରିପାରି ନ ଥିଲେ ମଧ୍ୟ ସମସ୍ତ ମ୍ୟାଚ ସୁନ୍ଦର ବୋଲିଂ ଯୋଗୁ ଜିତିଥିଲା। ବାଂଲାଦେଶ ଏବଂ ନ୍ୟୁଜିଲାଣ୍ଡ ଦଳ ଭାରତ ପାଇଁ ଅବଶ୍ୟ କିଛି ସମସ୍ୟା ସୃଷ୍ଟି କରିଥିଲେ। ରେକର୍ଡ ୫ମ ଥର ପାଇଁ ଅଷ୍ଟ୍ରେଲିଆ ଟିମ୍ ଟାଇଟଲ ହାସଲ କରିଥିଲେ ମଧ୍ୟ ଭାରତର ପ୍ରଦର୍ଶନରେ ବିରାଟ କୋହଲି, ସଚିନ ତେନ୍ଦୁଲକର, ଭି.ଭି.ଏସ୍. ଲକ୍ଷଣ ଏବଂ ରାହୁଲ ଦ୍ରାଭିଡ୍ ଟିମ୍‌ର ପ୍ରଦର୍ଶନ ନେଇ ହତୋତ୍ସାହିତ ନ ହେବାକୁ ଉପଦେଶ ଦେଇଥିଲେ।

ଏଲିସା ହିଲି ପ୍ଲେୟାର ଅଫ୍ ଦି ଫାଇନାଲ ଏବଂ ବେଥ ମୁନୀ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ବେଥ ମୁନୀ ସାରା ଟୁର୍ନାମେଣ୍ଟରେ ୨୫୯ରନ୍‌ସଂଗ୍ରହ କରିଥିବା ବେଳେ ମେଗାନ୍‌ସ୍କଟ୍‌ସର୍ବାଧିକ ୧୩ଟି ଉଇକେଟ ନେଇଥିଲେ। ଭାରତ ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆକୁ ୧୭ରନ୍‌ରେ ପରାସ୍ତ କରିଥିବା ବେଳେ ପୁନମ ଯାଦବ ପ୍ଲେୟାର ଅଫ୍ ଦି ମ୍ୟାଚ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ପଡ଼ୋଶୀ ବାଂଲାଦେଶ ସହ ମ୍ୟାଚରେ ଭାରତ ୧୮ରନ୍‌ରେ ବିଜୟୀ ହୋଇଥିବା ବେଳେ ଶେଫାଳି ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ତୃତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ମାତ୍ର ୩ରନ୍‌ରେ ବିଜୟୀ ହୋଇଥିଲା ଏବଂ ପୁନର୍ବାର ଶେଫାଳି ଓମେନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସେହିପରି ଶ୍ରୀଲଙ୍କା ସହ ଭାରତ ୭ ଉଇକେଟରେ ବିଜୟୀ ହୋଇଥିବା ବେଳେ ରାଧା ଯାଦବ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୱେଷ୍ଟଇଣ୍ଡିଜ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ ମଧ୍ୟ ବାତିଲ ହୋଇଯିବାରୁ ଭଲ ରନ୍ ରେଟ୍ ଯୋଗୁ ଦକ୍ଷିଣ ଆଫ୍ରିକା ଦଳ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିଥିଲା।

ଚାମ୍ପିୟନ ଦଳ ରୂପେ ଅଷ୍ଟ୍ରେଲିଆକୁ ୧ମିଲିୟନ ଆମେରିକୀୟ ଡଲାର ଆର୍ଥିକ ପୁରସ୍କାର ମିଳିଥିବା ବେଳେ ରନର୍ସ ଅପ୍ ଦଳ ରୂପେ ଟିମ୍ ଇଣ୍ଡିଆ ୫,୦୦,୦୦୦ ଡଲାର ପ୍ରାଇଜ ପାଇଥିଲା। ଯେକୌଣସି ଓମେନ୍ସ ଫାଇନାଲ ମ୍ୟାଚ ପାଇଁ ସର୍ବକାଳୀନ ରେକର୍ଡ ସଂଖ୍ୟକ ୮୬ ହଜାର ଦର୍ଶକ ମ୍ୟାଚ ଉପଭୋଗ କରିଥିଲେ। ଭାରତ ପକ୍ଷରୁ ପୁନମ ଯାଦବ ୧୦ଟି ଉଇକେଟ ନେଇଥିବା ବେଳେ ସମଗ୍ର ଟୁର୍ନାମେଣ୍ଟର ୨୩ଟି ମ୍ୟାଚରେ ମୋଟ ୧୧ଟି ଅର୍ଦ୍ଧଶତକ ବିଭିନ୍ନ ଦଳ ପକ୍ଷରୁ ଖେଳାଳିମାନେ ସଂଗ୍ରହ କରିଥିଲେ। ସର୍ବାଧିକ ଟିମ୍ ସ୍କୋର ଦକ୍ଷିଣ ଆଫ୍ରିକାର ୧୯୫ ରନ୍ କରିଥିବା ବେଳେ ସାଉଥ ଆଫ୍ରିକାର ଲିଜଲେ ଲି ବାଂଲାଦେଶ ବିପକ୍ଷରେ ଅପରାଜିତ ୧୦୧ ରନ୍ ସଂଗ୍ରହ କରିଥିଲେ। ଚଳିତ ଓମେନ୍ସ ୱାର୍ଲଡ କପରେ ବାଂଲାଦେଶ ପକ୍ଷରୁ ସର୍ବନିମ୍ନ ସ୍କୋର ୭୪ରନ୍‌ସଂଗ୍ରହ ହୋଇଥିବା ବେଳେ ଶ୍ରୀଲଙ୍କା ବୋଲର ଶଶୀକଳା ଶିରିବର୍ଦ୍ଧନେ ବୋଲିଂରେ ୧୬ରନ୍ ଦେଇ ୪ଟି ଉଇକେଟ ଅକ୍ତିଆର କରି ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିଲେ। ବିଶ୍ୱକପ୍‌ରେ ଗୋଟିଏ ମ୍ୟାଚ ଆଦୌ ଖେଳାଯାଇପାରି ନ ଥିବା ବେଳେ ଗୋଟିଏ ମ୍ୟାଚରୁ କୌଣସି ଫଳାଫଳ ମିଳିପାରି ନ ଥିଲା ଏବଂ ଗୋଟିଏ ମ୍ୟାଚ ବାତିଲ ହୋଇଥିଲା। ଚଳିତ ସଂସ୍କରଣରେ ଭାରତର ପ୍ରଦର୍ଶନ ବେଶ୍ ଭଲ ରହିଥିଲା। ଆଗାମୀ ଟି-୨୦ ମହିଳା ବିଶ୍ୱକପ୍ ୨୦୨୨ରେ ସାଉଥ ଆଫ୍ରିକାରେ ଖେଳାଯିବ ବୋଲି ଆଇସିସି ପକ୍ଷରୁ ସୂଚନା ଦିଆଯାଇଛି। ଟୁର୍ନାମେଣ୍ଟର ପ୍ରଦର୍ଶନ ଦୃଷ୍ଟିକୋଣରୁ ଦେଖିଲେ ଭାରତୀୟ ମହିଳାଙ୍କ ପ୍ରଦର୍ଶନ ବେଶ୍ ପ୍ରଶଂସନୀୟ ଥିଲା।

## ମହିଳା ଟି୨୦ ବିଶ୍ୱକପ୍

ସଂସ୍କରଣ: ସପ୍ତମ ସଂସ୍କରଣ
ଆୟୋଜକ: ଅଷ୍ଟ୍ରେଲିଆ
ଚାମ୍ପିୟନ: ଅଷ୍ଟ୍ରେଲିଆ (୫ଥର)
ରନର୍ସଅପ୍: ଭାରତ
ଅଂଶଗ୍ରହଣକାରୀ ଦଳ: ୧୦
ମ୍ୟାଚ୍ ସଂଖ୍ୟା: ୨୩
ପ୍ଲେୟାର ଅଫ୍ ଦି ଫାଇନାଲ: ଏଲିସା ହିଲି
ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ: ବେଥ୍ ମୁନୀ
ସର୍ବାଧିକ ରନ: ମୁନୀ(୨୫୯)
ସର୍ବାଧିକ ଉଇକେଟ: ମେଗାନ ସ୍କଟ୍(୧୩)

# ଶୀର୍ଷରେ ହକି

**୨୦୦୩ରୁ ଆରମ୍ଭ ହୋଇଥିବା ଏଫ୍‌ଆଇଏଚ୍ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ପୁରୁଷ ହକି ଦଳ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାକୁ ହଟାଇ ଚତୁର୍ଥ ସ୍ଥାନ ଅଧିକାର କରିଛି। ଏହା ଭାରତ ପାଇଁ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ସାବ୍ୟସ୍ତ ହୋଇଛି। କ୍ରମାଗତ ପ୍ରଦର୍ଶନରେ ଉନ୍ନତି ଆଣି ଭାରତ ଏବେ ଅଲିମ୍ପିକ୍ସ ପଦକ ଜିତିବା ସମ୍ଭାବନା ସୃଷ୍ଟି କରିଛି।**

ଗତ କିଛି ବର୍ଷ ହେବ ଭାରତୀୟ ହକିରେ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ହୋଇଛି। ବିଭିନ୍ନ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟରେ ଭାରତୀୟ ପୁରୁଷ ହକି ଦଳ ଦମ୍‌ଦାର ପ୍ରଦର୍ଶନ କରିବାରେ ସମର୍ଥ ହୋଇଛି। ବିଶ୍ୱର ଆଗଧାଡ଼ିର କେତେକ ଦଳକୁ ଭାରତ ଏକାଧିକ ବାର ପରାସ୍ତ କରି ନିଜ ଦକ୍ଷତାର ପ୍ରମାଣ ଦେଇଛି। କିଛିଦିନ ତଳେ ଖେଳାଯାଇଥିବା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ହକି ପ୍ରୋ ଲିଗ୍‌ରେ ଭାରତୀୟ ଦଳ ଦମ୍‌ଦାର ପ୍ରଦର୍ଶନକରି ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଜୋର୍‌ଦାର କରିଛି। ଏଥିସହିତ ଭାରତୀୟ ଦଳ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଶ୍ରେଷ୍ଠ ସ୍ଥାନ ହାସଲ କରି ଚତୁର୍ଥ ସ୍ଥାନରେ ରହିଛି। ୨୦୦୩ ପରଠାରୁ ଏଫ୍‌ଆଇଏଚ୍ ବିଶ୍ୱ ର୍‍ୟାଙ୍କିଙ୍ଗ୍ ଆରମ୍ଭ ହୋଇଥିଲା। ଏହା ପରଠାରୁ ଭାରତ ର୍‍ୟାଙ୍କିଙ୍ଗ୍‌ରେ ସର୍ବୋଚ୍ଚ ସ୍ଥାନ ହାସଲ କରିଛି। ଭାରତ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାକୁ ହଟାଇ ଚତୁର୍ଥ ସ୍ଥାନ ହାସଲ କରିଛି।

ହକିରେ ଭାରତର ଅତୀତ ସ୍ୱର୍ଣ୍ଣିମ ଥିଲା। ଅଲିମ୍ପିକ୍ସ ସହ ହକି ବିଶ୍ୱକପ୍‌ରେ ଭାରତ ସେତେବେଳେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଅଲିମ୍ପିକ୍ସରେ ଭାରତ ସର୍ବାଧିକ ୮ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସେହିପରି ଭାରତ ଗୋଟିଏ ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲା। କିନ୍ତୁ ଏହି ସ୍ୱର୍ଣ୍ଣିମ ଯୁଗ ପରେ ଭାରତୀୟ ହକିରେ ଅବନତି ପରିଲକ୍ଷିତ ହୋଇଥିଲା। ଭାରତ ଅଲିମ୍ପିକ୍ସ ଓ ବିଶ୍ୱକପ୍‌ରେ ପଦକ ଜିତିବାରେ ବିଫଳ ହୋଇଥିଲା। କେବଳ ସେତିକି ନୁହେଁ, ଭାରତ ୨୦୦୮ ବେଜିଂ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ମଧ୍ୟ ହାସଲ କରିପାରି ନ ଥିଲା। ତେବେ ଅଲିମ୍ପିକ୍ସ ଭଳି ଭାରତୀୟ ହକି ଦଳ ବିଶ୍ୱକପ୍‌ରେ ସେତେଟା ସଫଳ ହୋଇ ନ ଥିଲା। ୧୯୭୧ରେ ବିଶ୍ୱକପ୍ ଖେଳାଯିବା ଆରମ୍ଭ ହୋଇଥିଲା। ସେତେବେଳକୁ ଭାରତୀୟ ହକିର ପ୍ରଭାବ କମିବା ଆରମ୍ଭ ହୋଇଥିଲା। ୧୯୭୫ରେ ଭାରତ କୁଆଲାଲମ୍ପୁର ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲେ ମଧ୍ୟ ପରେ ଏହି ସଫଳତାକୁ ଦୋହରାଇବାରେ ସକ୍ଷମ ହୋଇପାରି ନ ଥିଲା। ଯଦିଓ ଭାରତ ବିଶ୍ୱକପ୍‌ରେ ଥରେ ରନର୍ସଅପ୍ ହୋଇଥିବା ବେଳେ ଥରେ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

କିନ୍ତୁ ଭାରତର ଏହି ସ୍ୱର୍ଣ୍ଣିମ ଯୁଗର ଶେଷରେ ଅବସାନ ହୋଇ ଭାରତୀୟ ହକି ପତନାଭିମୁଖୀ ହୋଇଥିଲା। କିନ୍ତୁ ଏବେ ସେ କଥା ଆଉ ନାହିଁ। ଦୀର୍ଘବର୍ଷ ପରେ ଭାରତ ଏବେ ଅଲିମ୍ପିକ୍ସରେ ପଦକ ହାସଲ କରିବାର ସମ୍ଭାବନା ସହ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଶ୍ରେଷ୍ଠ ଚତୁର୍ଥ ସ୍ଥାନ ଅଧିକାର କରି ଏହାକୁ ଦୃଢ଼କରିଛି। ଭାରତୀୟ ଅଧିନାୟକ ମନ୍‌ପ୍ରୀତ ସିଂ ପ୍ରଥମ ଭାରତୀୟ ଖେଳାଳିଭାବେ ଏଫ୍‌ଆଇଏଚ୍ ମେଲ୍ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଏହି ପୁରସ୍କାର ଜିତିବା ପାଇଁ ସେ ବିଶ୍ୱର ନାମୀଦାମୀ ଖେଳାଳିଙ୍କୁ ପଛରେ ପକାଇଥିଲେ। ୨୭ ବର୍ଷୀୟ ମିଡ୍‌ଫିଲ୍ଡର ମନ୍‌ପ୍ରୀତ ବେଲଜିୟମର ଆର୍ଥର ଭାନ୍, ଆର୍ଜେଣ୍ଟିନାର ଲୁକାସ ଭିଲାଙ୍କୁ ପଛରେ ପକାଇ ଏହି ସମ୍ମାନ ହାସଲ କରିଥିଲେ। ଗତବର୍ଷ ମନ୍‌ପ୍ରୀତଙ୍କ ନେତୃତ୍ୱରେ ଭାରତ ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟରରେ ବିଜୟୀ ହୋଇ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିଲା। ଚଳିତ ବର୍ଷ ଭାରତ ପ୍ରାୟ ସବୁ ଟୁର୍ନାମେଣ୍ଟରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପୂର୍ବର ବିଫଳତାକୁ ପଛରେ ପକାଇ ଭାରତ ଏବେ ଏକ ନୂଆ ସମ୍ଭାବନା ଆଡ଼କୁ ଗତି କରୁଛି। ମହିଳା ହକିରେ ମଧ୍ୟ ଭାରତ ପଛରେ ପଡ଼ିନାହିଁ। ଗତ କିଛି ବର୍ଷ ମଧ୍ୟରେ ମହିଳା ହକିରେ ଭାରତର ଆଶାତୀତ ଉନ୍ନତି ହୋଇଛି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଭାରତ ଏବେ ନବମ ସ୍ଥାନରେ ରହିଛି। ମହିଳା ଦଳ ମଧ୍ୟ ଟୋକିଓ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ମହିଳାଙ୍କ ଅପେକ୍ଷା ପୁରୁଷ ଦଳ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବାର ସମ୍ଭାବନା ରହିଛି। ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆହୁରି କିଛି ମାସ ବାକି ରହିଛି। ଏବେ ଭାରତୀୟ ଦଳ ପ୍ରଶିକ୍ଷଣ ଓ ପ୍ରସ୍ତୁତି ଉପରେ ଅଧିକ ଧ୍ୟାନ ଦେଉଛି।



ମନପ୍ରୀତ୍ ସିଂ

## ଟେରିଫିକ୍




ଇଣ୍ଡିଆ ବନାମ ସାଉଥ୍ ଆଫ୍ରିକା
ହଉଅଛି ୱାନ୍‌ଡେ ଖେଳ
ଖେଳାଳିଙ୍କ ପ୍ରତି ବିସିସିଆଇର
ମାର୍ଗଦର୍ଶିକାରେ ଚଳ
ଫ୍ଲାଇଟ୍ ଓ ବସ୍ ଖୋଳ
ସଫା ରଖ ଅନ୍ୟ ମୋବାଇଲ ନେଇ
ସେଲ୍‌ଫି ନେବା ହେବ କାଳ।୧।

କରୋନାରେ ସାରା ବିଶ୍ୱ ଆତଙ୍କିତ
ବାଦ୍ ପଡ଼ିନାହିଁ ଦେଶ
ହଁ ନାହିଁ ଭିତରେ ରଙ୍ଗର ଉତ୍ସବ
ହୋଲି ଖେଳ ହେଲା ଶେଷ
ଥଣ୍ଡା ଲାଗି ହେଲେ ଖାସ
ହସ୍ପିଟାଲ ଯାଅ ମାଗଣା ମିଳିଲେ
ଖାଅନି ଚିକେନ ମାଂସ।୨।

ଆଇସିସି ଲେଡି ଟି୨୦ରେ ଜିତି
ମେଗ୍ ଲାନିଂ ହିରୋଇନ
ପାଞ୍ଚଥର ଚାମ୍ପିୟନ ଏ କଙ୍ଗାରୁ
ପାଲଟିଛି ପାଲ ଶନି
ଯିଏ ଯେତେ ଖେଳୁ ମିନି
ମଣିଷଠୁଁ ବଡ଼ ଖେଳାଳି ପ୍ରକୃତି
ଏକ୍‌ଜାମ୍ପୁଲ୍ ବାତ୍ୟା ଫନୀ।୩।

ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
|---|---|---|---|---|
| 74.28 (60) | 2919.26 ↓ 32,778.14 | 868.25 ↓ 9,590.15 | ₹128 ↓ 44,490.00 | ₹302 ↓ 46,868.00 |



“ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ପରେ ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ଧାରାରେ ଯେଭଳି କୌଣସି ସମସ୍ୟା ରହିବନି ତାକୁ ବିଚାର କରାଯାଇଛି।
– ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ



“ ୟେସ୍ ବ୍ୟାଙ୍କ ପୁନରୁଦ୍ଧାର ଲାଗି ଏକ ସୁଚିନ୍ତିତ ଯୋଜନା ଆଣିବା ଲାଗି ପର୍ଯ୍ୟାପ୍ତ ସମୟ ରହିଛି।
– ରଘୁରାମ ରାଜନ, ପୂର୍ବତନ ଆର୍‌ବିଆଇ ଗଭର୍ନର

# ଖୁଚୁରା ମୁଦ୍ରାସ୍ଫୀତି ୬.୫୮%

**ନୂଆଦିଲ୍ଲୀ,୧୨-୩**

ଖୁଚୁରା ମୁଦ୍ରାସ୍ଫୀତି ଭିତ୍ତିକ ଖାଉଟି ମୂଲ୍ୟସୂଚୀ (ସିପିଆଇ)ଫେବୃୟାରୀରେ ୬.୫୮% ସ୍ତରକୁ ଖସି ଆସିଛି। ଏହା ଜାନୁୟାରୀ ମାସରେ ୭.୫୯% ସ୍ତରରେ ରହିଥିଲା। ସରକାର ଗୁରୁବାର ଜାରି କରିଥିବା ଡାଟାରୁ

**ଜାନୁୟାରୀରେ ୭.୫୯ ସ୍ତରରେ ରହିଥିଲା**

ଏହା ଜଣାପଡିଛି। ଫେବୃୟାରୀ ୨୦୧୯ରେ ଏହି କ୍ଷେତ୍ରରେ ମୁଦ୍ରାସ୍ଫୀତି ୨.୫୭% ସ୍ତରରେ ରହିଥିଲା। ଚଳିତବର୍ଷ ଜାନୁୟାରୀରେ ଏହା ୬୮ ମାସର ସର୍ବୋଚ୍ଚ ସ୍ତର ଛୁଇଁଥିବା ଦେଖାଯାଇଥିଲା। ବିଶେଷ କରି ଖାଦ୍ୟ ସାମଗ୍ରୀ ଦର କମିଥିବା ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ହାର କମିଥିବା ଜଣାପଡିଛି। ମାତ୍ର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଧାର୍ଯ୍ୟ କରିଥିବା ୪% ହାର ତୁଳନାରେ ବର୍ତ୍ତମାନ ମୁଦ୍ରାସ୍ଫୀତି ଅଧିକ ସ୍ତରରେ ରହିଛି। ଫେବୃୟାରୀରେ ବସିଥିବା ଆର୍‌ବିଆଇ ଷଷ୍ଠ ଦ୍ୱିମାସିକ ମୁଦ୍ରାନୀତି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ରେପୋ



ହାରକୁ ଅପରିବର୍ତ୍ତିତ ୫.୧୫ ସ୍ତରରେ ରଖିଥିଲା। ସେହିଭଳି ଲଗାତର ଭାବେ ଦ୍ୱିତୀୟଥର ଲାଗି ରିଭର୍ସ ରେପୋ ହାର ୪.୯୦ ସ୍ତରରେ ରହିଥିଲା।

ଅସ୍ଥିର ତୈଳଦର ସହ ଦୁଗ୍ଧ ଏବଂ ଡାଲି ଜାତୀୟ ସାମଗ୍ରୀ କ୍ଷେତ୍ରରେ ଇନପୁଟ ଖର୍ଚ୍ଚ ବଢିବା ଯୋଗୁ ଚଳିତ ଆର୍ଥିକ ବର୍ଷ ଲାଗି ଉର୍ଦ୍ଧ୍ୱଗାମୀ ଖୁଚୁରା ମୁଦ୍ରାସ୍ଫୀତି ୬.୫% ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା। ସିପିଆଇକୁ ୪%ରେ ରଖିବା ନେଇ ସରକାର କେନ୍ଦ୍ରୀୟ ବ୍ୟାଙ୍କକୁ କହିଛନ୍ତି। ମୋଟ ୧୩୫ ବେସିସ ପଏଣ୍ଟ ସୁଧହାର ହ୍ରାସ କରିବା ପରେ ମଧ୍ୟ ଅକ୍ଟୋବର ଡିସେମ୍ବର ତ୍ରୈମାସରେ ଦେଶର ଅଭିବୃଦ୍ଧି ହାର ୪.୭% ରହିଛି। ଏହା ୬ ବର୍ଷର ସର୍ବନିମ୍ନ ସ୍ତର। କରୋନା ଭାଇରସ ଅଭିବୃଦ୍ଧିକୁ ଆହୁରି ପ୍ରଭାବିତ କରିବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। କରୋନାର ପ୍ରଭାବ କ'ଣ ରହିବ ସେ ଉପରେ ରିଜର୍ଭ ବ୍ୟାଙ୍କ ନଜର ରଖିଛି। ସୁଧହାର ଉପରେ ମଧ୍ୟ ନିଷ୍ପତ୍ତି ହୋଇପାରେ ବୋଲି ଜଣାପଡିଛି। ଏଭଳି ସ୍ଥିତିରେ ମୁଦ୍ରାସ୍ଫୀତି ଉଚ୍ଚରେ ରହିବା ଯୋଗୁ ପଦକ୍ଷେପ ନେବା କେନ୍ଦ୍ରୀୟ ବ୍ୟାଙ୍କ ଲାଗି ଚ୍ୟାଲେଞ୍ଜିଂ ହେବ ବୋଲି କୁହାଯାଇଛି। କରୋନା ଭାଇରସ ଦେଶର ଆର୍ଥିକ ସ୍ଥିତିକୁ ବେଶି ବିଗାଡିଲେ ରିଜର୍ଭ ବ୍ୟାଙ୍କ ପଦକ୍ଷେପ ନେବାକୁ ପଛାଇବ ନାହିଁ ବୋଲି କେୟାର ରେଟିଂର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନାଭିସ କହିଛନ୍ତି।

# ୟେସ୍ ବ୍ୟାଙ୍କରେ ୪୯% ଅଂଶଧନ ହାସଲ କରିବ ଏସ୍‌ବିଆଇ

**ମୁମ୍ବାଇ,୧୨-୩**

କ୍ଷତିଗ୍ରସ୍ତ ୟେସ୍ ବ୍ୟାଙ୍କରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ୪୯% ଅଂଶଧନ ହାସଲ କରିବ। ଏ ନେଇ ବ୍ୟାଙ୍କ ମଞ୍ଜୁରୀ ଲାଭ କରିଥିବା ଜଣାପଡିଛି। ୟେସ୍ ବ୍ୟାଙ୍କରେ ଏସ୍‌ବିଆଇ ପ୍ରାଥମିକ ପର୍ଯ୍ୟାୟରେ ୭,୨୫୦ କୋଟି ଟଙ୍କା ନିବେଶ କରିବ। ମାର୍ଚ୍ଚରେ ୧୧ରେ ଏସ୍‌ବିଆଇର ଏକ୍‌ଜିକ୍ୟୁଟିଭ ଅଫ୍ ସେଣ୍ଟ୍ରାଲ ବୋର୍ଡ ବୈଠକରେ ଆବଶ୍ୟକ ୧୧ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ବ୍ୟାଙ୍କ ୟେସ୍ ବ୍ୟାଙ୍କର ୭୨୫ କୋଟି ଶେୟାର

**୭ ହଜାର କୋଟି ନିବେଶ ଯୋଜନା**

କ୍ରୟ କରିବ। ଏହି ଶେୟାରଗୁଡିକର ଶେୟାର ପିଛା ମୂଲ୍ୟ ୧୦ ଟଙ୍କା ରହିବ ବୋଲି ଏସ୍‌ବିଆଇ ପକ୍ଷରୁ ଏକ ରେଗୁଲେଟୋରୀ ଫାଇଲିଂରେ କୁହାଯାଇଛି। ଗତ ସପ୍ତାହରେ ୟେସ୍ ବ୍ୟାଙ୍କର ପୁନରୁଦ୍ଧାର ଲାଗି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ଡ୍ରାଫ୍ଟ ସ୍କିମ ସମ୍ପର୍କରେ ଘୋଷଣା କରାଯାଇଥିଲା। ଷ୍ଟ୍ରାଟେଜିକ ନିବେଶକ ୪୯% ଅଂଶଧନ ହାସଲ ନେଇ ସ୍କିମରେ କୁହାଯାଇଥିଲା। ପୁଞ୍ଜି ଯୋଗାଣ ପରଠାରୁ ଅଂଶଧନକୁ ୨୬%ରୁ କମ୍ କରାଯାଇ ପାରିବ ନାହିଁ ବୋଲି ସ୍କିମରେ ଉଲ୍ଲେଖ ରହିଛି। କ୍ଷତିଗ୍ରସ୍ତ ବ୍ୟାଙ୍କ ଉପରେ ଆରବିଆଇ ବର୍ତ୍ତମାନ ମୋରାଟୋରିୟମ ଲଗାଇଥିବା ବେଳେ ଗ୍ରାହକଙ୍କ ଲାଗି ଉଠାଣ କଟକଣା ଜାରି ହୋଇଛି। ଗ୍ରାହକଙ୍କ ଲାଗି ଉଠାଣ ସୀମା ୫୦ ହଜାର ଟଙ୍କା କରାଯାଇଛି। ଏହା ଲାଗୁ ହେବା ରିଜର୍ଭ ବ୍ୟାଙ୍କ ଡ୍ରାଫ୍ଟ ସ୍କିମ ଲାଗୁ କରିଥିଲା।

## ଅନ୍ତର୍ଜାତୀୟ ମହିଳା ଦିବସ

### ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୧୨-୩**

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସମାଜର ଉନ୍ନତି ଲାଗି ଉଭୟ ମହିଳା ଏବଂ ପୁରୁଷ ସମାନ ପରିମାଣରେ ଉତ୍ସର୍ଗୀକୃତ ଭାବନା ରଖିବା ଆବଶ୍ୟକ ବୋଲି ଓଡିଶୀ ନୃତ୍ୟରେ ପାରଦର୍ଶିତା ହାସଲ କରିଥିବା ସୁଜାତା ମହାପାତ୍ର ଏଥିରେ ମତ ରଖିଛନ୍ତି। ମହିଳାମାନଙ୍କର ସାମାଜିକ ସମାନତା ଉପରେ ଓଡିଆ ସିନେମା ଅଭିନେତ୍ରୀ ଅନୁଭା ସୌର୍ଯ୍ୟା ଗୁରୁତ୍ୱାରୋପ କରିଥିଲେ। ସାମାଜିକ କଲ୍ୟାଣ ନିମନ୍ତେ ନାରୀମାନେ ଆଗେଇ ଆସିବା ଆବଶ୍ୟକ ବୋଲି ବାଣିଜ୍ୟିକ ସଫଳତା ହାସଲ କରିଥିବା ସୌମ୍ୟା ସୁରଭି ଗୁରୁତ୍ୱାରୋପ କରିଥିଲେ। ଅନେକ ବାଧାବିଘ୍ନ ସତ୍ତ୍ୱେ ନାରୀ ବର୍ତ୍ତମାନ ଅନେକ ପାରଦର୍ଶିତା ହାସଲ କରିଛି ବୋଲି ପ୍ରତିଷ୍ଠାତା କୁଳାଧକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ଡ. କଲ୍ୟାଣ ଶଙ୍କର ରାୟ, ପ୍ରୋ. ଭାଇସ ଚାନ୍ସେଲର ଫଲଗୁ ନିରଞ୍ଜନା ପ୍ରମୁଖ ଉପସ୍ଥିତ ଥିଲେ।





### କାନାରା ବ୍ୟାଙ୍କ

**ଭୁବନେଶ୍ୱର,୧୨-୩**

କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର କାର୍ଯ୍ୟକ୍ରମ ଅବସରରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ କାଦମ୍ବିନୀର ମୁଖ୍ୟ ସମ୍ପାଦିକା ଡ. ଇତି ସାମନ୍ତ ମହିଳାମାନଙ୍କର ଅଧିକାରର ମହତ୍ତ୍ୱ ଏବଂ ଦେଶ ନିର୍ମାଣରେ ନାରୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ନୈତିକ ଶିକ୍ଷା ସହ ପାରିବାରିକ ଅଭିବୃଦ୍ଧିରେ ନାରୀ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ସେ ଉଲ୍ଲେଖ କରିଥିଲେ। ଆର୍ଥିକ ଅଭିବୃଦ୍ଧି ଦିଗରେ ବ୍ୟାଙ୍କର ଭୂମିକା ଉପରେ ଗାୟିକା ଶାନ୍ତିଲତା ବାରିକ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଉପମହାପ୍ରବନ୍ଧକ ଯୋଗିନ୍ଦର ସିଂ ଘଙ୍ଗସ୍ ଏବଂ ମଣ୍ଡଳ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ବିଓଆଇ

ଭୁବନେଶ୍ୱର,୧୨-୩: ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ଖାରବେଳ ନଗର ଶାଖା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାହକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଲାଗି ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଞ୍ଚଳିକ ପ୍ରବନ୍ଧକ ୱାଇ.ଏନ୍.ଦ୍ୱିବେଦୀ ଏଥିରେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଥିଲେ। ବ୍ୟାଙ୍କିଙ୍ଗ ସେବା ଏବଂ ସୁବିଧା ସୁଯୋଗ ଉପରେ ସେ ଏହି ଅବସରରେ ଗୁରୁତ୍ୱାରୋପ କରିଥିଲେ। ଖାରବେଳ ନଗର ଶାଖା ମୁଖ୍ୟ ପ୍ରବନ୍ଧକ ଏଚ୍.ଏସ୍.ଦାସ ହିତାଧିକାରୀଙ୍କ ଲାଗି ବ୍ୟାଙ୍କ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ।



ସିନିୟର ସିଭିଲ ଜଜ୍ ସୁଶ୍ରୀ ସଙ୍ଗୀତା ପାତ୍ର ଏଥିରେ ଯୋଗଦେଇ ମହିଳାଙ୍କ ସଶକ୍ତୀକରଣ ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ବିଓଆଇ ଅଫିସର ସଂଘ ରାଜ୍ୟ ସଭାପତି ସ୍ମୃତି ରଞ୍ଜନ ସାହୁ, ସାଧାରଣ ସମ୍ପାଦକ ସରୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ବିଆଇ ବୋର୍ଡକୁ ମନୋନୀତ ହେଲେ ଦେବାଶିଷ ପଣ୍ଡା

**ମୁମ୍ବାଇ,୧୨-୩**

କେନ୍ଦ୍ର ଅର୍ଥମନ୍ତ୍ରଣାଳୟରେ ଆର୍ଥିକ ସେବା ସଚିବ ଭାବେ କାର୍ଯ୍ୟରତ ଦେବାଶିଷ ପଣ୍ଡା ରିଜର୍ଭ ବ୍ୟାଙ୍କ ବୋର୍ଡକୁ ମନୋନୀତ ହୋଇଛନ୍ତି। କେନ୍ଦ୍ର ସରକାର ତାଙ୍କୁ ମନୋନୀତ କରିଥିବା ଗୁରୁବାର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ସେ ଆର୍‌ବିଆଇ ବୋର୍ଡରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପଣ୍ଡାଙ୍କ ମନୋନୟନ ଚଳିତ ବର୍ଷ ମାର୍ଚ୍ଚ ୧୧ରୁ କାର୍ଯ୍ୟ କରିବ। ଆଗାମୀ ଅର୍ଡର ପର୍ଯ୍ୟନ୍ତ ସେ ଏହି ପଦବୀରେ କାମ କରିବେ ବୋଲି ଜଣାପଡିଛି।



# ଫ୍ୟାକ୍ଟ୍ରି ଉତ୍ପାଦନ ୨% ବଢ଼ିଲା

**ନୂଆଦିଲ୍ଲୀ,୧୨-୩**

ଦେଶର ଫ୍ୟାକ୍ଟ୍ରି ଉତ୍ପାଦନ ଜାନୁୟାରୀରେ ୨% ବଢିଛି। ଏହା ୬ ମାସର ସର୍ବୋଚ୍ଚ ସ୍ତର ବୋଲି କୁହାଯାଇଛି। ଖଣି କ୍ଷେତ୍ର ପରଫର୍ମାନ୍ସ, ଶକ୍ତି ଉତ୍ପାଦନ ଭଳି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି। ଫ୍ୟାକ୍ଟ୍ରି ଉତ୍ପାଦନକୁ ଔଦ୍ୟୋଗିକ ଉତ୍ପାଦନ ସୂଚୀ(ଆଇଆଇପି)ରେ ମପା ଯାଉଥିବା ବେଳେ ଜାନୁୟାରୀ ୨୦୧୯ରେ ଏଥିରେ ୧.୬% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏହା ଜୁଲାଇ ୨୦୧୯ରେ ୪.୯% ଅଭିବୃଦ୍ଧି ହାସଲ କରିଥିଲା। ଅଗଷ୍ଟରେ ଉତ୍ପାଦନ ୧.୪% ଖସିଥିବା ବେଳେ ସେପ୍ଟେମ୍ବରରେ ୪.୬%, ଅକ୍ଟୋବରରେ ୬.୬% କମିଥିଲା। ଏହା ନଭେମ୍ବରରେ ୧.୮% ଏବଂ ଡିସେମ୍ବରରେ ୦.୧% ବଢିଥିଲା। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଡାଟା ମୁତାବକ ଜାନୁୟାରୀରେ ମାନୁଫାକ୍‌ଚରିଂ କ୍ଷେତ୍ର ଅଭିବୃଦ୍ଧି ୧.୫% ରହିଛି। ଏହା ଗତବର୍ଷ ସମାନ ସମୟରେ ୧.୩% ବୃଦ୍ଧି ଘଟିଥିଲା।

ଏହି ସମୟରେ ବିଦ୍ୟୁତ ଉତ୍ପାଦନ ୩.୧% ବଢିଛି। ଯାହା ୨୦୧୯ ଜାନୁୟାରୀରେ ୦.୯% ରହିଥିଲା। ୨୦୨୦ ଜାନୁୟାରୀରେ ଖଣି କ୍ଷେତ୍ର ଉତ୍ପାଦନ ୪.୪% ଅଭିବୃଦ୍ଧି ସାଧନ କରିଛି। ଏହା ଗୋଟିଏ ବର୍ଷ ପୂର୍ବେ ସମାନ ସମୟରେ ୩.୮% ରହିଥିଲା। ୨୦୧୯ ଏପ୍ରିଲରୁ ୨୦୨୦ ଜାନୁୟାରୀରେ ଆଇଆଇପି ଅଭିବୃଦ୍ଧି ୦.୫% ହ୍ରାସ ଘଟିଛି। ଏହା ୨୦୧୮-୧୯ ସମାନ ସମୟରେ ୪.୪% ଅଭିବୃଦ୍ଧି ହାସଲ କରିଥିଲା। ଜାନୁୟାରୀରେ କ୍ୟାପିଟାଲ ଗୁଡସ ଉତ୍ପାଦନ ୪.୩% କମିଥିବା ବେଳେ ଗୋଟିଏ ବର୍ଷ ତଳେ ସମାନ ସମୟରେ ୩.୬%ହ୍ରାସ ଘଟିଥିଲା।




## ପୌର ପରିଷଦ କାର୍ଯ୍ୟାଳୟ, ଯୋଡ଼ା

**ବିଜ୍ଞାପନ**

ସଂଖ୍ୟା: ୧୦୯୪ ତା:୧୧।୦୩।୨୦୨୦

ଯୋଡ଼ା ପୌରପାଳିକାର ଟିକସଦାତାମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି ଆଗାମୀ ଆର୍ଥିକ ବର୍ଷ (ସ୍ୱ୨୦୨୦-୨୧) ମସିହା ନିମନ୍ତେ ତା୦୧।୦୪।୨୦୨୦ରିଖଠାରୁ ତା୩୦।୦୪।୨୦୨୦ରିଖ ମଧ୍ୟରେ (ସରକାରୀ ଛୁଟି ବ୍ୟତୀତ) ବାର୍ଷିକ ଗୃହ ଟିକସ ଏହି ନିର୍ଦ୍ଧାରିତ ତାରିଖ ମଧ୍ୟରେ ପୈଠ କରିଲେ ଗୃହ ମାଲିକ ତଥା ଟିକସଦାତାଙ୍କୁ ଶତକଡ଼ା ଦଶ ଭାଗ (୧୦%) ହାରରେ ରିହାତି ଦେବାର ବ୍ୟବସ୍ଥା ପୌରପାଳିକା ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ତା୦୧।୦୫।୨୦୨୦ରିଖଠାରୁ ତା୩୧।୦୫।୨୦୨୦ରିଖ ଭିତରେ ଗୃହ ଟିକସ ପୈଠ କରିଲେ ଶତକଡ଼ା ୫% (ପାଞ୍ଚ ପ୍ରତିଶତ) ହାରରେ ରିହାତି ଦିଆଯିବ।

କିନ୍ତୁ ଟାଟା ଷ୍ଟିଲ୍, ଇସେଲ ମାଇନିଂ, ରୁଙ୍ଗଟା କମ୍ପାନୀ, ମାଲାରାୟ ଏଣ୍ଡ ଅଦର୍ଶ, ବ୍ୟବସାୟୀ ଓ ଅନୁଷ୍ଠାନମାନଙ୍କଠାରୁ ଗୃହ ଟିକସ ବାବଦରେ ଶତକଡ଼ା ୫% (ପାଞ୍ଚ ପ୍ରତିଶତ) ହାରରେ ରିହାତି ତା୦୧।୦୪।୨୦୨୦ରିଖଠାରୁ ତା୩୦।୦୪।୨୦୨୦ରିଖ ପର୍ଯ୍ୟନ୍ତ ରିହାତି ଦିଆଯିବାର ମଧ୍ୟ ବ୍ୟବସ୍ଥା କରାଯାଇଅଛି।

ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ଯୋଡ଼ା



## ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006
PHONE - 06854-242001, FAX - 06854242038, CIN:U401010R1995SGC003963
E-mail: sgmel_ukhep@ohpcltd.com

No. CAD-1101

**TENDER CALL NOTICE No.- UKHEP -36 /2019-20, Dated 11.03.2020**

Sealed tenders in duplicate are invited from Govt. registered 'C' & 'D' Class Contractors for the following work.

| Sl. No. | Description of Work | Estimated cost in (Rs.) | Cost of Tender Paper (Rs.) | EMD (Rs.) | Date for Sale of Tender Paper | Last date & Time of Receipt of Tenders | Date & Time of Opening of Tender |
|---|---|---|---|---|---|---|---|
| 1 | Interior & exterior painting of switchyard, WTP, store office, guard room etc including minor repair work, UKHEP, Bariniput. | 3,89,524/- | 2360/- (Rs.2000/- +18% GST) | 4000/- | From 10:00 Hrs of 19.03.2020 To 13:00 Hrs of 02.04.2020 | Up to 16.00 Hrs Of 02.04.2020 | At: 16.30 Hours of 02.04.2020 |

For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

C&P Head UKHEP, Bariniput
OIPR-04002/11/0071/1920



## THE ODISHA STATE POLICE HOUSING & WELFARE CORPORATION LTD.
(A Government of Odisha Undertaking)
OPHWC JANAPATH, BHOINAGAR, BHUBANESWAR-22
Ph: 0674-2541545, 2542921, Fax : 0674-2541543
Email : ophwc.od@nic.in, Website : www.ophwc.nic.in

**EoI No.03/SE/EOI/2019-20**
**EXPRESSION OF INTEREST**

No.CAD-1093 :- Odisha State Police Housing & Welfare Corporation invites Expression of Interest (EoI) from registered Manufacturers/ Distributors/Authorized dealer /Agencies having experience in supplying & fixing of kitchen equipments of reputed and popular make for Kitchen-cum-Dinning (200 capacity) at UPTTI, Bhubaneswar. For overview of the bidding terms and conditions, scope of work, pre-qualification criteria, etc., please go through the documents available in our website www.ophwc.nic.in. Interested Parties/Vendors who meet the pre-qualification criteria may download the tender documents from the website and submit the same with a covering letter duly signed by an authorized signatory and a non-refundable cost of bid documents of Rs. 7080.00/- (Rupees Seven thousand eighty only) in the form of a Demand Draft or a Pay Order (drawn in favour of The Odisha State Police Housing & Welfare Corporation, payable at Bhubaneswar) on or before by 3.00 PM Dt 30.03.2020 at the following address: G.M. (Tech.) - cum - SE, Odisha State Police Housing & Welfare Corporation, Bhoinagar, Janpath, Bhubaneswar, Pin:- 751022.

All Addendums/Corrigendum's to this notice if required shall be issued on the above said website of the Corporation only.

Sd./- G.M. (Tech.) - cum - SE
OSPH& WC, Bhubaneswar
OIPR-12025/11/0056/1920



## Office of the Collector and District Magistrate, Balasore
(Tourism Section)

Letter No.224/ TO, BLS Dated:12.03.2020

**SHORT TENDER CALL NOTICE**

Sealed tenders are invited from the interested Agency/Firm/ Company/ Entrepreneur for Cleaning and Sanitisation at Chandipur and Talasari Sea Beach, Balasore for a period of one year from the date of commencement of the agreement. A bidder is eligible to submit the proposal either for Chandipur or Talasari or for both projects. The complete set of Bid documents are available in the Balasore District portal www.baleswar.nic.in or in Tourist Office, Balasore on payment of **Rs.5,000/- (Rupees Five Thousand)** for each proposal in shape of Bank draft in favour of the Collector, Balasore from **13.03.2020 at 10 A.M. to 23.03.2020 at 5 P.M.**

1. Name of the work : Cleaning and Sanitisation at Chandipur and Talasari Sea Beach, Balasore
2. Date of available of Document : **13.03.2020 at 10 A.M. to 23.03.2020 at 5 P.M.**
3. Date of Pre-Bid Meeting : **17.03.2020 at 11 A.M.**
4. Last date for Submission of Document : **23.03.2020 at 5 P.M.**
5. Date of opening of Technical Bid : **24.03.2020 at 3 P.M.**
6. Date of opening of Financial Bid : **26.03.2020 at 5 P.M.**

Sd./-
Collector & D.M., Balasore



No. D-314

## ODISHA POLICE, OISF, HEADQUARTERS
PLOT NO. 139 (P) KESHARI NAGAR, UNIT - V, BHUBANESWAR

**ବିଜ୍ଞାପନ**

କନେଷ୍ଟବଳ ନମ୍ବର - ୮୮୬ ପ୍ରଶାନ୍ତ ପାତ୍ର
ପିତା - ଶ୍ରୀ ବ୍ରହ୍ମାନନ୍ଦ ପାତ୍ର
ଗ୍ରାମ - ଦେବଗାଁ ପୋ. - ଛତ୍ର
ଥାନା - ଜଗତସିଂହପୁର ଜିଲ୍ଲା - ଜଗତସିଂହପୁର

ଏତଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି ଯେ, ଓ.ଏମ୍.ସି. କାଳିଆପାଣି, ଯାଜପୁର ସ୍ଥିତ ଓ.ଆଇ.ଏସ୍.ଏଫ. କ୍ୟାମ୍ପରୁ ତା.୧୪.୦୯.୨୦୧୯ରିଖ ପୂର୍ବାହ୍ନ ଠାରୁ ଆକସ୍ମିକ ଛୁଟିରୁ ଅନଧିକାରଭାବେ ଦିର୍ଘ ଅନୁପସ୍ଥିତ ଯୋଗୁଁ ଆପଣଙ୍କ ବିରୁଦ୍ଧରେ ବିଭାଗୀୟ ପ୍ରୋସିଡିଙ୍ଗ ନଂ୪୫ ତା.୦୩.୧୨.୨୦୧୯ ରୁଜୁ କରାଯାଇଅଛି ଏବଂ ଏହାର ତଦନ୍ତ ଦାୟୀତ୍ୱ ଶ୍ରୀ ପ୍ରଦିପ୍ତ କୁମାର ମିଶ୍ର, ସୁବେଦାର, ଓ.ଆଇ.ଏସ୍.ଏଫ.ଙ୍କୁ ଦିଆଯାଇଅଛି । ଉକ୍ତ ବିଭାଗୀୟ ପ୍ରୋସିଡିଙ୍ଗର ତଦନ୍ତ ନିମନ୍ତେ ତଦନ୍ତ ଅଧିକାରୀ ଆପଣଙ୍କୁ ଉପସ୍ଥିତ ରହିବା ନିମନ୍ତେ ବାରମ୍ବାର ଆଦେଶ ପତ୍ର ଗୁଡିକୁ ଭାରତୀୟ ଡାକ ସେବା ଦ୍ୱାରା ରେଜଷ୍ଟ୍ରି ପୋଷ୍ଟ ସହିତ ଏଡି ମାଧ୍ୟମରେ ଆପଣଙ୍କ ଘର ଠିକଣାରେ ପ୍ରେରଣ କରିବା ସତ୍ତ୍ୱେ ମଧ୍ୟ ଆପଣ ତଦନ୍ତ ନିମନ୍ତେ ଓ.ଆଇ.ଏସ୍.ଏଫ.ର ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଠାରେ ଉପସ୍ଥିତ ହେଉନାହାନ୍ତି ଏବଂ ଏପର୍ଯ୍ୟନ୍ତ ସ୍ୱଇଛାରେ ଅନୁପସ୍ଥିତ ରହିଅଛନ୍ତି । ଯାହାଫଳରେ କି ଉକ୍ତ ବିଭାଗୀୟ ପ୍ରୋସିଡିଙ୍ଗର ତଦନ୍ତ କାର୍ଯ୍ୟ ସୁଚାରୁ ରୂପେ ଆଗକୁ ବଢିପାରୁନାହିଁ ଏବଂ ତଦନ୍ତରେ ବିଳମ୍ବ ଘଟୁଅଛି ।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ଆପଣ ଓ.ଆଇ.ଏସ୍.ଏଫ. ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଶ୍ରୀ ପ୍ରଦିପ୍ତ କୁମାର ମିଶ୍ର, ସୁବେଦାର, ଓ.ଆଇ.ଏସ୍.ଏଫ.-ତଥା-ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଉପସ୍ଥିତ ହୋଇ ଆପଣଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇଥିବା ବିଭାଗୀୟ ପ୍ରୋସିଡିଙ୍ଗ ନଂ୪୫/୨୦୧୯ ସମ୍ବନ୍ଧରେ ଆପଣଙ୍କ ପକ୍ଷ ରଖିବେ । ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ନିଆଯାଇଥିବା ବିଭାଗୀୟ ପ୍ରୋସିଡିଙ୍ଗର ତଦନ୍ତ କାର୍ଯ୍ୟକୁ ଏକତରଫା ଭାବରେ ବିଚାର କରାଯିବ ।

ସ୍ୱା./-
ଦୁର୍ଗପତି,
ଓ.ଶି.ସୁ.ବ., ଭୁବନେଶ୍ୱର ଖୋର୍ଦ୍ଧା

Address-O/O The Commandant, OISF, At- Plot No. 139 (P) Keshari Nagar, Unit-V Bhubaneswar, Pin-751001 Dist- Khurda E-Mail – comdtoisf.odpol@gov.in
OIPR-12015/11/0038/1920



DSPL - 310

## ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ
୦୮-୧୪ ମାର୍ଚ୍ଚ, ୨୦୨୦

ଗ୍ଲୁକୋମା(କଳାମୋତିଆ)ର ନିୟନ୍ତ୍ରଣ ଓ ସଚେତନତା ପାଇଁ ପ୍ରତି ବର୍ଷ "ବିଶ୍ୱ ଗ୍ଲୁକୋମା ସପ୍ତାହ" ପାଳନ କରାଯାଉଅଛି । ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ ।

**"କଳାମୋତିଆକୁ ଜାଣନ୍ତୁ ଓ ନିଜକୁ ସୁରକ୍ଷିତ ରଖନ୍ତୁ"**

- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ । ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ ।
- ସାଧାରଣତଃ ୪୦ ବର୍ଷ ବା ତଦୁର୍ଦ୍ଧ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ରକ୍ତଚାପ ଆଦି ରୋଗରେ ପୀଡିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ ।
- ୪୦ ବର୍ଷ ବା ତଦୁର୍ଦ୍ଧ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ହେଉଅଛି ।

**ସଠିକ ଚିହ୍ନଟ,ସଠିକ ଉପଚାର**
**କଳାମୋତିଆକୁ ନଥିବ ଡର ।**

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
OIPR-10003/13/0105/1920

" କରୋନା ଭାଇରସ୍ ଭୟ ସତ୍ତ୍ୱେ ଅଷ୍ଟ୍ରେଲିଆନ ଫର୍ମୁଲା ୱାନ୍ ରେସ୍ ଆୟୋଜନ ହେଉଥିବା ମୋତେ ଆଶ୍ଚର୍ଯ୍ୟ ଲାଗୁଛି ।

-ଲୁଇସ୍ ହାମିଲ୍‌ଟନ, ଫର୍ମୁଲାୱାନ ଡ୍ରାଇଭର



" କରୋନା ଭାଇରସ୍ ଆଶଙ୍କାକୁ ନେଇ ଟୋକିଓ ଅଲିମ୍ପିକ୍ସକୁ ବାତିଲ କରିବା କଥା ମନରେ ଆଣିବା କଥା ନୁହେଁ ।

-ୟୁରିକୋ କୋଇକେ, ଟୋକିଓ ଗଭର୍ନର



# କ୍ରୀଡ଼ା ଜଗତରେ କରୋନା କାଣ୍ଡ



- ବିଶ୍ୱରେ ଅଧିକାଂଶ ପ୍ରତିଯୋଗିତା ସ୍ଥଗିତ କିମ୍ବା ବାତିଲ
- ଭାରତରେ ବିନା ଦର୍ଶକରେ ହେବ କ୍ରୀଡ଼ା ଇଭେଣ୍ଟ
- ଖାଲି ଷ୍ଟାଡିୟମରେ ହୋଇପାରେ ଇଣ୍ଡିଆନ ପ୍ରିମିୟର ଲିଗ୍
- ଟୋକିଓ ଅଲିମ୍ପିକ୍ସ ଆୟୋଜନକୁ ନେଇ କଳ୍ପନା ଜଳ୍ପନା

ନୂଆଦିଲ୍ଲୀ, ୧୨।୩ (ପି.ଟି.)

ମାରାତ୍ମକ କରୋନା ଭାଇରସର ପ୍ରଭାବ ଭାରତରେ ମଧ୍ୟ ଦେଖିବାକୁ ମିଳିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଦେଶରେ ନିକଟ ଭବିଷ୍ୟତରେ ଆୟୋଜିତ ହେବାକୁଥିବା ସମସ୍ତ ପ୍ରମୁଖ କ୍ରୀଡ଼ା ଇଭେଣ୍ଟ ବିନା ଦର୍ଶକରେ ରୁଦ୍ଧଦ୍ୱାରରେ କରିବା ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି। କରୋନା ଭାଇରସର ଆତଙ୍କ ସତ୍ତ୍ୱେ କେତେକ ଇଭେଣ୍ଟ ଏଡାଇଦେବା ସହଜ ନୁହେଁ। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଲକ୍ଷ୍ନୌ ଓ କୋଲକାତାଠାରେ ଖେଳାଯିବାକୁଥିବା ଅବଶିଷ୍ଟ ଦୁଇ ଅନ୍ତର୍ଜାତୀୟ ଦିନିକିଆ, ଗୋଆରେ ହେବାକୁ ଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଟୁର୍ଣ୍ଣାମେଣ୍ଟ ଫାଇନାଲ ଏବଂ ରାଜକୋଟଠାରେ ଖେଳାଯାଉଥିବା ରଣଜୀ ଟ୍ରଫି ଫାଇନାଲର ଅନ୍ତିମ ଦିବସ ଖେଳ ବିନା ଦର୍ଶକରେ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସମ୍ପର୍କରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନୀରବତା ଅବଲମ୍ବନ କରିଛି। କିନ୍ତୁ ସରକାର ଯେଉଁ ସୂଚନା ଦେଇଛନ୍ତି ଟୁର୍ଣ୍ଣାମେଣ୍ଟ ଖାଲି ଷ୍ଟାଡିୟମରେ ଆୟୋଜିତ ହୋଇ ପାରେ। ଏହି ଇଭେଣ୍ଟ ମାର୍ଚ୍ଚ ୨୯ରେ ମୁମ୍ବାଇଠାରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଏଣେ ସରକାର ଏପ୍ରିଲ ୧୫ ପର୍ଯ୍ୟନ୍ତ ବିଦେଶୀଙ୍କ ଆଗମନ ଉପରେ କଟକଣା ଜାରି କରିଥିବାରୁ ଆଇପିଏଲରେ ଭାଗ ନେବାକୁ ଥିବା ବିଦେଶୀ ଖେଳାଳିମାନେ ଏହି ସମୟ ମଧ୍ୟରେ ଆସି ପାରିବେ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ଆଇପିଏଲକୁ ଆୟୋଜନ ନ କରିବା ଲାଗି ପରାମର୍ଶ ଦେଇଛନ୍ତି। ତଥାପି ଆୟୋଜକମାନେ ଯଦି ଆୟୋଜନ କରିବାକୁ ଚାହୁଁଛନ୍ତି ଏହା ସେମାନଙ୍କ ନିଷ୍ପତ୍ତି ବୋଲି କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଚଳିତ ଆଇ-ଲିଗ୍‌ର ଅବଶିଷ୍ଟ ମ୍ୟାଚଗୁଡ଼ିକ ଖାଲି ଷ୍ଟାଡିୟମରେ ଆୟୋଜନ କରିବା ଲାଗି କେନ୍ଦ୍ର କ୍ରୀଡ଼ା ସଚିବ ରାଧେଶ୍ୟାମ ଜୁଲାନିୟା ଏକ ସାକ୍ଷାତ୍‌କାରରେ କହିଛନ୍ତି, ଦେଶରେ ହେବାକୁଥିବା କ୍ରୀଡ଼ା ଇଭେଣ୍ଟଗୁଡ଼ିକ ଆୟୋଜିତ ହୋଇପାରିବ, କିନ୍ତୁ ବିନା ଦର୍ଶକରେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ସଦ୍ୟ ଜାରି କରାଯାଇଥିବା ପରାମର୍ଶକୁ ମାନି ଚଳିବା ଲାଗି ବିସିସିଆଇ ସମେତ ସମସ୍ତ ଜାତୀୟ କ୍ରୀଡ଼ା ମହାସଂଘକୁ କୁହାଯାଇଛି। କ୍ରୀଡ଼ା ଇଭେଣ୍ଟଗୁଡ଼ିକ ସମତେ ସମସ୍ତ ପ୍ରକାର ଜନ ସମାବେଶକୁ ଯଥାସମ୍ଭବ ଏଡାଇବା ଲାଗି ପରାମର୍ଶ ଦିଆଯାଇଥିବା ଜୁଲାନିୟା କହିଛନ୍ତି। ଭାରତରେ କରୋନା ଭାଇରସ ଆକ୍ରାନ୍ତଙ୍କ ସଂଖ୍ୟା ଇତିମଧ୍ୟରେ ୭୦ ଅତିକ୍ରମ କରିଛି। ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ କୂଟନୈତିକ ଓ ନିଯୁକ୍ତି ଭଳି କେତେକ କ୍ଷେତ୍ରକୁ ଛାଡ଼ି ଅନ୍ୟ ସମସ୍ତ କ୍ଷେତ୍ରରେ ଭିଜା ପ୍ରଦାନକୁ ସରକାର ବୁଧବାର ସସ୍‌ପେଣ୍ଡ କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ସମଗ୍ର ବିଶ୍ୱରେ ୧୦୦,୦୦୦ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଇତିମଧ୍ୟରେ ୪,୦୦୦ରୁ ଊର୍ଦ୍ଧ୍ୱଙ୍କ ପ୍ରାଣହାନି ଘଟିସାରିଛି। ଭାରତରେ କର୍ଣ୍ଣାଟକ ଓ ଦିଲ୍ଲୀରେ କରୋନା ଭାଇରସ୍ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ହୋଇଥିବାବେଳେ ଏହି ଦୁଇଟି ରାଜ୍ୟ ଆଇପିଏଲ ଟିମ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ବିରାଟ କୋହଲିଙ୍କ ନେତୃତ୍ୱାଧୀନ) ଓ ଦିଲ୍ଲୀ କ୍ୟାପିଟାଲ୍ସ ହୋମ୍ ଗ୍ରାଉଣ୍ଡ ରହିଛି। କରୋନା ଭାଇରସ୍ ଭୟରେ ଚଳିତ ଭାରତୀୟ ସ୍ପୋର୍ଟିଂ କ୍ୟାଲେଣ୍ଡରରେ ସ୍ଥାନ ପାଇଥିବା ଦୁଇଟି ବଡ଼ ଟୁର୍ଣ୍ଣାମେଣ୍ଟ ଯଥା ଶୁଟିଂ ବିଶ୍ୱ କପ୍ ଓ ଇଣ୍ଡିଆନ୍ ଓପନ୍ ଗଲ୍ଫକୁ ସ୍ଥଗିତ ରଖାଯାଇସାରିଛି। ଅନ୍ୟପକ୍ଷରେ ଏସିଆନ ଅଲିମ୍ପିକ କ୍ୱାଲିଫାୟର୍ସରେ ଅଂଶଗ୍ରହଣ କରି ଜୋର୍ଡାନରୁ ଫେରିଥିବା ଭାରତୀୟ ବକ୍ସିଂ ଟିମ୍‌ର ସମସ୍ତ ସଦସ୍ୟ ଡାକ୍ତରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କୁ କିଛିଦିନ ଅଲଗା ରଖାଯାଇଛି। ଏହି ଦଳରେ ୧୩ ଜଣ ବକ୍ସର ଏବଂ ସମାନ ସଂଖ୍ୟକ କୋଚିଂ ଷ୍ଟାଫ ରହିଛନ୍ତି। ବୁଧବାର ଅମାନଠାରେ ଶେଷ ହୋଇଥିବା ଏହି ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୯ଜଣ ଅଲିମ୍ପିକ ଯୋଗ୍ୟତା ହାସଲ କରିବାରେ ସମର୍ଥ ହୋଇଥିବା ଭାରତୀୟ ବକ୍ସିଂ ମହାସଂଘର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆର.କେ. ସାଚେଟି ପ୍ରକାଶ କରିଛନ୍ତି। କରୋନା ଭାଇରସ ଆଶଙ୍କା ଯୋଗୁ ଚଳିତବର୍ଷ ହେବାକୁଥିବା ଟୋକିଓ ଅଲିମ୍ପିକ୍ସକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ତେବେ ଏହି କ୍ରୀଡ଼ା ମହୋତ୍ସବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜୁଲାଇ-ଅଗଷ୍ଟରେ ହେବ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ପ୍ରକାଶ କରିଛି।

## ଅଷ୍ଟ୍ରେଲିଆନ ଗ୍ରାଁପ୍ରିରୁ ଓହରିଲା ମ୍ୟାକ୍‌ଲରେନ

ମେଲବୋର୍ନ, ୧୨।୩ (ଏଏଫ୍‌ପି)-ସିଜନ ଆରମ୍ଭ ଅଷ୍ଟ୍ରେଲିଆନ ଫର୍ମୁଲାୱାନ ଗ୍ରାଁପ୍ରିରୁ ମ୍ୟାକଲରେନ ଟିମ୍ ଓହରିଯାଇଛି। ଟିମ୍‌ର ଜଣେ ସଦସ୍ୟ କରୋନା ଭାଇରସରେ ଆକ୍ରାନ୍ତ ଥିବା ଜଣାପଡ଼ିବା ପରେ ମ୍ୟକଲରେନ ଏହି ନିଷ୍ପତ୍ତି ନେଇଛି। କରୋନା ଭାଇରସ ଦ୍ୱାରା ଆକ୍ରାନ୍ତ ହେଲେ ଯେଉଁ ସବୁ ଲକ୍ଷଣ ଦେଖା ଦିଏ ତାହା ୫ଜଣ ଫର୍ମୁଲା ୱାନ କର୍ମଚାରୀଙ୍କ ନିକଟରେ ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟର ହାସ୍ ଟିମ୍‌ର ୪ ଜଣ ଏବଂ ଅନ୍ୟଜଣେ ମ୍ୟାକଲରେନ୍ ଟିମ୍‌ର କର୍ମଚାରୀ ଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ମ୍ୟାକଲରେନ କର୍ମଚାରୀଙ୍କ ପଜିଟିଭ ଆସିଛି। ଅନ୍ୟମାନଙ୍କ ଫଳାଫଳ ହସ୍ତଗତ ହୋଇନାହିଁ। ବିଶ୍ୱଚାମ୍ପିୟନ ଲୁଇସ୍ ହାମିଲଟନ କହିଛନ୍ତି, ମହାମାରୀ ରୋଗ ବ୍ୟାପିବାରେ ଲାଗିଥିବାରୁ ଭୟର ବାତାବରଣ ସୃଷ୍ଟି ହୋଇଛି। ଏପରିସ୍ଥଳେ ରେସ୍ ଆୟୋଜନ କରାଯାଉଥିବା ତାଙ୍କୁ ବିସ୍ମିତ କରିଛି। ମ୍ୟାକଲରେନର ନିଷ୍ପତ୍ତି ପରେ ଅନ୍ୟ ଅଂଶଗ୍ରହଣକାରୀ ଟିମ୍‌ଗୁଡ଼ିକର ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଛି। ଏପରିକି ରେସ୍‌ର ଆୟୋଜନ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।



## ଖାଲି ଷ୍ଟାଡିୟମରେ ଖେଳାଯିବ ଆଇଏସ୍‌ଏଲ ଫାଇନାଲ

ନୂଆଦିଲ୍ଲୀ, ୧୨।୩(ପି.ଟି.)

କରୋନା ଭାଇରସ ଯୋଗୁ ବିଶ୍ୱରେ ବହୁ କ୍ରୀଡ଼ାଭିତ୍ତିକ ଇଭେଣ୍ଟ ପ୍ରଭାବିତ ହୋଇଛି। ଏଥିରୁ ଫୁଟବଲ ବାଦ୍ ପଡ଼ିନାହିଁ। ବିଶ୍ୱର ବହୁ ଶୀର୍ଷ ସ୍ତରୀୟ ଲିଗ୍ ମ୍ୟାଚ୍ ଏବେ ଖାଲି ଷ୍ଟାଡିୟମରେ ଖେଳାଯାଉଛି। ଏହି ଧାରାରେ ଯୋଡ଼ି ହୋଇଛି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଫାଇନାଲ। ଏଟିକେ ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଏବେ ଖାଲି ଷ୍ଟାଡିୟମରେ ଖେଳାଯିବ। ଏ ନେଇ ଗୁରୁବାର ଆୟୋଜକମାନେ ପ୍ରକାଶ କରିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟର ପରାମର୍ଶ କ୍ରମେ ଲିଗ୍ ଆୟୋଜକ ଫୁଟବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ (ଏଫ୍ଏସ୍‌ଡିଏଲ) ଏହି ନିଷ୍ପତ୍ତି ନେଇଛି।

## ରୋଡ୍ ସେଫ୍‌ଟି ୱାର୍ଲ୍ଡ ସିରିଜ ସାମୟିକ ବାତିଲ

ମୁମ୍ବାଇ, ୧୨।୩ (ପି.ଟି.)- ମହାରାଷ୍ଟ୍ରରେ କରୋନା ଭାଇରସ୍‌ରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଯୋଗୁ ସଡ଼କ ସୁରକ୍ଷା ସଚେତନତା ଲାଗି ମୁମ୍ବାଇରେ ଚାଲିଥିବା 'ରୋଡ୍ ସେଫ୍‌ଟି ୱାର୍ଲ୍ଡ ସିରିଜ' ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ସାମୟିକ ଭାବେ ବାତିଲ କରାଯାଇଛି। ଖେଳାଳି ଏବଂ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସଚିନ ତେନ୍ଦୁଲକର, ୱେଷ୍ଟଇଣ୍ଡିଜର ବ୍ରାଏନ ଲାରାଙ୍କ ପରି ବିଭିନ୍ନ ଦେଶର କିମ୍ବଦନ୍ତୀ ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ପ୍ରଥମେ ଏହି ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ସାମୟିକ ଦର୍ଶକ ବିନା ଷ୍ଟାଡିୟମରେ ଖେଳାଯିବାକୁ ଆୟୋଜକ ନିଷ୍ପତ୍ତି ନେଇଥିଲେ। ଏଥିଲାଗି ନୂଆ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା। ପୁଣେସ୍ଥିତ ଏମ୍‌ସିଏ ଷ୍ଟାଡିୟମରେ ଖେଳାଯିବାକୁଥିବା ଏହି ପ୍ରତିଯୋଗିତାର ମ୍ୟାଚ୍‌କୁ ଆୟୋଜକଙ୍କ ପକ୍ଷରୁ ନଭି ମୁମ୍ବାଇସ୍ଥିତ ଡିୱାଇ ପାଟିଲ ଷ୍ଟାଡିୟମକୁ ସ୍ଥାନାନ୍ତରଣ କରାଯାଇଥିଲା। ଅବଶିଷ୍ଟ ମ୍ୟାଚ୍‌ଗୁଡ଼ିକ ବିନା ଦର୍ଶକରେ ଖେଳାଯାଇଥାନ୍ତା। ଦର୍ଶକ, କ୍ରିକେଟର୍, ସପୋର୍ଟ ଷ୍ଟାଫ୍‌ଙ୍କ ସୁରକ୍ଷାକୁ ନଜରରେ ରଖି ଆୟୋଜକ ଏହି ନିଷ୍ପତ୍ତି ନେଇଥିଲେ। ନୂଆ କାର୍ଯ୍ୟସୂଚୀ ଅନୁଯାୟୀ ମାର୍ଚ୍ଚ ୧୩ରେ ଡିୱାଇ ପାଟିଲ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ଲିଜେଣ୍ଡ୍ସ ଓ ଶ୍ରୀଲଙ୍କା ଲିଜେଣ୍ଡ୍ସ ପରସ୍ପରକୁ ଭେଟିବା କାର୍ଯ୍ୟକ୍ରମ ରହିଥିଲା। ତେବେ ପରବର୍ତ୍ତିକାଳରେ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି। ଖବର ଅନୁସାରେ ବୁଧବାର ସୁଦ୍ଧା ମହାରାଷ୍ଟ୍ରରେ ୧୦ ଜଣ କରୋନା ଭାଇରସ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି।

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ନିଷ୍ପତ୍ତି ନେଇଛି। ତନ୍ମଧ୍ୟରେ କୋଲକାତାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଚାମ୍ପିୟନ ମୋହନ ବାଗାନ ଏବଂ ଇଷ୍ଟବେଙ୍ଗଲ ମ୍ୟାଚ ରହିଛି। ମାର୍ଚ୍ଚ ୨୪ରେ ଆରମ୍ଭ ହେବାକୁଥିବା ଇଣ୍ଡିଆନ ଓପନ ବ୍ୟାଡ୍‌ମିଣ୍ଟନର ଆୟୋଜନ ଦର୍ଶକଙ୍କ ବିନା କରିବା ଟୁର୍ଣ୍ଣାମେଣ୍ଟର ଆୟୋଜକଙ୍କ ନିଷ୍ପତ୍ତି ପରେ ଏଆଇଏଫ୍ଏଫ୍ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଶନିବାର ବସିବାକୁ ଥିବା ଗଭର୍ନିଂ କାଉନ୍‌ସିଲ ବୈଠକରେ ଏଥର ଆଇପିଏଲ କିଭଳି ଆୟୋଜନ ହେବ ସେ ସମ୍ପର୍କ ଆଲୋଚନା ହେବ। ଅନ୍ୟପକ୍ଷରେ ବିସିସିଆଇ ପରିସ୍ଥିତ ଉପରେ ନଜର ରଖିଛି।

## ଆଇପିଏଲ୍‌ରେ ଭାଗ ନେଇପାରିବେନି ବିଦେଶୀ ଖେଳାଳି

ନୂଆଦିଲ୍ଲୀ, ୧୨।୩

ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ତ୍ରୟୋଦଶ ସଂସ୍କରଣ ମାର୍ଚ୍ଚ ୨୯ରୁ ଆରମ୍ଭ ହେବ। ତେବେ ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭାଇରସ ଲାଗି କେନ୍ଦ୍ର ସରକାର ନୂଆ ଭିଜା କଟକଣା ଜାରି କରିଛନ୍ତି। ରାଜନୈତିକ ଓ ରୋଜଗାର ଶ୍ରେଣୀକୁ ଛାଡ଼ି ବଳକା ସମସ୍ତ ପ୍ରକାର ଭିଜାକୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ବାତିଲ କରିଦେଇଛନ୍ତି। ଫଳରେ ଆଇପିଏଲ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ଏବେ ବିଦେଶୀ ଖେଳାଳି ଭାଗନେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏନେଇ ଶନିବାର ଆଇପିଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଗଭର୍ନିଂ କାଉନସିଲ ବୈଠକ ବସିବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଦେଶର ୬୦ ବିଦେଶୀ ଖେଳାଳି ଯେଉଁମାନେ କି ଆଇପିଏଲ୍ ଲାଗି ଭାରତ ଆସିବାକୁ ରହିଛନ୍ତି, ସେମାନଙ୍କ ଭିଜାକୁ ନେଇ ବିସିସିଆଇ ଚିନ୍ତାରେ ରହିଛି। ଏହି ସମସ୍ତ ଖେଳାଳିଙ୍କ ଭିଜା ରଦ୍ଦ କରାଯାଇଛି କି ନାହିଁ ତାହା ସ୍ପଷ୍ଟ ହୋଇ ନ ଥିବା ବିସିସିଆଇ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ବର୍ତ୍ତମାନ ସୁଦ୍ଧା ବିଶ୍ୱରେ ପାଖାପାଖି ୪ ହଜାର ଲୋକ କରୋନା ଭାଇରସ ଲାଗି ମୃତ୍ୟୁବରଣ କରିସାରିଥିବାବେଳେ ଭାରତରେ ୬୨ଜଣ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି।



ଧର୍ମଶାଳାରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚ୍ ଅବସରରେ ମାସ୍କ ପିନ୍ଧି ଦାୟିତ୍ୱ ନିର୍ବାହ କରୁଛନ୍ତି ଜଣେ ସୁରକ୍ଷା ଅଧିକାରୀ।

## ପ୍ରଭାବିତ ବିଭିନ୍ନ କ୍ରୀଡ଼ା

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ କରୋନା ଭାଇରସକୁ ବିଶ୍ୱ ମହାମାରୀଭାବେ ଘୋଷଣା କରାଯାଇଛି। ଏଥିରେ ବିଶ୍ୱର ଅନେକ କ୍ରୀଡ଼ା ପ୍ରଭାବିତ ହୋଇଛି।

### ଆର୍ଚେରୀ
- ବାଂଲାଦେଶର ଢାକାରେ ଫେବୃୟାରୀ ୨୨ରୁ ୨୮ ପର୍ଯ୍ୟନ୍ତ ହେବାକୁଥିବା ଆଇଏସଏସଏଫ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ସ୍ଥଗିତ
- ମେ ୪ରୁ ୧୦ ପର୍ଯ୍ୟନ୍ତ ସାଂଘାଇରେ ହେବାକୁଥିବା ଆର୍ଚେରୀ ବିଶ୍ୱକପ ବାତିଲ।

### ଆଥଲେଟିକ୍ସ
- ନ୍ୟୁୟର୍କ ହାଫ୍ ମାରାଥନ (ମାର୍ଚ୍ଚ-୧୫)ବାତିଲ
- ମାର୍ଚ୍ଚ ୧୩ରୁ ୧୫ ନାନଜିଂ ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍ ସ୍ଥଗିତ
- ମାର୍ଚ୍ଚ ୨୯ରେ ପୋଲାଣ୍ଡର ଗିଡିନିୟା ବିଶ୍ୱ ହାଫ୍ ମାରାଥନ ସ୍ଥଗିତ
- ମାର୍ଚ୍ଚ ୨୯ ହଂକଂ ଏସିଆନ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍ ସ୍ଥଗିତ
- ମାର୍ଚ୍ଚ ୮ ରୋମ୍ ହାଫ୍ ମାରାଥନ ବାତିଲ
- ମାର୍ଚ୍ଚ ୧୫ ବାର୍ସିଲୋନା ମାରାଥନ ସ୍ଥଗିତ
- ମାର୍ଚ୍ଚ ୨୨ ସିଓଲ ମାରାଥନ ବାତିଲ

### ମୋଟର ରେସିଂ
- ମେଲବୋର୍ନ ଫର୍ମୁଲା-୧ ମୋଟର ରେସିଂରୁ ମ୍ୟାକଲରେନ ଓହରିଲା
- ମାର୍ଚ୍ଚ ୨୨ ବାହାରିନ ଗ୍ରାଁ ପ୍ରି ବିନା ଦର୍ଶକରେ ହେବ
- ଏପ୍ରିଲ ୧୯ରେ ହେବାକୁଥିବା ଚାଇନିଜ ଗ୍ରାଁ ପ୍ରି ସ୍ଥଗିତ

### ବ୍ୟାଡ୍‌ମିଣ୍ଟନ
- ଫେବୃୟାରୀ ୨୫ରୁ ମାର୍ଚ୍ଚ ୧ ଚାଇନା ମାଷ୍ଟର୍ସ ସ୍ଥଗିତ
- ଏପ୍ରିଲ ୨୧ରୁ ୨୬ ଚାଇନାର ଉହାନରେ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ମାନିଲା ସ୍ଥାନାନ୍ତର
- ମାର୍ଚ୍ଚ ୫-୮ ପର୍ତ୍ତୁଗୀଜ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ବାତିଲ

### ବାସ୍କେଟବଲ
- ମାର୍ଚ୍ଚ ୧୧ ଏନବିଏ ସ୍ଥଗିତ
- ମହିଳା ଅଲିମ୍ପିକ୍ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ ଚାଇନାର ଫୋଶାନରୁ ସର୍ବିୟାର ବେଲ୍‌ଗ୍ରେଡ ସ୍ଥାନାନ୍ତର
- ମାର୍ଚ୍ଚ ୧୮ରୁ ୨୨ ବେଙ୍ଗାଲୁରୁଠାରେ ହେବାକୁଥିବା ୩x୩ ଅଲିମ୍ପିକ୍ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ ସ୍ଥଗିତ
- ଫିଲିପାଇନ୍ସ-ଥାଇଲାଣ୍ଡ, ଜାପାନ-ଚାଇନା, ଚାଇନା-ମାଲେସିଆ ଏସିଆ କପ୍ ଯୋଗ୍ୟତା ପର୍ଯ୍ୟାୟ ସ୍ଥଗିତ

### କ୍ରିକେଟ
- ବିନା ଦର୍ଶକରେ ହେବ ପାକିସ୍ତାନ ସୁପର ଲିଗ୍
- ଭାରତ-ଦକ୍ଷିଣ ଆଫ୍ରିକା କ୍ରିକେଟ ସିରିଜର ଅବଶିଷ୍ଟ ୨ଟି ମ୍ୟାଚ ଦର୍ଶକଙ୍କ ବିନା ଖେଳାଯିବ।
- ବ୍ୟୟବହୁଳ ଇଣ୍ଡିଆନ ପ୍ରିମିୟର ଲିଗ୍ ମଧ୍ୟ ଦର୍ଶକଙ୍କ ବିନା ଖେଳାଯାଇପାରେ। ମାର୍ଚ୍ଚ ୧୪ରେ ଆଇପିଏଲ କାଉନସିଲ ବୈଠକ ବସି ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ।
- ରୋଡ ସେଫ୍ଟି ୱାର୍ଲ୍ଡ ସିରିଜ ଟି୨୦ ମଧ୍ୟ ପ୍ରଭାବିତ। ଅବଶିଷ୍ଟ ମ୍ୟାଚ କିଛିଦିନ ପାଇଁ ସ୍ଥଗିତ।
- ମାର୍ଚ୍ଚ ୨୧ ଓ ୨୨ରେ ହେବାକୁ ଥିବା ବିଶ୍ୱ ଏକାଦଶ- ଏସିଆ ଏକାଦଶ ମ୍ୟାଚ ସ୍ଥଗିତ।
- ଆଇସିସି ମହିଳା ଟି୨୦ ବିଶ୍ୱକପ ଦେଖିଥିବା ଜଣେ ଦର୍ଶକ କରୋନା ଦ୍ୱାରା ପୀଡ଼ିତ।
- ମାର୍ଚ୍ଚ ୧୪ରୁ ନେପାଳରେ ହେବାକୁଥିବା ଏଭରେଷ୍ଟ ପ୍ରିମିୟର ଲିଗ୍ ସ୍ଥଗିତ।
- ସରେ, ୱର୍ସେଷ୍ଟର ଶାୟାର, ଲଙ୍କାଶାୟାର ପ୍ରି-ସିଜନ ଟୁର୍ ବାତିଲ। ମାର୍ଚ୍ଚ ୨୬ରୁ ମେ ୨୯ ମଧ୍ୟରେ ଥିବା ଆଇସିସି ବୋର୍ଡ ବୈଠକ ସ୍ଥଗିତ କିମ୍ବା ସ୍ଥାନାନ୍ତର ହୋଇପାରେ।
- ପୁରୁଷ କ୍ରିକେଟ ବିଶ୍ୱକପ ଚ୍ୟାଲେଞ୍ଜ ଲିଗ୍ ସ୍ଥଗିତ
- ଥାଇଲାଣ୍ଡରେ ହେବାକୁଥିବା ମହିଳା ଚତୁଃରାଷ୍ଟ୍ରୀୟ କ୍ରିକେଟ ବାତିଲ

### ସାଇକ୍ଲିଂ
- ଫେବୃୟାରୀ ୨୭ରୁ ଆରମ୍ଭ ହୋଇଥିବା ୟୁଏଇ ଟୁର୍ ଅଧାରୁ ବାତିଲ
- ମାର୍ଚ୍ଚ ୨୧ରୁ ହେବାକୁଥିବା ମିଲାନ-ସାନ୍ ରେମୋ ଟୁର୍ ବାତିଲ

### ସ୍ପୋର୍ଟ୍ସ କ୍ଲାଇମ୍ବିଂ
- ଚାଇନାର ଉଜିଆଙ୍ଗଠାରେ ଏପ୍ରିଲ ୧୮-୧୯ରେ ହେବାକୁଥିବା ୱାର୍ଲ୍ଡ କପ୍ ବାତିଲ
- ଚାଇନାର ଚୋଙ୍ଗପିଙ୍ଗ୍‌ଠାରେ ଏପ୍ରିଲ ୨୨ରେ ହେବାକୁଥିବା ବିଶ୍ୱକପ ବାତିଲ

### ଫେନ୍‌ସିଂ
- ମାର୍ଚ୍ଚ ୨୦ରୁ ୨୨ ବୁଦାପେଷ୍ଟରେ ହେବାକୁଥିବା ପୁରୁଷ ସାବେର ବିଶ୍ୱକପ ସ୍ଥଗିତ
- ଆର୍ଜେଣ୍ଟିନାର ବୁଏନ୍ସ ଏଆର୍ସରେ ହେବାକୁଥିବା ପୁରୁଷ ଇପି ବିଶ୍ୱକପ ସ୍ଥଗିତ
- ସିଣ୍ଟ-ନିକ୍‌ଲାସ ମହିଳା ସାବେର ବିଶ୍ୱକପ ସ୍ଥଗିତ
- ତାସ୍‌କେଣ୍ଟ ମହିଳା ଇପି ବିଶ୍ୱକପ ସ୍ଥଗିତ

### ଫିଲ୍ଡ ହକି
- ଫେବୃୟାରୀ ୮,୯ ଚାଇନା-ବେଲଜିୟମ ଏଫଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ସ୍ଥଗିତ।
- ଅଷ୍ଟ୍ରେଲିଆର ସ୍ପେନ, ଜର୍ମାନୀ ଓ ନେଦରଲାଣ୍ଡ୍ସରେ ମାର୍ଚ୍ଚ ୧୪ରୁ ୨୯ ପର୍ଯ୍ୟନ୍ତ ହେବାକୁଥିବା ସମସ୍ତ ପ୍ରୋ ଲିଗ୍ ମ୍ୟାଚ ସ୍ଥଗିତ।
- ଜର୍ମାନୀ ଓ ନେଦରଲାଣ୍ଡ୍ସରେ ହେବାକୁଥିବା ନ୍ୟୁଜିଲାଣ୍ଡର ପ୍ରୋ ଲିଗ୍ ମ୍ୟାଚ ସ୍ଥଗିତ
- ଭାରତୀୟ ମହିଳା ହକି ଦଳର ଚାଇନା ଟୁର୍(ମାର୍ଚ୍ଚ ୧୪-୨୫) ବାତିଲ
- ଆୟର୍ଲାଣ୍ଡ ମହିଳା ହକି ଦଳର ମାଲେସିଆ ଗସ୍ତ (ମାର୍ଚ୍ଚ-ଏପ୍ରିଲ)ବାତିଲ।

### ଫୁଟବଲ
- ଇଣ୍ଡିଆନ ସୁପର ଲିଗ୍‌ର ଫାଇନାଲ ଦର୍ଶକଙ୍କ ବିନା ଖେଳାଯିବ।
- ଆଇ-ଲିଗ୍‌ର ଅବଶିଷ୍ଟ ୨୮ ମ୍ୟାଚ(ମୋହନ ବାଗାନ-ଇଷ୍ଟବେଙ୍ଗଲ ମ୍ୟାଚ ସହିତ) ରୁଦ୍ଧଦ୍ୱାରରେ ଖେଳାଯିବା ସମ୍ଭାବନା ବଢ଼ିଲା।
- ମାର୍ଚ୍ଚ ୨୬ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ସ୍ଥଗିତ।
- ଆର୍ସେନାଲ-ମାଞ୍ଚେଷ୍ଟର ୟୁନାଇଟେଡ ପ୍ରିମିୟର ଲିଗ୍ ମ୍ୟାଚ ସ୍ଥଗିତ।
- ୟୁରୋ ୨୦୨୦ କ୍ୱାଲିଫାଇଂ ପ୍ଲେ-ଅଫ୍ ବିନା ଦର୍ଶକରେ ଖେଳାଯିବ।
- ଏଏଫ୍‌ସି କପ୍‌ର ଇଷ୍ଟ ଜୋନ୍ ପର୍ଯ୍ୟାୟ ସମସ୍ତ ଗ୍ରୁପ ପର୍ଯ୍ୟାୟ ଓ ପ୍ଲେ-ଅଫ୍ ମ୍ୟାଚରେ ବିଳମ୍ବ।
- ଏସିଆନ ପୁରୁଷ ଫୁଟସାଲ ଚାମ୍ପିୟନଶିପ୍ ସ୍ଥଗିତ।

## ସଂକ୍ଷେପରେ

### ସମସ୍ତ ଘରୋଇ ଇଭେଣ୍ଟ ବାତିଲ କଲା ଟେନିସ ଆସୋସିଏଶନ

ନୂଆଦିଲ୍ଲୀ, ୧୨।୩ (ପି.ଟି.)-ସର୍ବଭାରତୀୟ ଟେନିସ୍ ଆସୋସିଏଶନ (ଏଆଇଟିଏ) ଏହାର ସମସ୍ତ ଘରୋଇ ଟୁର୍ନାମେଣ୍ଟକୁ ବାତିଲ ଘୋଷଣା କରିଛି। ଦେଶରେ ମାରାତ୍ମକ କରୋନା ଭାଇରସ୍ ଯେଭଳି ଭାବେ ବ୍ୟାପିବାରେ ଲାଗିଛି ସେଥିରେ ଅଙ୍କୁଶ ଲଗାଇବା ଉଦ୍ୟମ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରଣାଳୟର ପରାମର୍ଶ କ୍ରମେ ଟେନିସ ଆସୋସିଏଶନ ଏହି ନିଷ୍ପତ୍ତି ନେଇଛି। ବାତିଲ ହୋଇଥିବା ଟୁର୍ନାମେଣ୍ଟଗୁଡ଼ିକ ମଧ୍ୟରେ ରହିଛି ଟ୍ୟାଲେଣ୍ଟ ସିରିଜ, ଚାମ୍ପିୟନଶିପ୍ ସିରିଜ, ସୁପର ସିରିଜ, ନ୍ୟାଶନାଲ ସିରିଜ, ଚଳିତମାସ ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ଏଆଇଟିଏର ଉଭୟ ମହିଳା ଓ ପୁରୁଷ ସିରିଜ। ଏହି କଟକଣାର ସମୟସୀମା ଧାର୍ଯ୍ୟ ହୋଇ ନାହିଁ। ଭବିଷ୍ୟରେ କେବେଠାରୁ ଇଭେଣ୍ଟ ଖେଳାଯିବ ତାହା ପରେ ଜଣାଇ ଦିଆଯିବ ବୋଲି ସର୍ବଭାରତୀୟ ଟେନିସ ଆସୋସିଏଶନ ପ୍ରକାଶ କରିଛି।

### ବିଶ୍ୱ ଏକାଦଶ-ଏସିଆ ଏକାଦଶ ମ୍ୟାଚ୍ ସ୍ଥଗିତ

ଢାକା, ୧୨।୩ (ପି.ଟି.)- କରୋନା ଭାଇରସ୍ ଲାଗି ଆଗାମୀ ଦିନରେ ବିଶ୍ୱ ଏକାଦଶ ଓ ଏସିଆ ଏକାଦଶ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ଆୟୋଜକ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ସ୍ଥଗିତ ରଖିଛି। ରାଷ୍ଟ୍ରର ଜନକ ଶେଖ୍ ମୁଜିବୁର୍ ରେହମାନଙ୍କ ଜନ୍ମ ଶତବାର୍ଷିକୀ ଲାଗି ବିସିବି ପକ୍ଷରୁ ଏହି ମ୍ୟାଚ୍‌ର ଆୟୋଜନ କରାଯାଇଥିଲା। ମାର୍ଚ୍ଚ ୨୧ ଓ ୨୨ରେ ଢାକାରେ ଏହି ୨ଟି ମ୍ୟାଚ୍ ଖେଳାଯାଇଥାନ୍ତା। ଯେଉଁଥିରେ ବିରାଟ କୋହଲି, ଲସିଥ୍ ମାଲିଙ୍ଗା, କ୍ରିସ୍ ଗେଲ୍‌ଙ୍କ ପରି ଷ୍ଟାର୍ ଖେଳାଳି ଅଂଶଗ୍ରହଣ କରିଥାନ୍ତେ। 'ଯେଉଁମାନେ ଖେଳିବେ ସେମାନେ ଆସିପାରିବେ କିମ୍ବା ମ୍ୟାଚ୍ ପରେ ଯାଇପାରିବେ ସେ ନେଇ କୌଣସି ଗ୍ୟାରେଣ୍ଟି ନାହିଁ। ଏକ ମାସ ପରେ ସ୍ଥିତିକୁ ଦେଖିକି ଏହି ମ୍ୟାଚ୍ ଆୟୋଜନ ନେଇ ଚିନ୍ତା କରିବୁ' ବୋଲି ବିସିବି ଅଧ୍ୟକ୍ଷ ନାଜମୁଲ ହାସନ କହିଛନ୍ତି।

### ଚିନ୍ତାରେ ସାଇନା, କାଶ୍ୟପ, କିଡାମ୍ବି

ହାଇଦ୍ରାବାଦ୍,୧୨।୩- ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ନୂଆ ନିର୍ଦ୍ଦେଶନାମା ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କୁ ଚିନ୍ତାରେ ପକାଇ ଦେଇଛି। ସାଇନା ନେହ୍ୱାଲ, ତାଙ୍କ ସ୍ୱାମୀ ପାରୁପଲ୍ଲୀ କଶ୍ୟପ, କିଡାମ୍ବି ଶ୍ରୀକାନ୍ତ ଅଲ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଛନ୍ତି। କିନ୍ତୁ ଏବେ ସେମାନଙ୍କ ଭାରତ ଫେରିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାଶ୍ୟପ ଟୁଇଟ୍ କରି ଲେଖିଛନ୍ତି, ଆମେ ଏକ ଟୁର୍ନାମେଣ୍ଟ ପାଇଁ ବର୍ମିଂହାମ ଆସିଛୁ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ନୂଆ ନିର୍ଦ୍ଦେଶନାମ ସମ୍ପର୍କରେ ଅଧିକ ଜାଣିନାହୁଁ। ଆମେ ତୁରନ୍ତ ସ୍ୱାସ୍ଥ୍ୟା ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ସହ କଥା ହୋଇପାରିବୁ କି? ଉଲ୍ଲେଖଯୋଗ୍ୟ ଫେବୃଆରୀ ୧୫ ତାରିଖ ପରେ କରୋନା ଦ୍ୱାରା ପ୍ରଭାବିତ ଦେଶ ଚାଇନା, କୋରିଆ, ଫ୍ରାନ୍ସ, ସ୍ପେନ ଓ ଜର୍ମାନୀରୁ ଭାରତକୁ ଫେରୁଥିବା ଯାତ୍ରୀଙ୍କୁ ୧୪ ଦିନ କ୍ୱାରାଣ୍ଟାଇନରେ ରଖାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ଏହାର ଅର୍ଥ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାରତକୁ ଫେରିଲା ପରେ ଇଣ୍ଡିଆ ଓପନରେ ଖେଳିପାରିବେ ନାହିଁ, ଯାହାକି ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ଲାଗି ଗୁରୁତ୍ୱପୂର୍ଣ୍ଣ।

### ମହିଳା ଟି୨୦ ବିଶ୍ୱକପ୍ ଫାଇନାଲରେ କରୋନା ଆକ୍ରାନ୍ତ ଦର୍ଶକ

ମେଲବୋର୍ନ,୧୨।୩(ପି.ଟି.)- ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ(ଏମ୍‌ସିଜି)ଠାରେ ଗତ ୮ ତାରିଖରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ମହିଳା ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଯୋଗଦେଇଥିବା ଜଣେ ଦର୍ଶକ କରୋନା ଭାଇରସରେ ପୀଡ଼ିତ ଥିଲେ। କିନ୍ତୁ ତାଙ୍କଠାରୁ ଭାଇରସ ବ୍ୟାପିବାର ସମ୍ଭାବନା ଖୁବ୍ କମ ଥିଲା। ରବିବାର ମହିଳା ଟି୨୦ ବିଶ୍ୱକପ୍ ବେଳେ ମେଲବୋର୍ନରେ ଉପସ୍ଥିତ ଥିବା ଜଣେ ଦର୍ଶକ ଏବେ କରୋନା ପୀଡ଼ିତ। ତାଙ୍କ ଉପଚାର ଚାଲିଛି ବୋଲି ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଉକ୍ତ ବ୍ୟକ୍ତିଙ୍କଠାରେ ଥିବା ଭାଇରସ ଆଖପାଖରେ ଥିବା ଲୋକଙ୍କୁ ବ୍ୟାପିବାର ଖୁବ୍ କମ ସମ୍ଭାବନା ଥିଲା। ଉକ୍ତ ଦର୍ଶକ ନର୍ଦନ ଷ୍ଟାଣ୍ଡର ଲିଭେଲ ୨ର ଏନ୍୪୨ ସେକଶନରେ ବସିଥିଲେ।

# ରୋମାଞ୍ଚକ ମୋଡ଼ରେ ଫାଇନାଲ

**ରଣଜୀ ଟ୍ରଫି**

ରାଜକୋଟ୍,୧୨।୩ (ପି.ଟି.)

ଦେଶର ସର୍ବବୃହତ୍ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ଫାଇନାଲ ମ୍ୟାଚ୍ ରୋମାଞ୍ଚକ ମୋଡରେ ପହଞ୍ଚିଛି। ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଚାଲିଥିବା ଏହି ଫାଇନାଲ ମ୍ୟାଚ୍ ଅମୀମାଂସିତ ହେବା ଏକପ୍ରକାର ନଶ୍ଚିତ। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଫାଇନାଲ ମ୍ୟାଚର ଫଳାଫଳ ନିର୍ଣ୍ଣୟ କରାଯିବ। ତେଣୁ ମ୍ୟାଚ୍‌ର ପଞ୍ଚମ ତଥା ଅନ୍ତିମ ଦିବସର ଖେଳ ଉପରେ ସମସ୍ତଙ୍କ ନଜର ରହିଛି।

ଟସ୍ ଜିତି ସୌରାଷ୍ଟ୍ର ପ୍ରଥମ ଇନିଂସରେ ୧୭୧.୫ ଓଭରରେ ୪୨୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ବେଙ୍ଗଲ୍ ଗୁରୁବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୪୭ ଓଭରରେ ୬ ଉଇକେଟ ହରାଇ ୩୫୪ ରନ ସଂଗ୍ରହ କରିଛି। ଫଳରେ ବେଙ୍ଗଲ ୪ ଉଇକେଟ ହାତରେ ରଖି ୭୧ ରନ ପଛରେ ପଡିଛି। ଇନିଂସ ଅଗ୍ରଣୀ ହେବା ପାଇଁ ବେଙ୍ଗଲ୍ ଆଉ ୭୨ ରନ ଆବଶ୍ୟକ କରୁଥିବା ବେଳେ ସୌରାଷ୍ଟ୍ର ୪ ଉଇକେଟ ଦରକାର କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଅନୁଷ୍ଟୁପ୍ ମଜୁମ୍‌ଦାର ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ଅର୍ଣ୍ଣବ ନନ୍ଦୀ ୨୮ ରନ କରି ଅପରାଜିତ ରହିଛନ୍ତି। ସପ୍ତମ ଉଇକେଟରେ ନନ୍ଦୀ ଓ ମଜୁମ୍‌ଦାର ଅପରାଜିତ ୯୧ ରନ କରି ସୌରାଷ୍ଟ୍ରକୁ ନିରାଶ କରିଛନ୍ତି। ଜୟଦେବ ଉନାଡ଼କଟଙ୍କ ବୋଲିଂବେଳେ ଅଙ୍ଗୁଳିରେ ଆଘାତ ପାଇଥିଲେ। ଅନ୍ୟପକ୍ଷରେ ମଜୁମ୍‌ଦାର ସାହସ ଦେଖାଇ ଲଢୁଆ ବ୍ୟାଟିଂ କରି ବେଙ୍ଗଲକୁ ବିଜୟ ନିକଟତର କରିଛନ୍ତି। ନନ୍ଦୀ ମଧ୍ୟ ମଜୁମ୍‌ଦାରଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିଛନ୍ତି। ଘରୋଇ ସୌରାଷ୍ଟ୍ର ଦଳର ଦୁର୍ବଳ ଫିଲ୍ଡିଂର ଫାଇଦା ଉଠାଇ ବେଙ୍ଗଲ ଚତୁର୍ଥ ଦିନ ଅନ୍ତିମ ସେସନରେ ୯୦ ରନ ସଂଗ୍ରହ କରିଥିଲା। ମଜୁମ୍‌ଦାର ୧୦ ରନ କରିଥିବା ବେଳେ ପ୍ରଥମ ସ୍ଲିପ୍‌ରେ ହାର୍ଭିକ ଦେଶାଇ ତାଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ। ଏହା ସୌରାଷ୍ଟ୍ର ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛି।

ତୃତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୩୪/୩ରୁ ଖେଳ ଆରମ୍ଭ କରିଥିଲା ବେଙ୍ଗଲ। ଓଭରନାଇଟ ବ୍ୟାଟ୍ସମ୍ୟାନ ସୁଦୀପ ଚାଟାର୍ଜୀ ଓ ରିଦ୍ଧିମାନ ଶାହା ଯଥାକ୍ରମେ ୪୭ ଓ ୪ ରନରୁ ଖେଳ ଆରମ୍ଭ କରିଥିଲେ। ତେବେ ଚାଟାର୍ଜୀ ୮୧ ରନ କରିଥିବା ବେଳେ ଧର୍ମେନ୍ଦ୍ରସିନ ଜାଡେଜାଙ୍କ ବଲ୍‌ରେ ଶର୍ଟ ଲେଗ୍‌ରେ ଭିସବରାଜ ଜାଡେଜାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ରିଦ୍ଧିମାନ ୬୪ ରନ କରିଥିବା ବେଳେ ପ୍ରେରକ ମଙ୍କଡଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଚତୁର୍ଥ ଉଇକେଟରେ ଚାଟାର୍ଜୀ ଓ ରିଦ୍ଧିମାନ ଲଢୁଆ ୧୦୧ ରନର ଭାଗୀଦାରି ସ୍ଥାପନ କରି ବେଙ୍ଗଲ ଆଶା ଉଜ୍ଜୀବିତ ରଖିଥିଲେ ଓ ସୌରାଷ୍ଟ୍ର ବୋଲରଙ୍କୁ ହତାଶ କରିଥିଲେ। ମର୍ନିଂ ସେସନରେ ସୌରାଷ୍ଟ୍ର ଗୋଟିଏ ହେଲେ ବି ଉଇକେଟ ହାସଲ କରିପାରି ନ ଥିଲା। ଏହାପରେ ୧୬ ରନ କରି ଶାହାବାଜ ଅହମ୍ମଦ ଚେତନ ସାକାରିୟାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ବୋଲିଂରେ ସୌରାଷ୍ଟ୍ର ତରଫରୁ ଜାଡେଜା ଓ ମଙ୍କଡ ୨ଟି ଲେଖାଏ, ସାକାରିୟା ଓ ଚିରାଗ ଜାନୀ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**
ସୌରାଷ୍ଟ୍ର ପ୍ରଥମ ଇନିଂସ: ୪୨୫ ଅଲଆଉଟ।

ବେଙ୍ଗଲ ପ୍ରଥମ ଇନିଂସ: ୩୫୪/୬ (ଚାଟାର୍ଜୀ- ୮୧, ରିଦ୍ଧିମାନ- ୬୪, ମଜୁମ୍‌ଦାର- ୫୮*, ନନ୍ଦୀ- ୨୮*, ଧର୍ମେନ୍ଦ୍ରସିନ ଜାଡେଜା- ୨/୧୦୬, ପ୍ରେରକ ମଙ୍କଡ- ୨/୪୫, ସାକାରିୟା- ୧/୫୨, ଜାନୀ- ୧/୩୨)।


ଅନୁଷ୍ଟୁପ ମଜୁମଦାର




### ସିରିଜ ଜିତିଲା ବାଂଲାଦେଶ

ଢାକା, ୧୨।୩ (ଏଏଫ୍‌ପି)- ଭ୍ରମଣକାରୀ ଜିମ୍ବାୱେ ବିପକ୍ଷରେ ଏଠାରେ ଅନୁଷ୍ଠିତ ୨ୟ ଟି୨୦ ମ୍ୟାଚ୍‌କୁ ବାଂଲାଦେଶ ୯ ଉଇକେଟ୍‌ର ବୃହତ୍ ବ୍ୟବଧାନରେ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ବ୍ରେଣ୍ଡନ ଟେଲରଙ୍କ ଅପରାଜିତ ୫୯ ରନ ବଳରେ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୧୯ ରନ କରିଥିଲା। ଜବାବରେ ବାଂଲାଦେଶ ୧୫.୫ ଓଭରରେ ଗୋଟିଏ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ଲିଟନ ଦାସ (୬୦) ଓ ସୌମ୍ୟ ସରକା (୨୦) ଅପରାଜିତ ରହି ଦଳକୁ ଜିତାଇଥିଲେ। ମ୍ୟାଚ୍ ଜିତିବା ସହ ଘରୋଇ ବାଂଲାଦେଶ ୨ ମ୍ୟାଚ୍ ବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି। ପୂର୍ବରୁ ପ୍ରଥମ ଟି୨୦କୁ ମଧ୍ୟ ବାଂଲାଦେଶ ୪୮ ରନରେ ଜିତିଥିଲା।

## ବର୍ଷା ଧୋଇନେଲା ପ୍ରଥମ ଦିନିକିଆ

ଧର୍ମଶାଳା,୧୨।୩(ପି.ଟି.)

ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଅଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଦିନିକିଆ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଛି। ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଲଗାତର ବର୍ଷା କାରଣରୁ ଧୋଇଯାଇଛି। ମ୍ୟାଚ୍‌ରେ ଟସ୍ ପଡିପାରି ନ ଥିଲା ଓ ଗୋଟିଏ ହେଲେ ବି ବଲ୍ ବୋଲିଂ କରାଯାଇ ନ ଥିଲା। ଫଳରେ ଆୟୋଜକଙ୍କ ସମେତ କ୍ରିକେଟ ପ୍ରଶଂସକମାନେ ନିରାଶ ହୋଇଛନ୍ତି। ଖରାପ ପାଗ ଯୋଗୁ ଗତ ୬ ମାସ ମଧ୍ୟରେ ଏହି ଷ୍ଟାଡିୟମରେ ଦୁଇଟି ମ୍ୟାଚ୍ ବାତିଲ ହୋଇଛି। ସଂଯୋଗବଶତଃ ବାତିଲ ହୋଇଥିବା ଅନ୍ୟ ମ୍ୟାଚ୍‌ଟି ମଧ୍ୟ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗତ ସେପ୍ଟେମ୍ବର ମାସରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା।

ଉତ୍ତର ପାକିସ୍ତାନ ଏବଂ ଜମ୍ମୁ-କଶ୍ମୀରରେ ଦେଖାଦେଇଥିବା ୱେଷ୍ଟର୍ନ ଡିଷ୍ଟର୍ବାନ୍ସ କାରଣରୁ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିଲା। ଇନ୍ଦ୍ରଦେବଙ୍କୁ ପ୍ରସନ୍ନ କରିବା ପାଇଁ ପ୍ରଶଂସକମାନେ ସ୍ଥାନୀୟ ଇନ୍ଦ୍ରୁନାଗ ମନ୍ଦିରରେ ପ୍ରାର୍ଥନା କରିଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା। ବୁଧବାର ଦୁଇ ଦଳ ଅଭ୍ୟାସ କରୁଥିବା ଅବସରରେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା। ଫଳରେ ପଡିଆର ଅଧିକାଂଶ ଅଞ୍ଚଳକୁ ଆୟୋଜକମାନେ ଘୋଡାଇ ରଖିଥିଲେ। ଗତ ରାତିସାରା ମଧ୍ୟ ପ୍ରବଳ ବର୍ଷା ହୋଇଥିଲା। ଏହି କାରଣ ଯୋଗୁ ଟସ୍ ପଡିବାରେ ମଧ୍ୟ ବିଳମ୍ବ ହୋଇଥିଲା। ସୁପର ସପ୍ପର୍ସରେ ପଡିଆକୁ ଶୁଖାଇବାକୁ ପ୍ରୟାସ କରାଯାଇଥିଲା। ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ପଡିଆ ଖେଳ ଉପଯୋଗୀ ହୋଇପାରି ନ ଥିଲା। ସନ୍ଧ୍ୟା ୬.୩୦ କଟ୍- ଅଫ୍ ଟାଇମ୍‌ରେ ୨୦ ଓଭରବିଶିଷ୍ଟ ମ୍ୟାଚ ଖେଳାଯିବାର ଥିଲା। ତେବେ ଶେଷରେ ଫିଲ୍ଡ ଅମ୍ପାୟରମାନେ ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଶ୍ୱବ୍ୟାପୀ ଦେଖାଦେଇଥିବା କରୋନା ଭାଇରସ ଆତଙ୍କ କାରଣରୁ ଟିକେଟ ବିକ୍ରି ମଧ୍ୟ ପ୍ରଭାବିତ ହୋଇଥିଲା। ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଆସନ୍ତା ୧୫ ତାରିଖରେ ଲକ୍ଷ୍ନୌରେ ଓ ତୃତୀୟ ମ୍ୟାଚ୍ ୧୮ ତାରିଖରେ କୋଲକାତାର ଐତିହାସିକ ଇଡେନ ଗାର୍ଡେନରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।



## କରୋନାରେ ଆକ୍ରାନ୍ତ ଜୁଭେଣ୍ଟସ ଡିଫେଣ୍ଡର ରୁଗାନି

ମିଲନ,୧୨।୩(ଏଏଫ୍‌ପି)

ଜୁଭେଣ୍ଟସ ଓ ଇଟାଲି ଡିଫେଣ୍ଡର ଡାନିଏଲ ରୁଗାନି ପ୍ରଥମ ସିରି ଏ' ଫୁଟବଲର ଭାବେ କରୋନା ଭାଇରସରେ ଆକ୍ରାନ୍ତ ହୋଇଛନ୍ତି। ଇଟାଲିଆନ ଚାମ୍ପିୟନ କ୍ଲବ ଏହା ସ୍ପଷ୍ଟ କରିଛି। ୨୫ ବର୍ଷୀୟ ଡାନିଏଲଙ୍କ ସମେତ ତାଙ୍କ ସମ୍ପର୍କରେ ଆସିଥିବା ପ୍ରତ୍ୟେକଙ୍କୁ ନିୟମ ଅନୁସାରେ ଅଲଗା ରଖାଯାଇଛି। କରୋନା ଭାଇରସ ଯୋଗୁ ଇଟାଲିରେ ମୃତ୍ୟୁ ସଂଖ୍ୟା ୮୨୭ରେ ପହଞ୍ଚିଥିବାବେଳେ ୧୨ ହଜାର ଆକ୍ରାନ୍ତ ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ରହିଛନ୍ତି କିଛି ସିରି ସି' ଲିଗ୍‌ର ଖେଳାଳି। ଗତ ୭ ବର୍ଷ ହେଲା ରୁଗାନି ଜୁଭେଣ୍ଟସ ପାଇଁ ଖେଳୁଛନ୍ତି। ଚଳିତ ସିଜନରେ ସେ କେବଳ ୩ ମ୍ୟାଚ୍ ଖେଳିଛନ୍ତି। ଦେଶରେ ସମସ୍ତ କ୍ରୀଡ଼ାଭିତ୍ତିକ ଇଭେଣ୍ଟକୁ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ବାତିଲ କରି ଦିଆଯାଇଛି। କିନ୍ତୁ ଚାମ୍ପିୟନ୍ସ ଲିଗ୍ ଓ ୟୁରୋପା ଲିଗ୍ ସମ୍ପର୍କରେ କେବଳ ୟୁଫା ନିଷ୍ପତ୍ତି ନେଇପାରିବ। ଜୁଭେଣ୍ଟସ ଦଳ ଆସନ୍ତା ମଙ୍ଗଳବାର ଲିଓନ ବିପକ୍ଷରେ ତା'ର ଚାମ୍ପିୟନ୍ସ ଲିଗ୍ କ୍ୱାର୍ଟର ଫାଇନାଲର ଦ୍ୱିତୀୟ ଲେଗ୍ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଖାଲି ଷ୍ଟାଡିୟମରେ ଖେଳାଯିବ। ଏଥିଲାଗି ଜୁଭେଣ୍ଟସ ଦଳ ତା'ର ଟ୍ରେନିଂ ଜାରି ରଖିଛି। ଦଳର ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଏବେ ପର୍ତ୍ତୁଗାଲରେ ଅଛନ୍ତି। ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ନାହିଁ।

## ପ୍ରଭାବଶାଳୀ ମହିଳା ତାଲିକାରେ ନୀତା

ଭୁବନେଶ୍ୱର,୧୨।୩(ସ୍ପୋର୍ଟ୍ସ ବ୍ୟୁରୋ)

ଆଇପିଏଲ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସ ଦଳର ମାଲିକାଣୀ ତଥା ରିଲାଏନ୍ସ ଫାଉଣ୍ଡେଶନର ଅଧ୍ୟକ୍ଷା ନୀତା ଅମ୍ବାନି ୨୦୨୦ କ୍ରୀଡ଼ାକ୍ଷେତ୍ରରେ ସବୁଠୁ ପ୍ରଭାବଶାଳୀ ଟପ୍ ୧୦ ମହିଳାଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ଟେନିସ ତାରକା ସେରେନା ୱିଲିୟମସ ଓ ଜିମ୍ନାଷ୍ଟିକ ସିମୋନ ବାଇଲସଙ୍କ ନାମ ମଧ୍ୟ ରହିଛି। କ୍ରୀଡ଼ା ବ୍ୟବସାୟ ନେଟୱର୍କ ଆଇସ୍ପୋର୍ଟକନେକ୍ଟ ପକ୍ଷରୁ ଗୁରୁବାର ଚଳିତ ବର୍ଷର କ୍ରୀଡ଼ାରେ ସବୁଠାରୁ ପ୍ରଭାବଶାଳୀ ମହିଳାଙ୍କ ତାଲିକା ପ୍ରକାଶ କରାଯାଇଛି। ପ୍ରଥମେ ୨୫ ଜଣଙ୍କୁ ନେଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ବିଶେଷଜ୍ଞ କମିଟିର ମତାମତ ଅନୁଯାୟୀ ଟପ୍ ୧୦ ମହିଳାଙ୍କୁ ବଛାଯାଇଛି। ବିଶେଷଜ୍ଞ କମିଟିରେ ଟେଲଷ୍ଟ୍ରାର ଗ୍ଲୋବାଲ ସେଲସ୍ ହେଡ୍ ଆନ୍ନା ଲକଉଡ, ୱାଇ ସ୍ପୋର୍ଟ୍ସ ମ୍ୟାନେଜିଂ ପାର୍ଟନର ତଥା ଓମେନ ଇନ ସ୍ପୋର୍ଟ୍ସର ପୂର୍ବତନ ଅଧ୍ୟକ୍ଷା ସେଲି ହାଙ୍କକ୍, ଆଇସିସି ପାଇଁ ଗଣମାଧ୍ୟମ ସ୍ୱତ୍ୱାଧିକାରର ପୂର୍ବତନ ମୁଖ୍ୟ ଆରତି ଦେବାସ ଓ ଆଇସ୍ପୋର୍ଟ୍ସକନେକ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରଣୀ ବର୍ମା ସଦସ୍ୟା ଥିଲେ। ଆଇସ୍ପୋର୍ଟ୍ସକନେକ୍ଟର ପକ୍ଷରୁ ନୀତିଙ୍କ ସମ୍ପର୍କରେ କୁହାଯାଇଛି, ନୀତାଙ୍କ ନେତୃତ୍ୱରେ ମୁମ୍ବାଇ ଫ୍ରାଞ୍ଚାଇଜ ଆଇପିଏଲର ସବୁଠୁ ସଫଳ ଦଳ ହୋଇପାରିଛି ଓ ସେ ଦେଶର ବିଭିନ୍ନ କ୍ରୀଡ଼ା ପ୍ରକଳ୍ପ ସହ ଜଡ଼ିତ। ୨୦୨୦ କ୍ରୀଡ଼ାକ୍ଷେତ୍ରରେ ସବୁଠୁ ପ୍ରଭାବଶାଳୀ ଟପ୍ ୧୦ ମହିଳାଙ୍କ ତାଲିକାରେ ଜିମ୍ନାଷ୍ଟିକ ସିମୋନ ବାଇଲସ, ଫୁଟବଲ ଖେଳାଳି ମେଗାନ ରାପିନୋ, କିମ୍ବଦନ୍ତୀ ଟେନିସ ଖେଳାଳି ସେରେନା ୱିଲିୟମସ, ନାଓମି ଓସାକା, ଫର୍ମୁଲା ୱାନ ବିପଣନ ଓ ଯୋଗାଯୋଗ ନିର୍ଦ୍ଦେଶିକା ଏଲି ନୋରମାନ, ଡବ୍ଲ୍ୟୁଏନ୍‌ବିଏ କମିଶନର କ୍ୟାଥି ଏଞ୍ଜେଲବର୍ଟ, ଫିଫା ସାଧାରଣ ସମ୍ପାଦକ ଫାତମା ସାମୋଉରା, ପାରା ଅଲିମ୍ପିକ୍ସର ସିଇଓ ମେରି ଡେଭିସ ଓ ମହିଳା କ୍ରିକେଟ ଇସିବିର ପରିଚାଳନା ନିର୍ଦ୍ଦେଶିକା କ୍ଲୋୟାର କନୋର। ନୀତା ଅମ୍ବାନି ୨୦୧୪ ଜୁନରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ବୋର୍ଡରେ ସାମିଲ ହୋଇଥିଲେ। ତାଙ୍କ ମାଲିକାନାରେ ମୁମ୍ବାଇ ଇଣ୍ଡିଆନ୍ସ ୪ ଥର ଆଇପିଏଲ ଚାମ୍ପିୟନ ହୋଇଛି। ଆଇସ୍ପୋର୍ଟ୍ସକନେକ୍ଟର ତରଫରୁ ପ୍ରକାଶ କରାଯାଇଛି, ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତୀୟ ଟେନିସ ତାରକା ସାନିଆ ମିର୍ଜା ଓ ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ମିତାଲି ରାଜଙ୍କ ନାମ ସ୍ଥାନ ପାଇଥିଲା।


ନୀତା ଅମ୍ବାନୀ

## ଟୋକିଓ ଅଲିମ୍ପିକ୍ସ ମଶାଲରେ ଅଗ୍ନି ସଂଯୋଗ

ଅଲିମ୍ପିଆ (ଗ୍ରୀସ୍), ୧୨।୩ (ଏଏଫ୍‌ପି)

ଟୋକିଓ ଅଲିମ୍ପିକ୍ସ ପାଇଁ ମଶାଲରେ ଅଗ୍ନି ସଂଯୋଗ ଉତ୍ସବ ଗୁରୁବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଜଣେ ଅଭିନେତ୍ରୀ ପ୍ରାଚୀନ ନାରୀ ଧର୍ମାଧୀଶ ବେଶରେ ସୁସଜ୍ଜିତ ହୋଇ ଅବତଳ ଦର୍ପଣ ସହାୟତାରେ ସୂର୍ଯ୍ୟକିରଣରୁ ଅଗ୍ନି ସଂଯୋଗ କରିଥିଲେ। କରୋନା ଭାଇରସ ଆଶଙ୍କା ଯୋଗୁ ଉତ୍ସବରେ ସାଧାରଣ ଦର୍ଶକଙ୍କୁ ବାରଣ କରାଯାଇଥିଲା। ମାର୍ଚ୍ଚ ୧୯ରେ ଟୋକିଓ ଅଲିମ୍ପିକ୍ସ ଆୟୋଜକଙ୍କ ନିକଟରେ ହସ୍ତାନ୍ତର ପୂର୍ବରୁ ଗ୍ରୀସ୍‌ରେ ଏକ ସପ୍ତାହ ଧରି ମଶାଲ ରିଲେ ଅନୁଷ୍ଠିତ ଅନୁଷ୍ଠିତ ହେବ। ଜାପାନକୁ ଅଲିମ୍ପିକ ମଶାଲ ଯାତ୍ରା ଆରମ୍ଭ ହୋଇଛି ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସଖ ବ୍ୟାକ୍ କହିଛନ୍ତି।

## କ୍ୱାର୍ଟରରେ ସିନ୍ଧୁ

ହାଇଦ୍ରାବାଦ୍,୧୨।୩

ଭାରତୀୟ ଷ୍ଟାର ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ସମ୍ମାନଜନକ ଅଲ ଇଂଲଣ୍ଡ ଚାମ୍ପିୟନଶିପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ କୋରିଆର ଜି ହ୍ୟୁନ ସୁଙ୍ଗଙ୍କୁ ୨୧-୧୯, ୨୧-୧୫ ଗେମ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଯୁବ ଖେଳାଳି ଲକ୍ଷ୍ୟ ସେନ ଦ୍ୱିତୀୟ ସିଡ୍ ଡେନ୍‌ମାର୍କ ଖେଳାଳି ଭିକ୍ଟର ଆକ୍ସେସେନଙ୍କଠାରୁ ପରାସ୍ତ ହୋଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଲକ୍ଷ୍ୟ ୧୭-୨୧, ୧୮-୨୧ ସିଧାସଳଖ ଗେମ୍‌ରେ ପରାଜୟ ବରଣ କରିଛନ୍ତି। ଏକମାତ୍ର ଭାରତୀୟ ପୁରୁଷ ଖେଳାଳି ଭାବେ ଲକ୍ଷ୍ୟ ପ୍ରଥମ ରାଉଣ୍ଡ ଅତିକ୍ରମ କରିଥିଲେ।

## ଓଡ଼ିଶାକୁ ରୌପ୍ୟ ପଦକ

**ଶୀତକାଳୀନ ଖେଲୋ ଇଣ୍ଡିଆ ଆଇସ୍ ଷ୍ଟକ୍ ସ୍ପୋର୍ଟ୍ସ**

ଭୁବନେଶ୍ୱର, ୧୨।୩(କ୍ରୀଡ଼ା ପ୍ରତିନିଧି)

ଗତ ୭ ରୁ ୧୧ ପର୍ଯ୍ୟନ୍ତ ଜମ୍ମୁ କଶ୍ମୀରର ଗୁଲମର୍ଗଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ଶୀତକାଳୀନ ଆଇସ୍ ଷ୍ଟକ୍ ସ୍ପୋର୍ଟ୍ସର ଟାର୍ଗେଟ ଇଭେଣ୍ଟରେ ଓଡ଼ିଶା ଦଳ ରୌପ୍ୟ ପଦକଲାଭ କରିଛି। ଏଥିରେ ୧୫ଟି ରାଜ୍ୟର ୧୨୦ ଖେଳାଳି ଭାଗ ନେଇଥିଲେ। ଓଡ଼ିଶା ଦଳର ସଦସ୍ୟଥିବା ଖେଳାଳିମାନେ ହେଲେ ଅନୁଜ ଚୌଧୁରୀ, ହାର୍ଦ୍ଦିକ ଶର୍ମା, ସୋନୁ ସେମେଲିଆ ଓ ଆକାଶ କୁମ୍ଭାର। ଦଳର କୋଚ ଥିଲେ ପ୍ରେମ ସିଂ ଥାପ୍ପା ଏବଂ ଟିମ ମାନେଜର୍ ଥିଲେ ମାରୀ ନାଇଡୁ ଓ ସୁମନ ଶର୍ମା। ଚାମ୍ପିୟନ ଦଳ ପହଞ୍ଚିବା ପରେ ଓଡ଼ିଶା ଆଇସ ଷ୍ଟକ୍ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଝାରସୁଗୁଡା ରେଳ ଷ୍ଟେଶନରେ ଭବ୍ୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଏଥିରେ ୟଙ୍ଗ ଷ୍ଟାର୍ ଚ୍ୟାରିଟେବୁଲ୍, ବରିଷ୍ଠ ନାଗରିକ ସଂଘ, ଇନ୍ଦ୍ରା ଦେବୀ ସୁଲତାନୀୟା ମେମୋରିଆଲ ଟ୍ରଷ୍ଟ, ଖୀଦମତ କମିଟି, ମାରୱାଡ଼ି ଯୁବା ମଞ୍ଚ (ଜାଗୃତି ଶାଖା)ରୁ ଅରବିନ୍ଦ ବାରିକ୍, ଆଲୋକ ଚନ୍ଦ୍ର ପାଣଗ୍ରାହୀ, ସୋନୁ ଯାଦବ, ଅର୍ଜୁନ ମୋର, ବାଳଗୋବିନ୍ଦ ମିଶ୍ର, ପୱନ୍ ସୁଲତାନୀ, ଏମ୍.ଡି. ନାସିର ଓ ବବିତା ମୋଦି ପ୍ରମୁଖ ଉପସ୍ଥିତ ଥିଲେ।


ରୌପ୍ୟ ପଦକ ବିଜୟୀ ଓଡ଼ିଶା ଦଳର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ରୁଷିଆକୁ ଅର୍ଥ ଦଣ୍ଡ

ମୋନାକୋ,୧୨।୩(ଏଏଫ୍‌ପି)

ବିଶ୍ୱ ଆଥ୍ଲେଟିକ୍ସ ଗୁରୁବାର ରୁଷିଆ ଟ୍ରାକ୍ ଓ ଫିଲ୍ଡ ଫେଡେରେଶନକୁ ଡୋପ ନିୟମ ଭଙ୍ଗ କରିବା ଲାଗି ୧୦ ମିଲିୟନ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛି। ଭାରତୀୟ ମୁଦ୍ରାରେ ୭୪.୪୬ କୋଟି ଟଙ୍କାରୁ ଊର୍ଦ୍ଧ୍ୱ। ଏଥିସହ ଟୋକିଓ ଅଲିମ୍ପିକ୍ସରେ କେବଳ ୧୦ ଜଣ ରୁଷିଆନ ଆଥ୍ଲେଟ ଭାଗ ନେଇପାରିବେ ବୋଲି ଘୋଷଣା କରିଛି। ନିୟମ ଅନୁସାରେ, ରୁଷିଆନ ଆଥ୍ଲେଟ ନିରପେକ୍ଷ ଭାବେ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିପାରିବେ ବୋଲି ବିଶ୍ୱ ଆଥଲେଟିକ୍ସ ସଭାପତି ସେବେଷ୍ଟିଆନ କୋ କହିଛନ୍ତି। ଅର୍ଥଦଣ୍ଡର ୫୦ ପ୍ରତିଶତ ଆସନ୍ତା ଜୁଲାଇ ୧ ତାରିଖ ସୁଦ୍ଧା ପୈଠ ନ କଲେ ବାସନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି।




## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ସୌଦାମିନୀ ମହାପାତ୍ର
ଆବିର୍ଭାବ: ୦୮।୦୪।୧୯୫୬
ତିରୋଧାନ: ୨୫।୦୩।୨୦୧୯
ଚାହୁଁ ଚାହୁଁ ଏକବର୍ଷ ବିତିଗଲା, ହେଲେ ଲାଗୁଛି ସତେ ଯେମିତି ତମେ ଆମ ଗହଣରେ ବାନ୍ଧି ହୋଇଅଛ। ତୁମର ତ୍ୟାଗ ଓ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କ ପାଇଁ ଚିରମାର୍ଗ ହୋଇ ରହିବ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ୱାମୀ: ବସନ୍ତ କୁମାର ମହାପାତ୍ର, ପୁତ୍ର: ସଞ୍ଜୀବ ଓ ସନ୍ତୋଷ, ପୁତ୍ରବଧୂ, ଦିଅର-ଯାଆ, ଝିଅ-ଜ୍ୱାଇଁ, ପୁତୁରା, ଝିଆରୀ, ନାତି, ନାତୁଣୀ, ପରିବାରବର୍ଗ ଓ ପ୍ରିୟଜନ।
ଧ-୬୭୮୫୮

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗୋରାଚାନ୍ଦ ପଟ୍ଟନାୟକ
ଆବିର୍ଭାବ: ୧୬।୦୭।୨୯
ତିରୋଧାନ: ୧୩।୦୩।୦୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ, ପରିବାରବର୍ଗ ଓ ସହକର୍ମୀବୃନ୍ଦ
ଧ-୬୭୧୧୨

# ସହକାରୀ ଯନ୍ତ୍ରୀଙ୍କୁ ଅପହରଣ ସନ୍ଦେହ

## ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲେ

**ପୁରୀ ଅଫିସ,୧୨।୩**

ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିବା କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ଡିଭିଜନର ସହକାରୀ ଯନ୍ତ୍ରୀ ମୋହନ ମୁରାରି ଜେନା (୫୫)ଙ୍କ ପତ୍ତା ମିଳୁନାହିଁ। ତାଙ୍କ ସହିତ ଆସିଥିବା ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି ସୂଚନା ନ ଥିବାବେଳେ ମୋହନଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ସମୁଦ୍ରକୂଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଏହାର ଅନୁସନ୍ଧାନ ଚଳାଇଛି। ତେବେ ମୋହନଙ୍କୁ କେହି ଅପହରଣ କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

ଅନ୍ନପୂର୍ଣ୍ଣା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗତ ୮ ତାରିଖ ଅପରାହ୍ନ ସାଢେ ୫ଟାରେ ମୋହନ ଦୁହୁରିଆସ୍ଥିତ ବାସଭବନରୁ ତାଙ୍କର ଜଣେ ସ୍କୁଲ ସାଙ୍ଗଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। କିନ୍ତୁ ମୋହନଙ୍କ ସାଙ୍ଗକୁ ଅନ୍ନପୂର୍ଣ୍ଣା କିମ୍ବା ତାଙ୍କ ପରିବାରର କୌଣସି ସଦସ୍ୟ ଚିହ୍ନି ନ ଥିଲେ। ୯ ତାରିଖ ସକାଳ ୮ଟାରେ ମୋହନଙ୍କ ସହ ଅନ୍ନପୂର୍ଣ୍ଣା କଥା ହୋଇଥିଲେ। ହେଲେ ଏହା ପରଠାରୁ ତାଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ସନ୍ଧ୍ୟା ୭ଟାରେ ଫୋନରେ ଯୋଗାଯୋଗ ସମ୍ଭବ ହୋଇଥିଲା। ଷ୍ଟେଶନ ନିକଟ ରାମ ମନ୍ଦିର ପରିସରରେ ମୋବାଇଲ ଫୋନଟି ଥିବା ପୂଜକଙ୍କ ସ୍ତ୍ରୀ କହିଥିଲେ। ଏହା ଶୁଣି ରାତିରେ ଅନ୍ନପୂର୍ଣ୍ଣା ସମ୍ପର୍କୀୟଙ୍କ ସହ ପୁରୀ ଆସିଥିଲେ। ରାମ ମନ୍ଦିରରେ ପହଞ୍ଚିବା ପରେ ବାହାରେ ମୋହନଙ୍କ ଚପଲ ପଡ଼ିଥିବା ଦେଖିଥିଲେ। ଏହାପରେ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରାମ ମନ୍ଦିରକୁ ଯାଇ ଦୁଇ ପୂଜକଙ୍କ ସହ କଥା ହୋଇଥିଲେ। ମୋହନଙ୍କ ସମ୍ପର୍କରେ କୌଣସି ସୁରାକ୍ ନ ପାଇବା ପରେ ରେଳଷ୍ଟେଶନ, ଶ୍ରୀମନ୍ଦିରକୁ ଯାଇ ଖୋଜାଖୋଜି କରିଥିଲେ। କିନ୍ତୁ ମୋହନଙ୍କ କୌଣସି ପତ୍ତା ମିଳି ନ ଥିଲା ବୋଲି ଅନ୍ନପୂର୍ଣ୍ଣା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ମୋହନ ଗ୍ରାମ୍ୟ ଉନ୍ନୟନ ଡିଭିଜନର ସହକାରୀ ଯନ୍ତ୍ରୀ ହୋଇଥିବାରୁ ତାଙ୍କୁ କେହି ଅପହରଣ କରିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ପୋଲିସ ମଧ୍ୟ ଏ ଦିଗକୁ ସନ୍ଦେହ କରୁଛି। ଏହା ପଛରେ ଟେଣ୍ଡର ଫିକ୍ସିଂ ଥାଇପାରେ ବୋଲି ଶୁଣିବାକୁ ମିଳୁଛି।

# ଭାର୍ଗବୀ ନଦୀରେ ଛାତ୍ର ନିଖୋଜ

**ବାଲକାଟୀ/ବାଲିପାଟଣା, ୧୨।୩(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଝିଙ୍କିଶାସନସ୍ଥିତ ଭାର୍ଗବୀ ନଦୀରେ ଗାଧୋଇବାକୁ ଯାଇ ଗୁରୁବାର ଜଣେ ଛାତ୍ର ନିଖୋଜ ହୋଇଯାଇଛି। ତାଙ୍କ ସହ ଯାଇଥିବା ଅନ୍ୟ ତିନିଜଣ ସାଙ୍ଗଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଦେଇଛନ୍ତି। ନିଖୋଜ ଛାତ୍ରଜଣକ ଭୁବନେଶ୍ୱର ନିକଟସ୍ଥ ସିଜୁଆ ଗ୍ରାମର ଦଶମ ଶ୍ରେଣୀରେ ପଢୁଥିବା ରାଜବୀର ଜୟ ସିଂ(୧୫)। ଖବରପାଇ ଦମକଳ ବାହିନୀ, ଓଡ୍ରାଫ ଟିମ ପୂର୍ବାହ୍ନ ସାଢ଼େ ୧୧ଟାରୁ ଆସି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସୂଚନା ମୁତାବକ, ଗତ କିଛିଦିନ ତଳେ ରାଜବୀରଙ୍କ ଦଶମ ପରୀକ୍ଷା ଶେଷ ହୋଇଥିବାରୁ ବୁଧବାର ସନ୍ଧ୍ୟାରେ ଝିଙ୍କିସ୍ଥିତ ତାଙ୍କ ସମ୍ପର୍କୀୟ ଘରକୁ ବୁଲିବାକୁ ଆସିଥିଲେ। ଗୁରୁବାର ପୂର୍ବାହ୍ନ ୧୦ଟାରେ ରାଜୀବ ତିନିଜଣ ସାଙ୍ଗ ସହ ମିଶି ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିଲେ। ରାଜବୀର ଗାଧୋଉଥିବାବେଳେ ହଠାତ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଏହାଦେଖି ତିନିଜଣ ସାଙ୍ଗ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ସେମାନେ ମଧ୍ୟ ବୁଡିଯାଇଥିଲେ। ପାଟିଶୁଣି ସେଠାରେ ଥିବା ଜଣେ ଯୁବକ ତିନିଜଣଙ୍କୁ ଉଦ୍ଧାର କରିଥିଲେ ହେଁ ରାଜବୀରଙ୍କୁ ପାଇ ନ ଥିଲେ। ଘଟଣାସ୍ଥଳରେ ବାଲିପାଟଣା ପୋଲିସ, ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ ପହଞ୍ଚି ରାଜବୀରଙ୍କୁ ଖୋଜୁଥିବାବେଳେ ପରିବାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଅନ୍ୟପଟେ ବାଲିମାଫିଆମାନେ ବାଲି ଚାଲାଣ ପାଇଁ ଏହି ନଦୀରେ ମେଶିନ ଡଙ୍ଗା ପକାଇ ୩୦/୪୦ଫୁଟ ଗଭୀର ଖୋଳି ଦେଉଥିବାରୁ ନଦୀର ଗର୍ତ୍ତ ଠିକ ଭାବେ ଜାଣି ହେଉନାହିଁ। ଫଳରେ ଅନେକ ସମୟରେ ଅକାଳରେ ଲୋକଙ୍କ ଜୀବନ ଯାଉଛି। ତେଣୁ ଏହି ବେଆଇନ ବାଲି ଉତ୍ତୋଳନକୁ ବନ୍ଦ କରିବା ସହ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ

# ଆନ୍ତଃ ରାଜ୍ୟ ହାଇୱା, ଜେସିବି ଚୋରି ଗ୍ୟାଙ୍ଗ ଠାବ

■ ୩ ଜେସିବି, ୨ ହାଇୱା ସହ ଚୋରିରେ ବ୍ୟବହୃତ କାର ଜବତ
■ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୭ ଗିରଫ

**ଭୁବନେଶ୍ୱର,୧୨।୩ (ବ୍ୟୁରୋ)**

ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଜିଲାରୁ ଜେସିବି ଓ ହାଇୱା ଟ୍ରକ ଚୋରି କରୁଥିବା ଆନ୍ତଃରାଜ୍ୟ ଚୋରି ଗ୍ୟାଙ୍ଗକୁ ଠାବ କରିଛି କମିଶନରେଟ ପୋଲିସ। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ୍ ସମେତ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ସ୍ପେଶାଲ ସ୍କ୍ୱାଡ୍। ଏଥିସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜେସିବି, ୨ ହାଇୱା ସହ ଚୋରିରେ ବ୍ୟବହୃତ କାରକୁ ଜବତ କରିଛି। ଗିରଫ ମାଷ୍ଟରମାଇଣ୍ଡ୍ ହେଲେ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ବାଆଁରା ଗ୍ରାମର ସୁଶାନ୍ତ କୁମାର ପାତ୍ର ଓରଫ ବଣ୍ଟି ଓ ସହଯୋଗୀ ଅଭିଯୁକ୍ତ ରାଜୁ ପାତ୍ର, ରାହୁଲ ରାଉତ ଓରଫ ତପୁ, କଟକ ସଦର ଥାନା ଅନ୍ତର୍ଗତ ଦଧିବାମନପୁର ଗ୍ରାମର ରାଜୁ ଦାସ ଓରଫ ରାଜ କିଶୋର। ଏଥିସହ ଚୋରି ଯାନବାହନ କିଣିଥିବା ଆଠଗଡ ଥାନା କନ୍ତୋଲ ଅଞ୍ଚଳର ସୁବାସ ବେହେରା ଓରଫ କାଳିଆ ଓ ପଶ୍ଚିମବଙ୍ଗ ଜଲପାଇଗୁଡି ଅଞ୍ଚଳର କ୍ରୀଷ୍ଣା ସିଂ ଓ ତାଙ୍କ ଭାଇ ଚନ୍ଦନ ସିଂ। ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଅଞ୍ଚଳରେ ରହୁଥିବା ଶଖାନନ୍ଦ ବେହେରାଙ୍କ ଜେସିବି ଗତ ଫେବୃଆରୀ ୨୪ ରାତିରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ମଇଳା ଟାଙ୍କୀ ନିକଟରୁ ଚୋରି ହୋଇଥିଲା। ଏ ନେଇ ଗତ ୩ ତାରିଖରେ ଅଭିଯୋଗ ହେବାପରେ ପୋଲିସ ୧୨୧/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସେହିପରି ୨୦୧୯ ସେପ୍ଟେମ୍ବରରେ ନୟାପଲ୍ଲୀ ମଇଳା ଟାଙ୍କୀ ଛକ ନିକଟରେ ପାର୍କିଂ ହୋଇଥିବା ଏକ ହାଇୱା ଚୋରି ଓ ଅକ୍ଟୋବରରେ କ୍ରାଉନ ହୋଟେଲ ସମ୍ମୁଖ ଜାତୀୟ ରାଜପଥ କଡରୁ ଆଉଏକ ହାଇୱା ଚୋରି ନେଇ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସେହିଭଳି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜେସିବି ଚୋରି ନେଇ ୩୭୧/୧୯ ଓ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏକ ଜେସିବି ଚୋରି ନେଇ ୫୩୭/୧୯ରେ ମାମଲା ରୁଜୁ ହୋଇଥିଲା। ବାରମ୍ବାର ଜେସିବି ଓ ହାଇୱା ଚୋରି ହେବା ନେଇ ଅଭିଯୋଗ ଆସୁଥିବାରୁ ପୋଲିସର ଚିନ୍ତା ବଢ଼ିଥିଲା। ଗତ ମଙ୍ଗଳବାର ରାତିରେ କିଛି ସନ୍ଦିଗ୍ଧ ଯୁବକ ମଇଳା ଟାଙ୍କୀ ନିକଟରେ ଏକ ହାଇୱା ବିକ୍ରି କରିବାକୁ ଯୋଜନା କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରି ଅଭିଯୁକ୍ତଙ୍କୁ ଧରିବା ପରେ ର୍ୟାକେଟର ପର୍ଦ୍ଦାଫାଶ ହୋଇଥିଲା। ତେବେ ପଚରା ଉଚରା କରିବା ପରେ ସେମାନେ ଗଞ୍ଜାମରୁ ଚୋରି କରିଥିବା ଏକ ହାଇୱା ବିକ୍ରୀ ପାଇଁ ଉଦ୍ୟମ କରୁଥିବା ନେଇ ପୋଲିସକୁ କହିଥିଲେ। ସେମାନେ ପୁରୀ, ଯାଜପୁର ଓ ଭୁବନେଶ୍ୱର ଅଞ୍ଚଳରୁ ଜେସିବି ଓ ହାଇୱା ଚୋରି କରିଥିବା ସ୍ୱୀକାର କରିଥିଲେ। ସେମାନଙ୍କ ବୟାନ ଆଧାରରେ ପୋଲିସ ଟିମ୍ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଭାପୁର ଓ ଆଠଗଡ ଥାନା ଅନ୍ତର୍ଗତ କନ୍ତୋଲ ଗ୍ରାମରେ ଥିବା ଚୋରି ୩ ଜେସିବି ଓ ୨ ହାଇୱା ଜବତ କରିଥିଲେ। ଏହାକୁ କିଣିଥିବା ସୁବାସ ବେହେରାଙ୍କୁ ଗିରଫ କରାଯାଇଥିଲା। ଗୋଟିଏ ହାଇୱାକୁ ଅଭିଯୁକ୍ତମାନେ କାଟି ବିକ୍ରି କରିଦେଇଥିବା କହିଥିବାବେଳେ ପଶ୍ଚିମବଙ୍ଗ ଜଲପାଇଗୁଡି ଅଞ୍ଚଳର ୨ ଭାଇ କ୍ରୀଷ୍ଣା ଓ ଚନ୍ଦନ ସେମାନଙ୍କଠାରୁ ହାଇୱା କିଣିଥିବା ପୋଲିସକୁ ସୂଚନା ମିଳିଥିଲା। ଏହାପରେ କମିଶନରେଟ ପୋଲିସ ଟିମ୍ ସ୍ଥାନୀୟ ମଦାରିହାଟ ଥାନା ପୋଲିସ ସହାୟତାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସମସ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ବଜ୍ରପାତରେ ମହିଳା ଗୁରୁତର

**ଆଠଗଡ, ୧୨।୩(ସ୍ୱ.ପ୍ର.):** ଆଠଗଡ ବ୍ଲକରେ ଗୁରୁବାର ସନ୍ଧ୍ୟାରେ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇଥିଲା। ଏହି ବଜ୍ରପାତରେ ଜଣେ ମହିଳା ଗୁରୁତର ହୋଇଛନ୍ତି । ସେ ହେଲେ ସଠିଲୋ ପଞ୍ଚାୟତ ଅନ୍ତର୍ଗତ କୁଆଁଳ ଗ୍ରାମର ବିପିନ ମହାପାତ୍ରଙ୍କ ସ୍ତ୍ରୀ ଯାଜ୍ଞସେନୀ(୫୫)। ସେ ଘର ବାରଣ୍ଡାରେ ବସିଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ସେ ଗୁରୁତର ଅବସ୍ଥାରେ ଟଳି ପଡ଼ିଥିଲେ। ଯାଜ୍ଞସେନୀଙ୍କୁ ପରିବାର ସଦସ୍ୟ ଉଦ୍ଧାର କରି ତୁରନ୍ତ ଆଠଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ରାଜ୍ୟସ୍ତରୀୟ ଫୁଟବଲ: କ୍ୱାର୍ଟର ଫାଇନାଲରେ ବାପୁଜୀ କ୍ଲବ



**ତିଗିରିଆ,୧୨।୩ (ଡି.ଏନ୍.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ କରଡ଼ାପଲ୍ଲୀ ଖେଳ ପଡ଼ିଆରେ ୫ମ ଯୁବ ଅହମ୍ମଦିୟା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ମ୍ବାର ବାପୁଜୀ କ୍ଲବ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କପୁରିସିଂ ଫୁଟବଲ କ୍ଲବ ଏବଂ ବାପୁଜୀ କ୍ଲବ ମଧରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଥିଲା। ମାତ୍ର ଉଭୟ ଦଳ ପରସ୍ପରକୁ ଗୋଲ ଦେବାକୁ ସକ୍ଷମ ହୋଇ ନ ଥିଲେ। ଶେଷରେ ଟାଇବ୍ରେକର ଜରିଆରେ ବାପୁଜୀ କ୍ଲବ ୩-୨ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ନିଜିଗଡ଼ ପଞ୍ଚାୟତର ସମିତିସଭ୍ୟ ପ୍ରମୋଦ ମାଝୀ ଓ ସମ୍ମାନିତ ଅତିଥି ଭାବେ ମିଶନଶକ୍ତି ତିଗିରିଆ ବ୍ଲକ ସଭାନେତ୍ରୀ ସମସୁରା ବେଗମ୍, ପୂର୍ବତନ ଫୁଟବଲ ଖେଳାଳି ସେକ ସୋଲେମାନ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ସଫିକୁଲ୍ ଖାଁ ମ୍ୟାଚ ପରିଚାଳନା କରିଥିଲେ। ତାଙ୍କୁ ଲାଇନରେ ସଞ୍ଜୀବ ଦାଶ ଓ ରଜାକ୍ ଖାଁ ସହାୟତା କରିଥିଲେ। ୪ର୍ଥ ରେଫରିଭାବେ ସେକ ଅନିଲ ଦାୟିତ୍ୱ ନିର୍ବାହ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାନିଲେ ଠାକୁର,**
**ନ ମାନିଲେ ପଥର ।**

ଭାବନା ଓ ଶ୍ରଦ୍ଧାର ଅନ୍ୟନାମ ଶକ୍ତି ବା ଦେବତା । ଭାବାନୁସାରେ ଈଶ୍ୱରଙ୍କର ଅଭ୍ୟୁତ୍ଥାନ ଘଟିଥାଏ। ବ୍ୟକ୍ତିର ଭାବନା ଯେପରି ହୋଇଥାଏ ଠିକ୍ ସେହିପରି ଆକୃତି ବିଶିଷ୍ଟ ଦେବଦେବୀ ତାଙ୍କୁ ଦୃଶ୍ୟ ହୋଇଥାନ୍ତି। ମନରେ ଭକ୍ତି ଓ ବିଶ୍ୱାସ ରଖି ଯଦି ପଥର ଦେହରେ ସିନ୍ଦୂର ବୋଳି ତାଙ୍କୁ ଦେବତା ଜ୍ଞାନ କହି ପୂଜା କରାଯାଏ ତେବେ ସେହି ଅନୁସାରେ ଫଳ ବା କୃପା ମିଳିଥାଏ। ଏହାର ମୂଳରେ ନିହିତ ଥାଏ ବ୍ୟକ୍ତିର ନିଷ୍ଠା ଓ ବିଶ୍ୱାସ। ବିଶ୍ୱାସରେ ହିଁ ଭଗବାନଙ୍କୁ ପାଇ ହୁଏ ବୋଲି ଏଠାରେ ଉଲ୍ଲେଖ ପ୍ରକାଶ କରାଯାଇଛି।

**ମାରି ମାରି ଗଲା କାଳକ,**
**ଆଉ ବାକି ଅଛି ବେଳକ ।**

ଜୀବନ ଯେମିତି ବିତୁଛି ବିତିଚାଲୁ। ଏମିତିରେ ତ ବେଳକାଳ ବିତିଗଲାଣି, ଯୁଗ ସରିଆସିଲାଣି। ଆଉ କେତେକାଳ ଅଛି ଯେ ତା' ପାଇଁ ଏତେ ଚିନ୍ତା! ଜୀବନଶୈଳୀରେ କୌଣସି ପରିବର୍ତ୍ତନ ଆଣିବା ପାଇଁ ଅନିଚ୍ଛା ତଥା ଏମିତି ବାକି ସମୟ ତ ବିତିଯିବ ବୋଲି ବସି ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସିଏମ୍ସି ଅଳିଆ ଗାଡ଼ିକୁ ଅଟକାଇଲେ ଗ୍ରାମବାସୀ

**ନରାଜ,୧୨।୩ (ଡି.ଏନ୍.ଏ.)**

ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡୁଳି ପଞ୍ଚାୟତର କଲ୍ୟାଣନଗର (ବେଣ୍ଟୁଆ) ଠାରେ ଗୁରୁବାର ପୂର୍ବାହ୍ନରେ ସିଏମ୍ସିର ଅଳିଆ ଗାଡିକୁ ଗ୍ରାମବାସୀ ଅଟକାଇଥିଲେ। ଗ୍ରାମ ନିକଟରେ ଅଳିଆ ପଡ଼ିବା ଯୋଗୁ ଗ୍ରାମବାସୀ ରୋଗରେ ପଡୁଛନ୍ତି ବୋଲି ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବେଣ୍ଟୁଆ ଗ୍ରାମରେ ୩୦ ପରିବାରରେ ପ୍ରାୟ ୨୦୦ ଆଦିବାସୀ ବସବାସ କରନ୍ତି। ମାତ୍ର ସିଏମ୍ସିର ଅଳିଆଗାଡିଗୁଡ଼ିକ ଏଥିପ୍ରତି ଧ୍ୟାନ ନ ଦେଇ ଗ୍ରାମ ନିକଟରେ ଅଳିଆ ପକାଉଛନ୍ତି। ଫଳରେ ଗତ ୨ ଦିନ ହେବ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ୭ ଜଣ ଆକ୍ରାନ୍ତ ହୋଇ ମୁଣ୍ଡୁଳି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କଟକ ସିଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଳିଆ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ ଶ୍ରୀକାନ୍ତ ଜେନା ପୂର୍ବରୁ ସିଏମସିର ଦ୍ୱାରସ୍ଥ ହୋଇଥିଲେ। କୌଣସି ସୁଫଳ ନ ମିଳିବାରୁ ସେମାନେ ବାଧହୋଇ ଅଳିଆ ଗାଡିକୁ ଅଟକାଇଛନ୍ତି ବୋଲି କହିଥିଲେ। ଖବର ପାଇ ବାରଙ୍ଗ ଥାନା ଅଧିକାରୀ ଓ ସିଏମସିର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରତ୍ୟେକ ସପ୍ତାହର ଗୁରୁବାର ସ୍ୱାସ୍ଥ୍ୟ ପରୀକ୍ଷା କରିବା, ଗାଁ ରାସ୍ତାକୁ ୧୦ ଦିନ ମଧ୍ୟରେ ଟେଣ୍ଡର କରି ନିର୍ମାଣ କରିବା, ଅଳିଆକୁ ଗ୍ରାମଠାରୁ ଦୂରରେ ପକାଇବା ଆଦି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ସିଏମ୍ସିର ଅଳିଆଗାଡ଼ିକୁ ଛାଡ଼ିଥିଲେ।

# ରାସ୍ତାରେ ବୋମାମାଡ଼: ଦୁର୍ବୃତ୍ତ ଫେରାର୍

**ତିଗିରିଆ,୧୨।୩(ଡି.ଏନ୍.ଏ.)**

ତିଗିରିଆ ଥାନା ଅନ୍ତର୍ଗତ କଣ୍ଡିପୁର-କଳିବୀର ସଂଯୁକ୍ତ ରାସ୍ତାର ସୁନେଇରୁପେଇ ପୋଲ ଛକରେ ବୁଧବାର ରାତିରେ କୌଣସି ଦୁର୍ବୃତ୍ତ ବୋମାମାଡ଼ କରି ଫେରାର ହୋଇଯାଇଛନ୍ତି। ଏନେଇ ଗୁରୁବାର କଣ୍ଡିପୁର ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ମାମଲା (ନଂ.୩୨/୨୦) ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି। ବୋମା ମାଡ଼ର କାରଣ ଜଣାପଡି ନ ଥିବା ବେଳେ ଏହି ସମୟରେ ସେଠାରେ କୌଣସି ବ୍ୟକ୍ତି ନ ଥିବା ସୂଚନା ମିଳିଛି। ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏହି ଛକ ନିକଟରେ ଥିବା କଣ୍ଡିପୁର ପୋଖରୀ ହୁଡ଼ାରେ ଲୋକେ ରାତିରେ ମାଛ ଜଗିବା ସହ ସ୍ଥାନୀୟ ଅଧିବାସୀଙ୍କ ଚଳପ୍ରଚଳ ରହୁଛି। ବୋମାମାଡ଼ ପରେ ସେମାନେ ଭୟଭୀତ ହୋଇପଡିଛନ୍ତି। ସୁରକ୍ଷାକୁ ଦୃଷ୍ଟି ରଖି ସେଠାରେ ପାଟୋଲିଂ ବ୍ୟବସ୍ଥା କଡ଼ାକଡି କରିବାକୁ ସାଧାରଣରେ ଦାବି ହୋଇଛି।

# ଅସରାଏ ବର୍ଷାରେ ଘରେ ପଶିଲା ପାଣି



ଅଗ୍ନିଶମ ବିଭାଗ ପକ୍ଷରୁ ମୋଟର ପମ୍ପ ଦ୍ୱାରା ପାଣି କଢ଼ାଯାଉଛି।

**ନରାଜ,୧୨।୩ (ଡି.ଏନ.ଏ)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ମଧୁପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଅସରାଏ ବର୍ଷାରେ ରାସ୍ତାରେ ପାଣି ଜମିଯାଇଛି। ଏହି ପାଣି ରାସ୍ତାର ୨ ପାର୍ଶ୍ୱରେ ଥିବା ଘରଗୁଡିକରେ ପଶିଯିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଏହି ସମସ୍ୟା ଉପୁଜିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ତହସିଲଦାର ରମେଶ ଚନ୍ଦ୍ର ଜେନାଙ୍କ ନିକଟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ତହସିଲଦାର ଜେନା ବାରଙ୍ଗ ଅଗ୍ନିଶମ ବିଭାଗକୁ ଏବିଷୟରେ ସୂଚନା ଦେବା ପରେ ଅଗ୍ନିଶମ ବିଭାଗ ଅଧିକାରୀ ରାଜକିଶୋର ଜେନା ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ବଡମୋଟର ପମ୍ପ ଜରିଆରେ ରାସ୍ତାରୁ ପାଣି ଉଠାଉଛନ୍ତି। ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ଦାବି କରି କିଛି ଦିନ ପୂର୍ବେ ଗ୍ରାମବାସୀ ତହସିଲଦାର ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେତେବେଳେ ଜେନା ଏହି ସମସ୍ୟାର ସମାଧାନ ହୋଇଯିବବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁନର୍ବାର ଏଭଳି ସମସ୍ୟାର ଉପୁଜିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୁ ପାଣି ଉଠାକାର୍ଯ୍ୟ ଜାରି ରହିଥିଲା।

# ପୃଥକ୍ ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

**ଆଠଗଡ,୧୨।୩(ସ୍ୱ.ପ୍ର.)**

ଆଠଗଡ଼ରେ ୨ ପୃଥକ ସଡ଼କ ଦୁର୍ଘଟଣାରେ ଗୁରୁବାର ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଗୁରୁତର ହୋଇଛନ୍ତି। ଆଠଗଡ-ମୁଣ୍ଡଳି ରାସ୍ତାର ବନଖଣ୍ଡି ନିକଟ ଲଞ୍ଚଲ୍ୟାଣ୍ଡ ହୋଟେଲଠାରୁ କିଛି ଦୂରରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଣ୍ଟପଦା ଗ୍ରାମର ଅରକ୍ଷିତ ଦାସଙ୍କ ପୁଅ ଶ୍ରୀକାନ୍ତ ଦାସ (୨୯) । ସେ ହୋଟେଲ ନିକଟରେ ହଠାତ ଏକ ଖାଲରେ ପଡ଼ିଯିବାରୁ ଭାରସାମ୍ୟ ହରାଇ ବାଇକରୁ ଖସିପଡ଼ିଥିଲେ। ଏହି ସମୟରେ ଆଉ ଏକ ବାଇକ୍ ତାଙ୍କ ଉପରେ ଚଢ଼ି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଖବରପାଇ ଆଠଗଡ଼ ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଆଠଗଡରୁ ଏକ ବାଇକରେ ଜଣେ ଶିଶୁକୁ ମିଶାଇ ୪ଜଣ ତାଳବରକୋଟ ଗ୍ରାମକୁ ଯାଉଥିବା ବେଳେ ଦୋରଡା ଛକରେ ବର୍ଷା ଯୋଗୁ ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ତାଳବରକୋଟ ଗ୍ରାମର ନଗି ମଲ୍ଲିକ, ପୁଅ ଦଣ୍ଡୁ ମଲ୍ଲିକ, ଝିଅ ରଶ୍ମିତା ମଲ୍ଲିକ ଓ ନାତୁଣୀ ବୈଶାଖି ଧଳ ଗୁରୁତର ହୋଇଥିଲେ। ଆଠଗଡ଼ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଆଠଗଡ଼ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରିଛି।

# ସମବାୟ ସମିତି ଆଗରେ ଚାଷୀଙ୍କ ଧାରଣା



ଧାରଣାରେ ବସିଥିବା ଚାଷୀ।

■ ସାଲେପୁର-କୁଆଁପାଳ ରାସ୍ତା ଅବରୋଧ
■ ଟୋକନ ନ ଥିବାରୁ ଧାନ ବିକ୍ରି କରିପାରୁନାହାନ୍ତି ଚାଷୀ
■ ମାର୍ଚ୍ଚ ୩୧ ସୁଦ୍ଧା ଟୋକନ ଦେବାକୁ ପ୍ରତିଶ୍ରୁତି

**ସାଲେପୁର, ୧୨।୩(ଡି.ଏନ୍.ଏ.)**

ରାଇସୁଙ୍ଗୁଡ଼ା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଧାନ ବିକ୍ରି କରିବାରୁ ବାଦ୍ ପଡ଼ିଥିବା ବହୁ ଚାଷୀ ଗୁରୁବାର ଧାରଣା ଦେଇଥିଲେ। ଏଥିସହ ସାଲେପୁର-କୁଆଁପାଳ ରାସ୍ତାର ରାଇସୁଙ୍ଗୁଡ଼ା ବଜାର ନିକଟରେ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଟୋକନ ଜରିଆରେ ସମବାୟ ସମିତିରେ ଚାଷୀଙ୍କ ଧାନ ବିକ୍ରି ହେଉଛି। ରାଇସୁଙ୍ଗୁଡ଼ା ସମବାୟ କାର୍ଯ୍ୟାଳୟରେ ବହୁ ଚାଷୀ ଏହି ଟୋକନ ପାଇବା ପାଇଁ ବାରମ୍ବାର ଆବେଦନ କରିଥିଲେ ମଧ ସେମାନଙ୍କୁ ମିଳିପାରିନାହିଁ ବୋଲି ଅଭିଯୋଗ କରିଛନ୍ତି। ଫଳରେ ସେମାନେ ଧାନ ବିକ୍ରି କରି ନ ପାରି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଏ ନେଇ ସମ୍ପୃକ୍ତ ଚାଷୀ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ସବୁଠି ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ସେମାନେ ବାଧହୋଇ ରାସ୍ତାରୋକୋ କରିଛନ୍ତି ବୋଲି କହିଛନ୍ତି।

ନବନିର୍ମାଣ କୃଷକ ସଂଗଠନର ସଂଯୋଜକ ମନୱର ଅଲ୍ଲୀଙ୍କ ନେତୃତ୍ୱରେ ଏହି ଧାରଣା ହୋଇଥିବା ବେଳେ ଏଥିରେ ୧୮୬ ଜଣ ଚାଷୀ ସାମିଲ ହୋଇଥିଲେ। ବରିଷ୍ଠ ଚାଷୀ ତଥା ପୂର୍ବତନ ସରପଞ୍ଚ ଲୋକନାଥ ସାହୁ, ବିଜୟ ପ୍ରଧାନ, ଜ୍ୟୋତିରଞ୍ଜନ ମହାପାତ୍ର, ନରେନ୍ଦ୍ର ସାମଲ, ଏସ୍ଡି ବାବର ଅଲ୍ଲୀ, ଯଦୁମଣି ଦାସ, କୈଳାସ ଚନ୍ଦ୍ର ପୃଷ୍ଟି, ପ୍ରସନ୍ନ ବେହେରା, ଦେବେନ୍ଦ୍ର ମଲ୍ଲିକ ଓ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଏଥିରେ ଯୋଗଦେଇ ପ୍ରଥମେ ରାଇସୁଙ୍ଗୁଡ଼ା ସମବାୟ ସମିତି କାର୍ଯ୍ୟାଳୟ ଓ ପରେ ରାଇସୁଙ୍ଗୁଡ଼ା ବଜାର ନିକଟରେ ରାସ୍ତାରୋକୋ କରିଥିଲେ। ଖବର ପାଇ ସାଲେପୁର ପୋଲିସ, ସମବାୟ ସମିତି ସମୂହ କଟକର ଉପସହକାରୀ ନିବନ୍ଧକ ଚିରଞ୍ଜନ ମହାପାତ୍ର, ତପନ କୁମାର ଦାସ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ମାର୍ଚ୍ଚ ୩୧ ସୁଦ୍ଧା ଧାନ ବିକ୍ରୟରୁ ବାଦ୍ ପଡିଥିବା ଚାଷୀମାନଙ୍କୁ ଟୋକନ୍ ଦିଆଯାଇ ସେମାନଙ୍କଠାରୁ ଧାନ କ୍ରୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଦୀର୍ଘ ସମୟ ଧରି ରାସ୍ତାରୋକୋ ହୋଇଥିବାରୁ ଯାତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

FINANCE

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ Online ସୁବିଧା
CONTACT
90783-45815
gmail-fusionmicrofinance2020@gmail.com

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DHARITRI Career appointment Every Wednesday and Saturday



ଅହଂକାର ରଖି କୌଣସି ମହତ୍ କାର୍ଯ୍ୟ ହୋଇପାରେ ନାହିଁ।
- ରସ୍କିନ୍



## ସଂକ୍ଷେପରେ

### ଠକେଇ ଘଟଣା: ସେଲ୍ସମ୍ୟାନ ଗିରଫ

**କଟକ ଅଫିସ, ୧୨।୩:** ଠକେଇ ଅଭିଯୋଗରେ ପୁରୀଘାଟ ପୋଲିସ ଜଣେ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳର ଅଭିଜିତ୍ ବଳ(୪୮)। କଟକ ଦୋଲମୁଣ୍ଡାଇ ଛକ ନିକଟରେ ଓମ୍ ଆଗ୍ରୋ ବାୟୋଟେକ ଲିମିଟେଡ ନାମକ ଏକ ଅଫିସ ରହିଛି। ଏଠାରେ କୃଷିଜାତ ସାମଗ୍ରୀ ବିକ୍ରି ହେଉଥିବାବେଳେ ଅଭିଜିତ୍ ଦୀର୍ଘଦିନ ଧରି ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ଗତ ଜୁଲାଇ ମାସଠାରୁ ସେ ଅଫିସକୁ ଆସି ନ ଥିଲେ। ଫଳରେ ମାଲିକ ତାଙ୍କ ସହ ଯୋଗାଯୋଗ କରିଥିଲେ ମଧ ଫୋନ ଲାଗି ନ ଥିଲା। ପରେ ମାଲିକ ଜାଣିବାକୁ ପାଇଥିଲେ, ଅଭିଜିତ୍ ଅନେକ ଖୁଚୁରା ବ୍ୟବସାୟୀଙ୍କଠାରୁ ଅଫିସର ବକେୟା ଟଙ୍କା ଆଦାୟ କରିଛନ୍ତି। ମାତ୍ର ସେ ଟଙ୍କାକୁ ଅଫିସରେ ଜମା କରିନାହାନ୍ତି। ମାଲିକ ହିସାବ କରିବା ପରେ ପ୍ରାୟ ୧ ଲକ୍ଷ ୨୩ ହଜାର ଟଙ୍କା ଅଭିଜିତ ନେଇଯାଇଥିବା ଜଣାପଡିଥିଲା। ସେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୪୬/୧୯) ରୁଜୁ କରିଥିଲା।

### ଡ୍ରିମ୍ସରେ 'ଅବନ୍ତିକା-୨୦୨୦'

**କଟକ ଅଫିସ,୧୨।୩:** ଡ୍ରିମ୍ସ ମ୍ୟାନେଜମେଣ୍ଟ ୱିଙ୍ଗ୍‌ର ବାର୍ଷିକ ସାଂସ୍କୃତିକ ସମାରୋହ 'ଅବନ୍ତିକା-୨୦୨୦' କ୍ୟାମ୍ପସ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ, ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଏକାଡେମିକ୍ ନିର୍ଦ୍ଦେଶକ ଲୋକନାଥ ବେହେରା ଯୋଗଦେଇଥିଲେ। ଡ. ସ୍ନିଗ୍ଧମଧୁସୂଦନ ଦାସ ସ୍ୱାଗତ ଭାଷଣ, ବିଶ୍ୱଜିତ୍ ଦାସ ଓ ସୋନି ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧାପିକା ଡ. ଶ୍ୱେତପଦ୍ମା ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ମରଣିକା ଉନ୍ମୋଚନ ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡ୍ରିମ୍ସ ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜର ଅଧକ୍ଷ ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ, ଆଶିଷ ସ୍ୱାଇଁ, ଇଂ. ପ୍ରଦୀପ୍ତ କୁମାର ତ୍ରିପାଠୀ, ଅଧାପିକା ଇପ୍‌ସିତା ଦାସ, ବିକଶିତା ମହାନ୍ତି, ସ୍ମିତାରାଣୀ ଲେଙ୍କା, ତୃପ୍ତିମୟୀ ରାଉତରାୟ, ଅଧାପକ ସୁଦୀପ ଭାରତୀ ଓ ମାନସ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ମହିଳାଙ୍କୁ ଗୋଡ଼େଇ ପିଟିବା ଘଟଣା: ୨ ଗିରଫ

**ପୁରୁଣା ଭୁବନେଶ୍ୱର, ୧୨।୩ (ଡି.ଏନ.ଏ.):** ଜମି ସୀମା ବିବାଦକୁ ନେଇ ସୋମବାର ଲିଙ୍ଗରାଜ ଥାନା ଅଧୀନ ବିନ୍ଦୁସାଗର ରାସ୍ତାରେ ସବିତା ସେଠୀଙ୍କୁ କେତେଜଣ ବ୍ୟକ୍ତି ଗୋଡ଼େଇ ଗୋଡ଼େଇ ମାଡ଼ ମାରିଥିଲେ। ଏହି ଘଟଣାରେ ପୋଲିସ ଗୁରୁବାର ସ୍ଥାନୀୟ ହରଚଣ୍ଡୀ ସାହିର ପ୍ରକାଶ ମହାସୁଆର(୫୪) ଏବଂ ପଳାଶପଲ୍ଲୀ ଅଞ୍ଚଳର ପ୍ରଶାନ୍ତ ମହାପାତ୍ର(୩୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ଏମାନଙ୍କ ସହ ୭ରୁ ଊର୍ଦ୍ଧ୍ୱ ଯୁବକ ମହିଳାଙ୍କୁ ଘଟଣା ଦିନ ଗୋଡ଼େଇ ଗୋଡ଼େଇ ମାଡ଼ ମାରିଥିଲେ। ମହିଳାଙ୍କ ଅଭିଯୋଗ ପରେ ପୋଲିସ ନଂ. ୪୫/୨୦ରେ ମାମଲା ରୁଜୁ କରିଥିଲା।

# ଚିକେନ୍ ଶସ୍ତା: କିଣା ୨୨, ବିକ୍ରି ୫୦

**କରୋନା ଭୟ**

**କଟକ ଅଫିସ,୧୨।୩**

ଆମିଷ ବଜାର ଉପରେ କରୋନାର ପ୍ରଭାବ ପଡ଼ିଛି। ବିଶେଷକରି କଟକ ସହରରେ ଚିକେନ୍ କିଲୋ ୫୦ ଟଙ୍କାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। କିଛିମାସ ତଳେ କଟକରେ ବାର୍ଡଫ୍ଲୁ ଚିହ୍ନଟ ହୋଇଥିଲେ ସୁଦ୍ଧା ଚିକେନ୍ ଦର ଏତେଟା ହ୍ରାସ ପାଇ ନ ଥିଲା। ଏବେ ସାଧାରଣ ଲୋକଙ୍କ ମନରେ କରୋନା ଭୂତାଣୁ ଭୟ ଯୋଗୁ ଚିକେନ୍ ଶସ୍ତା ହୋଇଥିବା ବ୍ୟବସାୟୀମାନେ କହିଛନ୍ତି।

ଘୋଡା ୬ ଟଙ୍କାକୁ ଦାନା ୯ ଟଙ୍କା ଭଳି ପରିସ୍ଥିତି ଦେଇ ଗତି କରୁଛନ୍ତି ଚିକେନ୍ ବ୍ୟବସାୟୀ। କୁକୁଡା କେଜି ୨୨ ଟଙ୍କାରେ କିଣୁଛନ୍ତି। ସହର ଉପକଣ୍ଠରେ ଥିବା କିଛି ବ୍ୟବସାୟିକ ଫାର୍ମରୁ ଏହି ସବୁ ଚିକେନ୍ କଟକର ବିଭିନ୍ନ କାଉଣ୍ଟରକୁ ଆମଦାନୀ ହେଉଛି। ତେବେ କୁକୁଡାଙ୍କ ପାଇଁ ଦାନା କିଣିବା ଏବେ କଷ୍ଟକର ହେଲାଣି ବୋଲି ବ୍ୟବସାୟୀମାନେ ମତ ଦେଇଛନ୍ତି। କଟା ସରିବା ପରେ ଚିକେନ୍ କେଜି ପିଛା ୫୦ ଟଙ୍କା କିମ୍ବା ଅତିବେଶୀରେ ୬୦ ଟଙ୍କାରେ ବିକ୍ରି ହେଉଛି। ଏପରି ସ୍ଥଳେ କୁକୁଡା ଦାନା କେଜି ଏବେ ୩୫ ଟଙ୍କା ରହିଛି।

୩ଟି ପ୍ରାପ୍ତବୟସ୍କ କୁକୁଡା ଗୋଟିଏ ଦିନରେ ଏକ କେଜି ଦାନା ଖାଇଥାନ୍ତି। ଏଣୁ ବିକ୍ରିର ଲାଭାଂଶ ଦାନାରେ ଖର୍ଚ୍ଚ ହେଉଛି ବୋଲି କୁହାଯାଇଛି। ଏସ୍‌ସିବି ମେଡିକାଲରେ କରୋନା ସନ୍ଦିଗ୍ଧ ଭର୍ତ୍ତି ହେବା ପରେ ହିଁ କଟକରେ ଚିକେନ୍ ଦର କମିଛି ବୋଲି ବ୍ୟବସାୟୀ କହିଛନ୍ତି। ୧୫ଦିନ ତଳେ କେଜି ପିଛା ୧୪୦ରୁ ୧୫୦ଟଙ୍କାରେ ବିକ୍ରି ହେଉଥିଲା। ଏହି ସମୟରେ କିଣା ଦର ମଧ ୪୫ରୁ ୫୦ ଟଙ୍କା ଥିଲା। ହେଲେ ହଠାତ୍ ବ୍ୟବସାୟ କମିବା ଯୋଗୁ କିଣା ଦର ମଧ ହ୍ରାସ ପାଇଛି। ଗ୍ରାହକ ନ ହେବା ଯୋଗୁ ସହରର ବିଭିନ୍ନ କାଉଣ୍ଟରରେ ଚିକେନ ପ୍ରଥମେ କେଜି ୮୦ରୁ ୯୦ଟଙ୍କାରେ ବିକ୍ରି ହୋଇଥିଲା। ଏବେ ଏହା ଅଧା ଦରକୁ ଖସି ସାରିଲାଣି। ଆଗାମୀ ଦିନରେ ଆହୁରି କମିବ ବୋଲି ବ୍ୟବସାୟୀମାନେ କହିଛନ୍ତି। ଅନ୍ୟପକ୍ଷରେ କରୋନା ଭୟରେ ଫାଷ୍ଟଫୁଡ ବ୍ୟବସାୟ ମଧ ମାନ୍ଦା ପଡିଛି। ପୂର୍ବଭଳି ଏବେ ବ୍ୟବସାୟ ହେଉନି ବୋଲି ପୁରୀଘାଟ ଅଞ୍ଚଳର ବ୍ୟବସାୟୀ ମନମୋହନ ନାୟକ କହିଥିଲେ। ଏ ସମ୍ପର୍କରେ ଡିଏମ୍‌ଇଟି ନିର୍ଦ୍ଦେଶକ ଡାକ୍ତର ସିବିକେ ମହାନ୍ତି କୁହନ୍ତି, ଚିକେନ ଖାଇଲେ କରୋନା ଆକ୍ରାନ୍ତ ହୁଏ ବୋଲି କୌଣସି ପ୍ରମାଣ ନାହିଁ। ଚିକେନ୍ ଖାଇଲେ କୌଣସି ଅସୁବିଧା ନାହିଁ। ଅଯଥାରେ ଭୟଭୀତ ହେବା ଅନୁଚିତ୍।

### ଏମାନେ କ'ଣ କୁହନ୍ତି...

ବ୍ୟବସାୟ କମିବା ଯୋଗୁ ଦର କମାଇବାକୁ ବାଧ ହୋଇଛୁ। କିଣା ଦର ବି ଢେର କମିଛି। ଲୋକମାନେ ଚିକେନ୍ କିଣିବାକୁ ଇଚ୍ଛା କରୁନାହାନ୍ତି। ଆଉ ଗୋଟିଏ ମାସ ପରେ ଚିକେନ୍ ବ୍ୟବସାୟୀମାନେ ହାତବାନ୍ଧିବସିବେ।
**– ସନ୍ତୋଷ କୁମାର ସାହୁ, ବ୍ୟବସାୟୀ, ଖାନ୍‌ନଗର**

ଦାନା ଗତ ସପ୍ତାହରେ କିଣିଥିଲି। ଏବେ କୁକୁଡା କିଣିବାକୁ ଓ ଦାନା କିଣିବାକୁ ଇଚ୍ଛା ନାହିଁ। ପୂର୍ବରୁ ଦିନକୁ ୫୦୦ରୁ ୭୦୦ଟଙ୍କା ଲାଭ ହେଉଥିଲା। ଏବେ ୨୦୦ରୁ ୩୦୦ଟଙ୍କା ବି ହେଉନି। ବ୍ୟବସାୟ ଉପରେ କରୋନାର ବଡ ପ୍ରଭାବ ପଡ଼ିଛି।
**– ପ୍ରଶାନ୍ତ କୁମାର ସାହୁ, ବ୍ୟବସାୟୀ, ବାଦାମବାଡ଼ି**




କଟକ ବନ୍ଧବାସେଳୀ ଛକ ରାସ୍ତାରେ ଯାତ୍ରୀମାନେ ଅଟୋରେ ବିପଦପୂର୍ଣ୍ଣ ଭାବେ ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି।

# ଆୟ ୩୫୩, ବ୍ୟୟ ୩୫୨କୋଟି ଟଙ୍କା

**ସିଏମ୍‌ସିର ବଳକା ବଜେଟ ପ୍ରସ୍ତୁତ**

**କଟକ ଅଫିସ, ୧୨।୩**

୨୦୨୦-୨୧ ଆର୍ଥିକବର୍ଷ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି)ର ବଳକା ବଜେଟ ପ୍ରସ୍ତୁତ ହୋଇଛି। ଏହି ବଜେଟକୁ ଅନୁମୋଦନ ପାଇଁ ରାଜ୍ୟ ଗୃହନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗକୁ ପଠାଯାଇଛି। ଏଥିରେ ୩୫୩ କୋଟି ୩୪ଲକ୍ଷ ଟଙ୍କାର ଆୟ ହେବ ବୋଲି ଅନୁମାନ କରାଯାଇଥିବାବେଳେ ୩୫୨କୋଟି ୫୬ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ୮ଟି କ୍ଷେତ୍ରରୁ ଆୟ ପାଇଁ ଲକ୍ଷ୍ୟ ରଖାଯାଇଛି। ଟିକସ ବାବଦରେ ୩୪ କୋଟି, ଅକ୍‌ଟ୍ରାଇ ଟିକସରୁ ୭୫ କୋଟି, ୟୁଜର୍ସ ଚାର୍ଜ ୧ କୋଟି ୬ ଲକ୍ଷ, ଭଡ଼ା ବାବଦରେ ୭କୋଟି ୪୦ଲକ୍ଷ, ଫି' ଏବଂ ଜରିମାନା ୨କୋଟି ୮୧ଲକ୍ଷ, ୧୫ଶ ଅର୍ଥ କମିଶନରୁ ୪୦କୋଟି, ଗ୍ରାଣ୍ଟ ଏବଂ ଲୋନ୍ ସହ ଅନ୍ୟାନ୍ୟ ବାବଦରେ ୧୮୪କୋଟି ୯୭ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ କ୍ଷେତ୍ରରୁ ଆୟ ୮ କୋଟି ୧୦ ଲକ୍ଷ ଟଙ୍କା ମିଳିବ ବୋଲି ବଜେଟରେ ଉଲ୍ଲେଖ କରାଯାଇଛି। ସେହିଭଳି ପ୍ରଶାସନିକ ଏବଂ ଏଷ୍ଟାବ୍ଲିଶ୍‌ମେଣ୍ଟ ବାବଦରେ ସର୍ବାଧିକ ୧୧୧କୋଟି ୧୯ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏଥିସହ ଜନସ୍ୱାସ୍ଥ୍ୟ, ପରିମଳ ଏବଂ ଚିକିତ୍ସା ସେବା ବାବଦରେ ୭୫ କୋଟି ୩୭ଲକ୍ଷ, ଜନସାଧାରଣଙ୍କ ବିଭିନ୍ନ ସୁବିଧା ବାବଦରେ ୭କୋଟି ୧୦ଲକ୍ଷ, ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ୭୨କୋଟି ୮୫ଲକ୍ଷ, ବିଭିନ୍ନ ପ୍ରକଳ୍ପ ବାବଦରେ ୭୭କୋଟି ୬୦ଲକ୍ଷ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୨ କୋଟି ୯୦ ଲକ୍ଷ ଟଙ୍କା ଆଦି ଖର୍ଚ୍ଚ କରାଯିବ ବୋଲି ସିଏମ୍‌ସି କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି।




ବିଶ୍ୱ କିଡ୍‌ନୀ ଦିବସ ପାଳନ ଅବସରରେ ଏସ୍‌ସିବି ମେଡିକାଲର ପୁରୁଣା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଅଧିକ ସହଜ ହେବ କିଡ୍‌ନୀ ପ୍ରତିରୋପଣ: ସ୍ୱାସ୍ଥ୍ୟମନ୍ତ୍ରୀ

**ଏସ୍‌ସିବିରେ ବିଶ୍ୱ କିଡ୍‌ନୀ ଦିବସ**

**କଟକ ଅଫିସ,୧୨।୩**

ଏସ୍‌ସିବି ମେଡିକାଲର ପୁରୁଣା ସମ୍ମିଳନୀ କକ୍ଷରେ ଗୁରୁବାର ବିଶ୍ୱ କିଡ୍‌ନୀ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ କହିଥିଲେ, କିଡ୍‌ନୀ ପ୍ରତିରୋପଣ ଦିଗରେ ଏସ୍‌ସିବି ଯେଉଁ ସଫଳତା ପାଇଛି, ତାହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ଅଧିକରୁ ଅଧିକ ଗରିବ ରୋଗୀମାନେ ଏହି ସୁବିଧାର ଲାଭ ନେବା ଆବଶ୍ୟକ। କିଡ୍‌ନୀ ପ୍ରତିରୋପଣ ବ୍ୟବସ୍ଥା କେମିତି ଅଧିକ ସହଜ କରାଯାଇପାରିବ, ସେଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଦାସ କହିଥିଲେ। ରାଜ୍ୟରେ ଅଙ୍ଗଦାନ ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଲୋକମାନେ ସଚେତନ ହୋଇ ଅଙ୍ଗଦାନ ପାଇଁ ଆଗକୁ ଆସିଲେ ଅନେକ ରୋଗୀ ନୂଆ ଜୀବନ ପାଇପାରିବେ। ଏସ୍‌ସିବିକୁ ବିଶ୍ୱସ୍ତରୀୟ ଚିକିତ୍ସାଳୟ କରିବାକୁ ରାଜ୍ୟ ସରକାର ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି, ତାହାର ସୁଫଳ କୋଟି କୋଟି ଲୋକ ପାଇପାରିବେ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଜେଡ୍‌ସିସି ମୁମ୍ବାଇର ଡା. ବତ୍ସଳା ତ୍ରିବେଦୀ ଯୋଗଦେଇ କିଡ୍‌ନୀ ରୋଗର କାରଣ ଓ ନିରାକରଣ ବିଷୟରେ କହିଥିଲେ। କିଡ୍‌ନୀ ଦାନ କରୁଥିବା ଏବଂ ଗ୍ରହଣ କରୁଥିବା ବ୍ୟକ୍ତି ଭିତରେ ଉତ୍ତମ ବୁଝାମଣା ରହିବା ଆବଶ୍ୟକ। ଫଳରେ ପ୍ରତିରୋପଣରେ କୌଣସି ଅସୁବିଧା ହେବ ନାହିଁ। ଅଙ୍ଗଦାନ କ୍ଷେତ୍ରରେ ସରକାର ବ୍ୟାପକ ପ୍ରଚାର ପ୍ରସାର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଏଡିଜି(ଇଣ୍ଟେଲିଜେନ୍ସ) ସତ୍ୟଜିତ୍ ମହାନ୍ତି, ପ୍ରଫେସର ଶଶିଭୂଷଣ ରାଉତ, ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଅନ୍ନଦା ପଟ୍ଟନାୟକ, ପ୍ରଫେସର ଜୟଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା ଅତିଥି ପରିଚୟ ପ୍ରଦାନ ଓ ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଚିତ୍ତରଞ୍ଜନ କର ଧନ୍ୟବାଦ ଦେଇଥିଲେ।

## ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଚୌଦ୍ୱାର/ଖୁଣ୍ଟୁଣୀ, ୧୨।୩ (ଡି.ଏନ୍.ଏ.)**

ଚୌଦ୍ୱାର ପୌରାଞ୍ଚଳ ଚିତ୍ରେଶ୍ୱର ଗ୍ରାମର ଗନ୍ଧର୍ବନାଥ ମନ୍ଦିର ପରିସରରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ମନ୍ଦିର ପ୍ରତିଷ୍ଠା କରାଯାଇ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କୁ ମନ୍ଦିର ପ୍ରବେଶ କରାଯାଇଥିଲା। ପରେ ଦିଅଁଙ୍କ ଚଳନ୍ତି ପ୍ରତିମା ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଆଠଗଡ଼ ବ୍ଲକ ଡାଳଭାଗ ଗ୍ରାମରେ ରାମ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓରନ୍ଦାସ୍ଥିତ ରାମକୃଷ୍ଣ ମନ୍ଦିରର ଆଧ୍ୟାତ୍ମିକ ଗୁରୁ ଶ୍ରୀମଦ୍ ଅସିତ ବାବା ଯୋଗଦେଇଥିଲେ।



ସିଡିଏରୁ ନରାଜକୁ ସଂଯୋଗ କରୁଥିବା ନରାଜ ସେତୁ ଉପରେ ଜମି ରହିଥିବା ବାଲି ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି।

# ଜରିମାନା ଛାଡ଼ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ବାଇକ୍ ଫିଟନେସ୍ ନବୀକରଣରେ ବିଳମ୍ବ ଘଟଣା**

**କଟକ ସଦର,୧୨।୩(ଡି.ଏନ୍.ଏ.)**

ବାଇକ୍ କ୍ରୟ ଦିନଠାରୁ ୧୫ବର୍ଷ ପର୍ଯ୍ୟନ୍ତ ପ୍ରମାଣପତ୍ର ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଦାନ କରିଥାନ୍ତି। ଏହି ଅବଧି ଶେଷ ହେବା ପରେ ଗାଡି ମାଲିକମାନେ ଫିଟନେସର ପୁନଃ ଯାଞ୍ଚ କରାଇବା ପରେ ପଞ୍ଜୀକରଣକୁ ନବୀକରଣ କରିଥାନ୍ତି। ବିଳମ୍ବ ହେଲେ ମାସିକ ୩୦୦ଟଙ୍କା ହିସାବରେ ଜରିମାନା ଦେବାକୁ ପଡ଼ିଥାଏ। ଏହି ଜରିମାନା ଛାଡ଼ କରିବା ପାଇଁ ଓଡ଼ିଶା ହାଇକୋର୍ଟର ଏକ ଖଣ୍ଡପୀଠ ୧୩।୧୨।୨୦୧୯ରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାୟ ବଳରେ ଅନେକ ଗାଡ଼ିମାଲିକ ଫିଟନେସ ନବୀକରଣ ବେଳେ ଜରିମାନା ଛାଡ଼ ପାଇଛନ୍ତି। କିନ୍ତୁ ରାଜ୍ୟ ପରିବହନ ବିଭାଗ ଏ ସମ୍ପର୍କରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରିକରି ନ ଥିବାରୁ ବହୁ ଦୁଇଚକିଆ ଯାନର ମାଲିକମାନେ ଏହି ନିର୍ଦ୍ଦେଶାନାମାର ଫାଇଦା ଉଠାଇ ପାରିନାହାନ୍ତି। ରାଜ୍ୟ ସରକାର ମୋଟରଯାନ ଆଇନ ଲାଗୁ କଡ଼ାକଡ଼ି କରିଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ସମ୍ପର୍କରେ ମଧ ସର୍ବସାଧାରଣଙ୍କୁ ଅବଗତ କରାଇବା ପାଇଁ ସାଧାରଣରେ ଦାବି ହେଉଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ୨୯।୧୨।୨୦୧୬ ବିଜ୍ଞପ୍ତି ସଂଖ୍ୟା ଜିଏସ୍‌ଆର୧୧୮୩(ଇ) ଜାରି କରି ଫିଟନେସ ଅବଧି ପୂରଣ ହେବା ପରେ ପୁନଃ ନବୀକରଣରେ ବିଳମ୍ବ ପାଇଁ ମାସିକ ୩୦୦ଟଙ୍କା ଜରିମାନା ଧାର୍ଯ୍ୟ କରିଥିଲେ।

# ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘର ବିକ୍ଷୋଭ

**କଟକ ଅଫିସ, ୧୨।୩**




ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶା ସାଥୀଙ୍କ ବିକ୍ଷୋଭ।

ବିଭିନ୍ନ ଦାବିନେଇ ଗୁରୁବାର ଭାରତୀୟ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଥିଲା। ୨୦୦୬ ମସିହାରୁ ଆଶା ସାଥୀମାନେ ଆଶା ଭାବେ କାମ କରୁଥିଲେ। ହେଲେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୮ ଅକ୍ଟୋବର ୩୦ ଠାରୁ ଆଶା ସାଥୀ ଭାବେ ମାନ୍ୟତା ପାଇଥିଲେ। କେନ୍ଦ୍ର ସରକାର ସେମାନଙ୍କ ଦରମା ୬ହଜାର ଟଙ୍କା ଘୋଷଣା କରିଥିଲେ ମଧ ଆଜି ସୁଦ୍ଧା ମାତ୍ର ୩ହଜାର ଟଙ୍କା ଦିଆଯାଉଛି। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସଫଳ କରିବାରେ ସେମାନେ ପ୍ରମୁଖ ଭୂମିକା ନେଉଛନ୍ତି। ଏଣୁ ସେମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ୬ହଜାର ଟଙ୍କା ଦରମା, ୟୁନିଫର୍ମ ଲାଗୁ, କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ତାଲିମ, ବୀମା ପ୍ରଦାନ ଏବଂ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଏକ ଦାବିପତ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ନିକଟକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘ ରାଜ୍ୟ ଅସଙ୍ଗଠିତ କ୍ଷେତ୍ର ପ୍ରମୁଖ ବସନ୍ତ ସାହୁ, କଟକ ଜିଲା ସଭାପତି ଗୌରାଙ୍ଗ ଚରଣ ରଥ, ସମ୍ପାଦକ ଭାଗୀରଥି ବେହେରା, ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ସୁମତି ଆଚାର୍ଯ୍ୟ, ନିରୋଦ ନଳିନୀ ରାଉତ, ସୁଜାତା ସାହୁ, ସୁମିତ୍ରା ବେହେରା, ଗୀତାଞ୍ଜଳି ମହାରଣା, ପ୍ରତିମା ନାୟକ, ସସ୍ମିତା ନାୟକ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# କଣ୍ଟେନର ଉଠାଇବା ପାଇଁ ୨ ଘଣ୍ଟା ଗାଡ଼ି ଚଳାଚଳ ବନ୍ଦ

**ଖୁଣ୍ଟୁଣୀ,୧୨।୩(ଡି.ଏନ୍.ଏ.)**

ମଙ୍ଗୁଳିଠାରୁ ଅନୁଗୋଳ ପର୍ଯ୍ୟନ୍ତ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ କାର୍ଯ୍ୟ ଚାଲୁଥିବା ବେଳେ ପ୍ରତ୍ୟେକ ଦିନ ଦୁର୍ଘଣା ଘଟୁଥିବା ଦେଖିବାକୁ ମିଳୁଛି। ବୁଧବାର ଭୋରରୁ ମହାରାଷ୍ଟ୍ରରୁ ପାଇପ ଲୋଡ କରି ଆସିଥିବା ଏକ କଣ୍ଟେନର(ଏମଏଚ-୨୦-ଡିଇ-୬୭୯୧) ଖୁଣ୍ଟୁଣୀ ବଜାର ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟିପଡ଼ିଥିଲା। ଗୁରୁବାର କଣ୍ଟେନର ମାଲିକ ୨ଟି କ୍ରେନ ଦ୍ୱାରା ଏହାକୁ ଉଠାଇବା ପାଇଁ ଚେଷ୍ଟା କରିଥିଲେ ମଧ ବିଫଳ ହେବାରୁ ପ୍ରାୟ ୨ ଘଣ୍ଟା ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଖବରପାଇ ଖୁଣ୍ଟୁଣୀ ଥାନା ଆଇଆଇସି ସୁଚିତ୍ର ବିର୍ଯ୍ୟ ଦାସ, ଏସ୍‌ଆଇ ନିରଞ୍ଜନ ସାହୁପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ କ୍ରେନ ଉଠାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହା ପରେ କଣ୍ଟେନରକୁ ଉଠାଯାଇଥିଲା।




କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ଜାତୀୟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

# ମଣ୍ଡିରୁ ଧାନ କିଣୁନାହାନ୍ତି ମିଲର

- ଏକାଧିକ ଥର ଧାନ ବିକ୍ରି ସୁବିଧାରେ ବହୁ ଚାଷୀ
- ଟୋକନ ଅପେକ୍ଷାରେ ପଞ୍ଜୀକୃତ ଚାଷୀ

**କଟକ ସଦର,୧୨।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକର ବିଭିନ୍ନ ସମବାୟ ସମିତିରେ ଅନେକ ଚାଷୀ ୨୦୧୯ ଅଗଷ୍ଟରୁ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିଲେ ମଧ ଟୋକନ ପାଇ ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ଖାଦ୍ୟ ଓ ଯୋଗାଣ ବିଭାଗରୁ ମୋବାଇଲ ଫୋନ ଦ୍ୱାରା ଧାନ ବିକ୍ରି ପାଇଁ ଏସ୍‌ଏମ୍‌ଏସ୍ ପାଇଥିବା ଚାଷୀମାନେ ମଣ୍ଡିକୁ ଯାଇ ନିରାଶରେ ଫେରୁଥିବା ଦେଖିବାକୁ ମିଳିଛି। ବିଭାଗ ପକ୍ଷରୁ ଧାନ କିଣିବା ପାଇଁ ଟାର୍ଗେଟ ଦିଆଯାଇ ନ ଥିବାରୁ ମିଲରମାନେ ମଣ୍ଡିରେ ଧାନ କିଣୁ ନ ଥିବା ସମବାୟ ବିଭାଗର ଜଣେ ବରିଷ୍ଠ ଅଧକାକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଚଳିତବର୍ଷ ଧାନକିଣା ବେଳେ ସମବାୟ ସମିତିର କର୍ମକର୍ତ୍ତାଙ୍କୁ ଉପେକ୍ଷା କରାଯାଇଛି। ଯୋଗାଣ ବିଭାଗ ଅନୁମତିରେ ସମସ୍ତ କାର୍ଯ୍ୟ ପରିଚାଳନା କରାଯାଉଥିବାରୁ ଚାଷୀମାନେ ହତୋତ୍ସାହ ହୋଇପଡିଥିବା ଗତିରାଉତପାଟଣା ସମବାୟ ସମିତିର ପୂର୍ବତନ ଅଧକ୍ଷ ସୁଶାନ୍ତ କୁମାର ରାଉତ କହିଛନ୍ତି। ୨୦୨୦ ମାର୍ଚ୍ଚ ୧୦ସୁଦ୍ଧା କଟକ ଜିଲାରେ ୧୨ଲକ୍ଷ ୩୦ହଜାର କ୍ୱିଣ୍ଟାଲ ଧାନ କିଣାସରିଥିବା ବିଭାଗ ପକ୍ଷରୁ ଜଣାପଡିଛି। ଉକ୍ତ ସମୟ ମଧରେ ଗତିରାଉତପାଟଣା ସମିତିର ୧୪୯ଚାଷୀ ୫,୧୨୬କ୍ୱିଣ୍ଟାଲ, କନ୍ଦରପୁରର ୨୯୪ ଚାଷୀ ୧୦,୫୨୯ କ୍ୱିଣ୍ଟାଲ, କିଶୋରନଗରର ୨୬୮ଚାଷୀ ୯,୮୮୫ କ୍ୱିଣ୍ଟାଲ, ଅରିଲୋର ୨୯୪ ଚାଷୀ ୧ହଜାର କ୍ୱିଣ୍ଟାଲ, ପ୍ରହରାଜପୁରର ୧୫୨ଚାଷୀ ୫,୬୮୮କ୍ୱିଣ୍ଟାଲ, ଦଧିବାମନପୁରର ୧୯୪ଚାଷୀ ୪,୯୮୩କ୍ୱିଣ୍ଟାଲ, କୁଳସରିଚୁଆଁର ୧୩୭ ଚାଷୀ ୪,୪୦୦କ୍ୱିଣ୍ଟାଲ ଧାନ ବିକ୍ରି କରିସାରିଛନ୍ତି। ଏକ ଏକର ଜମିର ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ ଚାଷୀ ୩ରୁ ୪ଥର ଧାନ ବିକ୍ରି କରିବାର ସୁଯୋଗ ପାଇଥିବା ଜଣାପଡିଛି। ଏହା ଚଞ୍ଚକତା ନାଁ କମ୍ପ୍ୟୁଟରଜନିତ ତ୍ରୁଟି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବାରଦା ଗ୍ରାମର ଅରୂପ ଦତ୍ତ କହିଛନ୍ତି। ୧୨ କୁଇଣ୍ଟାଲ ଧାନ ବିକ୍ରି ପାଇଁ ସମବାୟ ସମିତିକୁ ଯାଇ ନିରାଶ ହେବାକୁ ପଡୁଥିବା ରାମକୁମାରପୁର ଗ୍ରାମର ଚାଷୀ ବିଷ୍ଣୁଚରଣ ବେହେରା କହିଛନ୍ତି। ଅନ୍ୟପକ୍ଷରେ ସମସ୍ୟା ସମ୍ପର୍କରେ କଟକ ଜିଲା ଧାନକ୍ରୟ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର କୁହନ୍ତି, ମିଲରମାନେ ଅର୍ଥ ଜମା କରିବା ପରେ ସେମାନଙ୍କୁ ଟାର୍ଗେଟ ଦିଆଯାଇଥାଏ। ଶୀଘ୍ର ଅନଲାଇନରେ ଜିଲା ଦାୟିତ୍ୱରେ ଥିବା ସମସ୍ତ ମିଲରଙ୍କୁ ଟାର୍ଗେଟ ଦିଆଯିବ। ଏକାଧିକ ଥର ଧାନ ବିକ୍ରି କରିଥିବା ଚାଷୀଙ୍କ ସମ୍ବନ୍ଧରେ କିଛି କହି ନ ଥିଲେ।



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



# ଠାକୁରଙ୍କ ସ୍ଥିତିବାନ୍ ସମ୍ପତ୍ତି ଜବରଦଖଲ



ପୁରୁଣା ଭୁବନେଶ୍ୱର, ୧୨।୩ (ଡି.ଏନ.ଏ.)– ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଯାତ୍ରା ସୂଚାରୁ ରୂପେ ସମ୍ପାଦନ କରିବାକୁ ପ୍ରତି ବର୍ଷଭଳି ଚଳିତବର୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ମାତ୍ର ଯାତ୍ରା ପୂର୍ବରୁ ବଢେଇବାଙ୍କ ଛକଠାରୁ ମାଉସୀ ମା' ମନ୍ଦିର ତଥା ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱ ନୟନଯୋଡି ଜବରଦଖଲରେ ରହିଛି। ଏଗୁଡ଼ିକ ଠାକୁରଙ୍କ ସ୍ଥିତିବାନ୍ ସମ୍ପତ୍ତି। ମିଳିତ ଉଚ୍ଛେଦ ଟିମ୍ କିମ୍ବା ପ୍ରଶାସନ ପକ୍ଷରୁ ସେସବୁ ଜବରଦଖଲ ମୁକ୍ତ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ମୁଖ୍ୟତଃ ଗୌତମନଗର ମୌଜା, ୟୁନିଟ୍–୨୮ ଅନ୍ତର୍ଗତ ଏହି ରାସ୍ତାର ଉଭୟପାର୍ଶ୍ୱ ଜମିଗୁଡ଼ିକୁ ବହୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି କବାଡ଼ିଆ, ଗ୍ୟାରେଜ, ହୋଟେଲ ଆଦି କରିଛନ୍ତି। କେତେକ ସ୍ଥାନରେ ଜାଗାକୁ ଭଡ଼ା ଲଗାଇବା ସହ ଜମିକୁ ବେଆଇନ ଭାବେ ବିକ୍ରିବଟା ସହ ନିଜ ନାମରେ କରାଇ ନେଇଥିବା ଅଭିଯୋଗ ହେଉଛି। ଏହି କାରଣରୁ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ କେହି କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇ ପାରୁନାହାନ୍ତି।

## ନିଜ ଜମିରେ ଯାତ୍ରା ପାଇଁ ଠାକୁରଙ୍କୁ ଅନୁମତି ଲୋଡ଼ା

ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଯାତ୍ରା

ଏକାମ୍ର କ୍ଷେତ୍ରର ଅଧିପତି ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଅଶୋକାଷ୍ଟମୀ ଯାତ୍ରା ନେଇ ମହାପ୍ରଭୁଙ୍କୁ ଅନ୍ୟ କାହାର ଜମି ଉପରେ ବିଜେ କରିବାର ଆବଶ୍ୟକତା ନାହିଁ। ଓଡ଼ିଶା ସରକାରଙ୍କୁ ଏହି ଜମିର ଖଜଣା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦିଆଯାଉଛି। ହେଲେ ରଥଦାଣ୍ଡ ସମେତ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଜମି ଜବରଦଖଲକାରୀଙ୍କ କବ୍‌ଜାରେ। ଗୌତମନଗର ମୌଜାର ଖାତା ନଂ. ୪୧୧ରେ ମୋଟ ୧୭୦ ଗୋଟି ପ୍ଲଟର ୨୦ ଏକର ୬୬୩ ଡିସିମିଲ ଜମିରୁ ୮ଗୋଟି ଦେବସ୍ଥଳ, ୧୦ଗୋଟି ସଡକ ଛାଡ଼ି ଦେଲେ ୧୨୧ଗୋଟି ଘରବାରି କିସମ ଜମି ଓ ଅନ୍ୟାନ୍ୟ ପତିତ, ୨ଟି ଜଳାଶୟ କିସମ ଜମି ସବୁ ଜବରଦଖଲରେ। ଏହିଭଳି ଗୌତମନଗର ମୌଜାର ଅନେକ ଖାତାରେ ବହୁ ଜମି ରହିଛି। ଯାତ୍ରା ପାଳନ ହେଉଥିବା ମୁଖ୍ୟ ରାସ୍ତା ପ୍ଲଟ ନଂ. ୬୦୦, ନୟନଯୋଡି ପ୍ଲଟ ନଂ. ୬୦୧ ଓ ୫୯୯ ଏ ସବୁର ମାଲିକାନା ଠାକୁରଙ୍କ ନାମରେ। ଖଜଣା ମଧ୍ୟ ଠାକୁର ଦେଉଛନ୍ତି। ମାତ୍ର ଏଠାରେ ପ୍ଲଟ ନଂ. ୫୭୦, ୫୭୧ ଏପରି ଶତାଧିକ ଏକର ଜମି ଉପରେ ବେଆଇନ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ଗଢି ଉଠିଛି। ଏକାମ୍ର କ୍ଷେତ୍ରର ବିକାଶ ଓ ସୌନ୍ଦର୍ଯ୍ୟକରଣ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ୬୨ ଏକର ଜମିରେ ମେଗା ପ୍ରୋଜେକ୍ଟ କରିବାକୁ କହିଥିଲେ। ଏ ନେଇ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରି ହୋଇଥିଲା। ଦୁଇମାସ ମଧ୍ୟରେ ରଥଦାଣ୍ଡର ଗୋସାଗୋରେଶ୍ୱର ଛକ ନିକଟରେ କେତେଗୋଟି ଗ୍ୟାରେଜ, କବାଡ଼ିଆ ଏବଂ ଦୋକାନ ତରବରିଆ ଭାବେ ନିର୍ମାଣ କରି ଆସ୍ଥାନ ଜମାଇ ସାରିଲେଣି। ସାଧାରଣ ଲୋକେ ଘର ନିର୍ମାଣ ବିନା ଅନୁମତିରେ କଲେ ବିଏମସି କଟକଣା କରିବା ସହ ନୋଟିସ ଦେଇଥାଏ। ମାତ୍ର ଶ୍ରୀଲିଙ୍ଗରାଜଙ୍କ ଜମିରେ କାହିଁ କେତେ ବେଆଇନ ନିର୍ମାଣ ହୋଇଛି। ଏ ନେଇ ବିଏମସି ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ଓଲଟା ଯାତ୍ରା ପାଇଁ ମହାପ୍ରଭୁଙ୍କୁ ଅନୁମତି ଲୋଡ଼ା ପଡୁଛି। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ପକ୍ଷରୁ ମଧ୍ୟ ଏସବୁ ନେଇ ଅଭିଯୋଗ ଆସିଲେ ତାଙ୍କର ଚିଠି ଲେଖିବା ଅବା ନୋଟିସ ଦେବାଛଡା ଅନ୍ୟ ଉପାୟ ନାହିଁ। ଏଣୁ ଚଳିତବର୍ଷ ଅଶୋକାଷ୍ଟମୀ ଯାତ୍ରା ପୂର୍ବରୁ ବରିଷ୍ଠ ଅଧିକାରୀ ଓ ସଚିବ ସ୍ତରୀୟ ଅଧିକାରୀ ଶ୍ରୀଲିଙ୍ଗରାଜଙ୍କ ଯାତ୍ରା ସ୍ଥଳ ସମେତ ଜମିଗୁଡ଼ିକୁ ଜବରଦଖଲମୁକ୍ତ ନେଇ ସ୍ଥାୟୀ ପ୍ରତିକାର କରିବାକୁ ଶ୍ରଦ୍ଧାଳୁ ଓ ସେବାୟତଙ୍କ ମହଲରେ ଦାବି ହୋଇଛି। ନଚେତ ଏକାମ୍ର ବିକାଶ ଏକରକମ ଅଧୁରା ରହିଯିବ। ଜବରଦଖଲ କାରଣରୁ ରଥଦାଣ୍ଡ ସଙ୍କୁଚିତ ହୋଇଯାଇଛି। ଫଳରେ ରୁକୁଣା ରଥ ଦାଣ୍ଡରେ ଗଡ଼ିବାରେ ପ୍ରତିବନ୍ଧକ ସାଜିବ ଏହା ନିଃସନ୍ଦେହ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ସମ୍ପର୍କରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କୁ ପଚାରିବାରେ କାର୍ଯ୍ୟାଳୟରେ ଅମିନ ଏବଂ ଆରଆଇ ପଦବୀ ଖାଲି ପଡିଛି। ତେଣୁ ଜବରଦଖଲ ସ୍ଥାନ ଚିହ୍ନଟ ପାଇଁ ସମସ୍ୟା ଉପୁଜୁଛି। ଖୁବ୍‌ଶୀଘ୍ର ଏହି ପଦବୀ ପୂରଣ ହେଲେ ରଥଦାଣ୍ଡରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜୋରଦାର କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାନିଲେ ଠାକୁର,**
**ନ ମାନିଲେ ପଥର ।**

ଭାବନା ଓ ଶ୍ରଦ୍ଧାର ଅନ୍ୟନାମ ଶକ୍ତି ବା ଦେବତା । ଭାବାନୁସାରେ ଈଶ୍ୱରଙ୍କର ଅଭ୍ୟୁତ୍ଥାନ ଘଟିଥାଏ। ବ୍ୟକ୍ତିର ଭାବନା ଯେପରି ହୋଇଥାଏ ଠିକ୍ ସେହିପରି ଆକୃତି ବିଶିଷ୍ଟ ଦେବଦେବୀ ତାଙ୍କୁ ଦୃଶ୍ୟ ହୋଇଥାନ୍ତି। ମନରେ ଭକ୍ତି ଓ ବିଶ୍ୱାସ ରଖି ଯଦି ପଥର ଦେହରେ ସିନ୍ଦୂର ବୋଳି ତାଙ୍କୁ ଦେବତା ଜ୍ଞାନ କହି ପୂଜା କରାଯାଏ ତେବେ ସେହି ଅନୁସାରେ ଫଳ ବା କୃପା ମିଳିଥାଏ। ଏହାର ମୂଳରେ ନିହିତ ଥାଏ ବ୍ୟକ୍ତିର ନିଷ୍ଠା ଓ ବିଶ୍ୱାସ। ବିଶ୍ୱାସରେ ହିଁ ଭଗବାନଙ୍କୁ ପାଇ ହୁଏ ବୋଲି ଏଠାରେ ଉଲ୍ଲେଖ ପ୍ରକାଶ କରାଯାଇଛି।

**ମାରି ମାରି ଗଲା କାଳକ,**
**ଆଉ ବାକି ଅଛି ବେଳକ ।**

ଜୀବନ ଯେମିତି ବିତୁଛି ବିତିଚାଲୁ। ଏମିତିରେ ତ ବେଳକାଳ ବିତିଗଲାଣି, ଯୁଗ ସରିଆସିଲାଣି। ଆଉ କେତେକାଳ ଅଛି ଯେ ତା' ପାଇଁ ଏତେ ଚିନ୍ତା! ଜୀବନଶୈଳୀରେ କୌଣସି ପରିବର୍ତ୍ତନ ଆଣିବା ପାଇଁ ଅନିଚ୍ଛା ତଥା ଏମିତି ବାକି ସମୟ ତ ବିତିଯିବ ବୋଲି ବସି ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ୧୪ରେ ଜମାଣ ଉତ୍ସବ

ବାଲକାଟୀ, ୧୨।୩(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବାଲକାଟୀର ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବଙ୍କ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣର ଜମାଣ ଉତ୍ସବ ଆସନ୍ତା ୧୪ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ଅନ୍ତିମ ପ୍ରସ୍ତୁତି ବୈଠକ ପ୍ରତାପଶାସନ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ସ୍ଥାନୀୟ ସରପଞ୍ଚ ଭାଗ୍ୟଧର ନନ୍ଦୀ ଅଧ୍ୟକ୍ଷତା କରିଥିବାବେଳେ ବିଭିନ୍ନ ସାହି ଓ ଗ୍ରାମରୁ ଆସୁଥିବା ଠାକୁରମାନଙ୍କ ରୁଟ ସମ୍ବନ୍ଧୀୟ ତଥା ଚଳିତବର୍ଷ ମେଳଣ କିଭଳି ଅଧିକ ଆକର୍ଷଣୀୟ ହେବ ସେନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୋନ–୪ ଏସିପି ରବି ଶତପଥୀ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ସାହୁ, କପିଳ ମହାରଣା, ବେଣୁଧର ଭୋଇ, ଶତ୍ରୁଘ୍ନ ପୃଷ୍ଟି, ଗିରିଧାରୀ ସାହୁ, ମହେଶ୍ୱର ବେହେରା, ମଳୟ ମହାନ୍ତିଙ୍କ ସମେତ ବିଭିନ୍ନ ସାହିର ମୁରବୀ, ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଫଗୁ ପାଇଁ ଏହି ପଞ୍ଚୁଦୋଳ ମେଳଣର ଏକ ସ୍ୱତନ୍ତ୍ରତା ରହିଛି। ମେଳଣରେ ପ୍ରତାପଶାସନ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବ ଥାନପତି ହୋଇଥିବାବେଳେ ଆଖପାଖ ଅଞ୍ଚଳର ପ୍ରାୟ ୫୨ଟି ବିମାନ ମେଳଣପଡ଼ିଆରେ ଏକତ୍ରିତ ହୋଇଥାନ୍ତି।

## ମୁକ୍ତାକାଶ କାରାଶ୍ରମରେ ନୂତନ ଅଧୀକ୍ଷକଙ୍କ ଯୋଗଦାନ

ବାରଙ୍ଗ, ୧୨।୩(ଡି.ଏନ୍.ଏ.)

ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରେ ନୂତନ ଅଧୀକ୍ଷକ ଭାବେ ଝାରପଡ଼ାସ୍ଥିତ ସ୍ୱତନ୍ତ୍ର କାରାଗାରରୁ ପଦୋନ୍ନତି ପାଇଥିବା ସତ୍ୟ ପ୍ରକାଶ ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଅଧୀକ୍ଷକ ଥିବା ପ୍ରଦୀପ କୁମାର ବେହେରାଙ୍କୁ ବାରିପଦା ସର୍କଲଜେଲର ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ଏଠାରେ କାର୍ଯ୍ୟରତ ଜେଲର ସମୀର କୁମାର ସାହୁଙ୍କୁ ବ୍ରହ୍ମପୁରସ୍ଥିତ ଜେଲ ଟ୍ରେନିଂକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବଲାଙ୍ଗୀର ଜିଲା କାରାଗାରରୁ ସଞ୍ଜୟ କୁମାର ବର୍ମାଙ୍କୁ ମୁକ୍ତାକାଶର ଜେଲର ଦାୟିତ୍ୱ ଦିଆଯାଇଛି।

## ଜୟଦେବ ପୀଠ ପରିଦର୍ଶନ କଲେ ମନ୍ତ୍ରୀ

ବାଲିଅନ୍ତା, ୧୨।୩(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ କେନ୍ଦୁଲିସ୍ଥିତ ପର୍ଯ୍ୟଟନକେନ୍ଦ୍ର ଜୟଦେବ ପୀଠର ଖୁବଶୀଘ୍ର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବ। ଗୁରୁବାର ଅପରାହ୍ନରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜୟଦେବ ପୀଠକୁ ପରିଦର୍ଶନରେ ଆସି ଉନ୍ନତିମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପୀଠ ପରିସରରେ ଥିବା ଜୟଦେବ ସଂଗ୍ରହାଳୟ, ଜୟଦେବ ମଣ୍ଡପ, ଉଦ୍ୟାନ ଓ ଗେଷ୍ଟହାଉସ ଭିତରେ ଥିବା ୧୧ଟି ବିଷ୍ଣୁ ମୂର୍ତ୍ତିକୁ ବୁଲି ଦେଖିଥିଲେ। ପୀଠ ପରିସରରେ ସମୀକ୍ଷା ବୈଠକରେ ପର୍ଯ୍ୟଟନ, ସଂସ୍କୃତି ଓ ଜଙ୍ଗଲ ବିଭାଗର ଅଧିକାରୀଙ୍କ ସହିତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଥିବା ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ପୀଠ ପରିସରରେ ୧୦ଏକର ଜମି ରହିଛି। କିଛି ଜମି ବ୍ୟକ୍ତିଗତ ମାଲିକାନାରେ ରହିଛି।



ଜୟଦେବ ପୀଠ ପରିଦର୍ଶନ କରୁଛନ୍ତି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

ଏହାର ରେକର୍ଡ ସଂଶୋଧନ କରି ଜମିର ଡିମାରକେଶନ ପାଇଁ ମନ୍ତ୍ରୀ ଉପସ୍ଥିତ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାର୍ଚ୍ଚ ୩୧ସୁଦ୍ଧା ପୀଠୀର ସମସ୍ତ ଜମିର ରେକର୍ଡ ସଂଶୋଧନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜୟଦେବ ପୀଠରେ ଉନ୍ନତିକରଣ ପାଇଁ ୭କୋଟି ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ୧୦କୋଟି ୮୯ଲକ୍ଷ ମଞ୍ଜୁର ହୋଇ ଟେଣ୍ଡର ସରିଥିବା ପର୍ଯ୍ୟଟନ ବିଭାଗର ଅଧିକାରୀ ସୂଚନା ଦେଇଥିଲେ। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ମନ୍ତ୍ରୀ ପାଣିଗ୍ରାହୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜୟଦେବ ସଂଗ୍ରହାଳୟ ଗୃହର ମରାମତି ହେବ ନା ଏକ ନୂତନ ଗୃହ କରାଯିବ ସେନେଇ ମନ୍ତ୍ରୀ ଓଟିଡିସିର ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ଏହାସହ ପୀଠର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତୁତ ଡିଜାଇନ ନେଇ କିଛି ଆପତ୍ତି ଅଛି ସେନେଇ ମନ୍ତ୍ରୀ ଉପସ୍ଥିତ ଅଧିକାରୀ, ଜନସାଧାରଣ ଓ ଲୋକପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ ପୀଠରେ ପ୍ରାୟ ୧ଘଣ୍ଟା ରହିଥିଲେ। ତାଙ୍କ ଗସ୍ତ ସମୟରେ ସଂସ୍କୃତ ବିଭାଗର ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ ନାୟକ, ଜୟଦେବ ବିଧାୟକ ଡ.ଅରବିନ୍ଦ ଢ଼ାଲୀ, ତହସିଲଦାର ରଶ୍ମିରେଖା ପ୍ରଧାନ, ବିଡିଓ ବିକେ ସାହୁ, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର ଓ ସରପଞ୍ଚ ପ୍ରଜ୍ଞାପାରମିତା ଜେନାମଣୀ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଗୋଡ଼େଇ ପିଟିବା ଘଟଣାରେ ୨ ଗିରଫ

ପୁରୁଣା ଭୁବନେଶ୍ୱର, ୧୨।୩ (ଡି.ଏନ.ଏ.)–

ଜମି ସୀମା ବିବାଦକୁ ନେଇ ସୋମବାର ଲିଙ୍ଗରାଜ ଥାନା ଅଧୀନ ବିନ୍ଦୁସାଗର ରାସ୍ତାରେ ସବିତା ସେଠୀଙ୍କୁ କେତେଜଣ ବ୍ୟକ୍ତି ବିଚ୍ ରାସ୍ତାରେ ଗୋଡ଼େଇ ଗୋଡ଼େଇ ମାଡ଼ ମାରିଥିଲେ। ଏହି ଘଟଣାରେ ପୋଲିସ ଗୁରୁବାର ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ହରଚଣ୍ଡୀ ସାହିର ପ୍ରକାଶ ମହାସୁଆର(୫୪) ଏବଂ ପଳାଶପଲ୍ଲୀ ଅଞ୍ଚଳର ପ୍ରଶାନ୍ତ ମହାପାତ୍ର(୩୪)। ପୋଲିସ ସୂଚନା ମୁତାବକ, ଏମାନଙ୍କ ସହ ୭ରୁ ଊର୍ଦ୍ଧ୍ୱ ଯୁବକ ମହିଳାଙ୍କୁ ଘଟଣା ଦିନ ଗୋଡ଼େଇ ଗୋଡ଼େଇ ମାଡ଼ ମାରିଥିଲେ। ମହିଳାଙ୍କ ଅଭିଯୋଗ ପରେ ପୋଲିସ ନଂ. ୪୫/୨୦ରେ ମାମଲା ରୁଜୁ କରିଥିଲା। ମାଡ ମାରିଥିବା ଅନ୍ୟମାନେ ଫେରାର ଅଛନ୍ତି। ଦୁଇଟି ସ୍ପେଶାଲ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶରତ ପାତ୍ର କହିଛନ୍ତି।



ଭଞ୍ଜକଳା ମଣ୍ଡପରେ ଗୁରୁବାର ନାଟ୍ୟଧାରା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟକ 'କ୍ରୀତଦାସ'ର ଏକ ଦୃଶ୍ୟ।

## ହେଲମେଟ ପିନ୍ଧି ନ ଥିବାରୁ ଆଇନଜୀବୀଙ୍କୁ ମାଡ଼

ଭୁବନେଶ୍ୱର, ୧୨।୩(ବ୍ୟୁରୋ)

**ଚେକିଂ ନାଁରେ ଟ୍ରାଫିକ ପୋଲିସର ଦାଦାଗିରି**

ରାଜଧାନୀରେ ଦିନକୁ ଦିନ ଟ୍ରାଫିକ ପୋଲିସର ଦାଦାଗିରି ବଢ଼ିବାରେ ଲାଗିଛି। କିଛିଦିନ ତଳେ ସିଆରପି ଛକ ନିକଟରେ ଜଣେ ମହିଳାଙ୍କ ସ୍କୁଟିରୁ ଜବରଦସ୍ତି ଗାଡ଼ି ଚାବି କାଢି ନେଇ ହଇରାଣ କରିବା ଘଟଣା ନ ସରୁଣୁ ଗୁରୁବାର ପୁଣି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଏକ ଘଟଣା ପଦାକୁ ଆସିଛି। କୌସ୍ତୁବ କଲେଜ ନିକଟରେ ଚେକିଂ ଚାଲିଥିବାବେଳେ ହେଲମେଟ ପିନ୍ଧି ନ ଥିବା ଜଣେ ଆଇନଜୀବୀଙ୍କୁ ଜଣେ ଟ୍ରାଫିକ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ମାଡ଼ରେ ଆଇନଜୀବୀ ଜଣଙ୍କ ବେହୋସ ହୋଇଥିବା ସେ କହିଛନ୍ତି। ଅନ୍ୟପଟେ ମାଡ଼ ମାରିଥିବା ଟ୍ରାଫିକ ପୋଲିସ ମଧ୍ୟ ଆଇନଜୀବୀଙ୍କ ନାମରେ ପାଲଟା ଅଭିଯୋଗ କରିଥିବା ଜଣାପଡିଛି। ପୋଲିସ ଉଭୟ ଅଭିଯୋଗ ଆଧାରରେ ତଦନ୍ତ କରୁଥିବା ଜଣାପଡିଛି।

ଆଇନଜୀବୀ କେଶବ ମିଶ୍ରଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ୧୦ଟାରେ ଟ୍ରାଫିକ ପୋଲିସ ପକ୍ଷରୁ ଯାଞ୍ଚ ହେଉଥିଲା। ଏହି ସମୟରେ ଆଇନଜୀବୀ କେଶବ ପଟିଆରୁ ଇନ୍‌ଫୋସିସ୍ ଅଭିମୁଖେ ଯାଉଥିବାବେଳେ ଉକ୍ତ ଛକ ନିକଟରେ ପୋଲିସ ତାଙ୍କୁ ଅଟକାଇଥିଲା। ହେଲେ କେଶବ ଆଗକୁ ଯାଇ ବାଇକ ରଖିବା ସମୟରେ କାର୍ଯ୍ୟରତ ଟ୍ରାଫିକ ପୋଲିସ ତାଙ୍କୁ ଗୋଟିଏ ଚାପୁଡ଼ା ମାରିଥିଲେ। ଫଳରେ ସେ ତଳେ ପଡ଼ି ବେହୋସ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପାଣି ଛିଞ୍ଚିବା ପରେ ଚେତା ଫେରିଥିଲା ବୋଲି କେଶବ କହିଛନ୍ତି। ଅନ୍ୟପକ୍ଷେ ମାଡ଼ ମାରିଥିବା ଟ୍ରାଫିକ ପୋଲିସ ଜଣଙ୍କ କହିଛନ୍ତି, କେଶବ ବିନା ହେଲମେଟରେ ଯାଉଥିଲେ। ତାଙ୍କୁ ଅଟକାଇଥିଲେ ମଧ୍ୟ ସେ ରହି ନ ଥିଲେ। ଫଳରେ ପୋଲିସ ତାଙ୍କୁ ଧରିବା ପରେ ସେ ଏଭଳି ମିଥ୍ୟ ଅଭିଯୋଗ ଆଣିଥିଲେ। ତାଙ୍କୁ ସେଭଳି ମାଡ ହୋଇନାହିଁ। ଏ ନେଇ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି,ଏ ସମ୍ପର୍କରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବାରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

କିନ୍ତୁ ଏହି ଘଟଣାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ନାରୀନେତ୍ରୀ ଡଲି ରଥ। ସେ କହିଛନ୍ତି ଯେ, ଜଣେ ଟ୍ରାଫିକ ନିୟମ ଉଲ୍ଲଂଘନ କଲେ କ'ଣ ପୋଲିସ ସେମାନଙ୍କୁ ମାଡ଼ ମାରିବ। ଯଦି ଜଣେ ଟ୍ରାଫିକ ନିୟମ ଭାଙ୍ଗିଛି ତେବେ ତାଙ୍କୁ ଆଇନ ଅନୁଯାୟୀ ଜରିମାନା କରନ୍ତୁ। ଏଭଳି ଲୋକଙ୍କୁ ଯାଞ୍ଚ ନାଁରେ ମାଡ଼ ମାରିବା ଠିକ୍ ନୁହେଁ। ଏଭଳି ହେଲେ ଶେଷରେ ରାଜମହଲ ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଏ ନେଇ ଟ୍ରାଫିକ ଡିସିପି ସାଗରିକା ନାଥ କହିଛନ୍ତି, ପ୍ରକୃତ ଘଟଣା କ'ଣ ହୋଇଛି ସମସ୍ତେ ଜାଣିଛନ୍ତି। ଯଦି ଟ୍ରାଫିକ ପୋଲିସ ପିଟିବା ନେଇ ଅଭିଯୋଗ ହେଉଛି ତେବେ ଘଟଣାର ଯାଞ୍ଚ କରାଯିବ। ଟ୍ରାଫିକ ପୋଲିସ ଦୋଷୀ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS
FINANCE

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ Online ସୁବିଧା
CONTACT
90783-45815
gmail-fusionmicrofinance2020@gmail.com

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅହଂକାର ରଖି କୌଣସି ମହତ୍ କାର୍ଯ୍ୟ ହୋଇପାରେ ନାହିଁ।

- ରସ୍କିନ୍



## ସଂକ୍ଷେପରେ

### ଜୁଏଲେରୀ ହାର ଲୁଟ୍ ଅଭିଯୋଗ: ଦମ୍ପତି ଗିରଫ

**ଖୋର୍ଦ୍ଧା ଅଫିସ,୧୨।୩:** ଖୋର୍ଦ୍ଧା ସହରରେ ଥିବା ଏକ ଜୁଏଲେରୀ ଦୋକାନରୁ ସୁନା ହାର ଲୁଟ୍ କରିଥିବା ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗୁରୁବାର ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଦମ୍ପତି ହେଲେ ଜଟଣୀ ଥାନା ବାଲିଚକସାହିର ତପନ କୁମାର ସାହୁ ଏବଂ ସ୍ତ୍ରୀ ସୁଜାତା। ପୋଲିସ ସୂଚନା ଅନୁସାରେ, ଉକ୍ତ ଜୁଏଲେରୀ ଦୋକାନରୁ କିଛିଦିନ ତଳେ କେହି ସୁନା ଅଳଙ୍କାର ଲୁଟ୍ କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ବୁଧବାର ରାତିରେ ଉଭୟ ତପନ ଓ ସୁଜାତା ଏହି ଦୋକାନରୁ ସୁନା ହାର ଲୁଟି ନେଇ ପଳାଇବାକୁ ଉଦ୍ୟମ କରୁଥିଲେ। ଦୋକାନ ମାଲିକ ଏହା ଜାଣି ପାରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଦମ୍ପତି ପୂର୍ବ ଚୋରି ଘଟଣାରେ ସମ୍ପର୍କ ଥିବା ସ୍ୱୀକାର କରିଥିଲେ। ଏ ନେଇ ପୋଲିସ ନଂ. ୮୪/୨୦ରେ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରିଥିଲା। ଗୁରୁବାର ଦମ୍ପତିଙ୍କୁ ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା।

### କାଇପଦର କପ୍ କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ ଝାଁଳା

**ଖୋର୍ଦ୍ଧା ଅଫିସ, ୧୨। ୩ :** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଖେଳପଡିଆଠାରେ ଚାଲୁଥିବା ସତ୍ୟପୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ୮ମ ଦିବସର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଝାଁଳାର ବ୍ଲୁ ରକ୍ ଷ୍ଟାର କ୍ରିକେଟ୍ କ୍ଲବ ୫୫ ରନ୍‌ରେ ଦେଉଳି ଟାଙ୍ଗୀ କ୍ରିକେଟ୍ କ୍ଲବକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ଝାଁଳା ଦଳ ୧୯ ଓଭରରେ ୭ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରିଥିଲା। ଜବାବରେ ଦେଉଳିଟାଙ୍ଗୀ କ୍ରିକେଟ୍ କ୍ଲବ ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୨ ରନ୍ କରିଥିଲା। ବିଜୟୀ ଦଳର ଖେଳାଳି ଆଇ.ଏସ୍. ଗିରି ବ୍ୟକ୍ତିଗତ ୨୫ ବଲରେ ୩୫ ରନ୍ ଓ ୪ ଓଭରରେ ବୋଲିଂ କରି ୩୦ ରନ ଦେଇ ୩ ଉଇକେଟ ଅକ୍ତିଆର କରି ଦଳକୁ ଜିତେଇଥିଲେ। ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଝଜ ସାମନ୍ତରାୟ ଓ ପ୍ରଶାନ୍ତ ମାର୍ଥା ଉଭୟ ମ୍ୟାଚ୍‌କୁ ପରିଚାଳନା କରିଥିଲେ।

### ମହାବୀର ପୀଠରେ ପୂର୍ଣ୍ଣାହୁତି

**ଖୋର୍ଦ୍ଧା ଅଫିସ,୧୨।୩:** ଖୋର୍ଦ୍ଧା ବ୍ଲକ ଦଳେଇପୁଟସ୍ଥିତ ପାହାଡ ଶୀର୍ଷ ଦେଶରେ ବିରାଜମାନ ମହାବୀର ପୀଠରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଯଜ୍ଞ ଗୁରୁବାର ଶେଷ ହୋଇଛି। ବିଭିନ୍ନ ଦିବସରେ ହନୁମାନ ଚାଳିଶା ପାଠ, କଳସ ଶୋଭାଯାତ୍ରା, ଯଜ୍ଞରେ ସର୍ବଦେବା ଦେବୀ ଆବାହାନ, ଅଗ୍ନି ସ୍ଥାପନ ହୋଇଥିଲା। ଗୁରୁବାର ଅପରାହ୍ନରେ ପୂର୍ଣ୍ଣାହୁତି କରାଯାଇ ଯଜ୍ଞ ଶେଷ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ହୋଇଥିଲା। ଗ୍ରାମର ସଙ୍କଟମୋଚନ ମହାବୀର ସେବା ସଙ୍ଘର ସଭ୍ୟାସଭ୍ୟମାନେ ସହଯୋଗ କରିଥିଲେ।

# ନିଶାଦ୍ରବ୍ୟ କାରବାରରେ ଲାଗୁନି ଅଙ୍କୁଶ

## ଖୋର୍ଦ୍ଧା ଅବକାରୀ, ପୋଲିସ ବିଭାଗ ନୀରବ

**ଖୋର୍ଦ୍ଧା ଅଫିସ, ୧୨। ୩**

ଖୋର୍ଦ୍ଧା ଜିଲା ସଦର ମହକୁମା ଓ ଏହାର ଆଖପାଖ ଅଞ୍ଚଳ ଏବେ ଚୋରା ନିଶାଦ୍ରବ୍ୟ କାରବାର ବଢି ଚାଲିଛି। ଚୋରା ନିଶା ବେପାରୀମାନଙ୍କ ଉପରେ ପୋଲିସ ଓ ଅବକାରୀ ବିଭାଗ ଅଙ୍କୁଶ ନ ଥିବା ଅଭିଯୋଗ ହେଉଛି। ବିଶେଷକରି ଯେଉଁ ହାରରେ ଜାନୁୟାରୀରୁ ଏବେ ସୁଦ୍ଧା ବିଭିନ୍ନ ଥାନାରେ ମାଦକ ଦ୍ରବ୍ୟ ବିକ୍ରି ଘଟଣାରେ ଗିରଫ ଓ ସରଞ୍ଜାମ ଜବତ କରାଯାଇଛି ଏଥିରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଛି। ଏଣେ ଚାପରେ ପଡିଲେ ପୋଲିସ, ଅବକାରୀ ବିଭାଗ ପକ୍ଷରୁ ଲୋକଦେଖାଣିଆ କେବଳ ଚଢାଉ କରାଯାଉଛି। ପରେ ଚଢାଉ ନୀରବି ଯାଉଛି। ଅନ୍ୟପକ୍ଷରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପକ୍ଷରୁ କେବଳ ଚଢାଉ କରାଯାଇ ଖୋର୍ଦ୍ଧା ସହର ଓ ଏହାର ତଳି ଅଞ୍ଚଳରୁ ବ୍ରାଉନସୁଗାର ଜବତ କରାଯାଉଛି। ଗ୍ରାମାଞ୍ଚଳ ଥାନା ଇଲାକରେ ଏହି କାରବାର ଖୁଲମ୍ ଖୁଲା ଚାଲୁଛି। ତେବେ ହାତ ଗୁଞ୍ଜା ନେଇ ପୋଲିସ ଓ ଅବକାରୀ ବିଭାଗ ଚୁପ୍ ହୋଇ ବସି ପଡିଥିବା କୁହାଯାଉଛି। ୩ ମାସ ମଧ୍ୟରେ ଖୋର୍ଦ୍ଧା ଜିଲା ପୋଲିସ ଅଧୀନ ଖୋର୍ଦ୍ଧା ସଦର , ଖୋର୍ଦ୍ଧା ଆଦର୍ଶ ଓ ବେଗୁନିଆ ଥାନା ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ୧୭ ଜଣ ମାଦକ ଦ୍ରବ୍ୟ ବିକ୍ରି କରୁଥିବା ଅବସ୍ଥାରେ ଗିରଫ ହୋଇ ସାରିଲେଣି। ଏ ସମ୍ପର୍କରେ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁଙ୍କୁ ପଚାରିବାରେ ପୋଲିସ ତା'ର ପ୍ରାମାଣିକ ତଥ୍ୟ ଆଧାରରେ ଚୋରା ନିଶାଦ୍ରବ୍ୟ କାରାବାର ଉପରେ ଚଢାଉ ଜାରି ରଖିଛି। ନିଶାଦ୍ରବ୍ୟ ଜବତ ଜାରି ରହିଛି। ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଉଛି। ପୋଲିସ ବିଭାଗ ନୀରବି ଯାଇନାହିଁ ବୋଲି ସେ କହିଛନ୍ତି।

### ଯାତ୍ରୀବାହୀ ବସ୍ ପାଲଟିଛି ମାଧ୍ୟମ

ଚୋରା ନିଶାଦ୍ରବ୍ୟ କାରବାର କରୁଥିବା ବେପାରୀମାନେ ଏବେ ବାହାରୁ ଆସୁଥିବା ଯାତ୍ରୀବାହୀ ବସ୍‌କୁ ସୁରକ୍ଷିତ ବେପାର ମାଧ୍ୟମ ଧରି ନେଲେଣି। ଖୋର୍ଦ୍ଧା ଜିଲା ସଦର ମହକୁମା ଦେଇ ଦୁଇଟି ଜାତୀୟ ରାଜପଥ ଯାଇଛି। ରାୟଗଡାରୁ ଆରମ୍ଭ କରି ଗଞ୍ଜାମ, ଗଜପତି ଓ ପଶ୍ଚିମ ଓଡ଼ିଶାରୁ ଅସୁଥିବା ବସ ରାଜପଥ ଦେଇ ଭୁବନେଶ୍ୱରକୁ ଯାତାୟାତ କରୁଛି। ତେବେ କ୍ରମାଗତ ଭାବେ ଚୋରାରେ ଭାଙ୍ଗ, ଗଞ୍ଜେଇ ଓ ବ୍ରାଉନସୁଗାର ଭଳି ନିଶାଦ୍ରବ୍ୟ ଚାଲାଣ ଏହି ବସ୍ ମାଧ୍ୟମରେ କରାଯାଉଥିବା ଅଭିଯୋଗ ଉଠିଛି। ମାତ୍ର ଏହି କାରବାରକୁ ପ୍ରୋତ୍ସାହନ ଦେବାରେ ଏକ ର୍‍ୟାକେଟ୍ କାର୍ଯ୍ୟକାରୀ କରୁଥିବା ଜଣାପଡୁଛି। ସେଥିରେ ମଧ୍ୟ ବିଭିନ୍ନ ସ୍ଥାନରେ ଥିବା ଟୋଲଗେଟ୍ କର୍ମଚାରୀ, ପୋଲିସ ଓ ସ୍ଥାନୀୟ ଅବକାରୀ ବିଭାଗର ସମ୍ପୃକ୍ତି ରହିଥିବାର ଆଶଙ୍କା କରାଯାଉଛି। ହେଲେ ଏ ଦିଗରେ ଆବଶ୍ୟକ ସମୀକ୍ଷା ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉପଯୁକ୍ତ ପଦକ୍ଷେପ ନିଆଯାଉ ନ ଥିବାରୁ ଏହି କାରବାର ଉପରେ ଅଙ୍କୁଶ ଲାଗି ପାରୁନାହିଁ। ସୂଚନାଥାଉ କି ଫୁଲବାଣୀ, ରାୟଗଡା, କୋରାପୁଟ, ମାଲକାନଗିରି, ବୌଦ୍ଧ ଆଦି ଅଞ୍ଚଳରୁ ଚୋରାରେ ବିପୁଳ ପରିମାଣର ଭାଙ୍ଗ ଓ ଗଞ୍ଜେଇ ଖୋର୍ଦ୍ଧା ସଦର ମହକୁମା ଦେଇ ବସ୍ ମାଧ୍ୟମରେ କଟକ, ଭୁବନେଶ୍ୱର ଓ ପୁରୀ ଅଞ୍ଚଳକୁ ବିକ୍ରି ପାଇଁ ଆସୁଥିବା ଏକ ସର୍ବେକ୍ଷଣ ରିପୋର୍ଟରୁ ହସ୍ତଗତ ହୋଇଛି। ବିଗତଦିନରେ ମଧ୍ୟ ଖୋର୍ଦ୍ଧା ଓ ଭୁବନେଶ୍ୱର ପୋଲିସ ପକ୍ଷରୁ ବସ ମଧ୍ୟରୁ ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ୍ ହୋଇଥିବା ନଜୀର ମଧ୍ୟ ରହିଛି।

### ନିଶାଦ୍ରବ୍ୟ କାରବାରରେ ମହିଳାଙ୍କୁ ଢାଲ

ଖୋର୍ଦ୍ଧା ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଚୋରା ନିଶାଦ୍ରବ୍ୟ କାରବାର ବଢି ଚାଲିଛି। ଏହାକୁ ରୋକିବାରେ ଅନେକ ସମୟରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଉଛି। ଏଥିରେ ସମ୍ପୃକ୍ତ ଥିବା ପୁରୁଷ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲଣ କରାଯାଉଛି। ତେବେ ଏବେ ଆଉ ବେପାରକୁ ପୁରୁଷମାନେ ନ କରି ମହିଳାମାନଙ୍କୁ ବେପାରରେ ଲଗାଇ ଦେଉଛନ୍ତି। ଅଭିନବ ଉପାୟରେ ସେମାନେ ମହିଳାଙ୍କୁ ଢାଲ କରିନିଜେ ଖସିଯିବାରେ ସଫଳ ହେଉଛନ୍ତି।



ଅଟଳ ଜ୍ୟୋତି ଯୋଜନାର ଶୁଭାରମ୍ଭ ଅବସରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ଅଟଳ ଜ୍ୟୋତି ଯୋଜନାର ଶୁଭାରମ୍ଭ

**ନିରାକାରପୁର,୧୨।୩(ଡି.ଏନ୍.ଏ.):**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ୧୨ନଂ. ଜୋନର ରାମେଶ୍ୱର ଗ୍ରାମରେ ଗୁରୁବାର ଅଟଳ ଜ୍ୟୋତି ଯୋଜନାରେ ସୋଲାର ଲାଇଟ୍ ଲଗାଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କ ଅନୁଦାନ ଅର୍ଥରୁ ୧୨ନଂ. ଜୋନର ୭ ପଞ୍ଚାୟତରୁ ପ୍ରଥମେ ରାମେଶ୍ୱର, ନିରାକାରପୁର ଓ ଲେଣ୍ଡୁ ପଞ୍ଚାୟତରେ ୫ଟି ଲେଖାଏ ସୋଲାର ଲାଇଟ୍ ଲାଗିଛି। ଏହି କାର୍ଯ୍ୟକ୍ରମରେ ୧୨ନଂ. ଜୋନ ସଭାପତି ଆଲୋକ ରଞ୍ଜନ ଛୋଟରାୟ, ଏମ୍‌ପିଙ୍କ ପ୍ରତିନିଧି ପ୍ରଦୋଷ କୁମାର ହରିଚନ୍ଦନ, ସୁକେଶ ସେନାପତି, ସଞ୍ଜୟ ରାଉତରାୟ, ମାନସ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ପଞ୍ଚୁଦୋଳ ଯାତ୍ରାର ନବକଳେବର

- ଗୁରୁଜଙ୍ଗରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ
- ବାଜିବନି ଡିଜେ, ଖୋଲିବନି ଛକର ଦୋକାନ

**ଖୋର୍ଦ୍ଧା ଅଫିସ,୧୨।୩:**

ଖୋର୍ଦ୍ଧା ସହର ଗୁରୁଜଙ୍ଗସ୍ଥିତ ଧବଳେଶ୍ୱର ଦେବଙ୍କ ପଞ୍ଚୁଦୋଳ ଯାତ୍ରାର ଚଳିତବର୍ଷ ନବକଳେବର ହୋଇଛି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ମେଳଣ ପଡିଆର ପୁନରୁଦ୍ଧାର କରାଯାଇଛି। ଏ ଅବସରରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାରଠାରୁ ଯାତ୍ରା ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୧ ଠାକୁର ମେଳଣରେ ଭାଗ ନେବେ। ଶୁକ୍ରବାର ରାତ୍ର ୧୦ଟାରୁ ଗୁରୁଜଙ୍ଗର ପ୍ରତ୍ୟେକ ସାହିରୁ ଠାକୁର ଶୋଭାଯାତ୍ରାରେ ବାହାରିବେ। ବିଭିନ୍ନ ସାହିରୁ ଆସୁଥିବା ଶୋଭାଯାତ୍ରା ଲାଗି ସମୟ ନିର୍ଘଣ୍ଟ କରାଯାଇଛି। ଶନିବାର ପୂର୍ବାହ୍ନରେ ଗୁରୁଜଙ୍ଗ ଗ୍ରାମ୍ୟ ମେଳଣ ପଡିଆରେ ଠାକୁରଙ୍କ ସମାଗମ ହେବ। ପରେ ଠାକୁରମାନେ ନିଜ ନିଜ ମନ୍ଦିରକୁ ଫେରିବେ ବୋଲି ଗୁରୁଜଙ୍ଗ ଗ୍ରାମ୍ୟ କମିଟିର ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ଗୁରୁବାର ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀର ସୂଚନା ଅନୁସାରେ, ଚଳିତବର୍ଷ ମେଳଣ ଯାତ୍ରାକୁ ଆକର୍ଷିତ କରିବାକୁ ବିଭିନ୍ନ ମନୋହରୀ, ଘରକରଣା, ବାଉଁଶ ନିର୍ମିତ ସାମଗ୍ରୀ ଦୋକାନ ଖୋଲିବ। ଛୋଟ ପିଲାମାନଙ୍କ ଲାଗି ବିଭିନ୍ନ ପ୍ରକାରର ଦୋଳି ବ୍ୟବସ୍ଥା କରାଯାଇଛି। ଦୋକାନୀଙ୍କୁ ବିନା ମୂଲ୍ୟରେ ପାଣି, ବିଦ୍ୟୁତ ଏବଂ ଜମି ଯୋଗାଇ ଦିଆଯିବ। ଚଳିତବର୍ଷ ମେଳଣ ଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଡିଜେ ବାଜାକୁ ସମ୍ପୂର୍ଣ୍ଣ ଭାବେ କମିଟି ପକ୍ଷରୁ ନିଷେଧ କରାଯାଇଛି। ଏହାକୁ ଅଣଦେଖା କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବାକୁ କମିଟି ସତର୍କ କରାଇଛି। ଗୁରୁଜଙ୍ଗ ଛକ ଦୋକାନ ଶନି, ରବି ଓ ସୋମ ବାର ବନ୍ଦ କରାଯିବାକୁ ପରାମର୍ଶ ଦିଆଯାଇଛି। ତେବେ କେବଳ ତେଜରାତି ଦୋକାନ ସକାଳ ବେଳା ଖୋଲାଯିବ। ଔଷଧ ଦୋକାନ ଉପରେ କଟକଣା ନାହିଁ। ଚଳିତବର୍ଷ ୧୩ ତାରିଖଠାରୁ ଅପେରା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଲାଗି କମିଟି ପକ୍ଷରୁ ବ୍ୟବସ୍ଥା ରହିଛି ବୋଲି କୁହାଯାଇଛି। ସଭାପତି ସଞ୍ଜୟ ସିଂ, ଉପସଭାପତି ସୁବାସ ଦାସ, କୋଷାଧ୍ୟକ୍ଷ ବଦ୍ରିନାରାୟଣ ସାହୁ, ପୂର୍ବତନ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ମଳୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି ପଞ୍ଚୁଦୋଳ ଯାତ୍ରାରେ ୨୧ ଠାକୁରଙ୍କ ସମାଗମ ହେଉଥିଲେ ମଧ୍ୟ କିଛି ବର୍ଷ ହେଲା ଯାତ୍ରା ଆଉ ଠିକ୍‌ରେ ହେଉ ନ ଥିଲା।

# ସଫେଇ କର୍ମଚାରୀଙ୍କ ଆନ୍ଦୋଳନ: ପଡ଼ିରହିଛି ଅଳିଆ







ଜଟଣୀ ମ୍ୟୁନିସିପାଲିଟି ସମ୍ମୁଖରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ । ରାସ୍ତା କଡରେ ପଡିରହିଥିବା ଆବର୍ଜନା ।

**ଜଟଣୀ,୧୨।୩(ଡି.ଏନ.ଏ.)**

ସଫେଇ କର୍ମଚାରୀମାନେ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବାରୁ ଜଟଣୀ ସହର ଓ ଖୋର୍ଦ୍ଧାରୋଡ଼ ଷ୍ଟେଶନର ଚାରିଆଡ଼େ ଅଳିଆ ଆବର୍ଜନା ବିକ୍ଷିପ୍ତ ଭାବେ ପଡ଼ିରହିଛି। ଦୁଇଟି ସ୍ଥାନରେ ପୃଥକ୍ ଭାବେ ଏହି ଆନ୍ଦୋଳନ ଚାଲିଛି। ଜଟଣୀ ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ଦୁଇଦିନ ହେବ ଏହି ଆନ୍ଦୋଳନ ଜାରି ରଖିଛନ୍ତି। ଗୁରୁବାର ମ୍ୟୁନିସିପାଲିଟି କାର୍ଯ୍ୟାଳୟ ମୁଖ୍ୟ ଦ୍ୱାର ବନ୍ଦ କରି ସମ୍ମୁଖରେ ୧୦୦ରୁ ଅଧିକ ଠିକା ସଫେଇ କର୍ମଚାରୀ ଧାରଣା ଦେଇଥିଲେ। ଅନ୍ୟ କର୍ମଚାରୀଙ୍କୁ ଭିତରକୁ ଛାଡ଼ି ନ ଥିଲେ। ଭିତରେ ଥିବା କର୍ମଚାରୀ ବାହାରି ପାରି ନ ଥିଲେ। ଏପରି କି ନିର୍ବାହୀ ଅଧିକାରୀ ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟାଳୟ ବାହାରେ ଛିଡା ହୋଇ ରହିଥିଲେ। ପ୍ରତିମାସର ନିର୍ଦ୍ଧାରିତ ତାରିଖ ମଧ୍ୟରେ ବେତନ ପ୍ରଦାନ, ପିଏଫ୍ ଓ ଇଏସ୍‌ଆଇ ବାବଦ ବେତନରୁ କଟୁଥିବା ଅର୍ଥ ସମ୍ପୃକ୍ତ କାର୍ଯ୍ୟାଳୟରେ ପୈଠ ହେଉ ନ ଥିବା, ସୁରକ୍ଷା ସମ୍ବନ୍ଧିତ ଗ୍ଲୋଭସ ଓ ବୁଟ୍ ଆଦି ପ୍ରଦାନ କରା ନ ଯିବା, ଏପରି କି ସଫେଇ କାର୍ଯ୍ୟ ପାଇଁ ଆବଶ୍ୟକ ଝାଡୁ ଓ ଅନ୍ୟାନ୍ୟ ଉପକରଣ ଦିଆଯାଉ ନ ଥିବା ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଉଥିବା ଜଟଣୀ ମ୍ୟୁନିସିପାଲିଟି ସଫେଇ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାନେତ୍ରୀ ଶାନ୍ତିଲତା ସେଠୀ କହିଛନ୍ତି। ଦାବିପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି। ଏ ନେଇ ସଂଘ ପକ୍ଷରୁ ଗୁରୁବାର ଜଟଣୀ ଥାନାରେ ଲିଖିତ ଭାବେ ଜଣାଇ ଦିଆଯାଇଛି। ଏ ନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କୁହନ୍ତି, ପୂର୍ବରୁ କୌଣସି ନୋଟିସ୍ ନ ଦେଇ ଏପରି ଆନ୍ଦୋଳନ ବେଆଇନ। ତାଙ୍କୁ ଓ କର୍ମଚାରୀମାନଙ୍କୁ ଆନ୍ଦୋଳନକାରୀମାନେ ଅଫିସ ମଧ୍ୟକୁ ପୂରାଇ ଦେଇ ନ ଥିଲେ। ଏଥିସହ ଗୁରୁବାର ଭତ୍ତା ବଣ୍ଟନ ଦିନ ଥିଲା। ଆନ୍ଦୋଳନ ଯୋଗୁ ଭତ୍ତା ପାଇଁ ଆସିଥିବା ଅନେକ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମ କାର୍ଯ୍ୟାଳୟ ବାହାରେ ଖରାରେ ଦୀର୍ଘ ସମୟ ଅପେକ୍ଷା କରି ନିରାଶ ହୋଇ ଫେରି ଯାଇଥିଲେ। ଏ ନେଇ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ସେ କହିଛନ୍ତି। ଆନ୍ଦୋଳନ ଯୋଗୁ ସହରର ବିଭିନ୍ନ ସ୍ଥାନରେ ଅଳିଆ ପଡ଼ି ରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଲାଣି। ପଡ଼ି ରହିଥିବା ଆବର୍ଜନା ଉପରେ ଲୋକଙ୍କୁ ଯାତାୟତ କରିବାକୁ ପଡୁଛି। ସେହିପରି ଖୋର୍ଦ୍ଧାରୋଡ଼ ରେଳ ଷ୍ଟେଶନରେ କାର୍ଯ୍ୟରତ ଠିକା ସଫେଇ କର୍ମଚାରୀ ୩ ଦିନ ହେବ ଏପରି ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ରେଲୱେ ଷ୍ଟେଶନ ଅଞ୍ଚଳରେ ଆବର୍ଜନା ପଡି ରହିଛି।

### ଗୋଡିପଡାଦୋଳପଡିଆରେ ୪୦ ବିମାନ

**ଖୋର୍ଦ୍ଧା ଅଫିସ, ୧୨। ୩ :**

ଫଗୁ ଦଶମୀରୁ ପୁରପଲ୍ଲୀରେ ଦୋଳପର୍ବ ପାଳିତ ହେଉଛି। ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋଡିପଡା ଦୋଳପଡିଆରେ ଚଳିତବର୍ଷ ୪୦ ଦୋଳ ବିମାନରେ ଦେବଦେବୀ ବସି ପୂଜା ପାଉଛନ୍ତି। ହୋଲି ଦିନ ପଟୁଆରରେ ସ୍ଥାନୀୟ ଅଞ୍ଚଳ ବହୁ ଗ୍ରାମରୁ ନିମନ୍ତ୍ରିତ ହୋଇ ଅତିଥି ଠାକୁର ଏହି ପଡିଆକୁ ଆସି ଆସନ ଗ୍ରହଣ କରିଛନ୍ତି। ଥାନପତି ଠାକୁର ବାଲୁଙ୍କେଶ୍ୱର ଦେବ ଏଠାରେ ବିରାଜମାନ ହୋଇଛନ୍ତି। ୯୪ ବର୍ଷର ଏହି ପରମ୍ପରାକୁ ପାଳନ କରି ଆସୁଛି ଗ୍ରାମ୍ୟ ଓ ମେଳଣ କମିଟି । ପଡିଆ ପରିସରରେ ବିଭିନ୍ନ ମନୋହର ଦୋକାନ, ଉଠା ଦୋକାନର ପସରା ଅପୂର୍ବ ସୌନ୍ଦର୍ଯ୍ୟ ବର୍ଦ୍ଧନ କରୁଛି। ଦିନରେ ନାମ ସଂକୀର୍ତ୍ତନ ଓ ରାତିରେ ଅପେରା ପାର୍ଟିର ମଜା ଉଠାଇଛନ୍ତି ଶ୍ରଦ୍ଧାଳୁ। ଶୁକ୍ରବାର ଭୋରରୁ ଉପସ୍ଥିତ ଥିବା ଠାକୁରମାନଙ୍କର ମହାମିଳନ ଓ ଅବିର ଖେଳ ପରେ ନିଜ ନିଜ ଗ୍ରାମର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ।

### ନୂତନ କଲ୍ୟାଣମଣ୍ଡପର ଭିତ୍ତିପ୍ରସ୍ତର

**ଜଟଣୀ,୧୨।୩(ଡି.ଏନ.ଏ.)**

ଜଟଣୀ ବ୍ଲକ ଜାମୁକୋଳି ପଞ୍ଚାୟତରେ ନିର୍ମାଣ ହେବାକୁ ଥିବା କଲ୍ୟାଣମଣ୍ଡପର ଭିତ୍ତିପ୍ରସ୍ତର ଗୁରୁବାର ଦିଆଯାଇଥିଲା। ୨୦ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତର ଲବଣଗିରି ବିଦ୍ୟାପୀଠ ନିକଟରେ ଏହା ନିର୍ମାଣ କରାଯିବ। ଜଟଣୀ ବ୍ଲକ ଉପାଧ୍ୟକ୍ଷ ଅମୀୟ ଦଳେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୀପକ ଜେନା, ବ୍ଲକ ସହାୟକ ଯନ୍ତ୍ରୀ ବିନୋଦ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ରହି ନିର୍ମାଣ ହେବାକୁ ଥିବା କଲ୍ୟାଣମଣ୍ଡପର ଶୁଭ ଦେଇଥିଲେ ।

# ଅଣ୍ଟୁଆଁରେ ୨୪ ପ୍ରହର ନାମଯଜ୍ଞ

**କୃଷ୍ଣପ୍ରସାଦ,୧୨।୩(ଡି.ଏନ.ଏ.)–**

ସିଆଣ୍ଡି ପଞ୍ଚାୟତ ଅଧୀନ ଅଣ୍ଟୁଆଁ ଗ୍ରାମର ଗ୍ରାମଦେବତୀ ମା ହରଚଣ୍ଡୀ,ବଡଜେନା ଓ ବାଇଧରଙ୍କ ତ୍ରୟୋଦଶତମ ଜନ୍ମ ବାର୍ଷିକ ଉତ୍ସବ ପାଳନ କରାଯାଉଛି। ସୋମବାର ଠାରୁ ବୃନ୍ଦାବତୀଙ୍କ ପୀଠରେ ଗୀତାଯଜ୍ଞ,୨୪ ପ୍ରହର ନାମଯଜ୍ଞ,ଘୃତଯଜ୍ଞ ଓ ଅନ୍ନଯଜ୍ଞ ଆଦି ଆରମ୍ଭ ହୋଇଛି। ବଡଅଁଳ,ରିଙ୍କିଣି,ବଡଖାଡ,ଗୁରୁବାଇ, ଫୁଲବାରୀ ସମେତ ଗ୍ରାମର ମହିଳା ସଙ୍କୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରୁଛନ୍ତି । ଅଣ୍ଟୁଆଁ ଗ୍ରାମ୍ୟ କମିଟି ସଭାପତି ପ୍ରଫୁଲ୍ଲ କୁମାର ବାରିକୀ,ସମ୍ପାଦକ କୃଷ୍ଣଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି । ରାଜ୍ୟ ଭାଜପା ସଂଯୋଜିକା ଉପାସନା ମହାପାତ୍ରଙ୍କ ସମେତ ବ୍ଲକ ଭାଜପା ପ୍ରଭାରୀ ଉତ୍ତମ କୁମାର ତରେଇ,ବ୍ଲକ ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା,ବ୍ଲକ ଭାଜପା ସଂଯୋଜକ ଅଶୋକ କୁମାର ବିଶ୍ୱାଳ,ବରିଷ୍ଠନେତା ହରିହର ଦାସ ପ୍ରମୁଖ ବୁଧବାର ଉତ୍ସବରେ ଯୋଗଦେଇଥିଲେ । ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ମଧ୍ୟରେ ଅଣ୍ଟୁଆଁ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ଏଥିରେ ବିଶେଷ ଭାବେ ସହଯୋଗ କରୁଛନ୍ତି । ଶୁକ୍ରବାର ଉତ୍ସବ ଉଦ୍‌ଯାପିତ ହେବ ।

# ଗିରଫ ୨ ବ୍ରାଉନ୍‌ସୁଗାର ବେପାରୀ କୋର୍ଟଚାଲାଣ

**ଜଟଣୀ,୧୨।୩(ଡି.ଏନ.ଏ.)**

କମିଶନରେଟ୍ ପୋଲିସର ଡ୍ରଗ୍ ଟାକ୍ସ ଫୋର୍ସ ଓ ଜଟଣୀ ପୋଲିସ ମିଳିତ ଭାବେ ଚଢାଉ କରି ଧରିଥିବା ୨ ବ୍ରାଉନସୁଗାର ବେପାରୀଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି । ଗିରଫ ୨ ଜଣ ହେଲେ ଖୋର୍ଦ୍ଧା ଟାଉନ ଥାନା ଜରିପୁଟ ଗ୍ରାମର ଦିଲୀପ ହରିଚନ୍ଦନ ଓ ଖୋର୍ଦ୍ଧା ସଦର ଥାନା ଦେଉଳଟାଙ୍ଗିର ଏମ୍‌ଡି ଶଖାୱତ୍। ସେମାନଙ୍କଠାରୁ ୩୫ ଗ୍ରାମ ବ୍ରାଉନ୍‌ସୁଗାର, ଦୁଇଟି ବାଇକ୍, ୩ଶହ ଟଙ୍କା ଜବତ ହୋଇଛି। ବିଶେଷସୂତ୍ରରୁ ଖବରପାଇ ସ୍ଥାନୀୟ ଖୁଦୁପୁର ଛକରେ ବୁଧବାର ପୋଲିସ ଚଢାଉ କରି ଏମାନଙ୍କୁ ଧରିଥିଲା। ଏ ନେଇ ନଂ. ୧୩୨/୨୦ରେ ମାମଲା ରୁଜୁ ହୋଇଛି।

# ଗୁହାରି ସତ୍ତ୍ୱେ ମିଳୁନି ସହାୟତା

- ରୋଗରେ ଶଢୁଛନ୍ତି ବସନ୍ତ
- ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୨।୩: (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଡିଙ୍ଗର ଗାଁ ବସନ୍ତ ମହାପାତ୍ର (୬୫)। ଦୀର୍ଘଦିନ ହେଲା ସେ ଏକ ଅଜଣା ରୋଗରେ ପଡିଛନ୍ତି। ତାଙ୍କର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ବସନ୍ତଙ୍କ ସ୍ତ୍ରୀ ହାରାମଣି ସ୍ଥାନୀୟ ଜନପ୍ରତିନିଧି, ଏମ୍‌ପି, ବିଧାୟକ, ମୁଖ୍ୟମନ୍ତ୍ରୀ, ବିଡିଓଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ପାଖରେ ଗୁହାରି ହୋଇଥିଲେ। ହେଲେ ତାଙ୍କୁ ସବୁଠାରୁ ନିରାଶ ହେବାକୁ ପଡିଥିଲା। ଶେଷରେ ହରାମଣି ପୁଣି ସ୍ୱାମୀଙ୍କ ଚିକିତ୍ସା ଲାଗି ଜାନୁଆରୀ ୧୭ରେ ବେଗୁନିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲାପାଳ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଯଥାଶୀଘ୍ର ହାରାମଣିଙ୍କ ପାଇଁ ସରକାରୀ ସୁବିଧାର ସୁବନ୍ଦୋବସ୍ତ ନିମନ୍ତେ ସେତେବେଳର ବେଗୁନିଆ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ବିବେକାନନ୍ଦ ପରିଡାଙ୍କୁ ଜିଲାପାଳ ସିତାଶୁଂ ରାଉତ ଆଦେଶ ଦେଇଥିଲେ। ହେଲେ ଏହି ଆଦେଶ ସରକାରୀ ଫାଇଲ ଭିତରେ ଚାପି ହୋଇ ରହିଛି। ଏ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ତେଣୁ ସରକାରୀ ସହାୟତା ମିଳିବା ଆଶା ତାଙ୍କ ମନରୁ ସେ ଲିଭାଇ ଦେଲେଣି। ବସନ୍ତଙ୍କ କୌଣସି ସନ୍ତାନ ନ ଥିବା ବେଳେ ୬୦ ବର୍ଷୀୟା ସ୍ତ୍ରୀ ହାରାମଣି ହେଉଛନ୍ତି ସାହା ଭରସା। ବସନ୍ତଙ୍କ ରୋଗର ଚିକିତ୍ସା ପାଇଁ ହାରାମଣି ଚିନ୍ତାରେ ଭାଙ୍ଗି ପଡିଲେଣି। ଅନ୍ୟପକ୍ଷେ ତାଙ୍କୁ ୨୦୧୭-୧୮ ଆର୍ଥିକ ବର୍ଷରେ ଆବାସ ଯୋଜନାରେ ସାମିଲ କରାଯାଇଥିଲା। ବସନ୍ତ ଘର ତୋଳିବା



ଚିକିତ୍ସା ଅବହେଳାରୁ ଘରେ ପଡିରହିଛନ୍ତି ବସନ୍ତ ।

ଆରମ୍ଭ କରିବା ସହ ୨ଟି କିସ୍ତି ବାବଦରେ ୫୦ ହଜାର ଟଙ୍କା ସରକାରୀ ସହାୟତା ପାଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ପ୍ଲଟର ରେକର୍ଡ ଠିକ୍ ନାହିଁ ଦର୍ଶାଇ ସରକାରୀ ଅଧିକାରୀମାନେ ପାଇବାକୁ ଥିବା ଆଉ ୨ କିସ୍ତି ବାବଦକୁ ୭୦ ହଜାର ଟଙ୍କା ଦେବା ବନ୍ଦ କରି ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡାଙ୍କୁ ପଚାରିବାରେ ହାରାମଣିଙ୍କ ରେକର୍ଡ ପତ୍ର ଯାଞ୍ଚ ହୋଇଛି। ତାଙ୍କ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଉଛି।

# ଆନ୍ତଃରାଜ୍ୟ ହାଇୱା, ଜେସିବି ଚୋର ଗ୍ୟାଙ୍ଗ ଠାବ

- ୩ ଜେସିବି, ୨ ହାଇୱା ସହ ଚୋରିରେ ବ୍ୟବହୃତ କାର ଜବତ
- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୭ ଗିରଫ

**ଭୁବନେଶ୍ୱର,୧୨।୩ (ବ୍ୟୁରୋ)**

ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଜିଲାରୁ ଜେସିବି ଓ ହାଇୱା ଟ୍ରକ ଚୋରି କରୁଥିବା ଆନ୍ତଃରାଜ୍ୟ ଚୋରି ଗ୍ୟାଙ୍ଗକୁ ଠାବ କରିଛି କମିଶନରେଟ ପୋଲିସ। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ୍ ସମେତ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରଛି ସ୍ପେଶାଲ ସ୍କ୍ୱାଡ୍। ଏଥିସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜେସିବି, ୨ ହାଇୱା ସହ ଚୋରିରେ ବ୍ୟବହୃତ କାରକୁ ଜବତ କରିଛି। ଗିରଫ ମାଷ୍ଟରମାଇଣ୍ଡ୍ ହେଲେ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ବାଆଁରା ଗ୍ରାମର ସୁଶାନ୍ତ କୁମାର ପାତ୍ର ଓରଫ ବଣ୍ଟି ଓ ସହଯୋଗୀ ଅଭିଯୁକ୍ତ ରାଜୁ ପାତ୍ର, ରାହୁଲ ରାଉତ ଓରଫ ତପୁ, କଟକ ସଦର ଥାନା ଅନ୍ତର୍ଗତ ଦଧିବାମନପୁର ଗ୍ରାମର ରାଜୁ ଦାସ ଓରଫ ରାଜ କିଶୋର। ଏଥିସହ ଚୋରି ଯାନବାହାନ କିଣିଥିବା ଆଠଗଡ ଥାନା କନ୍ତୋଲ ଅଞ୍ଚଳର ସୁବାସ ବେହେରା ଓରଫ କାଳିଆ ଓ ପଶ୍ଚିମବଙ୍ଗ ଜଲପାଇଗୁଡି ଅଞ୍ଚଳର କ୍ରୀଷ୍ଣା ସିଂ ଓ ତାଙ୍କ ଭାଇ ଚନ୍ଦନ ସିଂ। ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଅଞ୍ଚଳରେ ରହୁଥିବା ଶଖାନନ୍ଦ ବେହେରାଙ୍କ ଜେସିବି ଗତ ଫେବୃଆରୀ ୨୪ ରାତିରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ମଇଳା ଟାଙ୍କୀ ନିକଟରୁ ଚୋରି ହୋଇଥିଲା। ଏ ନେଇ ଗତ ୩ ତାରିଖରେ ଅଭିଯୋଗ ହେବାପରେ ପୋଲିସ ୧୨୧/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସେହିପରି ୨୦୧୯ ସେପ୍ଟେମ୍ବରରେ ନୟାପଲ୍ଲୀ ମଇଳା ଟାଙ୍କୀ ଛକ ନିକଟରେ ପାର୍କିଂ ହୋଇଥିବା ଏକ ହାଇୱା ଚୋରି ଓ ଅକ୍ଟୋବରରେ କ୍ରାଉନ ହୋଟେଲ ସମ୍ମୁଖ ଜାତୀୟ ରାଜପଥ କଡରୁ ଆଉଏକ ହାଇୱା ଚୋରି ନେଇ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସେହିଭଳି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜେସିବି ଚୋରି ନେଇ ୩୭୧/୧୯ ଓ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏକ ଜେସିବି ଚୋରି ନେଇ ୫୩୭/୧୯ରେ ମାମଲା ରୁଜୁ ହୋଇଥିଲା। ବାରମ୍ବାର ଜେସିବି ଓ ହାଇୱା ଚୋରି ହେବା ନେଇ ଅଭିଯୋଗ ଆସୁଥିବାରୁ ପୋଲିସର ଚିନ୍ତା ବଢ଼ିଥିଲା। ଗତ ମଙ୍ଗଳବାର ରାତିରେ କିଛି ସନ୍ଦିଗ୍ଧ ଯୁବକ ମଇଳା ଟାଙ୍କୀ ନିକଟରେ ଏକ ହାଇୱା ବିକ୍ରି କରିବାକୁ ଯୋଜନା କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରି ଅଭିଯୁକ୍ତଙ୍କୁ ଧରିବା ପରେ ର୍‍ୟାକେଟର ପର୍ଦ୍ଦାଫାଶ ହୋଇଥିଲା। ତେବେ ପଚରା ଉଚରା କରିବା ପରେ ସେମାନେ ଗଞ୍ଜାମରୁ ଚୋରି କରିଥିବା ଏକ ହାଇୱା ବିକ୍ରୀ ପାଇଁ ଉଦ୍ୟମ କରୁଥିବା ନେଇ ପୋଲିସକୁ କହିଥିଲେ। ସେମାନେ ପୁରୀ, ଯାଜପୁର ଓ ଭୁବନେଶ୍ୱର ଅଞ୍ଚଳରୁ ଜେସିବି ଓ ହାଇୱା ଚୋରି କରିଥିବା ସ୍ୱୀକାର କରିଥିଲେ। ସେମାନଙ୍କ ବୟାନ ଆଧାରରେ ପୋଲିସ ଟିମ୍ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଭାପୁର ଓ ଆଠଗଡ ଥାନା ଅନ୍ତର୍ଗତ କନ୍ତୋଲ ଗ୍ରାମରେ ଥିବା ଚୋରି ୩ ଜେସିବି ଓ ୨ ହାଇୱା ଜବତ କରିଥିଲେ। ଏହାକୁ କିଣିଥିବା ସୁବାସ ବେହେରାଙ୍କୁ ଗିରଫ କରାଯାଇଥିଲା। ଗୋଟିଏ ହାଇୱାକୁ ଅଭିଯୁକ୍ତମାନେ କାଟି ବିକ୍ରି କରିଦେଇଥିବା କହିଥିବାବେଳେ ପଶ୍ଚିମବଙ୍ଗ ଜଲପାଇଗୁଡି ଅଞ୍ଚଳର ୨ ଭାଇ କ୍ରୀଷ୍ଣା ଓ ଚନ୍ଦନ ସେମାନଙ୍କଠାରୁ ହାଇୱା କିଣିଥିବା ପୋଲିସକୁ ସୂଚନା ମିଳିଥିଲା। ଏହାପରେ କମିଶନଟେ ପୋଲିସ ଟିମ୍ ସ୍ଥାନୀୟ ମଦାରିହାଟ ଥାନା ପୋଲିସ ସହାୟତାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସମସ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
-ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ଅଗ୍ନିକାଣ୍ଡ: ଦୁଇ ବଖରା ଜଳିଗଲା

ପିପିଲି,୧୨।୩(ସ୍ୱ.ପ୍ର.): ପିପିଲି ବ୍ଲକ ଅନ୍ତର୍ଗତ ତେଇଶିପୁର ପଞ୍ଚାୟତ ପୋଡ଼ଙ୍ଗ ଗ୍ରାମରେ ଅଗ୍ନିକାଣ୍ଡ ଘଟି ସର୍ବେଶ୍ୱର ବେହେରାଙ୍କ ଦୁଇ ବଖରା ଘର ପୋଡିପାଉଁଶ ହୋଇଯାଇଛି। ଖବରପାଇ ପିପିଲି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଥିବା ସର୍ବେଶ୍ୱର କହିଛନ୍ତି। ତେଇଶିପୁର ପଞ୍ଚାୟତ ସମିତି ସଭ୍ୟ ଧରଣୀଧର ସାହୁ ପହଞ୍ଚି ବିପନ୍ନ ପରିବାରକୁ ସାନ୍ତ୍ୱନା ଦେବା ସହ ଇନ୍ଦିରା ଆବାସ ଯୋଗାଇଦେବା ପାଇଁ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି।

### ପୃଥକ୍ ମାମଲା: ୩ ଗିରଫ, ୨ଅଟକ

ପିପିଲି,୧୨।୩(ସ୍ୱ.ପ୍ର.): ପିପିଲି ଥାନା ଅନନ୍ତପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହୋଲିରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଅଶୋକ ପ୍ରଧାନ ଗୁରୁତର ଆହତ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଦିପକ ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୭୪/୨୦)ରୁଜୁକରି ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସେହିପରି ଉତ୍ତରା ଫାଣ୍ଡି ଅନ୍ତର୍ଗତ ସାନଭଉଲ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭୟ ପ୍ରଧାନଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିଲା। ଅଭୟଙ୍କ ସ୍ତ୍ରୀ ବିଦୁ୍ୟଲତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୭୨/୨୦)ରୁଜୁକରି ସେହି ଗ୍ରାମର ବିଶ୍ୱ ରଞ୍ଜନ ଜେନା, ଜ୍ଞାନ ରଞ୍ଜନ ଜେନା ଓ ସୁକାନ୍ତି ଜେନାଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।

### କରୋନା ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୧୨।୩(ଡି.ଏନ.ଏ.)-କୃଷ୍ଣପ୍ରସାଦ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମେ ଆଇ ହେଲପ ୟୁ ଟିମ ପକ୍ଷରୁ କରୋନା ଭୁତାଣୁ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମେ ଆଇ ହେଲଫ ୟୁ ଟିମ ସଭାପତି ସାଧୁ ଚରଣ ନାୟକ,ସମ୍ପାଦକ ତଥା ମୁଖ୍ୟ ପରିଚାଳକ ବିଷ୍ଣୁ ଚରଣ ବେହେରା,କୋଷାଧକ୍ଷ ନେହୁର କୁମାର ସାହୁଙ୍କ ନେତୃତ୍ୱରେ ଗୋମୁଣ୍ଡିଆ ପଞ୍ଚାୟତ ଅଧୀନ ପାଇକସାହି, ଟୁବୁକା, ସାମନ୍ତରାୟପୁର, ହରିଚନ୍ଦନପୁର, ବିରିପଦର, କମଳାସିଂ, ବାଲିଶାସନ, ସୂର୍ଯ୍ୟନାରାୟଣପୁର, ହରିଜନସାହି ଆଦି ଗ୍ରାମମାନଙ୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସୁଶାନ୍ତ ସାହୁ,ସୁକାନ୍ତ ବେହେରା,ସିଲୁ ନାୟକ,ସୁରେନ୍ଦ୍ର କୁମାର ଜେନା ସହଯୋଗ କରିଥିଲେ ।

# ବିଳମ୍ବ ହୋଇପାରେ ଶ୍ରୀମନ୍ଦିର ବଜେଟ

### ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ପ୍ରସଙ୍ଗ

ପୁରୀ ଅଫିସ,୧୨।୩

ଆର୍ଥିକ ଦୁଃସ୍ଥିତିରେ ଛନ୍ଦି ହୋଇଥିବା ୟେସ୍ ବ୍ୟାଙ୍କରେ ଜମା ଥିବା ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କାର ଭାଗ୍ୟ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିବାବେଳେ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ତେଣୁ ମହାପ୍ରଭୁଙ୍କ ଟଙ୍କା ସୁରକ୍ଷିତ ଭାବେ ଫେରି ନ ଆସିବା ପର୍ଯ୍ୟନ୍ତ ଶ୍ରୀମନ୍ଦିର ବଜେଟ୍ ଉପସ୍ଥାପନ ହୋଇ ନ ପାରେ ବୋଲି ଶୁଣିବାକୁ ମିଳୁଛି । ଜାତୀୟକରଣ ବ୍ୟାଙ୍କରୁ ମହାପ୍ରଭୁଙ୍କ ଟଙ୍କା ଉଠାଯାଇ ଘରୋଇ ବ୍ୟାଙ୍କରେ ଜମା ରଖାଯିବା ପଛରେ ଚକ୍ରାନ୍ତ କରାଯାଇଛି। ବ୍ୟକ୍ତିଗତ ଫାଇଦା ପାଇଁ କିଛି ଅଧିକାରୀ ଏଭଳି କାମ କରିଛନ୍ତି। ମହାପ୍ରଭୁଙ୍କ ଟଙ୍କାକୁ ଅନିଶ୍ଚିତତା ଭିତରକୁ ଠେଲି ନିଜେ ଲାଭାନ୍ୱିତ ହୋଇଛନ୍ତି। ବିଦେଶ ଗସ୍ତ ସହ ମଉଜ କରିଛନ୍ତି ବୋଲି ଚର୍ଚ୍ଚା ବି ହେଉଥିଲା। ଗୁରୁବାର ବିଧାନସଭାରେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝି ଦୁଇଜଣଙ୍କ ନାଁ ନେବା ପରେ ପ୍ରସଙ୍ଗ ଆହୁରି ରୋଚକ ମୋଡ଼ରେ ପହଞ୍ଚିଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟିରେ ବି ଏହାକୁ ନେଇ ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ପରିଚାଳନା କମିଟିକୁ ଅନ୍ଧାରରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବାରୁ କେତେକ ସଦସ୍ୟ ଏହାକୁ ବିରୋଧ କରିଥିଲେ। ତେଣୁ ଏହାର କୌଣସି ସମାଧାନ ନ ହେବା ପର୍ଯ୍ୟନ୍ତ ଶ୍ରୀମନ୍ଦିର ବଜେଟ୍ ଉପସ୍ଥାପନ ସମ୍ଭାବନା କ୍ଷୀଣ ବୋଲି ପରିଚାଳନା କମିଟିର ଜଣେ ସଦସ୍ୟ କହିଛନ୍ତି। ସୂଚନାଥାଉ କି ଗତବର୍ଷ ମାର୍ଚ୍ଚ ୧୫ରେ ଶ୍ରୀମନ୍ଦିର ବଜେଟ ଉପସ୍ଥାପନ ହୋଇଥିଲା। ଚଳିତବର୍ଷର ବଜେଟ୍ ପାଇଁ ଏ ପର୍ଯ୍ୟନ୍ତ କୌଣସି ତାରିଖ ସ୍ଥିର ହୋଇନାହିଁ।



ବକେୟା ଦରମା ଦାବିରେ ପୁରୀ ରେଲ୍‌ୱେ ଠିକା ସଫେଇ କର୍ମଚାରୀମାନେ କାମ ବନ୍ଦ କରି ଷ୍ଟେଶନ ପରିସରରେ ଧାରଣା ଦେଇଛନ୍ତି ।।

# ସଫା ହେଉନି ପୁରୀ ରେଳଷ୍ଟେଶନ

### ୟେସ୍ ବ୍ୟାଙ୍କର ଦୁର୍ବଳ ଆର୍ଥିକ ସ୍ଥିତିର ପ୍ରଭାବ

ପୁରୀ ଅଫିସ,୧୨।୩

ୟେସ୍ ବ୍ୟାଙ୍କର ଦୁର୍ବଳ ଆର୍ଥିକ ସ୍ଥିତିର ପ୍ରଭାବ ଏବେ ଧୀରେ ଧୀରେ ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହେବାରେ ଲାଗିଛି। ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷଙ୍କ ଟଙ୍କା ଏହି ଘରୋଇ ବ୍ୟାଙ୍କରେ ଜମା ରହିଥିବା ବେଳେ ଆରବିଆଇର କଟକଣା ଯୋଗୁ ଅନେକେ ଟଙ୍କା ଉଠାଇ ପାରୁନାହାନ୍ତି। ୩୦ଦିନ ମଧ୍ୟରେ ମାତ୍ର ୫୦ ହଜାର ଟଙ୍କା ଉଠାଯାଇପାରିବ ବୋଲି ଯେଉଁ ଘୋଷଣା କରାଯାଇଛି ଏହାଦ୍ୱାରା ଅନେକେ ପ୍ରଭାବିତ ହେଉଛନ୍ତି। ପୁରୀ ରେଲଷ୍ଟେଶନ ସଫେଇ କର୍ମଚାରୀଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ନିଯୁକ୍ତିକାରୀ ଠିକା ସଂସ୍ଥା ଫେବୃୟାରୀର ମଜୁରି ଦେଇ ନ ଥିବାରୁ ସଫେଇ କର୍ମଚାରୀମାନେ କାମ ବନ୍ଦ କରି ଦେଇଛନ୍ତି। ଫଳରେ ଦୁଇଦିନ ହେଲା ସଫା ହେଉନି ପୁରୀ ରେଲଷ୍ଟେଶନ।

ପୂର୍ବରୁ ସମ୍ପୃକ୍ତ ଠିକା ସଂସ୍ଥା ଏବଂ କର୍ମଚାରୀ ସଂଘ ମଧ୍ୟରେ ରାଜିନାମା ହୋଇଥିଲା। ୭ରୁ ୧୦ ତାରିଖ ମଧ୍ୟରେ ପୂର୍ବ ମାସର ଦରମା ପ୍ରଦାନ କରାଯିବା ଲାଗି ସ୍ଥିର କରାଯାଇଥିଲା। କିନ୍ତୁ ଠିକା ସଂସ୍ଥା ଏଥିରେ ଖିଲାପ କରିବାରୁ ସଫେଇ କର୍ମଚାରୀମାନେ ବୁଧବାରଠାରୁ କାମ ବନ୍ଦ କରି ଦେଇଛନ୍ତି। ତେବେ ୟେସ୍ ବ୍ୟାଙ୍କର ଏଭଳି ସ୍ଥିତି ପାଇଁ ଦରମା ପ୍ରଦାନରେ ବିଳମ୍ବ ହେଉଥିବା ସଂସ୍ଥା ଏକ ନୋଟିସ ପଠାଇଛି। କିନ୍ତୁ ପୂର୍ବରୁ କର୍ମଚାରୀ ସଂଘ ସହ ଥିବା ବିବାଦ ଯୋଗୁ ଏହାକୁ କର୍ମଚାରୀମାନେ ଗ୍ରହଣ କରିନାହାନ୍ତି। ନୋଟିସକୁ ବିରୋଧ କରିବା ସହ ସଂସ୍ଥା ୟେସ୍ ବ୍ୟାଙ୍କ ଆଳ ଦେଖାଉଥିବା କର୍ମଚାରୀମାନେ କହିଛନ୍ତି। ମଜୁରି ନ ମିଳିବା ପର୍ଯ୍ୟନ୍ତ ସେମାନେ କାମ କରିବେ ନାହିଁ ବୋଲି କହିବା ଦ୍ୱାରା ଦୁଇଦିନ ହେବ ଷ୍ଟେଶନ ସଫେଇ ହୋଇପାରି ନାହିଁ। ପର୍ଯ୍ୟଟନ ସହର ପୁରୀ। ଏଠାକୁ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି। ପୁରୀକୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକଙ୍କ ମଧ୍ୟରୁ ସଂଖ୍ୟାଧିକ ଟ୍ରେନରେ ଆସନ୍ତି। କିନ୍ତୁ ଦୁଇଦିନ ହେବ ଷ୍ଟେଶନର ପ୍ଲାଟଫର୍ମ ସମେତ ବିଭିନ୍ନ ସ୍ଥାନ ଅପରିଷ୍କାର ହୋଇରହିଛି।

# ଦୁର୍ଘଟଣା:ବାଇକ୍ ଆରୋହୀ ମୃତ

ବ୍ରହ୍ମଗିରି,୧୨।୩(ଡି.ଏନ୍.ଏ.):

ବ୍ରହ୍ମଗିରି ଥାନା ଅନ୍ତର୍ଗତ ରାୟବିଧାର ଗ୍ରାମରେ ଗୁରୁବାର ଏକ କାର୍ ଡୋରରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଖଟପିରିଙ୍ଗ ଗ୍ରାମର ମଙ୍ଗୁଳି ବିଶ୍ୱାଳ। ସୂଚନା ଅନୁଯାୟୀ, ଖଟପିରିଙ୍ଗ ଗ୍ରାମର ମଙ୍ଗୁଳି ଏକ ବାଇକ୍‌ରେ ଗ୍ରାମକୁ ଯାଉଥିଲେ। ରାୟବିଧାର ଗ୍ରାମରେ ରହିଥିବା ଏକ କାରରେ କେତେଜଣ ପିଲା ବସି ଖେଳୁଥିଲେ। ହଠାତ୍ ପିଲାମାନେ କାର ଡୋର ଖୋଲିଦେବାରୁ ମଙ୍ଗୁଳି ଡୋରରେ ପିଟି ହୋଇ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱର ଯାଉଥିବା ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଶ୍ରୀଜଗନ୍ନାଥ ମେଡିକାଲ କାର୍ଯ୍ୟକ୍ଷମ ଦାବି

ପୁରୀ ଅଫିସ,୧୨।୩ :

ଦୀର୍ଘ ବର୍ଷ ଧରି ନିର୍ମାଣଧୀନ ଥିବା ଶ୍ରୀଜଗନ୍ନାଥ ମେଡିକାଲ କଲେଜକୁ ଯଥାଶୀର୍ଘ କାର୍ଯକ୍ଷମ କରାଯାଉ। ମେଡିକାଲ କଲେଜ କାର୍ଯ୍ୟକ୍ଷମ ସମେତ କିପରି ପାଠପଢ଼ା ଆରମ୍ଭ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉ। ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ୱାସ୍ଥ୍ୟସେବା ବିଗିଡିବାରେ ଲାଗିଛିବୋଲି ଭାଜପା ଗୁରୁବାର ଦାବି କରିଛି। ରୋଗୀସେବା ବିପଯ୍ୟସ୍ତ ହୋଇପଡିଛି। ଏହି ଚିକିତ୍ସାଳୟର ଭିତ୍ତିଭୂମିର ବିକାଶ, ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରାଯାଉ। ଚିକିତ୍ସାଳୟ ସମ୍ପ୍ରସାରଣ ଦୃଷ୍ଟିରୁ ପୁରୁଣା ଜେଲ ଜମିକୁ ଅନ୍ୟ କାର୍ଯ୍ୟରେ ବିନିଯୋଗ ପରିବର୍ତ୍ତେ ଏହାକୁ ଚିକିତ୍ସାଳୟକୁ ହସ୍ତାନ୍ତର କରାଯାଉ। ଏହା ଦ୍ୱାରା ମେଡିକାଲ ପାର୍କିଂ ସମସ୍ୟା ସହ ଅନ୍ୟ କ୍ଷେତ୍ରରେ ବିନିଯୋଗ ହୋଇପାରିବ ବୋଲି ଭାଜପା ପୁରୀ ଜିଲା ପୂର୍ବତନ ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି। ପୁରୀବାସୀଙ୍କ ଭୂସମ୍ପତ୍ତି ସମସ୍ୟା ସମାଧାନ କରାଯାଉ। ଶ୍ରୀମନ୍ଦିର ସୁରକ୍ଷା ଜୋନ ଦୃଷ୍ଟିରୁ ଭଙ୍ଗା ଯାଇଥିବା ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ଲାଗି ଭାଜପା ଦାବି କରିଛି। ଏହାସହ ୟେସ ବ୍ୟାଙ୍କରେ ମହାପ୍ରଭୁଙ୍କ ୫୪୫କୋଟି ଟଙ୍କା ବୁଡିଯିବା ଆଶଙ୍କା ନେଇ ଭାଜପା ଉଦ୍‌ବେଗ ପ୍ରକାଶ କରିଛି। ଭକ୍ତଙ୍କ ଦାନ ଅର୍ଥକୁ କିପରି ଫେରିପାଇବେ, ଏନେଇ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ ଲାଗି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ, ରବି ନାରାୟଣ ଦାସ, ରାଜକିଶୋର ରାଉତ, ଦିଗାମ୍ବର ପଟ୍ଟନାୟକ, ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାନିଲେ ଠାକୁର,
ନ ମାନିଲେ ପଥର ।**

ଭାବନା ଓ ଶ୍ରଦ୍ଧାର ଅନ୍ୟନାମ ଶକ୍ତି ବା ଦେବତା । ଭାବାନୁସାରେ ଈଶ୍ୱରଙ୍କର ଅଭ୍ୟୁତ୍ଥାନ ଘଟିଥାଏ। ବ୍ୟକ୍ତିର ଭାବନା ଯେପରି ହୋଇଥାଏ ଠିକ୍ ସେହିପରି ଆକୃତି ବିଶିଷ୍ଟ ଦେବଦେବୀ ତାଙ୍କୁ ଦୃଶ୍ୟ ହୋଇଥାନ୍ତି। ମନରେ ଭକ୍ତି ଓ ବିଶ୍ୱାସ ରଖି ଯଦି ପଥର ଦେହରେ ସିନ୍ଦୂର ବୋଳି ତାଙ୍କୁ ଦେବତା ଜ୍ଞାନ କହି ପୂଜା କରାଯାଏ ତେବେ ସେହି ଅନୁସାରେ ଫଳ ବା କୃପା ମିଳିଥାଏ। ଏହାର ମୂଳରେ ନିହିତ ଥାଏ ବ୍ୟକ୍ତିର ନିଷ୍ଠା ଓ ବିଶ୍ୱାସ। ବିଶ୍ୱାସରେ ହିଁ ଭଗବାନଙ୍କୁ ପାଇ ହୁଏ ବୋଲି ଏଠାରେ ଉଲ୍ଲେଖ ପ୍ରକାଶ କରାଯାଇଛି।

**ମାରି ମାରି ଗଲା କାଳକ,
ଆଉ ବାକି ଅଛି ବେଳକ ।**

ଜୀବନ ଯେମିତି ବିତୁଛି ବିତିଚାଲୁ। ଏମିତିରେ ତ ବେଳକାଳ ବିତିଗଲାଣି, ଯୁଗ ସରିଆସିଲାଣି। ଆଉ କେତେକାଳ ଅଛି ଯେ ତା' ପାଇଁ ଏତେ ଚିନ୍ତା! ଜୀବନଶୈଳୀରେ କୌଣସି ପରିବର୍ତ୍ତନ ଆଣିବା ପାଇଁ ଅନିଚ୍ଛା ତଥା ଏମିତି ବାକି ସମୟ ତ ବିତିଯିବ ବୋଲି ବସି ରହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କଣାସରେ ଶେଷଦେବଙ୍କ ନ୍ୟାୟଯାତ୍ରା




କଣାସ୧୨।୩(ସ୍ୱ.ପ୍ର.)

ନୟାଗଡ଼, ଓଡ଼ଗାଁ ରଘୁନାଥଙ୍କ ପୀଠରୁ ଶେଷଦେବ ନନ୍ଦଙ୍କ ନେତୃତ୍ୱରେ ଚାଷୀ ପେନସନ୍ ପାଇଁ ଚାଲିଥିବା ପଦଯାତ୍ରା ଗୁରୁବାର ୫୦ ଦିନରେ ପହଞ୍ଚିବା ସହ କଣାସ ବ୍ଲକରେ ନ୍ୟାୟଯାତ୍ରା ଶେଷ ହୋଇଛି। କଣାସ ବ୍ଲକର ଅଣ୍ଡାରସିଂହ ଗ୍ରାମର ଗ୍ରାମବାସୀଙ୍କୁ ସମ୍ବର୍ଦ୍ଧନା କରି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ, ରାଜ୍ୟ ସରକାରଙ୍କ ବଜେଟ ଦେଢ଼ଲକ୍ଷ କୋଟି ହେଲା ପରେ କଣାସ ବ୍ଲକର ଚାଷୀ ବନ୍ୟାରୁ ମୁକ୍ତି ପାଇଛନ୍ତି ନା ସେମାନଙ୍କ ପାଇଁ ଧାନମଣ୍ଡି ସରକାର ଖୋଲିଛନ୍ତି। ଧାନମଣ୍ଡି ଅଭାବରୁ ଚାଷୀମାନେ ୫୦୦ଟଙ୍କା କମ୍ ଦରରେ କୁଇଣ୍ଟାଲ ପିଛା ଧାନ ଦଲାଲମାନଙ୍କ ମାଧ୍ୟମରେ ଆନ୍ଧ୍ର ବେପାରୀଙ୍କୁ ବିକ୍ରି କରୁଛନ୍ତି। ଗାଁ ଗହଳିରେ ପାନୀୟ ଜଳ ଏପରି ଅଭାବ ଯେ ଯେଉଁ ପୋଖରୀରେ ଲୋକେ ଓ ଗାଇଗୋରୁ ଗାଧୋଉଛନ୍ତି, ସେହି ପୋଖରୀ ପାଣିକୁ ରୋଷେଇ ଓ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଭୁବନେଶ୍ୱରଠାରୁ କଣାସ ବ୍ଲକ ୫୦କି.ମି ଭିତରେ ଥିଲେ ମଧ୍ୟ ଏହି ଅସୁବିଧା ସମ୍ପର୍କରେ କିପରି ରାଜ୍ୟ ସରକାରଙ୍କ ନଜରକୁ ଆସୁନାହିଁ ବୋଲି କହି ନନ୍ଦ କ୍ଷୋଭ ପ୍ରକାଶ କରିଛନ୍ତି। ଏହାସହ ବାର୍ଦ୍ଧକ୍ୟ ଭତ୍ତା ୧୫ଶହ ଟଙ୍କା, ଚାଷୀଙ୍କ ପାଇଁ ୫ହଜାର ଟଙ୍କା ପେନସନ ଦେବାପାଇଁ ଏଭଳି ଲଢ଼େଇ ଜାରି ରହିବ ବୋଲି ନନ୍ଦ ସୂଚନା ଦେଇଥିଲେ। ତୁରନ୍ତ କଣାସରେ ଧାନମଣ୍ଡି ଖୋଲିବା ପାଇଁ ଦାବି କରିଥିଲେ। ତାଙ୍କର ଏହି ପଦଯାତ୍ରାରେ ଗାନ୍ଧୀବାଦୀ ନେତା ବଂଶୀଧର ପଟ୍ଟନାୟକ, ପ୍ରମୋଦ ଦାସ, ସୁରେନ୍ଦ୍ର ନାଥ ମହାରଣା, ଭଗବତ ପରିଡ଼ା, ବାଉରିବନ୍ଧୁ ପରିଡ଼ା, ଗୌରାଙ୍ଗ ଜେନା, ଲଲାଟ କେଶର ପ୍ରଧାନ, ଅମିନ ବରାଳ, ଭାସ୍କର ପାଇକରାୟ ପ୍ରମୁଖ ସାମିଲ ଥିଲେ।

# ଘରୋଇ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା: ରାଜ୍ୟପାଳଙ୍କୁ ଭେଟିବ ଜିଲା କଂଗ୍ରେସ

ପୁରୀ ଅଫିସ,୧୨।୩

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଫେରିବ କି ନାହିଁ ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ୟେସ୍ ବ୍ୟାଙ୍କର ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁ ସେଠାରେ ଜମା ରଖାଯାଇଥିବା ମହାପ୍ରଭୁଙ୍କ ଟଙ୍କାର ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଏହାକୁ ନେଇ ବିକ୍ଷୋଭ, ଆନ୍ଦୋଳନ ଚାଲିଥିବା ବେଳେ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟିବ ପୁରୀ ଜିଲା କଂଗ୍ରେସ । ମହାପ୍ରଭୁଙ୍କ ଟଙ୍କା କି A ପରି ସୁରକ୍ଷିତ ଭାବେ ଆସନ୍ତା ୩୧ ତାରିଖରେ ଫେରାଇ ଅଣାଯିବ ତାହା ଉପରେ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବାକୁ କଂଗ୍ରେସ ପକ୍ଷରୁ ରାଜ୍ୟପାଳଙ୍କୁ ଅନୁରୋଧ କରାଯିବ। ଏଥିସହ ଯେଉଁ ଅଧିକାରୀମାନେ ଚକ୍ରାନ୍ତ କରି ଏଭଳି ବେନିୟମ କାମ କରିଛନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ମଧ୍ୟ ଦାବି ଉପସ୍ଥାପନ ହେବ। ଜିଲ କଂଗ୍ରେସ ସଭାପତି ଅମିୟ କୁମାର ପଟ୍ଟନାୟକ, ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ରଙ୍କ ସମେତ ଅନ୍ୟ କେତେଜଣ ନେତା ରାଜ୍ୟପାଳଙ୍କୁ ସାକ୍ଷାତ୍ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ଫନୀର ୧୦ ମାସ ପରେ ବି ମିଳିଲାନି ସହାୟତା

ଗୋପ,୧୨।୩(ଡି.ଏନ୍.ଏ.)



ଭଙ୍ଗାଘରେ ସୁକାନ୍ତି ।

ଫନୀ ବାତ୍ୟାକୁ ୧୦ମାସ ବିତିଯାଇଥିଲେ ମଧ୍ୟ ଗୋପ ବ୍ଲକ୍ ବେଦପୁର ପଞ୍ଚାୟତର ବିପନ୍ନ ସୁକାନ୍ତି ପୃଷ୍ଟି(୬୦) ସମସ୍ତ ସରକାରୀ ସହାୟତାରୁ ବାଦ୍ ପଡ଼ିଛନ୍ତି। ଫନୀରେ ସର୍ବସ୍ୱ ହରାଇଥିବାବେଳେ ଏବେ ସୁକାନ୍ତି ପର ବାରଣ୍ଡାରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି। ତାଙ୍କର ଏକମାତ୍ର ପୁଅ ବଟକୃଷ୍ଣ ଦାଦନ ଖଟିବାକୁ ଚାଲିଯାଇଥିବାବେଳେ ଏବେ ସୁକାନ୍ତି ଅନ୍ୟର ହାତଟେକାକୁ ଚାହିଁ ରହିଥିବାବେଳେ ଏହି ବିଧବାଙ୍କୁ କେବେ ଆବାସ ଯୋଜନା ମିଳିବ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ୨୦୧୨ରେ ସୁକାନ୍ତିଙ୍କ ସ୍ୱାମୀ ଧ୍ରୁବଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୦୮ରେ ବଡ଼ପୁଅ ଦାଦନ ଖଟିବାକୁ ଯାଇ ଏପର୍ଯ୍ୟନ୍ତ ପତ୍ତା ମିଳିପାରି ନାହିଁ। ଖାଇବା ଅଭାବ ରହିବାରୁ ସାନପୁଅ ମଧ୍ୟ ପରେ ଦାଦନ ଖଟିବା ଲାଗି ବାହାରକୁ ଚାଲିଯାଇଥିଲା। ଏପଟେ ସୁକାନ୍ତି ଦୁଃଖ କଷ୍ଟରେ ଥିବାବେଳେ ଗତ ମେ ୩ରେ ଫନୀ ତାଙ୍କ କଚ୍ଚାଘରକୁ ଭାଙ୍ଗି ଦେବା ସହ ସମସ୍ତ ଆସବାସପତ୍ର ନଷ୍ଟ କରିଦେଇଥିଲା। ୧୫ଦିନ କାଳ ନିକଟସ୍ଥ ସ୍କୁଲ ଘରେ ରହିବା ପରେ ସୁକାନ୍ତି ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ। କିନ୍ତୁ ସରକାର ପକ୍ଷରୁ ସହାୟତା ଘୋଷଣା ହୋଇଥିବାବେଳେ ଏପର୍ଯ୍ୟନ୍ତ ସୁକାନ୍ତି ସେଥିରୁ ବଞ୍ଚିତ ଅଛନ୍ତି। ଫଳରେ ସୁକାନ୍ତି ଭଙ୍ଗାଘରେ ଖଣ୍ଡିଏ ପଲିଥିନ୍ ପକାଇ ରୋଷେଇ କରୁଥିବାବେଳେ ପର ବାରଣ୍ଡାରେ ରାତ୍ରିଯାପନ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ପଞ୍ଚାୟତରେ ଜଣେ ବାଂଲାଦେଶୀ ପରିବାରକୁ ଆବାସ ଯୋଜନାରେ ସାମିଲ କରାଯାଇଥିବାବେଳେ କିପରି ନିଃସହାୟ ବିଧବାକୁ ଗୃହ ମିଳୁନି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ଗୋପ ବ୍ଲକ୍ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ମୋ ନିକଟରେ ଏପରି ଅଭିଯୋଗ ନାହିଁ। ତଥାପି ତଦନ୍ତ କରି ଖୁବ୍‌ଶୀଘ୍ର ଆବାସ ଯୋଜନା ଗୃହ ତାଲିକାରେ ତାଙ୍କୁ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W
(Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS BUSINESS

FINANCE FINANCE

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

Fusion Microfinance PVT.LTD
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ Online ସୁବିଧା
CONTACT
90783-45815
gmail-fusionmicrofinance2020@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DHARITRI Career appointment Every Wednesday and Saturday



ଅହଂକାର ରଖି କୌଣସି ମହତ୍ କାର୍ଯ୍ୟ ହୋଇପାରେ ନାହିଁ।
-ରସ୍କିନ୍



## ସଂକ୍ଷେପରେ

### ମହିଳାଙ୍କୁ ଗୋଡ଼େଇ ପିଟିବା ଘଟଣା:୨ ଗିରଫ

**ପୁରୁଣା ଭୁବନେଶ୍ୱର, ୧୨।୩ (ଡି.ଏନ.ଏ.):** ଜମି ସୀମା ବିବାଦକୁ ନେଇ ସୋମବାର ଲିଙ୍ଗରାଜ ଥାନା ଅଧୀନ ବିନ୍ଦୁସାଗର ରାସ୍ତାରେ ସବିତା ସେଠୀଙ୍କୁ କେତେଜଣ ବ୍ୟକ୍ତି ବିଚ୍ ରାସ୍ତାରେ ଗୋଡ଼େଇ ଗୋଡ଼େଇ ମାଡ଼ ମାରିଥିଲେ। ପୋଲିସ ଗୁରୁବାର ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ହରଚଣ୍ଡୀ ସାହିର ପ୍ରକାଶ ମହାସୁଆର(୫୪) ଏବଂ ପଳାଶପଲ୍ଲୀ ଅଞ୍ଚଳର ପ୍ରଶାନ୍ତ ମହାପାତ୍ର(୩୪)। ପୋଲିସ ସୂଚନା ମୁତାବକ, ଏମାନଙ୍କ ସହ ୭ରୁ ଉର୍ଦ୍ଧ୍ୱ ଯୁବକ ମହିଳାଙ୍କୁ ଘଟଣା ଦିନ ଗୋଡ଼େଇ ଗୋଡ଼େଇ ମାଡ଼ ମାରିଥିଲେ। ମହିଳାଙ୍କ ଅଭିଯୋଗ ପରେ ପୋଲିସ ନଂ. ୪୫/୨୦ରେ ମାମଲା ରୁଜୁ କରିଥିଲା। ମାଡ ମାରିଥିବା ଅନ୍ୟମାନେ ଫେରାର ଅଛନ୍ତି। ଦୁଇଟି ସ୍ପେଶାଲ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶରତ ପାତ୍ର କହିଛନ୍ତି।

### ଗିରଫ ୨ ବ୍ରାଉନ୍‌ସୁଗାର ବେପାରୀ କୋର୍ଟଚାଲାଣ

**ଜଟଣୀ,୧୪।୩(ଡି.ଏନ.ଏ.):** କମିଶନରେଟ୍ ପୋଲିସର ଡ୍ରଗ୍ ଟାସ୍କ ଫୋର୍ସ ଓ ଜଟଣୀ ପୋଲିସ ମିଳିତ ଭାବେ ଚଢ଼ାଉ କରି ଧରିଥିବା ୨ ବ୍ରାଉନସୁଗାର ବେପାରୀଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଗିରଫ ୨ ଜଣ ହେଲେ ଖୋର୍ଦ୍ଧା ଟାଉନ ଥାନା ଜରିପୁଟ ଗ୍ରାମର ଦିଲୀପ ହରିଚନ୍ଦନ ଓ ଖୋର୍ଦ୍ଧା ସଦର ଥାନା ଦେଉଳଟାଙ୍ଗିର ଏମ୍‌ଡି ଶଖାୱତ୍। ସେମାନଙ୍କଠାରୁ ୩୫ ଗ୍ରାମ ବ୍ରାଉନ୍‌ସୁଗାର, ଦୁଇଟି ବାଇକ୍, ୩ଶହ ଟଙ୍କା ଜବତ ହୋଇଛି। ଖବରପାଇ ସ୍ଥାନୀୟ ଖୁଦୁପୁର ଛକରେ ବୁଧବାର ପୋଲିସ ଚଢ଼ାଉ କରି ଏମାନଙ୍କୁ ଧରିଥିଲା। ଏ ନେଇ ନଂ. ୧୩୨/୨୦ରେ ମାମଲା ରୁଜୁ ହୋଇଛି।

### ଠକେଇ ଘଟଣା: ସେଲ୍‌ସମ୍ୟାନ ଗିରଫ

**କଟକ ଅଫିସ, ୧୨।୩:** ଠକେଇ ଅଭିଯୋଗରେ ପୁରୀଘାଟ ପୋଲିସ ଜଣେ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳର ଅଭିଜିତ୍ ବଳ। କଟକ ଦୋଲମୁଣ୍ଡାଇ ଛକ ନିକଟରେ ଓମ୍ ଆଗ୍ରୋ ବାୟୋଟେକ ଲିମିଟେଡ ନାମକ ଏକ ଅଫିସ ରହିଛି। ଏଠାରେ କୃଷିଜାତ ସାମଗ୍ରୀ ବିକ୍ରି ହେଉଥିବାବେଳେ ଅଭିଜିତ୍ ଦୀର୍ଘଦିନ ଧରି ସେଲ୍‌ସମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ଗତ ଜୁଲାଇ ମାସଠାରୁ ସେ ଅଫିସକୁ ଆସି ନ ଥିଲେ। ପରେ ମାଲିକ ଜାଣିବାକୁ ପାଇଥିଲେ, ଅଭିଜିତ୍ ଅନେକ ବ୍ୟବସାୟୀଙ୍କଠାରୁ ଅଫିସର ବକେୟା ଟଙ୍କା ଆଦାୟ କରିଛନ୍ତି। ମାତ୍ର ସେ ଟଙ୍କାକୁ ଅଫିସରେ ଜମା କରିନାହାନ୍ତି। ସେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୪୬/୧୯) ରୁଜୁ କରିଥିଲା।

# ଆନ୍ତଃ ରାଜ୍ୟ ହାଇୱା, ଜେସିବି ଚୋର ଗ୍ୟାଙ୍ଗ ଠାବ

**ଭୁବନେଶ୍ୱର,୧୨।୩ (ବ୍ୟୁରୋ)**

ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଜିଲାରୁ ଜେସିବି ଓ ହାଇୱା ଟ୍ରକ ଚୋରି କରୁଥିବା ଆନ୍ତଃରାଜ୍ୟ ଚୋରି ଗ୍ୟାଙ୍ଗକୁ ଠାବ କରିଛି କମିଶନରେଟ ପୋଲିସ। ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ସମେତ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରଛି ସ୍ପେଶାଲ ସ୍କ୍ୱାଡ୍। ଏଥିସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜେସିବି, ୨ ହାଇୱା ସହ ଚୋରିରେ ବ୍ୟବହୃତ କାରକୁ ଜବତ କରିଛି। ଗିରଫ ମାଷ୍ଟରମାଇଣ୍ଡ ହେଲେ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ବାଆଁରା ଗ୍ରାମର ସୁଶାନ୍ତ କୁମାର ପାତ୍ର ଓରଫ ବଣ୍ଟି ଓ ସହଯୋଗୀ ଅଭିଯୁକ୍ତ ରାଜୁ ପାତ୍ର, ରାହୁଲ ରାଉତ ଓରଫ ତପୁ, କଟକ ସଦର ଥାନା ଅନ୍ତର୍ଗତ ଦଧିବାମନପୁର ଗ୍ରାମର ରାଜୁ ଦାସ ଓରଫ ରାଜ କିଶୋର। ଏଥିସହ ଚୋରି ଯାନବାହାନ କିଣିଥିବା ଆଠଗଡ ଥାନା କନ୍ତୋଲ ଅଞ୍ଚଳର ସୁବାସ ବେହେରା ଓରଫ କାଳିଆ ଓ ପଶ୍ଚିମବଙ୍ଗ ଜଲପାଇଗୁଡି ଅଞ୍ଚଳର କ୍ରୀଷ୍ଣା ସିଂ ଓ ତାଙ୍କ ଭାଇ ଚନ୍ଦନ ସିଂ।

ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଅଞ୍ଚଳରେ ରହୁଥିବା ଶଖାନନ୍ଦ ବେହେରାଙ୍କ ଜେସିବି ଗତ ଫେବୃଆରୀ ୨୪ ରାତିରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ମଇଳା ଟାଙ୍କୀ ନିକଟରୁ ଚୋରି ହୋଇଥିଲା। ଏ ନେଇ ଗତ ୩ ତାରିଖରେ ଅଭିଯୋଗ ହେବାପରେ



ଗିରଫ ଅଭିଯୁକ୍ତମାନେ।

■୩ ଜେସିବି, ୨ ହାଇୱା ସହ ଚୋରିରେ ବ୍ୟବହୃତ କାର ଜବତ

■ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୭ ଗିରଫ



ଜବତ ଜେସିବି।

ପୋଲିସ ୧୨୧/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

ସେହିପରି ୨୦୧୯ ସେପ୍ଟେମ୍ବରରେ ନୟାପଲ୍ଲୀ ମଇଳା ଟାଙ୍କୀ ଛକ ନିକଟରେ ପାର୍କିଂ ହୋଇଥିବା ଏକ ହାଇୱା ଚୋରି ଓ ଅକ୍ଟୋବରରେ କ୍ରାଉନ ହୋଟେଲ ସମ୍ମୁଖ ଜାତୀୟ ରାଜପଥ କଡରୁ ଆଉଏକ ହାଇୱା ଚୋରି ନେଇ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସେହିଭଳି ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜେସିବି ଚୋରି ନେଇ ୩୭୧/୧୯ ଓ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏକ ଜେସିବି ଚୋରି ନେଇ ୫୩୭/୧୯ରେ ମାମଲା ରୁଜୁ ହୋଇଥିଲା। ବାରମ୍ବାର ଜେସିବି ଓ ହାଇୱା ଚୋରି ହେବା ନେଇ ଅଭିଯୋଗ ଆସୁଥିବାରୁ ପୋଲିସର ଚିନ୍ତା ବଢ଼ିଥିଲା। ଗତ ମଙ୍ଗଳବାର ରାତିରେ କିଛି ସନ୍ଦିଗ୍ଧ ଯୁବକ ମଇଳା ଟାଙ୍କୀ ନିକଟରେ ଏକ ହାଇୱା ବିକ୍ରି କରିବାକୁ ଯୋଜନା କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଚଢାଉ କରି ଅଭିଯୁକ୍ତଙ୍କୁ ଧରିବା ପରେ ର୍‍ୟାକେଟର ପର୍ଦ୍ଦାଫାଶ ହୋଇଥିଲା। ତେବେ ପଚରା ଉଚରା କରିବା ପରେ ସେମାନେ ଗଞ୍ଜାମରୁ ଚୋରି କରିଥିବା ଏକ ହାଇୱା ବିକ୍ରୀ ପାଇଁ ଉଦ୍ୟମ କରୁଥିବା ନେଇ ପୋଲିସକୁ କହିଥିଲେ। ସେମାନେ ପୁରୀ, ଯାଜପୁର ଓ ଭୁବନେଶ୍ୱର ଅଞ୍ଚଳରୁ ଜେସିବି ଓ ହାଇୱା ଚୋରି କରିଥିବା ସ୍ୱୀକାର କରିଥିଲେ। ସେମାନଙ୍କ ବୟାନ ଆଧାରରେ ପୋଲିସ ଟିମ୍ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଭାପୁର ଓ ଆଠଗଡ ଥାନା ଅନ୍ତର୍ଗତ କନ୍ତୋଲ ଗ୍ରାମରେ ଥିବା ଚୋରି ୩ ଜେସିବି ଓ ୨ ହାଇୱା ଜବତ କରିଥିଲେ। ଏହାକୁ କିଣିଥିବା ସୁବାସ ବେହେରାଙ୍କୁ ଗିରଫ କରାଯାଇଥିଲା। ଗୋଟିଏ ହାଇୱାକୁ ଅଭିଯୁକ୍ତମାନେ କାଟି ବିକ୍ରି କରିଦେଇଥିବା କହିଥିବାବେଳେ ପଶ୍ଚିମବଙ୍ଗ ଜଲପାଇଗୁଡି ଅଞ୍ଚଳର ୨ ଭାଇ କ୍ରୀଷ୍ଣା ଓ ଚନ୍ଦନ ସେମାନଙ୍କଠାରୁ ହାଇୱା କିଣିଥିବା ପୋଲିସକୁ ସୂଚନା ମିଳିଥିଲା। ଏହାପରେ କମିଶନରେଟ ପୋଲିସ ଟିମ୍ ସ୍ଥାନୀୟ ମଦାରିହାଟ ଥାନା ପୋଲିସ ସହାୟତାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସମସ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ନିର୍ମାଣାଧୀନ ଜଳପ୍ରକଳ୍ପ ଅନୁଧ୍ୟାନ କଲେ ଅଧିକାରୀ

**କଣାସ୧୨।୩(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଯାମଳଗୋଦା ପଞ୍ଚାୟତର ହରିପୁର ଓ ହରିହର ପାଟଣାଠାରେ ଗ୍ରାମବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ଅକ୍ୱାଫା ଇଣ୍ଡିଆ, ଲିଫିୟଓର ଫାଉଣ୍ଡେସନ ଏବଂ ସୋଲାର ପକ୍ଷରୁ ଏକ ଜଳପ୍ରକଳ୍ପ ନିର୍ମାଣ ଚାଲିଛି। ତେବେ ଏହି ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିବା ପାଇଁ ଗୁରୁବାର ଅକ୍ୱାଫା ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିରା ବେହେରା, ନୂଆଦିଲ୍ଲୀ କାର୍ଯ୍ୟକ୍ରମ ସଂଯୋଜକ ପ୍ରଭାସ ରଞ୍ଜନ ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ବିମଳ ପ୍ରସାଦ ପାଣ୍ଡିଆ ପ୍ରମୁଖ ବ୍ଲକରେ ପହଞ୍ଚିଥିଲେ। ସେମାନେ ଉକ୍ତ ଗ୍ରାମରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ବୁଲି ଦେଖିବା ସହ ଗ୍ରାମବାସୀ କିପରି ସୁଦ୍ଧ ପାନୀୟ ଜଳ ଗ୍ରହଣ କରୁଛନ୍ତି ସେନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ଗ୍ରାମବାସୀ ପାନୀୟ ଜଳ ପ୍ରକଳ୍ପ ରକ୍ଷାଣବେକ୍ଷାଣ ଠିକ୍ ଭାବରେ କରୁଥିବାରୁ ଅଧିକାରୀମାନେ ସନ୍ତୋଷ ପ୍ରକାଶ କରିଥିଲେ। କଣାସ ଅଞ୍ଚଳ ଚିଲିକା ଉପକୂଳରେ ଏହି ଜଳପ୍ରକଳ୍ପ ଅବସ୍ଥାପିତ ହେଉଥିବାରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ ଆବଶ୍ୟକ ବୋଲି ଅଧିକାରୀମାନେ କହିଥିଲେ। ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାସ ସଂଯୋଜକ ଚିତ୍ତରଞ୍ଜନ ପରିଡ଼ା ଉପସ୍ଥିତ ରହି ଅଧିକାରୀମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

## ଅଧିକ ସହଜ ହେବ କିଡ୍‌ନୀ ପ୍ରତିରୋପଣ: ସ୍ୱାସ୍ଥ୍ୟମନ୍ତ୍ରୀ



ବିଶ୍ୱ କିଡ୍‌ନୀ ଦିବସ ପାଳନ ଅବସରରେ ଏସ୍‌ସିବି ମେଡିକାଲର ପୁରୁଣା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ,୧୨।୩**

**ଏସ୍‌ସିବିରେ ବିଶ୍ୱ କିଡ୍‌ନୀ ଦିବସ**

ଏସ୍‌ସିବି ମେଡିକାଲର ପୁରୁଣା ସମ୍ମିଳନୀ କକ୍ଷରେ ଗୁରୁବାର ବିଶ୍ୱ କିଡ୍‌ନୀ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ କହିଥିଲେ, କିଡ୍‌ନୀ ପ୍ରତିରୋପଣ ଦିଗରେ ଏସ୍‌ସିବି ଯେଉଁ ସଫଳତା ପାଇଛି, ତାହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ଅଧିକରୁ ଅଧିକ ଗରିବ ରୋଗୀମାନେ ଏହି ସୁବିଧାର ଲାଭ ନେବା ଆବଶ୍ୟକ। କିଡ୍‌ନୀ ପ୍ରତିରୋପଣ ବ୍ୟବସ୍ଥା କେମିତି ଅଧିକ ସହଜ କରାଯାଇପାରିବ, ସେଦିଗରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଦାସ କହିଥିଲେ। ରାଜ୍ୟରେ ଅଙ୍ଗଦାନ ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଲୋକମାନେ ସଚେତନ ହୋଇ ଅଙ୍ଗଦାନ ପାଇଁ ଆଗକୁ ଆସିଲେ ଅନେକ ରୋଗୀ ନୂଆ ଜୀବନ ପାଇପାରିବେ। ଏସ୍‌ସିବିକୁ ବିଶ୍ୱସ୍ତରୀୟ ଚିକିତ୍ସାଳୟ କରିବାକୁ ରାଜ୍ୟ ସରକାର ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି, ତାହାର ସୁଫଳ କୋଟି କୋଟି ଲୋକ ପାଇପାରିବେ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଜେଟ୍‌ସିପିସି ମୁମ୍ବାଇର ଡା. ବତ୍ସଳା ତ୍ରିବେଦୀ ଯୋଗଦେଇ କିଡ୍‌ନୀ ରୋଗର କାରଣ ଓ ନିରାକରଣ ବିଷୟରେ କହିଥିଲେ। କିଡ୍‌ନୀ ଦାନ କରୁଥିବା ଏବଂ ଗ୍ରହଣ କରୁଥିବା ବ୍ୟକ୍ତି ଭିତରେ ଉତ୍ତମ ବୁଝାମଣା ରହିବା ଆବଶ୍ୟକ। ଫଳରେ ପ୍ରତିରୋପଣରେ କୌଣସି ଅସୁବିଧା ହେବ ନାହିଁ। ଅଙ୍ଗଦାନ କ୍ଷେତ୍ରରେ ସରକାର ବ୍ୟାପକ ପ୍ରଚାର ପ୍ରସାର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଏଡିଜି(ଇଣ୍ଟେଲିଜେନ୍ସ) ସତ୍ୟଜିତ୍ ମହାନ୍ତି, ପ୍ରଫେସର ଶଶିଭୂଷଣ ରାଉତ, ଏସ୍‌ସିବି ମେଡିକାଲ ଅଧିକ୍ଷକ ପ୍ରଫେସର ଅନ୍ନଦା ପଟ୍ଟନାୟକ, ପ୍ରଫେସର ଜୟଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା ଅତିଥି ପରିଚୟ ପ୍ରଦାନ ଓ ନେଫ୍ରୋଲୋଜିବିଭାଗୀୟ ମୁଖ୍ୟ ପ୍ରଫେସର ଚିତ୍ତରଞ୍ଜନ କର ଧନ୍ୟବାଦ ଦେଇଥିଲେ।

## ଅଣୁଆଁ ଗ୍ରାମରେ ୨୪ ପ୍ରହର ନାମଯଜ୍ଞ

**କୃଷ୍ଣପ୍ରସାଦ,୧୨।୩(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ପଞ୍ଚାୟତ ଅଧୀନ ଅଣୁଆଁ ଗ୍ରାମର ଗ୍ରାମଦେବତୀ ମା ହରଚଣ୍ଡୀ,ବଡଜେନା ଓ ବାଇଧରଙ୍କ ତ୍ରୟୋଦଶତମ ଜନ୍ମ ବାର୍ଷିକ ଉତ୍ସବ ପାଳନ କରାଯାଉଛି । ଏହି ଅବସରରେ ସୋମବାର ଠାରୁ ବୃନ୍ଦାବତୀଙ୍କ ପୀଠରେ ଗୀତାଯଜ୍ଞ,୨୪ ପ୍ରହର ନାମଯଜ୍ଞ,ଘୃତଯଜ୍ଞ ଓ ଅନ୍ନଯଜ୍ଞ ଆଦି ଆରମ୍ଭ ହୋଇଛି। ବଡଅଁଳ,ତିଛିଣି,ବଡଖାଡ,ଗୁରୁବାଇ,ଫୁଲବାରୀ ସମେତ ଗ୍ରାମର ମହିଳା ସଙ୍କୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରୁଛନ୍ତି । ଅଣୁଆଁ ଗ୍ରାମ୍ୟ କମିଟି ସଭାପତି ପ୍ରଫୁଲ୍ଲ କୁମାର ବାରିକୀ,ସମ୍ପାଦକ କୃଷ୍ଣଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି । ରାଜ୍ୟ ଭାଜପା ସଂଯୋଜିକା ଉପାସନା ମହାପାତ୍ରଙ୍କ ସମେତ ବ୍ଲକ ଭାଜପା ପ୍ରଭାରୀ ଉତ୍ତମ କୁମାର ତରେଇ,ବ୍ଲକ ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା,ବ୍ଲକ ଭାଜପା ସଂଯୋଜକ ଅଶୋକ କୁମାର ବିଶ୍ୱାଳ,ବରିଷ୍ଠନେତା ହରିହର ଦାସ ପ୍ରମୁଖ ବୁଧବାର ଉତ୍ସବରେ ଯୋଗଦେଇଥିଲେ। ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ମଧ୍ୟରେ ଅଣୁଆଁ ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ଏଥିରେ ବିଶେଷ ଭାବେ ସହଯୋଗ କରୁଛନ୍ତି । ଶୁକ୍ରବାର ଉତ୍ସବ ଉଦ୍‌ଯାପିତ ହେବ ।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଛ ଚାଷ ପ୍ରଶିକ୍ଷଣ

**ସାକ୍ଷୀଗୋପାଳ,୧୨।୩(ଡି.ଏନ୍.ଏ.)**

ପଞ୍ଚାୟତରେ ରହିଥିବା ପୋଖରୀ ଗୁଡ଼ିକରେ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରି ମହିଳାମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଓ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ସତ୍ୟବାଦୀ ଆମ୍ବ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ମତ୍ସ୍ୟ ଅଧିକାରୀଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ, କଣାସ ଓ ଡେଲାଙ୍ଗ ବ୍ଲକର ୧୨ ଟି ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଭାଗନେଇଥିଲେ। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ ଯୋଗଦେଇ ରାଜ୍ୟ ସରକାର ମିଶନଶକ୍ତି ଯୋଜନାର ସଫଳ ରୂପାୟନ ପାଇଁ ମହିଳା ମିଶନ ଶକ୍ତି ବିଭାଗ ଆରମ୍ଭ କରିଛନ୍ତି। ଆମ୍ବ ସଭାପତି ବେବିଲାଲ ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱ ମତ୍ସ୍ୟ ଗବେଷଣା କେନ୍ଦ୍ର ଆଞ୍ଚଳିକ ପରିଚାଳକ କ୍ଷୀରୋଦ ଚନ୍ଦ୍ର ନାୟକ, ବିଡିଓ ସରୋଜ କୁମାର ଦତ୍ତ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ, ଜିଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର କୁମାର ବେହେରା ଓ ଅତିରିକ୍ତ ମତ୍ସ୍ୟ ଅଧିକାରୀ ସୁଶ୍ରୀ ଶୁଭଶ୍ରୀ ଦାଶ ଯୋଗଦେଇଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ଦ୍ୱାରିକା ନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କନିଷ୍ଠ ମତ୍ସ୍ୟ ଅଧିକାରୀ ପ୍ରତାପ ସାମନ୍ତସିଂହାର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବ ଚରଣ ଦାଶ, ବରିଷ୍ଠ ବୈଷୟିକ ମତ୍ସ୍ୟ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପରିଡା ଓ ପ୍ରଭାତ ମିଶ୍ରଙ୍କ ସହିତ ବ୍ଲକ ପ୍ରକଳ୍ପ ସଂଯୋଜକମାନେ ଉପସ୍ଥିତ ଥିଲେ।



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି ଓ ମହିଳାମାନେ।



ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ବେଦାନ୍ତ ବିଭାଗ ପକ୍ଷରୁ ଅନୁଷ୍ଠିତ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

## ଜୟଦେବ ପୀଠ ପରିଦର୍ଶନ କଲେ ମନ୍ତ୍ରୀ

**ବାଲିଅନ୍ତା,୧୨।୩(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅଧୀନ କେନ୍ଦୁଲିସ୍ଥିତ ପର୍ଯ୍ୟଟନକେନ୍ଦ୍ର ଜୟଦେବ ପୀଠର ଖୁବଶୀଘ୍ର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବ। ଗୁରୁବାର ଅପରାହ୍ନରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜୟଦେବ ପୀଠକୁ ପରିଦର୍ଶନରେ ଆସି ଉନ୍ନତିମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପୀଠ ପରିସରରେ ଥିବା ଜୟଦେବ ସଂଗ୍ରହାଳୟ, ଜୟଦେବ ମଣ୍ଡପ, ଉଦ୍ୟାନ ଓ ଗେଷ୍ଟହାଉସ ଭିତରେ ଥିବା ୧୧ଟି ବିଷ୍ଣୁ ମୂର୍ତ୍ତିକୁ ବୁଲି ଦେଖିଥିଲେ। ପୀଠ ପରିସରରେ ସମୀକ୍ଷା ବୈଠକରେ ପର୍ଯ୍ୟଟନ, ସଂସ୍କୃତି ଓ ଜଙ୍ଗଲ ବିଭାଗର ଅଧିକାରୀଙ୍କ ସହିତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଥିବା ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ପୀଠ ପରିସରରେ ୧୦ଏକର ଜମି ରହିଛି। କିଛି ଜମି ବ୍ୟକ୍ତିଗତ ମାଲିକାନାରେ ରହିଛି। ଏହାର ରେକର୍ଡ ସଂଶୋଧନ କରି ଜମିର ଡିମାରକେଶନ ପାଇଁ ମନ୍ତ୍ରୀ ଉପସ୍ଥିତ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାର୍ଚ୍ଚ ୩୧ସୁଦ୍ଧା ପୀଠର ସମସ୍ତ ଜମିର ରେକର୍ଡ ସଂଶୋଧନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜୟଦେବ ପୀଠରେ ଉନ୍ନତିକରଣ ପାଇଁ ୭କୋଟି ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ୧୦କୋଟି ୮୯ଲକ୍ଷ ମଞ୍ଜୁର ହୋଇ ଟେଣ୍ଡର ସରିଥିବା ପର୍ଯ୍ୟଟନ ବିଭାଗର ଅଧିକାରୀ ସୂଚନା ଦେଇଥିଲେ। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ମନ୍ତ୍ରୀ ପାଣିଗ୍ରାହୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜୟଦେବ ସଂଗ୍ରହାଳୟ ଗୃହର ମରାମତି ହେବ ନା ଏକ ନୂତନ ଗୃହ କରାଯିବ ସେନେଇ ମନ୍ତ୍ରୀ ଓଟିଡିସିର ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ଏହାସହ ପୀଠର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତୁତ ଡିଜାଇନ ନେଇ କିଛି ଆପତ୍ତି ଅଛି ସେନେଇ ମନ୍ତ୍ରୀ ଉପସ୍ଥିତ ଅଧିକାରୀ, ଜନସାଧାରଣ ଓ ଲୋକପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ ପୀଠରେ ପ୍ରାୟ ୧ଘଣ୍ଟା ରହିଥିଲେ। ତାଙ୍କ ଗସ୍ତ ସମୟରେ ସଂସ୍କୃତ ବିଭାଗର ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ ନାୟକ, ଜୟଦେବ ବିଧାୟକ ଡ.ଅରବିନ୍ଦ ଢ଼ାଲୀ, ତହସିଲଦାର ରଶ୍ମିରେଖା ପ୍ରଧାନ, ବିଡିଓ ବିକେ ସାହୁ, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର ଓ ସରପଞ୍ଚ ପ୍ରଜ୍ଞାପାରମିତା ଜେନାମଣୀ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଠାକୁରଙ୍କ ସ୍ଥିତିବାନ ସମ୍ପତ୍ତି ଜବରଦଖଲ

**ପୁରୁଣା ଭୁବନେଶ୍ୱର, ୧୨।୩ (ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଯାତ୍ରା ସୂଚାରୁ ରୂପେ ସମ୍ପାଦନ କରିବାକୁ ପ୍ରତି ବର୍ଷ ଭଳି ଚଳିତବର୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ମାତ୍ର ଯାତ୍ରା ପୂର୍ବରୁ ବଢେଇବାଙ୍କ ଛକଠାରୁ ମାଉସୀ ମା' ମନ୍ଦିର ତଥା ରାମେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱ ନୟନଯୋଡ଼ି ଜବରଦଖଲରେ ରହିଛି। ଏଗୁଡ଼ିକ ଠାକୁରଙ୍କ ସ୍ଥିତିବାନ୍ ସମ୍ପତ୍ତି। ମିଳିତ ଉଚ୍ଛେଦ ଟିମ୍ କିମ୍ବା ପ୍ରଶାସନ ପକ୍ଷରୁ ସେସବୁ ଜବରଦଖଲ ମୁକ୍ତ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ମୁଖ୍ୟତଃ ଗୌତମନଗର ମୌଜା, ୟୁନିଟ୍-୨୮ ଅନ୍ତର୍ଗତ ଏହି ରାସ୍ତାର ଉଭୟପାର୍ଶ୍ୱ ଜମିଗୁଡ଼ିକୁ ବହୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି କବାଡ଼ିଆ, ଗ୍ୟାରେଜ, ହୋଟେଲ ଆଦି କରିଛନ୍ତି। କେତେକ ସ୍ଥାନରେ ଜାଗାକୁ ଭଡ଼ା ଲଗାଇବା ସହ ଜମିକୁ ବେଆଇନ ଭାବେ ବିକ୍ରିବଟା ସହ ନିଜ ନାମରେ କରାଇ ନେଇଥିବା ଅଭିଯୋଗ ହେଉଛି। ଏହି କାରଣରୁ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ କେହି କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇ ପାରୁନାହାନ୍ତି।

**ଶ୍ରୀଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ଯାତ୍ରା**

### ନିଜ ଜମିରେ ଯାତ୍ରା ପାଇଁ ଠାକୁରଙ୍କୁ ଅନୁମତି ଲୋଡ଼ା

ଏକାମ୍ର କ୍ଷେତ୍ରର ଅଧିପତି ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଅଶୋକାଷ୍ଟମୀ ଯାତ୍ରା ନେଇ ମହାପ୍ରଭୁଙ୍କୁ ଅନ୍ୟ କାହାର ଜମି ଉପରେ ବିଜେ କରିବାର ଆବଶ୍ୟକତା ନାହିଁ। ଓଡ଼ିଶା ସରକାରଙ୍କୁ ଏହି ଜମିର ଖଜଣା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଦିଆଯାଉଛି। ହେଲେ ରଥଦାଣ୍ଡ ସମେତ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଜମି ଜବରଦଖଲକାରୀଙ୍କ କବ୍‌ଜାରେ। ଗୌତମନଗର ମୌଜାର ଖାତା ନଂ. ୪୧୧ରେ ମୋଟ ୧୭୦ ଗୋଟି ପ୍ଲଟର ୨୦ ଏକର ୬୬୩ ଡିସିମିଲ ଜମିରୁ ୮ଗୋଟି ଦେବସ୍ଥଳ, ୧୦ଗୋଟି ସଡକ ଛାଡ଼ି ଦେଲେ ୧୨୧ଗୋଟି ଘରବାରି କିସମ ଜମି ଓ ଅନ୍ୟାନ୍ୟ ପତିତ ୨ଟି ଜଳାଶୟ କିସମ ଜମି ସବୁ ଜବରଦଖଲରେ। ଏହିଭଳି ଗୌତମନଗର ମୌଜାର ଅନେକ ଖାତାରେ ବହୁ ଜମି ରହିଛି। ଯାତ୍ରା ପାଳନ ହେଉଥିବା ମୁଖ୍ୟ ରାସ୍ତା ପ୍ଲଟ ନଂ. ୬୦୦, ନୟନଜୋର ପ୍ଲଟ ନଂ. ୬୦୧ ଓ ୫୯୯ ଏ ସବୁର ମାଲିକାନା ଠାକୁରଙ୍କ ନାମରେ। ଖଜଣା ମଧ୍ୟ ଠାକୁର ଦେଉଛନ୍ତି। ମାତ୍ର ଏଠାରେ ପ୍ଲଟ ନଂ. ୫୭୦, ୫୭୧ ଏପରି ଶତାଧିକ ଏକର ଜମି ଉପରେ ବେଆଇନ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ଗଢି ଉଠିଛି। ଏକାମ୍ର କ୍ଷେତ୍ରର ବିକାଶ ଓ ସୌନ୍ଦର୍ଯ୍ୟକରଣ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ୬୨ ଏକର ଜମିରେ ମେଗା ପ୍ରୋଜେକ୍ଟ କରିବାକୁ କହିଥିଲେ। ଏ ନେଇ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରି ହୋଇଥିଲା। ଦୁଇମାସ ମଧ୍ୟରେ ରଥଦାଣ୍ଡର ଗୋସାଗୋରେଶ୍ୱର ଛକ ନିକଟରେ କେତେଗୋଟି ଗ୍ୟାରେଜ, କବାଡ଼ିଆ ଏବଂ ଦୋକାନ ତରବରିଆ ଭାବେ ନିର୍ମାଣ କରି ଆସ୍ଥାନ ଜମାଇ ସାରିଲେଣି। ସାଧାରଣ ଲୋକେ ଘର ନିର୍ମାଣ ବିନା ଅନୁମତିରେ କଲେ ବିଏମସି କଟକଣା କରିବା ସହ ନୋଟିସ ଦେଇଥାଏ। ମାତ୍ର ଶ୍ରୀଲିଙ୍ଗରାଜଙ୍କ ଜମିରେ କାହିଁ କେତେ ବେଆଇନ ନିର୍ମାଣ ହୋଇଛି। ଏ ନେଇ ବିଏମସି ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ଓଲଟା ଯାତ୍ରା ପାଇଁ ମହାପ୍ରଭୁଙ୍କୁ ଅନୁମତି ଲୋଡ଼ା ପଡୁଛି। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ପକ୍ଷରୁ ମଧ୍ୟ ଏସବୁ ନେଇ ଅଭିଯୋଗ ଆସିଲେ ତାଙ୍କର ଚିଠି ଲେଖିବା ଅବା ନୋଟିସ ଦେବାଛଡା ଅନ୍ୟ ଉପାୟ ନାହିଁ। ଏଣୁ ଚଳିତବର୍ଷ ଅଶୋକାଷ୍ଟମୀ ଯାତ୍ରା ପୂର୍ବରୁ ବରିଷ୍ଠ ଅଧିକାରୀ ଓ ସଚିବ ସ୍ତରୀୟ ଅଧିକାରୀ ଶ୍ରୀଲିଙ୍ଗରାଜଙ୍କ ଯାତ୍ରା ସ୍ଥଳ ସମେତ ଜମିଗୁଡ଼ିକୁ ଜବରଦଖଲ ମୁକ୍ତ ନେଇ ସ୍ଥାୟୀ ପ୍ରତିକାର କରିବାକୁ ଶ୍ରଦ୍ଧାଳୁ ଓ ସେବାୟତଙ୍କ ମହଲରେ ଦାବି ହୋଇଛି। ନଚେତ ଏକାମ୍ର ବିକାଶ ଏକରକମ ଅଧୁରା ରହିଯିବ। ଜବରଦଖଲ କାରଣରୁ ରଥଦାଣ୍ଡ ସଙ୍କୁଚିତ ହୋଇଯାଇଛି। ଫଳରେ ରୁକୁଣା ରଥ ଦାଣ୍ଡରେ ଗଡ଼ିବାରେ ପ୍ରତିବନ୍ଧକ ସାଜିବ ଏହା ନିଃସନ୍ଦେହ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ସମ୍ପର୍କରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କୁ ପଚାରିବାରେ କାର୍ଯ୍ୟାଳୟରେ ଅମିନ ଏବଂ ଆରଆଇ ପଦବୀ ଖାଲି ପଡିଛି। ତେଣୁ ଜବରଦଖଲ ସ୍ଥାନ ଚିହ୍ନଟ ପାଇ ସମସ୍ୟା ଉପୁଜୁଛି। ଖୁବ୍‌ଶୀଘ୍ର ଏହି ପଦବୀ ପୂରଣ ହେଲେ ରଥ ଦାଣ୍ଡରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଜୋରଦାର କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ।